RN IREGDN O :42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-335 ♦WEDNESDAY ♦3 JUNE 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୩୫ ♦ବୁଧବାର ♦୩ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ଜାତୀୟ ହକି ଦଳରେ ସୁନେଲିତା

▶ପୃଷ୍ଠା-୧୨ ଦେଖନ୍ତୁ...



ଆଶ୍ୱସ୍ତି

# ରଜରେ ଓଡ଼ିଶା ଛୁଇଁବ ମୌସୁମୀ

■ ନୂଆଦିଲ୍ଲୀ, ୨।୬(ଏଜେନ୍ସି): ପୁଣି ବିଳମ୍ବିତ ହେଲା ମୌସୁମୀ। ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ ୧ ବଦଳରେ ଆସନ୍ତା ଜୁନ୍ ୪ ତାରିଖରେ କେରଳ ଛୁଇଁବ। ମୌସୁମୀ ୪ ଦିନ ବିଳମ୍ବରେ ଆସୁଥିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଆଜି ଏହି ସୂଚନା ଦିଆଯାଇଛି। ଏହାସହିତ ଭାରତରେ ବିଧିବଦ୍ଧ ଭାବେ ବର୍ଷା ଋତୁ ଆରମ୍ଭ ହୋଇଯିବ ଏବଂ ଦକ୍ଷିଣ ଭାରତରେ ବହୁ ପ୍ରତୀକ୍ଷିତ ବର୍ଷା ହେବ। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ଏକ ସପ୍ତାହ ମଧ୍ୟରେ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟରେ ବ୍ୟାପକ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ବିଶେଷ କରି କେରଳର କେତେକ ସ୍ଥାନରେ ୭ ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେବୋଲିଚେତାବନୀଦିଆଯାଇଛି। ମୌସୁମୀ ପ୍ରବାହ ଯୋଗୁଁ କେରଳ ସବୁଠାରୁ ଅଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଏହାଛଡ଼ା ତାମିଲନାଡୁ ଏବଂ କର୍ଣ୍ଣାଟକର କିଛି ଅଂଶରେ ମଧ୍ୟ ପ୍ରବଳ ବର୍ଷା ହେବା ନେଇ ଆଇଏମ୍‌ଡି ସୂଚନା ଦେଇଛି। ଆରବ ସାଗରରେ ଜଳୀୟବାଷ୍ପ ପୂର୍ଣ୍ଣ ମୌସୁମୀ ବାୟୁ ଶକ୍ତିଶାଳୀ ହେବା ସହ ଏହା ଉତ୍ତର ଦିଗକୁ ଅଗ୍ରସର ହେବାରେ ଲାଗିଛି। ଏହି ପ୍ରକ୍ରିୟା ସ୍ୱାଭାବିକ ରହିଲେ ଆସନ୍ତା ରଜ ବେଳକୁ ମୌସୁମୀ ଓଡ଼ିଶା ପ୍ରବେଶ କରିବ ବୋଲି କୁହାଯାଇଛି। କାରଣ କେରଳ ସ୍ପର୍ଶ କରିବାର ୧୦ ଦିନରେ ମୌସୁମୀ ଓଡ଼ିଶାରେ ପ୍ରବେଶ କରିଥାଏ।

## ୪ରେ ପହଞ୍ଚିବ କେରଳ ଉପକୂଳ

ଆଇଏମ୍‌ଡି ଅନୁଯାୟୀ, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ପ୍ରଭାବରେ ମୌସୁମୀ ପବନ ପ୍ରବାହ ଦୁର୍ବଳ ହୋଇଯାଇଥିବାରୁ ଏହି ବିଳମ୍ବ ଘଟିଛି। ପୂର୍ବରୁ ମୌସୁମୀ ମେ' ୨୬ ସୁଦ୍ଧା ପହଞ୍ଚିବ ବୋଲି ଆଶା କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଏହା ଜୁନ୍ ୪ ତାରିଖ ମଧ୍ୟରେ କେରଳ ଛୁଇଁବାର ସମ୍ଭାବନା ଅଛି। ମୌସୁମୀ ଅନୁମାନ ପାଇଁ ମୁଖ୍ୟତଃ ଆରବ ସାଗରରେ ପଶ୍ଚିମା ପବନର ଏକ ନିର୍ଦ୍ଦିଷ୍ଟ ବେଗ ରହିବା ଆବଶ୍ୟକ। ଏହାସହ ଆକାଶରେ ପର୍ଯ୍ୟାପ୍ତ ପରିମାଣର ବାଦଲ ରହିବା ଜରୁରୀ। ବର୍ଷା ଏବଂ ବାଦଲର ସ୍ଥିତି ସନ୍ତୋଷଜନକ ଥିଲେ ମଧ୍ୟ ପଶ୍ଚିମା ପବନର ବେଗ କମ୍ ରହିଥିଲା। ମାତ୍ର ଗତ ଜୁନ୍ ୧ରୁ ପବନର ବେଗ ବଢ଼ିଥିବାରୁ ଏହା ୪ ତାରିଖରେ କେରଳ ଛୁଇଁବ ବୋଲି ଆଶା କରାଯାଉଛି। ଚଳିତ ବର୍ଷ ଏଲ୍ ନିନୋ ପ୍ରଭାବ ଯୋଗୁଁ ସ୍ୱାଭାବିକଠାରୁ କମ୍ ବର୍ଷା ହେବାର ଆଶଙ୍କା ରହିଛି।

ମୌସୁମୀ ବିଳମ୍ବିତ ହେଉଥିବା ବେଳେ ସମଗ୍ର ଦେଶରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି।

ସିବିଏସ୍‌ଇ ବିବାଦ

# ବିଦା ହେଲେ ଅଧ୍ୟକ୍ଷ, ସଚିବ

■ ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ପରୀକ୍ଷାରେ ଅନିୟମିତତା ପାଇଁ କେନ୍ଦ୍ର ସରକାର ଆଜି ସିବିଏସ୍‌ଇ ଅଧ୍ୟକ୍ଷ ରାହୁଲ ସିଂହ ଏବଂ ସଚିବ ହିମାଂଶୁ ଗୁପ୍ତାଙ୍କୁ ସେମାନଙ୍କ ପଦରୁ ହଟାଇ ଦେଇଛନ୍ତି। ଏହାସହିତ ଅନ୍-ସ୍କ୍ରିନ୍ ମାର୍କିଂ (ଓଏସ୍‌ଏମ୍) ସେବା ଯୋଗାଉଥିବା ସଂସ୍ଥା ସଂପର୍କରେ ତଦନ୍ତ ଲାଗି ସରକାର ଏକ କମିଟି ଗଠନ କରିଛନ୍ତି। ପରୀକ୍ଷା ମାର୍କିଂ ବ୍ୟବସ୍ଥାରେ ଅନିୟମିତତା ଓ ତ୍ରୁଟି ଯୋଗୁଁ ଲକ୍ଷ ଲକ୍ଷ ପିଲା ପ୍ରଭାବିତ ହୋଇଥିବା ବେଳେ ଏହାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାପରେ ସରକାର ଆଜି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଉଭୟ ରାହୁଲ ସିଂହ ଏବଂ ହିମାଂଶୁ ଗୁପ୍ତା ହେଉଛନ୍ତି ବରିଷ୍ଠ ଆଇଏଏସ୍ ଅଧିକାରୀ ଏବଂ ସେମାନଙ୍କର ତତ୍ତ୍ୱାବଧାନରେ ସିବିଏସ୍‌ଇର ସମସ୍ତ ବ୍ୟବସ୍ଥା ପରିଚାଳିତ ହେଉଥିଲା। ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟ ଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା, ଶିକ୍ଷା ବ୍ୟବସ୍ଥା, ଅନୁବନ୍ଧନ, ନୀତି କ୍ରିୟାନ୍ୱୟନ ଓ ଗୁରୁତ୍ୱପୂର୍ଣ୍ଣ ସଂସ୍କାର କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ସେମାନଙ୍କୁ ନ୍ୟସ୍ତ କରାଯାଇଥିଲା। ଏଥିରେ ବିଫଳ ହେବାରୁ ସେମାନଙ୍କୁ ହଟାଯାଇଛି।

ସିବିଏସ୍‌ଇ ପରୀକ୍ଷାଫଳରେ ଯେଉଁ ତ୍ରୁଟିବିଚ୍ୟୁତି ପାଇଁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହାର ମଧ୍ୟ ଯାଞ୍ଚ କରାଯିବ। ଏଥିଲାଗି ସରକାର ଜଣିକିଆ କମିଟି ଗଠନ କରିଛନ୍ତି। ରାଧା ଚୌହ୍ୱାନଙ୍କୁ ଏହି ତଦନ୍ତ ଦାୟିତ୍ୱ ଦିଆଯାଇଛି। ପରୀକ୍ଷା ଖାତା ମୂଲ୍ୟାୟନ ପାଇଁ ଦାୟୀ ଓଏସ୍‌ଏମ୍ ସେବା ସଂପର୍କରେ ଯାଞ୍ଚ କରି ସରକାରଙ୍କୁ ରିପୋର୍ଟ ଦାଖଲ କରିବେ ଚୌହ୍ୱାନ। ଏହି କମିଟି କେଉଁ କେଉଁ ଦିଗରୁ ଯାଞ୍ଚ କରିବ ଏବଂ କେବେ ରିପୋର୍ଟ ଦାଖଲ କରିବ, ସେସଂପର୍କରେ ଏବେ କିଛି ଜଣାପଡ଼ି ନାହିଁ। ତେବେ ମିଳିଥିବା ସୂଚନା ଅନୁଯାୟୀ ଓଏସ୍‌ଏମ୍ ସେବା ପାଇଁ କିପରି ଟେଣ୍ଡର କରାଯାଇଥିଲା ଏବଂ ଟେଣ୍ଡର ପ୍ରକ୍ରିୟାରେ ସମସ୍ତ ଗାଇଡଲାଇନ୍ସ ଅନୁକରଣ କରାଯାଇଥିଲା କି ନାହିଁ, ତାହାର ଯାଞ୍ଚ କରାଯିବ। ତେବେ ଦୁଇ ବରିଷ୍ଠ ଅଧିକାରୀଙ୍କ ବିରୋଧ।।ରେ କାର୍ଯ୍ୟାନୁଷ୍ଠାନରୁ ସ୍ପଷ୍ଟ ହେଉଛି ଯେ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଛି।

ଓଏସ୍‌ଏମ୍ ସେବାର ଯାଞ୍ଚ ପାଇଁ କମିଟି ଗଠିତ

ସୂଚନାଯୋଗ୍ୟ ଯେ ସିବିଏସ୍‌ଇ ଦ୍ୱାରା ପରିଚାଳିତ ୧୦ମ ଓ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶନ ପରେ ବିବାଦ ସୃଷ୍ଟି ହୋଇଥିଲା। ପରୀକ୍ଷାଫଳ ଅନେକ ଛାତ୍ରଛାତ୍ରୀଙ୍କ ଆଶାନୁରୂପ ହୋଇ ନଥିବାରୁ ସେମାନେ ପରୀକ୍ଷା ଖାତାର ପୁନଃମୂଲ୍ୟାୟନ ପାଇଁ ଅନଲାଇନରେ ଆବେଦନ କରିଥିଲେ। ଏତିକି ବେଳେ ଦେଖାଯାଇଥିଲା ଯେ ଅନେକ ପରୀକ୍ଷାର୍ଥୀଙ୍କ ଉତ୍ତର ଖାତା ମିସିଂ ଥିବା ବେଳେ ଆଉ କେତେକ ପରୀକ୍ଷାର୍ଥୀଙ୍କ ଖାତା ଅଦଳବଦଳ ମଧ୍ୟ ହୋଇଥିଲା। ▶ପୃଷ୍ଠା-୭

### ସୀତାରାମ ନୂଆ ଅଧ୍ୟକ୍ଷ

ନୂଆଦିଲ୍ଲୀ,୨।୬(ଏଜେନ୍ସି): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ନୂତନ ଅଧ୍ୟକ୍ଷ ଭାବେ ଭାରତୀୟ ସୂଚନା ସେବା ଅଧିକାରୀ ପ୍ରଶାନ୍ତ ସୀତାରାମ ଲୋଖଣ୍ଡେଙ୍କୁ ନିଯୁକ୍ତ କରାଯାଇଛି। ଏହା ସହିତ ବରୁଣ ଭରଦ୍ୱାଜଙ୍କୁ ବୋର୍ଡର ନୂତନ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ୨୦୦୧ ବ୍ୟାଚ୍‌ର ଓଜିଏମ୍‌ୟୁଟି କ୍ୟାଡର ଅଧିକାରୀ ଲୋଖଣ୍ଡେ ପୂର୍ବରୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଥିଲେ। ସେହିପରି ବରୁଣ ଭରଦ୍ୱାଜ ପୂର୍ବରୁ ଶିକ୍ଷା ମନ୍ତ୍ରଣାଳୟରେ କାର୍ଯ୍ୟ କରୁଥିଲେ। ଆଜି ରାତିରେ ସେମାନଙ୍କର ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଛି।

ବରୁଣ ଭରଦ୍ୱାଜ ହେବେ ସଚିବ

# ପୁଣି ବଢ଼ିଲା ବସ୍ ଭଡ଼ା

■ କଟକ, ୨।୬ (ସମିସ): ଡିଜେଲ ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ସରକାର ପୁଣି ବସ୍ ଭଡ଼ା ବୃଦ୍ଧି କରିଛନ୍ତି। ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଭଡ଼ା ବୃଦ୍ଧି ନେଇ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ମେ' ୧୫ରେ ରାଜ୍ୟରେ ଡିଜେଲ ଦର ଲିଟର ପିଛା ୯୫ ଟଙ୍କା ୮୭ ପଇସା ଥିଲା। ମେ' ୩୧ ସୁଦ୍ଧା ତାହା ୧୦୦ ଟଙ୍କା ୬୮ ପଇସାରେ ପହଞ୍ଚିଛି। ଡିଜେଲ ଦରରେ ସିଧାସଳଖ ୪ ଟଙ୍କା ୮୧ ପଇସା ବୃଦ୍ଧି ହୋଇଥିବାରୁ ବସ୍ ଭଡ଼ା ବୃଦ୍ଧି କରାଯାଇଛି।



ବାକି ୧୨ଟି ମାପଦଣ୍ଡ ଉପରେ ଝୁଲିଛି ନିଷ୍ପତ୍ତି

ସରକାରଙ୍କ ସହ ମାଲିକ ସଂଘର ବୈଠକ ୫ରେ

ବର୍ଦ୍ଧିତ ଭଡ଼ା ଅନୁସାରେ, ସାଧାରଣ ଯାତ୍ରୀବାହୀ (ଅର୍ଡିନାରି) ବସ୍ ଭଡ଼ା କିଲୋମିଟର ପିଛା ୯୦ ପଇସା ଥିବା ବେଳେ ଏବେ ଏହା ୯୨ ପଇସାକୁ ବୃଦ୍ଧି ପାଇଛି। ସେହିଭଳି, ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୯୪ ପଇସାରୁ ୯୬ ପଇସାକୁ ବୃଦ୍ଧି ପାଇଛି। ଡିଲକ୍ସ ବସ୍ ଯାତ୍ରୀଙ୍କ ପାଇଁ ଭଡ଼ା ପୂର୍ବରୁ କିଲୋମିଟର ପିଛା ୧ଟଙ୍କା ୩୧ ପଇସା ଥିବା ବେଳେ ଏବେ ଏହା ୧ଟଙ୍କା ୩୫ ପଇସା ହୋଇଛି। ଏସି ଡିଲକ୍ସ ବସ୍‌ର ଭଡ଼ା କିଲୋମିଟର ପିଛା ୧ଟଙ୍କା ୫୯ ପଇସାରୁ ବୃଦ୍ଧି ପାଇ ୧ଟଙ୍କା ୬୩ ପଇସା ଧାର୍ଯ୍ୟ ହୋଇଛି। ସୁପର୍ ଡିଲକ୍ସ ବସ୍‌ରେ ଯାତ୍ରା କଲେ ଏବେ କିଲୋମିଟର ପିଛା ୨ଟଙ୍କା ୪୭ପଇସା ବଦଳରେ ୨ଟଙ୍କା ୫୩ ପଇସା ଦେବାକୁ ପଡ଼ିବ। ତେବେ ସହର ମଧ୍ୟରେ ଚଳାଚଳ କରୁଥିବା ଟାଉନ୍ ବସ୍‌ଗୁଡ଼ିକ ପାଇଁ ଲାଗୁ ହେବ ନାହିଁ ବୋଲି କୁହାଯାଇଛି। ▶ପୃଷ୍ଠା-୭

BRICS INDIA 2026

# ଆଜିଠୁ ବ୍ରିକ୍ସ ସମ୍ମିଳନୀ

■ ପୁରୀ, ୨।୬ (ସମିସ): ବିପର୍ଯ୍ୟୟ ମୁକାବିଲାରେ ସାରା ବିଶ୍ୱରେ ଉଦାହରଣ ସାଜିଥିବା ଓଡ଼ିଶା ପାଇଁ ଆଉ ଏକ ଗର୍ବର ବିଷୟ। ପବିତ୍ର ଶ୍ରୀକ୍ଷେତ୍ର ପୁରୀରେ ଜୁନ୍ ୩ରୁ ୫ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି 'ବ୍ରିକ୍ସ' ବିପର୍ଯ୍ୟୟ ବିପଦ ହ୍ରାସ (ଡିଆର୍‌ଆର୍) କାର୍ଯ୍ୟକାରୀ ଗୋଷ୍ଠୀର ଦ୍ୱିତୀୟ ବୈଷୟିକ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ତାଜ୍ ପୁରୀ ରିସର୍ଟ ଆଣ୍ଡ ସ୍ପା'ଠାରେ ଏହି ହାଇ ପ୍ରୋଫାଇଲ୍ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନ୍‌ଡିଏମ୍‌ଏ), ଭାରତ ସରକାର ଏହାକୁ ଆୟୋଜନ କରୁଥିବାବେଳେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓସ୍‌ଡମା) ଏଥିରେ ସହଯୋଗ କରୁଛି। ବୈଠକରେ ବ୍ରିକ୍ସର ମୂଳ ସଦସ୍ୟ ଦେଶ ବ୍ରାଜିଲ୍, ଋଷ, ଭାରତ, ଚୀନ୍ ଏବଂ ଦକ୍ଷିଣ ଆଫ୍ରିକା ସହିତ ସହଯୋଗୀ ଦେଶ ଭାବେ ୟୁଏଇ, ସାଉଦି ଆରବ, ଇଜିପ୍ଟ, ଇରାନ, ଇଥିଓପିଆ ଏବଂ ଇଣ୍ଡୋନେସିଆର ପ୍ରତିନିଧି ଓ ବିଶେଷଜ୍ଞମାନେ ଯୋଗଦେଉଛନ୍ତି। ଏହାବ୍ୟତୀତ ଏନ୍‌ଡିଏମ୍‌ଏ, ଗୃହ ମନ୍ତ୍ରଣାଳୟ, ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟ ▶ପୃଷ୍ଠା-୭

ଏକାଠି ହେବେ ୧୧ ଦେଶର ପ୍ରତିନିଧି

ତ୍ରିସ୍ତରୀୟ ସୁରକ୍ଷା ବଳୟରେ ପୁରୀ ସହର

ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କଲେ ଡିଜିପି

ଜୁନ ୨୦ରେ ରାଇରଙ୍ଗପୁରରେ ସରକାରଙ୍କ ଦ୍ୱିତୀୟ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମ

# ଆସିବେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

■ ଭୁବନେଶ୍ୱର / ରାଇରଙ୍ଗପୁର, ୨।୬ (ସମିସ): ରାଜ୍ୟ ବିଜେପି ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଠାରେ ଅନୁଷ୍ଠିତ ହେବ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବା ପାଇଁ ସ୍ୱୀକୃତି ଦେଇଛନ୍ତି। କାର୍ଯ୍ୟକ୍ରମର ସଫଳ ଆ।।ୟୋଜନପାଇଁଆଜିଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୭

ବରିଷ୍ଠ ଅଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା



ବାଲିଅନ୍ତା ଭିଡ଼ହତ୍ୟା

# ଘଟଣାସ୍ଥଳରେ ଏନ୍‌ଏଚ୍‌ଆର୍‌ସି

■ ଭୁବନେଶ୍ୱର, ୨।୬ (ସମିସ): ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁ ଭିଡ଼ହତ୍ୟା ମାମଲାରେ ଏନ୍‌ଏଚ୍‌ଆରସି ଟିମର ତଦନ୍ତ ଦ୍ୱିତୀୟ ଦିନରେ ପହଞ୍ଚିଛି। ମଙ୍ଗଳବାର ଏହି ଟିମ୍ ଘଟଣାସ୍ଥଳ ରାମଚନ୍ଦ୍ରପୁର କାଜ ନିକଟକୁ ଗସ୍ତ କରିବା ସହ ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛନ୍ତି। କେଉଁ ପରିସ୍ଥିତିରେ ସୌମ୍ୟଙ୍କୁ ଆକ୍ରମଣ କରାଯାଇଥିଲା; ଏହି ସମୟରେ ପୁଲିସର ବ୍ୟବହାର କିଭଳି ଥିଲା ସେ ସମ୍ପର୍କରେ ଲୋକମାନଙ୍କଠାରୁ ତଥ୍ୟ ସଂଗ୍ରହ କରିଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ଏନ୍‌ଏଚ୍‌ଆର୍‌ସିଙ୍କ ଟିମ୍ ଏଡ଼ିଜି ଲିଙ୍କରେ ତଥ୍ୟ ହାସଲ କରିବାରେ ଲାଗିଛି। ତଦନ୍ତ ୱିଙ୍ଗ୍‌ର ଦୁଇ ଅଧିକାରୀ ରାଜେନ୍ଦ୍ର ସିଂ ଏବଂ ଅବିନାଶ କୁମାର ଏନେଇ ଏକାଧିକ ଲୋକଙ୍କୁ ପଚରାଉଚରା କରିଛନ୍ତି। ଏଡ଼ିଜିଙ୍କ ଦୁଇ ପିଏସ୍‌ଓ, ଜଣେ ଡ୍ରାଇଭର, ▶ପୃଷ୍ଠା-୭

ସୌମ୍ୟଙ୍କୁ ଏଡିଜିଙ୍କ ନିର୍ଯାତନା ଅଭିଯୋଗର ତଥ୍ୟ ସଂଗ୍ରହ

ଢେଙ୍କାନାଳରୁ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ



ବାରଙ୍ଗ ଓ କବିସୂର୍ଯ୍ୟନଗର ଥାର୍ଡ ଡିଗ୍ରୀ

## ୧୫ ଦିନରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ

■ ଭୁବନେଶ୍ୱର, ୨।୬(ସମିସ): ବହୁଚର୍ଚ୍ଚିତ ବାରଙ୍ଗ ହାଜତ ନିର୍ଯାତନା ମାମଲାରେ ହସ୍ତକ୍ଷେପ କରିଛନ୍ତି ଜାତୀୟ ମାନବାଧିକାର କମିସନ୍। କଟକ ଡିଜିପି ଓ ପୁଲିସ ମହା ନିର୍ଦ୍ଦେଶକଙ୍କୁ ରିପୋର୍ଟ ଦେବାକୁ ଏନ୍‌ଏଚ୍‌ଆରସି ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ହେପାଜତରେ ନିର୍ଯାତନା ଓ ବେଆଇନ ଭାବେ ଅଟକ ରଖିବା ଭଳି ଗୁରୁତର ମାନବାଧିକାର ଉଲ୍ଲଂଘନ ଅଭିଯୋଗକୁ ନେଇ ରାଜ୍ୟ ମାନବାଧିକାର ଆୟୋଗ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ୧୫ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଆୟୋଗ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ଦ୍ୱାରା ହେପାଜତରେ ନିର୍ଯାତନା ଓ ବେଆଇନ ଅଟକ ଭଳି ଗୁରୁତର ମାନବାଧିକାର ଉଲ୍ଲଂଘନ ଏବଂ କ୍ଷମତାର ଘୋର ଅପବ୍ୟବହାର ହୋଇଥିବା ▶ପୃଷ୍ଠା-୭

ବାରଙ୍ଗ ହାଜତ ନିର୍ଯାତନା ମାମଲାରେ ଶାଶୂଙ୍କ ସାଂଘାତିକ ଅଭିଯୋଗ

# ମୁହଁ ଖୋଲିଲେ ପୁଲିସ ଚିକିତ୍ସା କରାଇ ଦେବନି...

■ କଟକ/ବାରଙ୍ଗ, ୨।୬(ସମିସ): କଟକ ଜିଲ୍ଲା ବାରଙ୍ଗ ଥାନାର ଚର୍ଚ୍ଚିତ 'ଥାର୍ଡ ଡିଗ୍ରୀ' ହାଜତ ଅତ୍ୟାଚାର ମାମଲାରେ ପ୍ରତିଦିନ ନୂଆ ନୂଆ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସୁଥିବା ବେଳେ ଆଜି ପୀଡ଼ିତ ଯୁବକ ରାକେଶ ବେହେରାଙ୍କ ଶାଶୂ ମିନତି ସାହୁଙ୍କ ଏକ ବଡ଼ ବିସ୍ଫୋରକ ବୟାନ ସମଗ୍ର ପୁଲିସ ପ୍ରଶାସନର ନିଦ ହଜାଇ ଦେଇଛି। ଗତକାଲି ପୁଲିସ ପକ୍ଷରୁ ରାକେଶଙ୍କର ଏକ ବାଇକ୍ ଦୁର୍ଘଟଣା ହୋଇଥିବା ନେଇ ସୃଷ୍ଟି କରାଯାଇଥିବା ସରକାରୀ କାହାଣୀକୁ ଶାଶୂ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବା ସହ ପୁଲିସ ମିଛ କହୁଛି ବୋଲି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଗଣମାଧ୍ୟମ ସାମ୍ନାରେ ନିଜର କୋହଭରା କଣ୍ଠରେ ପୁଲିସର କଳା କାରନାମାର ପର୍ଦ୍ଦାଫାସ କରି ସେ କହିଛନ୍ତି ଯେ ଯେଉଁ ଖାକି ପୋଷାକ ଜନସାଧାରଣଙ୍କୁ ସୁରକ୍ଷା ଦେବା କଥା, ସେମାନେ ନିଜ ପାପ ଲୁଚାଇବା ପାଇଁ ଯଦି ଏଭଳି ସ୍କ୍ରିପ୍ଟ ବଦଳାଇ ମିଛ କାହାଣୀ ରଚନା କରିବେ, ତେବେ ସାଧାରଣ ଜନତା କାହାକୁ ବିଶ୍ୱାସ କରିବେ? ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ଯଦି ସେ ବର୍ତ୍ତମାନ ପୁଲିସର ସମସ୍ତ ଅସଲ ମୁଖା ଖୋଲିଦେବେ, ତେବେ ଏବେ ଯେଉଁ ପୁଲିସ ଦଳ ଆସୁଛନ୍ତି, ସେମାନେ ଏସ୍‌ସିବି ମେଡିକାଲରେ ମୃତ୍ୟୁ ସହ ସଂଘର୍ଷ କରୁଥିବା ତାଙ୍କ ଜ୍ୱାଇଁର ଚିକିତ୍ସା କରାଇ ଦେବେ ନାହିଁ। ପୁଲିସର ଆକ୍ରୋଶମୂଳକ ମନୋଭାବକୁ ନେଇ ଭୟଭୀତ ଥିବା ଶାଶୂ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ପିଲା (ଜ୍ୱାଇଁ) ଟିକେ ସୁସ୍ଥ ହୋଇ ହସ୍ପିଟାଲରୁ ବାହାରକୁ ଆସିଲେ ସେ ସମୟକୁ ଅପେକ୍ଷା କରିଛନ୍ତି ଏବଂ ସେତେବେଳେ ସବୁ କଥା ସାରା ରାଜ୍ୟବାସୀଙ୍କ ସାମ୍ନାରେ ଖୋଲିକି କହିବେ।

ନିର୍ଦ୍ଦୋଷ ଯୁବକ ରାକେଶ ବେହେରାଙ୍କୁ ବାରଙ୍ଗ ଥାନା ଭିତରେ ମରଣାନ୍ତକ ମାଡ଼ ମରାଯିବା ଘଟଣାକୁ ▶ପୃଷ୍ଠା-୭



ଏଆଇ ଫଟୋ




**କେଏଲ୍‌ଡିବି ବୈଠକ ସ୍ଥଗିତ**

# ତୋଳାଳି, କର୍ମଚାରୀଙ୍କ ମଧ୍ୟରେ ନୈରାଶ୍ୟ

ସମ୍ବଲପୁର, ୨।୬ (ସମିସ)

ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ କେନ୍ଦୁପତ୍ର ସଂସ୍ଥାର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ଅନୁଷ୍ଠାନ କେନ୍ଦୁପତ୍ର ଉନ୍ନୟନ ପରିଷଦ (କେଏଲ୍‌ଡିବି) ବୈଠକ ଆଜି ଜୁନ ୨ ତାରିଖ ହେବା ପାଇଁ ଧାର୍ଯ୍ୟ ହୋଇଥିଲା। ଏହା ପ୍ରତିବର୍ଷ ସାଧାରଣତଃ କେନ୍ଦୁପତ୍ର ସଂଗ୍ରହ ଋତୁ ପୂର୍ବରୁ ଫେବୃଆରୀ - ମାର୍ଚ୍ଚ ମାସରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ କେନ୍ଦୁପତ୍ର ସଂସ୍ଥାର ବିଭିନ୍ନ ନୀତି - ପତ୍ର ଦର ନିର୍ଦ୍ଧାରଣ, ବୋନସ ବଣ୍ଟନ ଏବଂ ଅନ୍ୟାନ୍ୟ ସାମାଜିକ ନିରାପତ୍ତା ସହାୟତା ସମ୍ପର୍କରେ ନିଷ୍ପତ୍ତି ହୋଇ ଘୋଷଣା ହୋଇଥାଏ। ଏହା ଏକ ପ୍ରତିନିଧି ମୂଳକ ଶୀର୍ଷ ଅଙ୍ଗ। ଏହି ବୈଠକ ସ୍ଥଗିତ ହେବା ଯୋଗୁଁ ତୋଳାଳୀ, କର୍ମଚାରୀ ଓ ଶ୍ରମିକ ମାନଙ୍କ ମଧ୍ୟରେ ଘୋର ନୈରାଶ୍ୟ ଦେଖାଦେଇଛି। ତୋଳାଳୀମାନେ କେନ୍ଦୁପତ୍ର କେରି ଦର ବୃଦ୍ଧି ହେବାରେ ବିଳମ୍ବିତ ଏବଂ ବୋନସ ପାଇବାରୁ ବଞ୍ଚିତ ହୋଇଛନ୍ତି।

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ମଧ୍ୟ ଏହି ସର୍ବୋଚ୍ଚ ଅନୁଷ୍ଠାନର ଏକ ଷ୍ଟେକ୍‌ହୋଲ୍ଡର୍ ସଦସ୍ୟ କିନ୍ତୁ ଏହି ଶୀର୍ଷ ଅନୁଷ୍ଠାନର ବୈଠକ ଗତ ୩ ବର୍ଷ ହେଲା ଅନୁଷ୍ଠିତ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ବାରମ୍ବାର ଦାବୀ, ଲକ୍ଷାଧିକ ସଂଖ୍ୟାରେ ଦାବୀପତ୍ର ପ୍ରଦାନ, ହଜାର ହଜାର ଗ୍ରାମ ପଞ୍ଚାୟତରେ ଆନ୍ଦୋଳନ ଏବଂ ଗଣମାଧ୍ୟମରେ ବହୁବାର ପ୍ରକାଶନ ପରେ ସରକାର ଏହି ଶୀର୍ଷ ଅନୁଷ୍ଠାନର ବୈଠକ ଜୁନ ୨ ତାରିଖରେ ଧାର୍ଯ୍ୟକରି ସମ୍ପୃକ୍ତ ସଦସ୍ୟ ଏବଂ ଅଧିକାରୀ ମାନଙ୍କୁ ନୋଟିସ ଦେଇଥିଲେ। ଏହି ବୈଠକ ଅନୁଷ୍ଠିତ ହେଉଥିବା ଜାଣି କେନ୍ଦୁପତ୍ର ତୋଳାଳୀ, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକ ମାନଙ୍କ ମଧ୍ୟରେ ଆଶାର ସଞ୍ଚାର ହୋଇଥିଲା। କାରଣ କେନ୍ଦୁପତ୍ର ସଂଗ୍ରହ ଶେଷ ହୋଇଥିଲେ ମଧ୍ୟ ଗତ ୨ ବର୍ଷ ପରେ କେନ୍ଦୁପତ୍ର କେରି ଦର ବୃଦ୍ଧି ହୋଇ ନ ଥିବାରୁ ଚଳିତବର୍ଷ ବର୍ଦ୍ଧିତ ଦରରେ ଅଧିକ ଦର ସରକାରୀ ଦଳର ନିର୍ବାଚନ ଇସ୍ତାହାର ଅନୁଯାୟୀ କେରି ପ୍ରତି ଦର ୨ ଟଙ୍କା ପାଇବାକୁ ଆଶା କରିଛନ୍ତି। ସେହିପରି ବୋନସ ପାଇବାରେ ବହୁ ବିଳମ୍ବ ହେଉଛି। ସିଜିନାଲ କର୍ମଚାରୀଙ୍କର ମାସିକ ମଜୁରୀ ଗତ ୨୦୨୪ ମସିହାରେ ସର୍ବନିମ୍ନ ମଜୁରୀ ଘୋଷଣା ଅନୁଯାୟୀ ପ୍ରାୟ ଦୁଇବର୍ଷ ହେବ ବୃଦ୍ଧି ହେଲାନାହିଁ। ମୃତ୍ୟୁକାଳୀନ ସହାୟତା ବୃଦ୍ଧି ହେଉନାହିଁ। କନ୍ୟା ବିବାହ ସହାୟତାକୁ ବନ୍ଦ କରିଦିଆଯାଇଛି। ଜୟପୁର, ନବରଙ୍ଗପୁର ଓ ଖଡ଼ିଆଳ ଡିଭିଜନର ଫାଲ୍ ଏରିଆକୁ ପ୍ରୋସେସିଙ୍ଗ ଏରିଆରେ ପରିଣତ କଲେ ଅଧିକ କର୍ମନିଯୁକ୍ତି ଓ ଅଧିକ ଆୟ ହେବ ବୋଲି ଦର୍ଶାଯାଇଛି। ଏସବୁ ଦିଗରେ କେଏଲ୍‌ଡିବି ବୈଠକରେ ନିଷ୍ପତ୍ତି ହେବ ବୋଲି ତୋଳାଳୀ, ସିଜିନାଲ କର୍ମଚାରୀ ଏବଂ ବନ୍ଧେଇ ଶ୍ରମିକମାନେ ଆଶା କରିଥିଲେ। କିନ୍ତୁ ଏହା ସ୍ଥଗିତ ରହିବା ସେମାନଙ୍କ ମନରେ ଦାରୁଣ ଆଘାତ ସୃଷ୍ଟି କରିଛି।

ଏନେଇ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ କୁମାର ମହାନ୍ତି ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥଗିତ ରହିବା ଘୋର ପରିତାପର ବିଷୟ ବୋଲି କହିଛନ୍ତି। ସେ କ୍ଷୋଭର ସହିତ ପ୍ରକାଶ କରିଛନ୍ତି ଯେ, ଏହି ବୈଠକ ଗତ ଫେବୃଆରୀ - ମାର୍ଚ୍ଚ ମାସରୁ ହେବା କଥା ଏବଂ ଉପରୋକ୍ତ ପ୍ରସଙ୍ଗରେ ନିଷ୍ପତ୍ତି ନିଆଯିବାର ଥିଲା। କେନ୍ଦୁପତ୍ର ସଂସ୍ଥାର କାର୍ଯ୍ୟ ପରିଚାଳନା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି) କାମଚଳା ଅଗ୍ରୀମ ପାଣ୍ଠିରେ ବ୍ୟାଙ୍କରୁ ଋଣ ଆଣି କରାଯାଇଥାଏ। ସରକାରଙ୍କ ବିନା ଅର୍ଥ ବ୍ୟୟରେ ଏହି ସଂସ୍ଥା ବର୍ଷକୁ ୧ କୋଟି ଶ୍ରମ ଦିବସ ସୃଷ୍ଟି କରୁଛି। ଏହା ରାଜ୍ୟରେ ଏକ ବଡ଼ ସଫଳତା। ଏହାର ପରିଚାଳନା ଅର୍ଥାତ୍ ପତ୍ରର ଦର ବୃଦ୍ଧି, କର୍ମଚାରୀଙ୍କ ମାସିକ ମଜୁରୀ ନିୟମ ଅନୁଯାୟୀ ହେବାରେ କୌଣସି ଅସୁବିଧା ନାହିଁ, ଅଯଥାରେ ଏଥିରେ ବିଳମ୍ବ କରାଯାଉଛି। ଆହୁରି ମଧ୍ୟ ବୋନସ ଓ ପ୍ରୋତ୍ସାହନ ସହାୟତା କେନ୍ଦୁପତ୍ର ବ୍ୟବସାୟର ଉଦ୍‌ବୃତ୍ତ ଲାଭ ଏବଂ ଆର୍ଥିକ ସଙ୍କଟ ହେଲେ କେବଳ ସରକାରୀ ସହାୟତା ଦିଆଯାଇଥାଏ ଓ ଅନ୍ୟାନ୍ୟ ସାମାଜିକ ନିରାପତ୍ତା ସହାୟତା ମଧ୍ୟ ଦେବାରେ କୌଣସି ପ୍ରତିବନ୍ଧକ ନାହିଁ। ସରକାର ମଧ୍ୟ ଚଳିତ ବଜେଟ୍‌ରେ ୧୧୭ କୋଟି ଟଙ୍କା ବ୍ୟବସ୍ଥା କରିଛନ୍ତି। ଏଥିରୁ ୧୦୦ କୋଟି ଟଙ୍କାକୁ ବର୍ତ୍ତମାନ ସରକାରୀ ଅଧିକାରୀମାନେ ଅଫିସ ଓ ସରକାରୀ ବାସଗୃହ ଓ ଅଫିସ ନିର୍ମାଣରେ ମୁଖ୍ୟତଃ ବରାଦ କରିଥିବା ଏକ ନିୟମ ବହିର୍ଭୁତ କାର୍ଯ୍ୟ ଓ ଆର୍ଥିକ ଅସଙ୍ଗତି ଅଟେ। ଏହା ଫଳରେ ଲକ୍ଷ ଲକ୍ଷ ତୋଳାଳୀ, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକ ମାନଙ୍କ ସାମାଜିକ ନିରାପତ୍ତା ତଥା ସାମାଜିକ କଲ୍ୟାଣରୁ ସେମାନେ ବଞ୍ଚିତ ହେବେ। ଏହା ମୁଖ୍ୟମନ୍ତ୍ରୀ ଏବଂ କେଏଲ୍‌ଡିବି ର ସଦସ୍ୟ ଉଚ୍ଚ ଅଧିକାରୀମାନେ ଅନୁଧ୍ୟାନ କରିବା କଥା। କେନ୍ଦୁପତ୍ର ସଂସ୍ଥାର ଚଳିତବର୍ଷ ମେ ମାସ ଶେଷସୁଦ୍ଧା ୬୦୮ କୋଟି ଟଙ୍କାର ପତ୍ର ବିକ୍ରି ହୋଇଛି। ଏଥିରୁ ହେବାକୁ ଥିବା ଲାଭ ପ୍ରାୟ ୬୦/୬୫ କୋଟି ଟଙ୍କା ହେବ ଏବଂ ସରକାରୀ ବଜେଟ ବରାଦ କଲ୍ୟାଣ ପାଣ୍ଠି ଅର୍ଥର ୧୧୭ କୋଟି ଟଙ୍କା ଯଦି ସଠିକ୍ ବଣ୍ଟନ ହୁଏ ଏବଂ ୱାର୍କିଙ୍ଗ ଫଣ୍ଡ ଏଡଭାନ୍ସ ବିନିଯୋଗ କଲେ ସବୁ ଆର୍ଥିକ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ଶ୍ରୀ ମହାନ୍ତି ମତ ରଖିଛନ୍ତି। କେଏଲ୍‌ଡିବିରେ ଯଦିଓ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଏକ ମୁଖ୍ୟ ଷ୍ଟେକ୍‌ହୋଲ୍ଡର୍ ସଦସ୍ୟ ତଥାପି ସଂଘର ମତାମତ ନ ନେଇ ତ୍ରୁଟିପୂର୍ଣ୍ଣ ଭାବରେ ଏହାକୁ ଗଠନ କରାଯାଇଛି। ତଥାପି ସଂଘର ସଭାପତି ଶ୍ରୀ ମହାନ୍ତି ବୈଠକର ନିଷ୍ପତ୍ତି ପାଇଁ ଉପାଦେୟ ପରାମର୍ଶମୂଳକ ଲିଖିତ ଆବେଦନ ଜଣାଇ ଉପଯୁକ୍ତ ନିଷ୍ପତ୍ତି ନେବାକୁ ମୁଖ୍ୟମନ୍ତ୍ରୀ ତଥା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ସରକାର ଗଠନ ମୂଳକ ଭାବରେ ତୋଳାଳୀ - ଶ୍ରମିକ-କର୍ମଚାରୀଙ୍କ ନ୍ୟାର୍ଯ୍ୟ ଦାବିକୁ ଦୃଷ୍ଟିରେ ରଖି ଅତି ଶୀଘ୍ର ନିଷ୍ପତ୍ତି ଘୋଷଣା କଲେ ସଂଘ ସ୍ୱାଗତ ଜଣାଇବ ବୋଲି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଜଣାଇଛନ୍ତି।

## ସାମ୍ବାଦିକଙ୍କୁ ହତ୍ୟା ଧମକ ନେଇ ଆଇଜିଙ୍କୁ ଦାବିପତ୍ର

ସମ୍ବଲପୁର, ୨।୬(ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକର ସାମ୍ବାଦିକ ମୁକୁନ୍ଦ ଷଡ଼ଙ୍ଗୀଙ୍କୁ କିଛି ଅସାମାଜିକ ବ୍ୟକ୍ତି ହତ୍ୟା ଧମକର ସମ୍ବଲପୁର ସାମ୍ବାଦିକମାନେ ପ୍ରତିବାଦ କରିଛନ୍ତି। ଏନେଇ ପ୍ରତିନିଧି ଦଳ ମଙ୍ଗଳବାର ଆଇଜି ହିମାଂଶୁ ଲାଲଙ୍କୁ ଭେଟି ଧମକ ଦେଇଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ଦେଇଛନ୍ତି। ମୁକୁନ୍ଦ ଜଣେ ସାମ୍ବାଦିକ ଭାବରେ ନିଷ୍ଠାର ସହିତ ସାଧାରଣ ଲୋକଙ୍କ ସମସ୍ୟା ଏବଂ ବିଭିନ୍ନ ଜନସ୍ୱାର୍ଥ ସମ୍ବନ୍ଧୀୟ ଖବର ପ୍ରକାଶ କରିଆସୁଛନ୍ତି। ତାଙ୍କର ସାମ୍ବାଦିକତା କାର୍ଯ୍ୟରେ ବାଧା ଦେବା ଏବଂ ଭୟଭୀତ କରିବା ଉଦ୍ଦେଶ୍ୟରେ ଧମକ ଦିଆଯାଉଥିବା ସନ୍ଦେହ କରାଯାଉଛି। ହତ୍ୟା ଧମକ କେବଳ ଜଣେ ବ୍ୟକ୍ତିଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁନାହିଁ, ବରଂ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ସାମ୍ବାଦିକତାର ସ୍ୱାଧୀନତା ଉପରେ ମଧ୍ୟ ଆଘାତ ଅଟେ। ଉକ୍ତ ଯୁବକମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହିତ ମୁକୁନ୍ଦ ଷଡ଼ଙ୍ଗୀଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ପ୍ରତିନିଧି ଦଳରେ ପ୍ରଭୁଦତ୍ତ ପୂଜାରୀ, ପ୍ରମୋଦ ବହିଦାର, ରିଙ୍କୁ ମିଶ୍ର, ଯଜ୍ଞ ଜ୍ୟୋତିଷ, ସୁବାଶିଷ ପାଢ଼ୀ, ଗାର୍ଗୀ ଶତପଥୀ, ଲିପନ ହୋତା, ଜିତେନ୍ଦ୍ର ଦାସ, ନିଲୁ ସାହୁ, ଶ୍ରବଣ ପତି, ସୁକାନ୍ତ କର, ବାଦସାହା ଜୁସ୍ମନ ରଣା, ସମୀର ଷଡ଼ଙ୍ଗୀ, ମଳୟ ଭୋଇ, ଅମଳେନ୍ଦୁ ନାଏକ, ବାଦଲ ସିନ୍ଧିଆ, ଗୁଣମଣି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପିଡିଏସ୍ ଉପରେ ଅନୁଭୂତିମୂଳକ ଶିକ୍ଷା କାର୍ଯ୍ୟକ୍ରମ




ସମ୍ବଲପୁର, ୨।୬ (ସମିସ): ମେରା ଯୁବା ଭାରତ (ଏମ୍‌ୱାଇ ଭାରତ), ସମ୍ବଲପୁର ପକ୍ଷରୁ ଖାଦ୍ୟଯୋଗାଣ ଓ ଉପଭୋକ୍ତା କଲ୍ୟାଣ ବିଭାଗ, ସମ୍ବଲପୁର ସହଯୋଗରେ ମେ ୨୮ ତାରିଖରୁ ଆଜି ପର୍ଯ୍ୟନ୍ତ "ପବ୍ଲିକ ଡିଷ୍ଟ୍ରିବ୍ୟୁସନ୍ ସିଷ୍ଟମ୍ (ପିଡିଏସ୍) ଉପରେ ଏକ ଅନୁଭୂତିମୂଳକ ଶିକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଯୁବାମାନଙ୍କ ମଧ୍ୟରେ ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ସମ୍ପର୍କିତ ସଚେତନତା ଏବଂ ପ୍ରଶାସନିକ କାର୍ଯ୍ୟପ୍ରଣାଳୀ ପ୍ରତି ଜ୍ଞାନ ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ମୁଖ୍ୟ ଯୋଗାଣ କାର୍ଯ୍ୟାଳୟରେ ଓରିଏଣ୍ଟେସନ୍ ସେସନ୍ ହୋଇଥିଲା। ଏହାପରେ ଅଂଶଗ୍ରହଣକାରୀ ଯୁବ ସ୍ୱେଚ୍ଛାସେବୀମାନେ ବ୍ରଜପାଲି ମାର୍କେଟ ଯାର୍ଡ, ରେମେଡ୍ ଲ୍ୟାମ୍ପସ୍ ଏବଂ ପାକ୍ସ, ସମଲେଶ୍ୱରୀ ରାଇସ୍ ମିଲ୍, ଓଏସଡବ୍ଲ୍ୟୁସି ଗୋଦାମ, ମାନେଶ୍ୱର ବିତରଣ କେନ୍ଦ୍ର ଆଦି ପରିଦର୍ଶନକରି ଖାଦ୍ୟଶସ୍ୟ କ୍ରୟ, ସଂରକ୍ଷଣ, ପ୍ରକ୍ରିୟାକରଣ ଏବଂ ଜନସାଧାରଣଙ୍କ ମଧ୍ୟରେ ବଣ୍ଟନ ପ୍ରକ୍ରିୟା ବିଷୟରେ ପ୍ରତ୍ୟକ୍ଷ ଜ୍ଞାନଅର୍ଜନ କରିଥିଲେ। ଜିଲ୍ଲା ସିଏସଓ-କମ୍-ଡିଏମ୍ ସୁବୋଧ ହୋତା ଏବଂ ଏସିଏସଓ ବିଶ୍ୱରଞ୍ଜନ ସାହୁ ସ୍ୱେଚ୍ଛାସେବୀମାନଙ୍କୁ ପିଡିଏସ୍ ବ୍ୟବସ୍ଥାର କାର୍ଯ୍ୟପ୍ରଣାଳୀ, ସ୍ୱଚ୍ଛତା ଏବଂ ଖାଦ୍ୟ ସୁରକ୍ଷା ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେରଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ମସୁଦ ଆଲମ, ଅବିନାଶ ବେହେରା, ଗୌତମ ଭୂୟାଁ, ଏମଡି ସାହିଲ ରଜା ଓ ସ୍ୱପ୍ନାଂଶୁ ସାଗର ନାଥ ଏହି ଶିକ୍ଷାମୂଳକ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

## ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଭାଗନେବେ ସମ୍ବଲପୁରର ବାଳକ ଓ ବାଳିକା

ସମ୍ବଲପୁର, ୨।୬ (ସମିସ): ୭ ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀରଠାରେ ୧୪ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ରାଜ୍ୟର ସମସ୍ତ ଜିଲ୍ଲାର ବାଳକ ଓ ବାଳିକାମାନେ ଭାଗନେବେ। ଲିଗ୍ ମ୍ୟାଚ୍‌ରୁ ଚୟନ ହୋଇ କ୍ୱାଟର୍ ଫାଇନାଲ, ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଫାଇନାଲ୍ ମ୍ୟାଚ୍ ରାଉରକେଲାଠାରେ ଅନୁଷ୍ଠିତ ହେବ। ଏହି ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ସମ୍ବଲପୁର ଜିଲ୍ଲା ଫୁଟବଲ୍ ଦଳ ଆଜି ବଲାଙ୍ଗୀର ଜିଲ୍ଲା ଅଭିମୁଖେ ଯାତ୍ରା କରିଛନ୍ତି। ବାଳକ ବର୍ଗ ଓ ବାଳିକା ବର୍ଗରେ ୨୦ ଜଣ ଲେଖାଏଁ ଖେଳାଳି ଅଛନ୍ତି। ସେମାନଙ୍କ ସହ ବାଳକ ଦଳରେ କୋଚ୍ କୃଷ୍ଣଚନ୍ଦ୍ର ଶତପଥୀ, କବି କୁମାର ଓ ଶେଖ ବରଗଡ଼ଉଲ୍ଲା ଏବଂ ବାଳିକା ଦଳରେ କୋଚ୍ ଠୁନ୍‌କି ମୁଣ୍ଡା ଓ ନନ୍ଦିନୀ ଓରାମ ରହିଛନ୍ତି। ତଥା ଟିମ୍ ମ୍ୟାନେଜର୍ ଭାବେ ଜିଲ୍ଲା କ୍ରୀଡ଼ା ସଂଘର ଫୁଟବଲ ସମ୍ପାଦକ ଅବଦୁଲ ଗଫାର ମଧ୍ୟ ଯାଇଛନ୍ତି।

**● ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ପାଣି ଟାଙ୍କି ପ୍ରଦାନ**

## ଉଦ୍‌ଘାଟନ କଲେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ

ରେଢ଼ାଖୋଲ, ୨।୬(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଦିନ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଦୁଇଟି ପାଣି ଟାଙ୍କି ପ୍ରଦାନ କରି ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଉଦ୍‌ଘାଟନ କରିଛନ୍ତି।



ଗ୍ରୀଷ୍ମ ପ୍ରବାହ ଯୋଗୁଁ ରେଢ଼ାଖୋଲ ସହର ତଥା ବିଭିନ୍ନ ପଞ୍ଚାୟତର ଗ୍ରାମାଞ୍ଚଳ ଗୁଡିକରେ ଜଳସଙ୍କଟ ଦେଖିବାକୁ ମିଳିଛି। ଫଳରେ ସାଧାରଣଲୋକ ବିଶୁଦ୍ଧ ପାନୀୟ ଜଳ ପାଇଁ ହନ୍ତସନ୍ତ ହେବାକୁ ପଡୁଛି। ଲୋକଙ୍କ ଉପକୃତ ପାଇଁ ଦୁଇଟି ପାଣି ଟାଙ୍କୀ ପ୍ରଦାନ କରାଯାଇଛି। ବିଧାୟକ ଶ୍ରୀ ଆଚାର୍ଯ୍ୟ ଫିତାକାଟି ଦୁଇଟି ପାଣି ଟାଙ୍କି ଉଦଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ରେଢ଼ାଖୋଲ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ମାର୍ଥା, କାଉନସିଲ, ସମସ୍ତ ବିଜେଡ଼ି ପଦାଧିକାରୀ, କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଜିଲ୍ଲା ସ୍କୁଲ ରାସ୍ତାରୁ ଜବରଦଖଲ ଉଚ୍ଛେଦ

ସମ୍ବଲପୁର, ୨।୬ (ସମିସ) : ସମ୍ବଲପୁର ମହାନଗର ନିଗମର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଏବଂ ପରିମଳ ଟିମ୍ ପକ୍ଷରୁ ଆଜି ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ଛକରୁ ଓଡ଼ିଶା ସାଂସ୍କୃତିକ ସମାଜ ଭବନ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ ଓ ନାଳ ସଫେଇ ଅଭିଯାନ କରାଯାଇଥିଲା। ଦୋକାନୀମାନଙ୍କ ଦ୍ୱାରା ରାସ୍ତା ଓ ନାଳ ଉପରେ



ହୋଇଥିବା ଅବୈଧ ଅତିକ୍ରମଣ ଯୋଗୁଁ ମୁଖ୍ୟ ରାସ୍ତାଟି ଅତ୍ୟନ୍ତ ସଂକୀର୍ଣ୍ଣ ହୋଇପଡ଼ିଥିଲା, ଫଳରେ ଯାନବାହନ ଚଳାଚଳରେ ଅସୁବିଧା ସୃଷ୍ଟି ହେଉଥିଲା। ଏହାସହିତ ଅତିକ୍ରମଣ ଯୋଗୁଁ ପରିମଳ କର୍ମଚାରୀମାନଙ୍କ ପାଇଁ ନାଳ ସଫେଇ କରିବା କଷ୍ଟସାଧ୍ୟ ହୋଇପଡ଼ିଥିଲା। ନିତିଦିନିଆ ଜଳ ନିଷ୍କାସନ ବାଧାପ୍ରାପ୍ତ ହେବାସହ ବର୍ଷା ଜଳ ଓ ନାଳ ପାଣି ରାସ୍ତା ଉପରେ ପ୍ରବାହିତ ହେଉଥିଲା। ଏନେଇ ବାରମ୍ବାର ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଆଜି ନାଳ ଓ ରାସ୍ତା ଉପରକୁ ଅତିକ୍ରମଣ ହଟାଇବା ସହିତ ନାଳଗୁଡ଼ିକର ପଙ୍କୋଦ୍ଧାର ଓ ସଫେଇ କାର୍ଯ୍ୟ କରାଯାଇଥିଲା। ଏହାଦ୍ୱାରା ରାସ୍ତା ପ୍ରଶସ୍ତ ହୋଇଛି। ଆଗାମୀ ବର୍ଷା ଋତୁରେ ମଧ୍ୟ ଅଞ୍ଚଳରେ ଜଳସ୍ରୋତ ଅବରୋଧ ସମସ୍ୟା ସୃଷ୍ଟି ହେବନାହିଁ ବୋଲି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସୁଶାନ୍ତ କୁମାର ସାହୁ ଆଶାପ୍ରକାଶ କରିଛନ୍ତି।

## ଦେଶୀ ବିହନ ସୁରକ୍ଷା ମଞ୍ଚ ପକ୍ଷରୁ କର୍ମଶାଳା

ସମ୍ବଲପୁର, ୨।୬ (ସମିସ): ଦେଶୀ ବିହନ ସୁରକ୍ଷା ମଞ୍ଚ, ୱାସନ ଓ ଭିତ୍ତିଭୂମି ତରଫରୁ ଏକ ରାଜ୍ୟସ୍ତରୀୟ କର୍ମଶାଳା ସମ୍ବଲପୁରସ୍ଥିତ ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହେଇଯାଇଛି। ଏହାର ଉଦ୍ଦେଶ୍ୟ ଦେଶୀ ଓ ପାରମ୍ପରିକ ବିହନ ଉତ୍ପାଦନ ଓ ବଣ୍ଟନ ସହ ଜଡ଼ିତ ଦେଶୀ ବିହନ ସଂରକ୍ଷକ, ସାମୁଦାୟିକ ବିହନ ବ୍ୟାଙ୍କ ଓ ଚାଷୀ ଉତ୍ପାଦକ ଦଳ କିଭଳି ଔପଚାରିକ ସରକାରୀ ବିହନ ଶୃଙ୍ଖଳରେ ସାମିଲ ହୋଇପାରିବେ। ଏଇ କର୍ମଶାଳାରେ ବିହନର ଭୌତିକ ଶୁଦ୍ଧତା, ଜିନ୍‌ଗତ ଶୁଦ୍ଧତା, ବିହନର ସୁରକ୍ଷିତ ଉପାୟରେ ସଂରକ୍ଷଣ, ବିହନର ଗୁଣବତ୍ତା ରକ୍ଷା, ବିହନ ଉତ୍ପାଦନର ଶୃଙ୍ଖଳା, ସରକାରୀ ମାନ୍ୟତା ଲାଗି ଆବଶ୍ୟକ ପ୍ରକ୍ରିୟା ଓ ଅଭିଯାନ, ବିହନର ବ୍ୟବସାୟ ପାଇଁ ଉଦ୍ୟମ ଏବଂ ଆହ୍ୱାନ ସମ୍ପର୍କରେ ଆଲୋଚନା ହେଇଥିଲା। 'ଶ୍ରୀ ଅର୍ଣ୍ଣ ଯୋଜନା'ର କର୍ମକର୍ତ୍ତା ସୁଶାନ୍ତ ଚୌଧୁରୀ, ଦେଶୀ ବିହନ ସୁରକ୍ଷା ମଞ୍ଚ ଓଡ଼ିଶାର ଆବାହକ ସରୋଜ ଓ ୱାସନ୍‌ର ଜୟନ୍ତ ଉପସ୍ଥିତ ବିହନ ଉତ୍ପାଦକ, ସଂରକ୍ଷକ, ବିହନ ବ୍ୟାଙ୍କର କର୍ମକର୍ତ୍ତା ମାନଙ୍କ ସହ ବ୍ୟାପକ ଚର୍ଚ୍ଚା କରିଥିଲେ। ସ୍ୱାମୀନାଥନ ସଂସ୍ଥା ତରଫରୁ ଏକ ଅଧ୍ୟୟନରେ ଜଣାପଡ଼ିଛି ଯେ, ସର୍ବଭାରତୀୟସ୍ତରରେ ରହିଥିବା ମୋଟ ୪୦୦ଟି ବିହନ ବ୍ୟାଙ୍କ ଭିତରୁ ଓଡ଼ିଶାରେ ୩୫୦ଟି ରହିଛି। ଯେଉଁମାନେ ପ୍ରତିବର୍ଷ ହଜାର ହଜାର ଚାଷୀଙ୍କୁ ବିହନ ଯୋଗାଉଛନ୍ତି। କିନ୍ତୁ ଏଇ ଅନୌପଚାରିକ ରୂପେ ବିହନ ଉତ୍ପାଦନ ଓ ବଣ୍ଟନକୁ ନେଇ ଚାଲିଥିବା ପ୍ରକ୍ରିୟାକୁ ମଜବୁତ କରିବାଲାଗି ସରକାରୀ ମାନ୍ୟତା, ସହଯୋଗ, ଭିତ୍ତିଭୂମିର ସୁବିଧା ମିଳିଲେ ଏବଂ ବିଶ୍ୱବିଦ୍ୟାଳୟ ତଥା ବୈଜ୍ଞାନିକମାନଙ୍କ ତରଫରୁ



ସହଯୋଗ ମିଳିଲେ, ରାଜ୍ୟରେ ରହିଥିବା ଗୁଣାତ୍ମକ ବିହନର ଅଭାବ ଅନେକାଂଶରେ ଦୂର ହେଇପାରନ୍ତା ବୋଲି ବରଗଡ଼ ଜିଲ୍ଲାର 'ଅହିଂସା ବିହନ ବ୍ୟାଙ୍କ' କର୍ମକର୍ତ୍ତା ରଜନୀ ସାହୁ, ଆଦିବାସୀ ବିହନ ବ୍ୟାଙ୍କ, ପଦ୍ମପୁରର ଶାଖା ନେଟି, ସୁନ୍ଦରଗଡ଼ ଧରୁଆଡ଼ିହି ବିହନ ବ୍ୟାଙ୍କ୍‌ର ସୁରଥ କିସାନ, ବରଗଡ଼ ସଦରର ମାହେଶ୍ୱରୀ ବିହନ ବ୍ୟାଙ୍କ୍‌ର ହୃଷିକେଶ ପ୍ରଧାନ, ଝାରସୁଗୁଡ଼ା ଜିଲ୍ଲାର ନାରାୟଣୀ ବିହନ ବ୍ୟାଙ୍କ୍‌ର ଗୀତାଞ୍ଜଳି ନାୟକ ଓ ପ୍ରମଞ୍ଜିନୀ ଛତ୍ରିଆ, ପଡ଼ିଆବାହାଲ ଅଞ୍ଚଳର ବିହନ ସଂରକ୍ଷକ ସନ୍ତୋଷ ଧାରୁଆ ପ୍ରମୁଖ ମତବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମରେ ଦେଶୀ ବିହନ ଉତ୍ପାଦକ, ସଂରକ୍ଷକ, ଚାଷୀ ଉତ୍ପାଦକ ଦଳଗୁଡ଼ିକ ତରଫରୁ ସଦାନନ୍ଦ ସାହୁ, ରବୀନ୍ଦ୍ର ପଣ୍ଡା, ସୁରୁସୁତା ସାହୁ, ତପସ୍ୱିନୀ ସାହୁ ଧନେଶ୍ୱର ସାହୁ, ପହିଲି ପୁଟେଲ, ଦେବାର୍ଚ୍ଚନ ସେଠ, ଧରଣୀ ସାହୁ, ଭୋଜରାଜ ସାହୁ, କୌତୁକ ଭୁଏ, ଦେବେନ୍ଦ୍ର ସାହୁ, ବିସର୍ଗ ସାହୁଙ୍କ ସହ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ଦେବଗଡ଼ ଓ କେନ୍ଦୁଝର ଜିଲ୍ଲାର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ୪୪ ଦିନିଆ 'ଶ୍ରମ ନୁହେଁ, ଶିକ୍ଷା ଚାହୁଁ' ଅଭିଯାନ

ସମ୍ବଲପୁର, ୨।୬ (ସମିସ): ଶିଶୁ ଶ୍ରମିକ ବିରୋଧୀ ଅଭିଯାନ (କ୍ୟାମ୍ପେନ୍ ଏଗେନ୍‌ଷ୍ଟ ଚାଇଲ୍ଡ ଲେବର୍ ବା ସିଏସିଏଲ୍) ଓଡ଼ିଶା ଶାଖା ପକ୍ଷରୁ 'ଆଦର୍ଶ' ଜିଲ୍ଲା ସଂଯୋଜକଙ୍କ ସଂଯୋଜନାରେ ୪୪ ଦିନିଆ 'ଶ୍ରମ ନୁହେଁ, ଶିକ୍ଷା ଚାହୁଁ' ଅଭିଯାନ ଜିଲ୍ଲାର ବିଭିନ୍ନ ଗ୍ରାମରେ ଆୟୋଜନ କରାଯାଇଛି। ଗାଁମାନଙ୍କରେ ସଭା କରି ଶିଶୁ ଶ୍ରମିକକୁ ବିରୋଧ କରିବା, ଡ୍ରପ୍ ଆଉଟ୍ ଛାତ୍ରଛାତ୍ରୀ ମାନଙ୍କୁ ଖୋଜି ସ୍କୁଲକୁ ପଠାଇବା, ବାଳିକା ଶିକ୍ଷାକୁ ଗୁରୁତ୍ୱ ଦେବା ଆଦି ବିଷୟକୁ ପ୍ରାଧାନ୍ୟ ଦିଆଯାଇଛି। ସମ୍ବଲପୁର ଜିଲ୍ଲାର ଯୁଯୋମୁରା ବ୍ଲକ ପାଇଁ ପ୍ରଦୀପ ପ୍ରଧାନ, ମାନେଶ୍ୱର ବ୍ଲକ ପାଇଁ ଚଞ୍ଚଳ ପଧାନ, ପୁଷ୍ପାଞ୍ଜଳି ବାରିକ,



ଅନିମା ବାଗ, ରେଢ଼ାଖୋଲ ପାଇଁ ସଙ୍ଗୀତା ପଧାନ, କୁଚିଣ୍ଡା ପାଇଁ ଦୌପଦୀ କିସାନ, ଜମନକିରା ପାଇଁ ଚିତ୍ତରଞ୍ଜନ ପଧାନ, ଧନକଉଡ଼ା ପାଇଁ ସୁଜାତା ପଣ୍ଡା, ନାକଟିଦେଉଳ ପାଇଁ ପାଞ୍ଚାଳି ବେହେରା, ବାମରା ପାଇଁ ସୁବୋଧ ଖର୍ସେଲ, ରେଙ୍ଗାଲି ପାଇଁ ଲକ୍ଷ୍ୟହୀରା ସାହୁଙ୍କୁ ବ୍ଲକରେ କାର୍ଯ୍ୟକ୍ରମ ସଂଯୋଜନା ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ସିଏସିଏଲ୍ ପକ୍ଷରୁ ଉକ୍ତ ୪୪ ଦିବସୀୟ 'ଶ୍ରମ ନୁହେଁ, ଶିକ୍ଷା ଚାହୁଁ' ରାଜ୍ୟର ସମସ୍ତ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି। ସମ୍ବଲପୁର ଜିଲ୍ଲାରେ ଉମାଶଙ୍କର ଜେନା ସଂଯୋଜକ ଭାବରେ କାମ କରୁଛନ୍ତି।

**● ୯ଏକ୍ସଏମ୍‌ର 'ଇଣ୍ଡିଆ ଟ୍ୟାଲେଣ୍ଟ ଫାଇଟ୍ ସିଜନ-୭**

## ଚମକିଲେ ମିମିକ୍ରି ଆର୍ଟିଷ୍ଟ ରାଜକିଶୋର କୁଲୁ

କୁଚିଣ୍ଡା, ୨।୬(ସମିସ): ସ୍ୱପ୍ନ ଦେଖିବା ପାଇଁ ବଡ଼ ସହରର ଆବଶ୍ୟକତା ନାହିଁ, ଦରକାର କେବଳ ପ୍ରତିଭା, ଅଧ୍ୟବସାୟ ଓ ଅଦମ୍ୟ ଇଚ୍ଛାଶକ୍ତି। ଏହାକୁ ସତ୍ୟ ପ୍ରମାଣିତ କରିଛନ୍ତି ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ବାଉରୀଡିହି ଗ୍ରାମର ଯୁବ ମିମିକ୍ରି କଳାକାର ରାଜ କିଶୋର କୁଲୁ। ନିଜର ଅସାଧାରଣ ଭଏସ୍ ମିମିକ୍ରି ପ୍ରତିଭା ବଳରେ ସେ ୯ଏକ୍ସଏମ୍ ଚ୍ୟାନେଲର ଲୋକପ୍ରିୟ ରିଅଲିଟି ଶୋ'ଇଣ୍ଡିଆ ଟ୍ୟାଲେଣ୍ଟ ଫାଇଟ୍ ସିଜନ୭'ରେ ସ୍ଥାନ ହାସଲ କରି ପ୍ରଥମ ଦୁଇଟି ପର୍ଯ୍ୟାୟ ସଫଳତାର ସହ ଅତିକ୍ରମ କରି ତୃତୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ବାଉରୀଡିହି ଗ୍ରାମର ଦୂତୀଆ କୁଲୁ ଓ ଅହଲ୍ୟା କୁଲୁଙ୍କ ପୁଅ ରାଜ କିଶୋର ଛୋଟବେଳୁ ବିଭିନ୍ନ ଚଳଚ୍ଚିତ୍ର ଅଭିନେତା ଓ ଜନପ୍ରିୟ ବ୍ୟକ୍ତିତ୍ୱଙ୍କ ସ୍ୱରକୁ ହୁବହୁ ନକଲ କରିବାରେ ବିଶେଷ ଆଗ୍ରହୀ ଥିଲେ। ସ୍କୁଲ କାର୍ଯ୍ୟକ୍ରମ, ଗ୍ରାମ୍ୟ ମଞ୍ଚ ଏବଂ ସ୍ଥାନୀୟ ସାଂସ୍କୃତିକ ଉତ୍ସବଗୁଡ଼ିକରେ ନିଜର ମିମିକ୍ରି କଳା ପ୍ରଦର୍ଶନ କରି ଦର୍ଶକଙ୍କ ମନ ଜିତିଆସୁଥିଲେ। ରାଜ କିଶୋର ଗ୍ରାମରେ ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପରେ କୁଲୁଟା ଉଚ୍ଚ ବିଦ୍ୟାଳୟରେ ପାଠ ପଢ଼ିଥିଲେ। ପରବର୍ତ୍ତୀ ସମୟରେ ବିରବିରାରେ ଯୁକ୍ତ ଦୁଇ ଶିକ୍ଷା ଗ୍ରହଣ କରି ଖୋର୍ଦ୍ଧାସ୍ଥିତ ଟଓରଞ୍ଜ ରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ଅଧ୍ୟୟନ କରିଥିଲେ। ଉଚ୍ଚ ଶିକ୍ଷିତ ହୋଇଥିଲେ ମଧ୍ୟ ଚାକିରିର ସୁଯୋଗ ନ ମିଳିବାରୁ ସେ ବର୍ତ୍ତମାନ ନିଜ ପିତାମାତାଙ୍କ ସହ ଗାଁରେ ରହି ଚାଷ କାର୍ଯ୍ୟରେ ସହଯୋଗ କରୁଛନ୍ତି। ତେବେ ଶିକ୍ଷା ଓ ଜୀବିକାର ବ୍ୟସ୍ତତା ମଧ୍ୟରେ ମଧ୍ୟ ମିମିକ୍ରି ପ୍ରତି ତାଙ୍କ ଭଲପାଇବା କେବେ କମିନଥିଲା। ପ୍ରତିଭା ଥିଲେ ମଧ୍ୟ ଏକ ବଡ଼ ମଞ୍ଚରେ ନିଜକୁ ପ୍ରମାଣ କରିବାର ସୁଯୋଗ ତାଙ୍କୁ ମିଳୁନଥିଲା। ଆର୍ଥିକ ଓ ସାମାଜିକ ସୀମାବଦ୍ଧତା ମଧ୍ୟରେ ସେ ନିରନ୍ତର ଅଭ୍ୟାସ ଜାରି ରଖିଥିଲେ। ୯ଏକ୍ସଏମ୍ ଚ୍ୟାନେଲରେ ପ୍ରସାରିତ 'ଇଣ୍ଡିଆ ଟ୍ୟାଲେଣ୍ଟ ଫାଇଟ୍ ସିଜନ୭' ଏକ ଜାତୀୟସ୍ତରର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ। ପ୍ରତିଯୋଗିତାରେ ଅଡିସନ୍ ଦେଇଥିବା ରାଜ କିଶୋର ତାଙ୍କ ଅଭିନବ ଭଏସ୍ ମିମିକ୍ରି ଓ ହାସ୍ୟରସିକ ଉପସ୍ଥାପନା ମାଧ୍ୟମରେ ବିଚାରକ ଓ ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ଫଳସ୍ୱରୂପ ସେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ସଫଳ ହୋଇ ତୃତୀୟ ପର୍ଯ୍ୟାୟ ପାଇଁ ଚୟନିତ ହୋଇଛନ୍ତି। ଜଣେ ଗ୍ରାମୀଣ ଯୁବକ ଜାତୀୟ ଟେଲିଭିଜନ ମଞ୍ଚରେ ନିଜ ପ୍ରତିଭାର ଛାପ ଛାଡ଼ିବା ପରେ ବିଭିନ୍ନ ମହଲରୁ ତାଙ୍କ ପାଇଁ ଶୁଭେଚ୍ଛା ଓ ପ୍ରଶଂସାର ସୁଅ ଛୁଟିଛି।




## ତ୍ରିଦିବସୀୟ ରୁଦ୍ର ଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

ଜମନକିରା, ୨।୬(ସମିସ): ଖରସଲମାଲ ପଞ୍ଚାୟତ ଖଇରମାଲ ଗୋସେଇଁ ପାହାଡରେ ଥିବା ମଠେଶ୍ୱର ବାବାଙ୍କ ଧାମରେ ଗତବର୍ଷ ଠାରୁ ବିଶ୍ୱ କଲ୍ୟାଣ ପାଇଁ ମହାରୁଦ୍ର ଯଜ୍ଞ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ଯଜ୍ଞ କାର୍ଯ୍ୟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଥିଲେ। ଆସନ୍ତା ୨୨ରୁ ୨୪ପର୍ଯ୍ୟନ୍ତ ୩ ଦିନ ଧରି ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହେବ। ବୈଠକରେ ଉପସ୍ଥିତ ସଦସ୍ୟ ସଭାପତିତ୍ୱ ବାବା ଉମାକାନ୍ତ ପୋପନ(ରାରେଖାଧାମ ଝାଡ଼ଖଣ୍ଡ)ପୀଠର ପୂଜାରୀ ନରେନ୍ଦ୍ର ପଧାନ, ମାନଭଞ୍ଜନ ମେହେର, ପ୍ରଦୀପ ବେହେରା, ନରେଶ ବେହେରା, ସୁଶାନ୍ତ ପଧାନ, ସୁରେନ୍ଦ୍ର ସାହୁ, କୃଷ୍ଣ ମଟାରୀ, ସରୋଜ କୁମାର ଭିତିରିଆ, ଗୁରୁଦେବ ମିର୍ଦ୍ଧା, ସୁମନ୍ତ ପଧାନ, ମନୋଜ ପଧାନ, ନିରଞ୍ଜନ ମିର୍ଦ୍ଧା, କୁଶ ପଧାନ ସହ ଗ୍ରାମର ସମସ୍ତ ମହିଳା ସଦସ୍ୟମାନେ ମଧ୍ୟ ଯୋଗ ଦେଇ ଥିଲେ। ୧୮ ତାରିଖ ଗୁରୁବାର ଅଙ୍କୁରା ରୋପଣ, ୨୨ ତାରିଖ କଳସ ଯାତ୍ରା, ସୂର୍ଯ୍ୟପୂଜା, ଆବାହନ ପୂଜା, ଅଗ୍ନୀ ସ୍ଥାପନ, ଯୁପ ସ୍ନାନ, ଦେବ ପୂଜନ, ଶିବଙ୍କ ଉପଚାରଣ, ବିସ୍ତାରିତ ହୋମ, ଆରତୀ, ପୁଷ୍ପାଞ୍ଜଳୀ ସହ ପୂର୍ଣ୍ଣାହୁତି ହେବ।

# ଆରାଇଭାଲ୍ ପ୍ଲାଜାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ





ସମ୍ବଲପୁର, ୨।୬(ସମିସ)

କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟଟନର ବିକାଶ ସକାଶେ ସମ୍ବଲପୁରକୁ ପ୍ରାଧାନ୍ୟ ଦିଆଯାଉଛି। ସମ୍ବଲପୁର ତଥା ଆଖପାଖ ଅଞ୍ଚଳକୁ ନେଇ ଏକ ପର୍ଯ୍ୟଟନ୍ ହବ୍‌ର ପରିକଳ୍ପନା କରାଯାଇଛି। ହୀରାକୁଦ ଡ୍ୟାମ୍‌ଠାରେ ଏକ ବିଶାଳ ଆରାଇଭାଲ୍ ପ୍ଲାଜା ନିର୍ମାଣ କରାଯାଉଛି। ଏହି ପ୍ଲାଜାରେ ସପିଂ କମ୍ପ୍ଲେକ୍ସ, ଫୁଡ୍ ପ୍ଲାଜା, ବିଶ୍ରାମ ସ୍ଥଳ, ପାର୍କିଂ ଓ ପାରଂପରିକ ସମ୍ବଲପୁରୀ ବୟନଶିଳ୍ପର ସ୍ୱତନ୍ତ୍ର ଆଉଟ୍‌ଲେଟ୍ ଆଦି ରହିବ। ସମ୍ବଲପୁର ଗସ୍ତରେ ଆସିଥିବା ରାଜ୍ୟ ପର୍ଯ୍ୟଟନ ବିଭାଗ ଆୟୁକ୍ତ ତଥା ସଚିବ ବଲୱନ୍ତ ସିଂହ ଆଜି ଆରାଇଭାଲ୍ ପ୍ଲାଜାର ନିର୍ମାଣ କାର୍ଯ୍ୟ ତଦାରଖ କରିବାସହ ଏହାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ସିଂହ ଡେମ ମ୍ୟୁଜିଅମ୍ ସ୍ଥଳ ମଧ୍ୟ ଦେଖିଥିଲେ। ଏହି ସମୟରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ, ଓଟିଡିସି ଟେକ୍‌ନିକାଲ୍ ଟିମ୍ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ୱାଟର୍ ସିମ୍ଫୋନୀ ପାଇଁ ଜାଗା ଚିହ୍ନଟ**

ଆଜି ସକାଳେ ପର୍ଯ୍ୟଟନ ସଚିବ ଶ୍ରୀ ସିଂହ ବିଭିନ୍ନ ପର୍ଯ୍ୟଟନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କ୍ରମରେ ବୁଢ଼ାରଜା ପାହାଡ଼କୁ ଯାଇ ସେଠାକାର ସୌନ୍ଦର୍ଯ୍ୟକରଣ ଓ ବିକାଶ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ସେଠାରେ ଏକ ମୁଖ୍ୟ ପ୍ରବେଶ ଦ୍ୱାର କରିବାସହ ସୁରକ୍ଷା କର୍ମୀ ନିୟୋଜିତ କରିବା, ସ୍ୱଚ୍ଛ ପରିମଳ ବ୍ୟବସ୍ଥା, ପର୍ଯ୍ୟଟକଙ୍କ ସୁବିଧା ନେଇ ଜିଲ୍ଲାପାଳ ଓ ବନଖଣ୍ଡ ଅଧିକାରୀଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ କହିଛନ୍ତି। ଏଥିସକାଶେ ଆବଶ୍ୟକ ପାଣ୍ଠି ପର୍ଯ୍ୟଟନ ବିଭାଗ ଯୋଗାଇଦେବ ବୋଲି ଜଣାପଡ଼ିଛି। ଏହାପରେ ସଚିବ ଶ୍ରୀ ସିଂହ ସ୍ଥଳ ପରିଦର୍ଶନ କରି ହୀରାକୁଦ ଷ୍ଟେସନ ସମ୍ମୁଖରେ ରହିଥିବା ଜଳରାଶିରେ ୱାଟର୍ ସିମ୍ଫୋନୀ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ସମୟରେ ଜିଲ୍ଲାପାଳଙ୍କ ସମେତ ଓଟିଡିସି ଆର୍କିଟେକ୍ଟ, ରାଜସ୍ୱ ବିଭାଗୀୟ ଅଧିକାରୀ, ପ୍ରକଳ୍ପ ଦିଆଯାଇଥିବା ସଂସ୍ଥାର ଟେକ୍‌ନିକାଲ ଟିମ୍ ତଥା ବିଶେଷଜ୍ଞ ମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ସରକାରଙ୍କଠାରୁ ମଞ୍ଜୁର ହୋଇଥିବା ୧୦୦ କୋଟି ଟଙ୍କାର ପ୍ରକଳ୍ପ ମଧ୍ୟରେ ଆରାଇଭାଲ୍ ପ୍ଲାଜା, ଡେମ୍ ମ୍ୟୁଜିୟମ୍ ଓ ୱଟର୍ ସିମ୍ଫୋନୀ ଅନ୍ତର୍ଭୁକ୍ତ। ଏହାପରେ ସଚିବ ଶ୍ରୀ ସିଂହ ଆରାଇଭାଲ୍ ପ୍ଲାଜା ସ୍ଥଳ ପରିଦର୍ଶନ ପରେ ଜବାହର ପାର୍କ ସ୍ଥିତି ଅନୁଧ୍ୟାନ କରିଥିଲେ। ପାର୍କକୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରିବା ସହ ୱାକିଂ ପାଥ୍, ଯୋଗାସନ ଆଦି ବିକଶିତ କରିବାପାଇଁ ସେ ପରାମର୍ଶ ଦେଇଥିଲେ।

ସଚିବ ଶ୍ରୀ ସିଂହ ସମ୍ବଲପୁରୀ କଳା ଓ ସଂସ୍କୃତିକୁ ନେଇ ଶିଳ୍ପୀ ଗ୍ରାମ କର୍ଡୋଲା ପରିଦର୍ଶନ କରିଥିଲେ। ପ୍ରକଳ୍ପର ଅଗ୍ରଗତି ଦେଖିବାସହ ସରପଞ୍ଚ ଓ ଗ୍ରାମବାସୀଙ୍କ ସହ ପର୍ଯ୍ୟଟକଙ୍କ ଆସିବା ତଥା ଆର୍ଥିକ ଉନ୍ନତି ନେଇ ଆଲୋଚନା କରିଥିଲେ। ଏହାପରେ ସେ ଅପରାହ୍ଣରେ ବରଗଡ଼ ଅଭିମୁଖେ ଯାତ୍ରା କରିଥିଲେ। ସୂଚନାଯୋଗ୍ୟ ଯେ, ଗତକାଲି ସଚିବ ଲକ୍ଷ୍ମୀନାଥ ବେଜବରୁଆ ବାସଭବନ, ଭିକ୍ଟୋରିଆ ଟାଉନ୍ ହଲ୍, ବୀର ସୁରେନ୍ଦ୍ର ସାଏ ମ୍ୟୁଜିୟମ, ରାଜା ବଖ୍‌ରୀ, ସମଲେଶ୍ୱରୀ ପ୍ରକଳ୍ପ ଆଦି ସମ୍ବଲପୁରର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଆସନ୍ତାକାଲି ୩ ତାରିଖ ସକାଳେ ପର୍ଯ୍ୟଟନ ସଚିବ ରେଢ଼ାଖୋଲ ଭୀମମଣ୍ଡଳୀ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରି ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି।

# ମହୁଲ ପୋଚ ଜବତ; ଜଣେ ଗିରଫ

ଅମ୍ବାଭୋନା, ୨।୬(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଇଚ୍ଛାପୁର ଜଙ୍ଗଲ ଅଞ୍ଚଳରେ ଅମ୍ବାଭୋନା ପୁଲିସ ପକ୍ଷରୁ ବଡ଼ ଧରଣର ଚଢ଼ଉ କରାଯାଇଛି। ଚଢ଼ଉ ସମୟରେ ପ୍ରାୟ ୭୦ ଲିଟର ରନ୍ଧା ମଦ, ପ୍ରାୟ ୪୦୦ ଲିଟର ମହୁଲ ପୋଚ, ଗୋଟିଏ ମୋବାଇଲ ଫୋନ ଏବଂ ନଗଦ ୩, ୨୦୦ ଟଙ୍କା ଜବତ କରାଯାଇଛି। ଏହି ଘଟଣାରେ ଇଚ୍ଛାପୁର ଗ୍ରାମର ରତିରାମ ସାଙ୍କ ପୁତ୍ର ସୁକାଲୁ ସା (୩୫)କୁ ପୁଲିସ ଗିରଫ କରିଛି।

# ଦହିତା ଅଞ୍ଚଳରେ ବିଜୁଳି କାଟ ସହ ପାନୀୟ ଜଳ ସଂକଟ

ପଦ୍ମପୁର, ୨।୬(ସମିସ): ପଦ୍ମପୁର ଦହିତା ଅଞ୍ଚଳର ବିଭିନ୍ନ ଗ୍ରାମରେ ଘନଘନ ବିଜୁଳି କାଟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହେଇ ପଡ଼ିଛି। ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ଯୋଗୁଁ ଲୋକେ ଘରେ କିମ୍ବା ବାହାରେ ରହି ପାରୁନାହାନ୍ତି। ଏହା ସତ୍ତ୍ୱେ ବିଜୁଳି କାଟ ଯୋଗୁଁ ଲୋକେ ତ୍ରାହିତ୍ରାହି ଡାକୁଛନ୍ତି। ବିଦ୍ୟୁତ୍ କାଟ୍‌କୁ ନେଇ ଅସନ୍ତୋଷ ବୃଦ୍ଧି ପାଇଛି। ଅନ୍ୟପଟେ ପାନୀୟ ଜଳସଂକଟ ମଧ୍ୟ ସମସ୍ୟାକୁ ଆହୁରି ୨-ଗୁଣିତ କରିଛି। ଗ୍ରାମାଞ୍ଚଳକୁ ଯୋଗାଣ ହେଉଥିବା ଗଭୀର ନଳକୂପର ପାଣି ତଳକୁ ପସି ଯାଉଥିବାରୁ ଲୋକଙ୍କୁ ପାର୍ଯ୍ୟାପ୍ତ ପାଣି ମିଳୁପାରୁ ନାହିଁ। ପଞ୍ଚାୟତ ପକ୍ଷରୁ ଲୋକଙ୍କୁ ଟ୍ୟାଙ୍କର ଯୋଗୁଁ ପାନୀୟ ଜଳ ଯୋଗାଣ ହେଉ ନ ଥିବା ଅଭିଯୋଗ ହୋଇଛି। ପାନୀୟ ଜଳ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧୀକାରୀ ଏବଂ ପାନୀୟ ଜଳ ସମସ୍ୟାର ଦୂରୀକରଣ ପାଇଁ ବ୍ଲକ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# କଲେଜ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଅତାବିରା, ୨।୬(ସମିସ): ଅତାବିରା କଲେଜର ୨ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଯୁବରାଜ ଭୁଏ ଓ ରବି ବାଗଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ସରୋଜ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ମଦନ ମେହେର, ଅଧ୍ୟାପକ ବଳରାମ ପ୍ରଧାନ, ଅଧ୍ୟାପକ ଦିଲୀପ ବହିଦାର, ଅରୁଣ ତ୍ରିପାଠୀ, ମାନଭଞ୍ଜନ ପ୍ରଧାନ, ଯତିନ ପ୍ରଧାନ, ଆଶୁତୋଷ ପରିଚ୍ଛା, ନିତେଶ ସ୍ୱାଇଁ, ବିଭୁତି ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

● ଚଳିତ ଶିକ୍ଷାବର୍ଷରୁ କେନ୍ଦ୍ରୀୟ ବିଦ୍ୟାଳୟରେ ପାଠପଢ଼ା

# ରାଜବୋଡାସମ୍ବର ହାଇସ୍କୁଲରେ ଚାଲିବ ଆସ୍ଥାୟୀ କ୍ୟାମ୍ପସ

ପଦ୍ମପୁର, ୨।୬(ସମିସ): ପଦ୍ମପୁର ଅଞ୍ଚଳବାସୀଙ୍କ ବହୁଦିନ ପ୍ରତୀକ୍ଷା ଓ ଦାବି ପୂରଣ ହେବାକୁ ଯାଉଛି। ଚଳିତ ଶିକ୍ଷାବର୍ଷରୁ ହିଁ ପଦ୍ମପୁରରେ ପ୍ରସ୍ଥାବିତ କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷାଦାନ ପ୍ରକୀୟା ଆରମ୍ଭ ହେବାକୁ ନେଇ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଛି। ପ୍ରଥମ ବର୍ଷରେ ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ା ଆରମ୍ଭ ହେବ ବୋଲି ଜଣାପଡ଼ିଛି। ବରଗଡ଼ ଜିଲ୍ଲାପାଳ ସମେତ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ନବନିଯୁକ୍ତ ଡେପୁଟି କମିଶନର ସର୍ଦ୍ଦାର ସିଂ ଚୌହାନଙ୍କ ନେତୃତ୍ୱରେ ନୂଆଦିଲ୍ଲୀରୁ ଆସିଥିବା କେନ୍ଦ୍ରୀୟ ପ୍ରତିନିଧି ଦଳ ପଦ୍ମପୁର ଗସ୍ତ କରି ନବନିର୍ମିତ ଅସ୍ଥାୟୀ କ୍ୟାମ୍ପସର ସ୍ଥିତି ଅନୁଧ୍ୟାନ କରିଛନ୍ତି।ଭାରତ ସରକାରଙ୍କ ଦ୍ୱାରା ପଦ୍ମପୁର ପାଇଁ ପୂର୍ବରୁ ମଞ୍ଜୁର ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟ ଲାଗି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଦ୍ୱାରା ପଦ୍ମପୁର ଅନ୍ତର୍ଗତ କନସିଂଘା ଓ ଗୌଡପାଲି ମୌଜା ଠାରେ ୮ ଏକର ସରକାରୀ ଜମି ଯୋଗାଇ ଦିଆଯାଇଛି। ଏହି ସ୍ଥାୟୀ ଜମି ବର୍ତ୍ତମାନ ଚୂଡାନ୍ତ ଅନୁମୋଦନ ପର୍ଯ୍ୟାୟରେ ରହିଛି। ଆସନ୍ତା ଦୁଇ ବର୍ଷ ଭିତରେ ଏଠାରେ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ସମ୍ପନ୍ନ ଏକ ସ୍ମାର୍ଟ ବିଲ୍ଡିଂ ଶେଷ କରିବାକୁ ଲକ୍ଷ ଧାର୍ଯ୍ୟ କରାଯାଇଛି। ଅସ୍ଥାୟୀ କ୍ୟାମ୍ପସର କାମ ଶୀଘ୍ର ଶେଷ କରିବା ପାଇଁ ଦିନ ରାତି କାମ ଚାଲିଛି।

# ଜଳସେବା କେନ୍ଦ୍ର ଶ୍ରମିକଙ୍କୁ ଦୈନିକ ୪୬୨ ଟଙ୍କା ମଜୁରୀ ପ୍ରଦାନ ଦାବି

ଝାରବନ୍ଧ, ୨।୬(ସମିସ): ଝାରବନ୍ଧ ବ୍ଲକର ବିଭିନ୍ନ ଜଳସେବା କେନ୍ଦ୍ରରେ ପାନୀୟ ଜଳବଣ୍ଟନ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ସରକାରୀ ନିର୍ଦ୍ଧାରିତ ଦୈନିକ ମଜୁରୀ ୪୬୨ ଟଙ୍କା ପ୍ରଦାନ କରିବା ଦାବିରେ ସେମାନେ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ଶ୍ରମିକମାନେ ଦାବିପତ୍ର ପ୍ରଦାନ କରି ନ୍ୟାୟସଙ୍ଗତ ପାରିଶ୍ରମିକ ଦେବାକୁ ଅନୁରୋଧ କରିଛନ୍ତି।ଅଭିଯୋଗ ଅନୁଯାୟୀ, ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ଗ୍ରାମାଞ୍ଚଳରେ ଲୋକମାନଙ୍କୁ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ପାଇଁ ସେମାନେ ନିୟମିତ ଭାବେ କାର୍ଯ୍ୟ କରୁଛନ୍ତି। ସରକାରଙ୍କ ଦୈନିକ ମଜୁରୀ ହାର ଅନୁଯାୟୀ ୪୬୨ ଟଙ୍କା ପ୍ରଦାନ କରିବାକୁ ସେମାନେ ଦାବି ଉଠାଇଛନ୍ତି।ଜଳ ସେବାକେନ୍ଦ୍ର ମାଧ୍ୟମରେ ପ୍ରତିଦିନ ଶହଶହ ଲୋକଙ୍କୁ ପାନୀୟ ଜଳ ବଣ୍ଟନ କରାଯାଉଥିବା ବେଳେ ସେମାନଙ୍କ ଶ୍ରମର ଉପଯୁକ୍ତ ମୂଲ୍ୟାୟନ ହେଉନାହିଁ। ସେମାନଙ୍କ ଦାବିକୁ ଗୁରୁତ୍ୱର ସହ ବିଚାର କରି ଶୀଘ୍ର ମଜୁରୀ ପ୍ରଦାନ ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଛି। ଅନ୍ୟପଟେ ସମସ୍ତ ଶ୍ରମିକଙ୍କ ବୀମା କରିବା ପାଇଁ ଦାବି ହେଉଛି।

# ରମାକାନ୍ତ ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବରଗଡ଼, ୨।୬(ସମିସ): ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗର ବିଭାଗୀୟ ମୁଖ୍ୟ ରାଧାକାନ୍ତ ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷା ନନ୍ଦିନୀ ନିରୋଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ପୁଷ୍ପାଞ୍ଜଳି ପ୍ରଧାନ ପ୍ରାକ୍ ଭାଷଣ ଦେଇଥିଲେ। ଡ. ଗାୟତ୍ରୀ ମିଶ୍ର, ଅଧ୍ୟାପିକା ମୌସୁମୀ ଲିଜା ନାୟକ, ଅନୁପମା ଚାନ୍ଦ, ରେଖା ନାୟକ ଅଧ୍ୟାପକ ବିଶ୍ୱଜିତ୍ ସାହୁ, ଡ. ସଂଘମିତ୍ରା ମିଶ୍ର ପ୍ରମୁଖ ସହକର୍ମୀ ଉପସ୍ଥିତ ଥିଲେ।

# ହତ୍ୟା ମାମଲାରେ ୩ ଜଣଙ୍କୁ ଆଜୀବନ ଜେଲ

ପଦ୍ମପୁର, ୨।୬(ସମିସ): ବିଜେପୁର ଥାନା କେସ୍ ନଂ୨୦୧/୨୦୧୮ ସମ୍ବନ୍ଧୀୟ ବହୁଚର୍ଚ୍ଚିତ ହତ୍ୟା ମାମଲାରେ ପଦ୍ମପୁର ଅତିରିକ୍ତ ଜିଲ୍ଲା ଓ ଦୌରା ବିଚାରପତି ତିନି ଅଭିଯୁକ୍ତ ମିତ୍ରଭାନୁ ଗୁରୁ, ପରିତୋଷ ବାଙ୍କ ଓ କେଦାର ମେହେରଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଶ୍ରମ କାରାଦଣ୍ଡ ଓ ୨୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୧୮ ଡିସେମ୍ବର ୫ ତାରିଖ ରାତିରେ ବୈରଖପାଲି ଗ୍ରାମର କ୍ଷିରୋଦ୍ର ମେହେରଙ୍କ ଘରେ ଅଭିଯୁକ୍ତମାନେ ପଶି ଆକ୍ରମଣ କରିଥିଲେ। ଆକ୍ରମଣରେ କ୍ଷିରୋଦ୍ରଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ କ୍ଷିରୋଦ୍ର ଓ ତାଙ୍କର ଦୁଇ ପୁଅ ଆହତ ହୋଇଥିଲେ। ମାମଲାରେ ୨୫ ଜଣ ସାକ୍ଷୀଙ୍କ ସାକ୍ଷ୍ୟ, ୨୯ଟି ଦଲିଲ ଓ ୧୩ଟି ବସ୍ତୁଗତ ପ୍ରମାଣକୁ ଆଧାର କରି ଅଦାଲତ ରାୟ ପ୍ରଦାନ କରିଛନ୍ତି। ମାମଲାର ତଦନ୍ତ ନିର୍ମଳ କୁମାର ମହାପାତ୍ର, ରାଜେନ୍ଦ୍ର ସିଆଲ ଓ ସୁନୀଲ କୁଜୁର କରିଥିବା ବେଳେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ହରେଶ କୁମାର ସୁନାନୀ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

ଗୋଡ଼ଭଗା-ବିନକା ରାସ୍ତା ପ୍ରଶସ୍ତୀକରଣ

# ଥଇଥାନ, ବିକଳ୍ପ ବ୍ୟବସ୍ଥା କରିବାକୁ ତହସିଲଦାରଙ୍କୁ ଦାବିପତ୍ର

ଅତାବିରା, ୨।୬(ସମିସ)



ପୂର୍ତ୍ତ ବିଭାଗ ପକ୍ଷରୁ ଗୋଡଭଗା-ବିନକା ରାଜ୍ୟ ରାଜପଥ ନମ୍ବର୍-୫୪ ପ୍ରଶସ୍ତିକରଣ ଆରମ୍ଭ ହୋଇଛି। ଗୋଡଭଗା ଛକରୁ ପେଟ୍ରୋଲ ପମ୍ପ ପଟକୁ କେନାଲ ସଂଲଗ୍ନ ସରକାରୀ ଜାଗାରେ ଶତାଧିକ ଦେକାନ ବଜାର ଓ ଦିନମଜୁରିଆ ବର୍ଗରେ ଲୋକମାନେ ଦୀର୍ଘ ୪ ଦଶନ୍ଧି ଧରି ରହି ଆସୁଛନ୍ତି। ରାସ୍ତା ପ୍ରଶସ୍ତିକରଣ ପାଇଁ ଗତ ସୋମବାର ଦିନ ପ୍ରଶାସନ ପକ୍ଷରୁ ୪ ତାରିଖ ମଧ୍ୟରେ ଖାଲି କରିବାକୁ ସମ୍ପୃକ୍ତ ପ୍ରଭାବିତ ବସ୍ତିବାସିନ୍ଦା ଓ ଦୋକାନୀଙ୍କୁ ନୋଟିସ ଆବଣ୍ଟନ କରାଯାଇଛି। ଯାଜହାକୁ ନେଇ ଉଚ୍ଛେଦରେ ପ୍ରଭାବିତ ବସ୍ତିବାସିନ୍ଦା ଓ ଦୋକାନୀମାନେ ଦୁଇଟି ଭିନ୍ନ ଭିନ୍ନ ଦାବିପତ୍ର ତହସିଲଦାର ସାହିଲ ସାହୁଙ୍କୁ ପ୍ରଦାନ କରିଛନ୍ତି। ପ୍ରଥମେ କେନାଲ ସଂଲଗ୍ନ ବସ୍ତି ବାସିନ୍ଦା ଆପତ୍ତି ଜଣାଇଥିଲେ ଯେ, ମଜୁରିଆ ଭାବରେ କାମ କରି ନିଜ ପରିବାର ସହ ବସବାସ କରି ଆସୁଥିବା ବେଳେ ଥଇଥାନ ପାଇଁ ଗତ ସେପ୍ଟେମ୍ବର ୧୧ ତାରିଖ ତତ୍କାଳୀନ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସେହି ମାସ ୧୫ ତାରିଖ ଦାବି ପତ୍ର ପ୍ରଦାନ କରିଥିଲେ। ଶ୍ରୀ ପୂଜାରୀ ତହସିଲଦାରଙ୍କୁ ସଠିକ ସର୍ଭେ କରି ତାଙ୍କର ଉଚିତ ଥଇଥାନ ଲାଗି ଆଦେଶ ଦେଇଥିଲେ। ୮ ମାସ ବିତି ଯାଇଥିଲେ ସୁଦ୍ଧା ଥଇଥାନ ହୋଇ ନଥିବା ବେଳେ ସୋମବାର ଜବରଦଖଲ ୪ ତାରିଖ ମଧ୍ୟରେ ଖାଲି କରିବାକୁ ତହସିଲଦାର, ଅତାବିରାଙ୍କ ପକ୍ଷରୁ ନୋଟିସ ଜାରି ହୋଇଛି। ଏତେ ଖରାରେ ଛୋଟ ଶିଶୁ, ବୃଦ୍ଧ ବୃଦ୍ଧା, ପରିବାରଙ୍କୁ କେଉଁଠାକୁ ଯିବୁ ବୋଲି ପ୍ରଭାବିତ ବସ୍ତିବାସିନ୍ଦା ତହସିଲଦାରଙ୍କ ଠାରେ ଗୁହାରି କରିଛନ୍ତି। ଦୋକାନୀମାନେ ଦାବି କରିଛନ୍ତି ଯେ, ରାସ୍ତାର ଉଭୟପାର୍ଶ୍ୱରେ ରହିଥିବା ସରକାରୀ ଜମିର ସୀମାକୁ ସଠିକ ଭାବେ ଚିହ୍ନଟ କଲେ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ଜମି ଚିହ୍ନଟ କଲେ ଦୋକାନୀରେ ସ୍ୱତଃପୂର୍ତ୍ତ ଭାବେ ଦୋକାନ ଭାଂଗି ପ୍ରଶାସନକୁ ସହଯୋଗ କରିବେ। କିଛି ଜାଗା ବଳି ଗଲେ ଏତେ ସଂଖ୍ୟକ ଦୋକାନୀଙ୍କ ପରିବାର ଗୁଜୁରାଣ ମେଣ୍ଟାଇ ହେବାକୁ ସହଯୋଗ ଲୋଡିଥିଲେ।ଦୀର୍ଘଦିନ ଧରି ବ୍ୟବସାୟ ଓ ରହିଆସୁଥିବା ମଜୁରିଆଙ୍କ ପାଇଁ ଥଇଥାନ, ବିକଳ୍ପ ବନ୍ଦୋବସ୍ତ କରିବାକୁ ଦାବି ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ମା'ମାହେଶ୍ୱରୀ ସେନାର କୁବେର ମହାକୁର, ବୃନ୍ଦାବନ ମେହେର, କୃପାସିନ୍ଧୁ ଭୁଏ, ରମେଶ ଅଗ୍ରୱାଲ, ସନ୍ତୋଷ ସାହୁ, ରାଜେଶ ପଣ୍ଡା, ସୁବାଷ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

# କାଲସିୟମ୍ କାର୍ବାଇଡ୍ ବ୍ୟବହାର ଉପରେ ନାହିଁ ଅଙ୍କୁଶ

ପଦ୍ମପୁର, ୨।୬(ସମିସ): ବଜାରରେ ବିକ୍ରି ହେଉଥିବା ଫଳ ବିଭିନ୍ନ ପ୍ରକାରର ରୋଗ ପାଲଟିଛି।କାରଣ ଫଳ କୁ ପଚାଇବାପାଇଁ ଯେଉଁ କ୍ୟାଲସିୟମ କାର୍ବାଇଡ୍ ବ୍ୟବହାର ହେଉଛି ତାହା ବିଭିନ୍ନ ପ୍ରକାର ରୋଗ ସୃଷ୍ଟି ହେଉଛି। ବିଶେଷ କରି କର୍କଟ ରୋଗ ସୃଷ୍ଟି ହେଉଥିବା ବିଶେଷଜ୍ଞଙ୍କ ମତ ରହିଛି।ଏହି କ୍ଷତି କାରକ ଦ୍ରବ୍ୟ ଉପରେ କଟକଣା ରହିଥିଲେ ବି ଅସାଧୁ ବ୍ୟବସାୟୀ ମନଇଚ୍ଛା ବ୍ୟବହାର କରୁଛନ୍ତି।ପ୍ରଶାସନ କିମ୍ବା ଖାଦ୍ୟଯାଞ୍ଚ ନିରୀକ୍ଷକ ଯାଞ୍ଚ କରୁ ନାହାନ୍ତି କି ଏହାରି ଉପରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ନାହିଁ। ଯାହାର ଫାଇଦା ଉଠାଉଛନ୍ତି ବ୍ୟବସାୟୀ।ଗ୍ରୀଷ୍ମ ଦିନରେ ସବୁ ପ୍ରକାରର ଫଳ ବଜାରରେ ଉପଲବ୍ଧ ହେଉଛି। ଆମ୍ବ, ଲିଚୁ, କଦଳୀ, ସପେଟା, ଅମୃତଭଣ୍ଡା ଆଦି ଅସମୟରେ ପଚାଇବା ପାଇଁ ପ୍ରଚୁର ମାତ୍ରାରେ କାର୍ବାଇଡ୍ ବ୍ୟବହାର ହୋଇ ବିକ୍ରି ହେଉଛି।ଅସମୟରେ ପଚାଯାଉଥିବାରୁ ଫଳରେ ସ୍ୱାଦ ରହୁନାହିଁ। ତେବେ ଖାଦ୍ୟ ସୁରକ୍ଷା ଓ ମାନକ ନିୟମ ଅନୁସାରେ ଫଳରେ କାର୍ବାଇଡ୍ ଓ ରାସାୟନିକ ବ୍ୟବହାରକୁ ବାରଣ କରାଯାଇଛି।୨୦୧୧ଖାଦ୍ୟ ସୁରକ୍ଷା ନିୟମ ଅନୁସାରେ କାର୍ବାଇଡ୍‌କୁ ଖାଦ୍ୟରେ ବ୍ୟବହାର କଲେ ଅଭିଯୁକ୍ତଙ୍କୁ ୬ମାସ ପର୍ଯ୍ୟନ୍ତ ଜେଲ ହୋଇପାରେ ବୋଲି ସଚେତନତା କରାଯାଇଛି। ହେଲେ ଏହି ନିୟମକୁ କୌଣସି ବ୍ୟବସାୟୀ ଆଦୌ ଗୁରୁତ୍ୱ ଦେଉନାହାନ୍ତି। ଯାହା ଫଳରେ ଯିଏ ଯେତେ ପାରୁଛନ୍ତି କାର୍ବାଇଡ୍ ବ୍ୟବହାର କରି ଲୋକଙ୍କ ଜୀବନ ସହିତ ଖେଳିଚାଲିଛନ୍ତି।ଏସମ୍ପର୍କରେ ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ ଖୁବ ଶୀଘ୍ର ବ୍ୟବସାୟୀଙ୍କୁ ସଚେତନତା କରାଯିବ ବୋଲି କହିଛନ୍ତି।

# ବରିଷ୍ଠ ନାଗରିକଙ୍କୁ ସାକ୍ଷାତକାର ଅଭିଯାନ



ବରଗଡ଼, ୨।୬(ସମିସ): ବରଗଡ଼ ସୁପ୍ରିୟା ମାର୍ଗ ଦିନବନ୍ଧୁ ନଗରସ୍ଥିତ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି କେଦାର ମିଶ୍ରଙ୍କ ଧର୍ମପତ୍ନୀ ମାଧୁରୀ ମିଶ୍ର ନିକଟରେ ଜଟିଳ ହୃଦସମସ୍ୟା ଜନିତ ଅସୁସ୍ଥତାରୁ ଆରୋଗ୍ୟ ହୋଇ ଘରକୁ ଆସିଥିବାରୁ ତାଙ୍କର ସୁସ୍ଥ ଦୀର୍ଘ ଜୀବନ କାମନା କରି ମଙ୍ଗଳବାର ଦିନ ବରିଷ୍ଠ ନାଗରିକ ସଂଘ ସଦସ୍ୟମାନେ ତାଙ୍କ ବାସଭବନରେ ସାକ୍ଷାତ କରିଥିଲେ। ଏଥି ସହିତ ଏକାଶୀ ବର୍ଷୀୟ ପୂର୍ବତନ କାଉନସିଲର ଗିରିଶ ମିଶ୍ର ଚକ୍ଷୁ ରୋଗରୁମୁକ୍ତ ହୋଇ ଘରକୁ ଫେରି ଥିବାରୁ ତାଙ୍କ ଦୀର୍ଘ ଜୀବନ କାମନା କରି ସାକ୍ଷାତ କରିଥିଲେ।ସାକ୍ଷାତ ଅଭିଯାନରେ ସଂଘର ସଭାପତି କେଦାର ମିଶ୍ର, ଉପସଭାପତି ନିର୍ମଳ କିଶୋର କର, ସମ୍ପାଦକ ଗୋବିନ୍ଦ ଦାଶ, ସଂଗଠନ ସମ୍ପାଦକ ଯୋଗେଶ ଚନ୍ଦ୍ର ଦାଶ, ଉପଦେଷ୍ଟା ଭାରତ ଭୂଷଣ ଦାଶ, ସର୍ଦାର ପ୍ରିତମ ସିଂହ, ପ୍ରଶନ୍ନ ପ୍ରଧାନ, ଦେବୀ ପଟ୍ଟନାୟକ, ପଞ୍ଚାନନ ପଣ୍ଡା, ଆନନ୍ଦ ପ୍ରଧାନ, ସ୍ୱାଧୀନ ମହାରଣା, ଓ ତୁଳସୀ ଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ରାତିରେ ବୁଲୁଥିବା ବ୍ୟକ୍ତିଙ୍କୁ ଉଦ୍ଧାର କଲା ପୁଲିସ



ଝାରବନ୍ଧ, ୨।୬(ସମିସ): ମାନବିକତାର ପରିଚୟ ଦେଇ ଜଗଦଳପୁର ପୁଲିସ ରାତିରେ ରାସ୍ତାରେ ବୁଲୁଥିବା ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରି ସୁରକ୍ଷିତ ଭାବେ ତାଙ୍କ ପରିବାର ନିକଟରେ ପହଞ୍ଚାଇ ଦେଇଛି।ସୂଚନା ଅନୁଯାୟୀ, ସରେଇକେଲା ଅଞ୍ଚଳର କିଛି ସ୍ଥାନୀୟ ଲୋକ ରାତ୍ରି ସମୟରେ ଜଣେ ବ୍ୟକ୍ତିଙ୍କୁ ଉଦ୍ଦେଶ୍ୟହୀନ ଭାବେ ବୁଲୁଥିବା ଦେଖି ଜରୁରୀକାଳୀନ ସେବା ୧୧୨କୁ ଫୋନ କରି ସୂଚନା ଦେଇଥିଲେ। ଖବର ପାଇ ଜଗଦଳପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ଦିଗାଲ ଙ୍କ ତତ୍ତ୍ୱାବଧାନ ରେ ପୋଲିସ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲେ।ପରେ ପୁଲିସ ତାଙ୍କ ପରିଚୟ ଯାଞ୍ଚ କରିବାରୁ ସେ ପଲସେନଗ୍ରାମର ଜିତୁ ସେଠ ବୋଲି ଜଣାପଡ଼ିଥିଲା। ପଚରାଉଚରା ପରେ ପୁଲିସ ତାଙ୍କ ପରିବାର ସହ ଯୋଗାଯୋଗ କରି ସୁରକ୍ଷିତ ଭାବେ ଘରକୁ ପଠାଇଥିବାରୁ ସୂଚନା ମିଳିଛି।

# ଆଦର୍ଶ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ଅତାବିରା, ୨।୬(ସମିସ): ଝିଲିମିଣ୍ଡା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଧର୍ମରାଜ ପ୍ରଧାନଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ଶିଶିର ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ



ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ମୁଖ୍ୟ ବକ୍ତା ଭାବେ ଜାଣ୍ଡୋଲ ଉଚ୍ଚ ବିଦ୍ୟାଳୟର ସେବାନିବୃତ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଝିଲିମିଣ୍ଡା ସରପଞ୍ଚ ପୂଜା କୁମ୍ଭାର, ଶିକ୍ଷାବିତ୍ ବାଳଗୋବିନ୍ଦ ବାବୁ, ପରିଚାଳନା କମିଟିର ସଭାପତି କଷ୍ଟ ସାହୁ, ଭୂତପୂର୍ବ ସରପଞ୍ଚ ମକରଧ୍ୱଜ ଭୋଇ, ଜିଲ୍ଲା ଜୁନିଅର ରେଡ୍‌କ୍ରସ୍ ଅଫିସର ହେମନ୍ତ ସାମଲ, ଜିଲ୍ଲା ସ୍କାଉଟ୍ ଟ୍ରେନିଂ କମିଶନର ମନୋଜ ସାହୁ, ଜିଲ୍ଲା ସ୍କାଉଟ୍ ଅର୍ଗାନାଇଜିଂ କମିଶନର ସୁଦର୍ଶନ ମହାକୁର, ପୂର୍ବତନ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ମନୋଜ ସାହୁ, ଜିଲ୍ଲା ଜୁନିଅର ରେଡ୍‌କ୍ରସ୍ର ବରିଷ୍ଠ ସାଧନ କର୍ମୀ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦ୍ୱାଦଶ ପ୍ରଧାନ, ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଭିମସାର ୟୁରୋଲୋଜି ବିଭାଗର ପ୍ରଫେସର ଡାକ୍ତର ସଞ୍ଜୟ ମହାପାତ୍ର, କାଦୋବାହାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ଯେଶ୍ୱାଲ, ଲସ୍ତଲା ନୋଡାଲ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବୈଲୋଚନ ପ୍ରଧାନ ଏବଂ ପୂର୍ବତନ ହିନ୍ଦୀ ଶିକ୍ଷକ ଦୟାନିଧି ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ନିରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ତହସିଲଦାରଙ୍କୁ ଜର୍ଣ୍ଣାଲିଷ୍ଟ ଆସୋସିଏସନର ସ୍ମାରକପତ୍ର



ଝାରବନ୍ଧ, ୨।୬(ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକର ସାମ୍ବାଦିକ ମୁକୁନ୍ଦ ଷଡଙ୍ଗୀଙ୍କୁ ଖବର ପ୍ରକାଶ ପରେ ହତ୍ୟା ଧମକ ଦିଆଯାଇଛି। ଏହାକୁ ନେଇ ଜର୍ଣ୍ଣାଲିଷ୍ଟ ଏସୋସିଏସନ, ଝାରବନ୍ଧ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଝାରବନ୍ଧ ତହସିଲଦାର ଅଲେଖ ଘୁଟାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଭାପତି ମୋତିଲାଲ ବାଗ, ସମ୍ପାଦକ ସୋମନାଥ ବାଗ, ସାମ୍ବାଦିକ ସୌଦାଗର ବରିହା, ନାରାୟଣ ଶତନାମୀ, ବାସନ୍ତୀ ପାଇକ ପ୍ରମୁଖ ଉପସ୍ଥିତ ଥିଲେ।

# ଶାଢିର ଆତ୍ମଲିପି ଓ ଅନ୍ୟାନ୍ୟ କବିତାର ଲୋକାର୍ପଣ



ବରଗଡ଼, ୨।୬(ସମିସ): ସ୍ଥାନୀୟ ଶ୍ରୀ ମହାଲକ୍ଷ୍ମୀ ମନ୍ଦିରରେ କବୟିତ୍ରୀ ଡକ୍ଟର ସଙ୍ଗୀତା ରଥଙ୍କ ନୂତନ କବିତା ପୁସ୍ତକ ଶାଢିର ଆତ୍ମଲିପି ଓ ଅନ୍ୟାନ୍ୟ କବିତା ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ରଜେଶ୍ୱରୀ ଦାଶ, ବୀଣାପାଣି ଆଚାର୍ଯ୍ୟ, ସନ୍ତୋଷିନୀ ଦାଶ, ଗୀତା ଉଦ୍‌ଘାତା, ସୁପ୍ରଭା ସାମଲ, ରୋଜାଲିନ ମିଶ୍ର, ହୈମବତୀ ମିଶ୍ର, ସୁପ୍ରୀତା ଦାଶ, ନିବେଦିତା ମିଶ୍ର, ଦ୍ୟୁତି ସାହୁ, ଝିମି ଆଚାର୍ଯ୍ୟ, ନନ୍ଦିନୀ ପଧାନ, ପ୍ରଶାନ୍ତି ପଣ୍ଡା, ପ୍ରେମଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନନ୍ଦକିଶୋର ଦାଶ, ଦିବ୍ୟକିଶୋର ଦେବତା, ସୁକୋମଳ ଦାଶ, ବିଜୟ କିଶୋର ମିଶ୍ର, ବିକ୍ରମାଦିତ୍ୟ ପଣ୍ଡା ଓ ସୁନୀଲ ପତି ପ୍ରମୁଖ ସହଯୋଗ କରିଥିଲେ।

# ବରଗଡ଼ ଜିଲ୍ଲା କ୍ରସର ମାଲିକ ସଂଘ ପୁନର୍ଗଠିତ



ବରଗଡ଼, ୨।୬(ସମିସ): ବରଗଡ଼ସ୍ଥିତ ଏକ ହୋଟେଲରେ ବରଗଡ଼ ଜିଲ୍ଲା କ୍ରସର ମାଲିକ ସଙ୍ଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ୍ୟ ଭାବରେ ମୁକୁନ୍ଦ ରଥ, ସଭାପତି ଭାବେ ତୋଷବନ୍ତ ସାହୁ (କୁନୁ), ଉପ ସଭାପତି ଭାବେ ଶେଷଦେବ ମେହେର, ସମ୍ପାଦକ ଭାବେ ଅଶ୍ୱିନୀ ତ୍ରିପାଠୀ, ସହ ସମ୍ପାଦକ ଭାବେ ଜିତେନ ସାହୁ, କୋଷାଧ୍ୟକ୍ଷ ଭାବେ ରାହୁଲ ଅଗ୍ରୱାଲ ଚୟନ ହୋଇଛନ୍ତି।

# ନିଷ୍ଠା ପରିବାର ପକ୍ଷରୁ ଅଜଣା ଶବ ସତ୍କାର

ବରଗଡ଼, ୨।୬(ସମିସ): ବରଗଡ଼ସ୍ଥିତ ବ୍ରହ୍ମଚାରୀର ଏକ ପୋଖରୀରେ ଜଣେ ଯୁବକ ବୟସ ପ୍ରାୟ ୪୦ବର୍ଷର ଗଳିତ ମୃତଦେହ ଭାସୁଥିବା ଖବର ପାଇଥିଲେ ବରଗଡ଼ ଟାଉନ ଥାନା ପୁଲିସ। ଟାଉନ ଥାନା ପୁଲିସ ଶବକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ କରିବା ପରେ ବରଗଡ଼ ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଶବ ସଂରକ୍ଷଣ ଗୃହ ରେ ରଖାଯାଇଥିଲା।ପୁଲିସର ବହୁ ଚେଷ୍ଟା ପରେ ବି ତାଙ୍କର କୌଣସି ପରିଚୟ ନ ମିଳିବାରୁ ଟାଉନ ଥାନା ବରଗଡ଼ ନିଷ୍ଠା ପରିବାରକୁ ଶବ ସତ୍କାର ପାଇଁ ଲିଖିତ ଅନୁମତି ପତ୍ର ପ୍ରଦାନ ପରେ ନିଷ୍ଠା ପରିବାର ପକ୍ଷରୁ ଅଜଣା ଯୁବକଙ୍କ ଶବ ସତ୍କାର କରାଯାଇଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ବରଗଡ଼ର ଡେପୁଟୀ କଲେକ୍ଟର ତଶକ ରାଜ ଭିତ୍ରିଆ, ଟାଉନ ଥାନା ଏଏସଆଇ ଚିନ୍ମୟ ରାଉଳ, ମହିଳା କନେଷ୍ଟେବଳ କୁମୋଦିନୀ ଦାଶ ଉପସ୍ଥିତ ଥିଲେ।ନିଷ୍ଠା ପରିବାରର ସଂଯୋଜକ ମାନସ ମେହେର ଓ ଶୁଭ୍ରାଂଶୁ ସରାଫ ଶବ ସତ୍କାର କରିଥଲେ।

# କୃଷି କାର୍ଯ୍ୟାଳୟରେ ପାନୀୟ ଜଳ ସମସ୍ୟା

ଝାରବନ୍ଧ, ୨।୬(ସମିସ)



ଝାରବନ୍ଧ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜନସାଧାରଣ ଓ ଚାଷୀମାନଙ୍କ ପାଇଁ ପାନୀୟ ଜଳର ସୁବିଧା ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। କାର୍ଯ୍ୟାଳୟ ପରିସରରେ ଥିବା ନଳକୂଅ ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଛି।ପ୍ରତିଦିନ ବିଭିନ୍ନ କୃଷି ସମ୍ପର୍କିତ କାର୍ଯ୍ୟ, ଆବେଦନ ଓ ପରାମର୍ଶ ପାଇଁ ବହୁ ସଂଖ୍ୟାରେ ଚାଷୀ କାର୍ଯ୍ୟାଳୟକୁ ଆସୁଥାନ୍ତି। ବର୍ତ୍ତମାନର ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଖରାରେ ପିଇବା ପାଣିର ସୁବିଧା ନ ଥିବାରୁ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ଚାଷୀମାନେ ପାଣି ପାଇଁ ଏଣେତେଣେ ବୁଲିବାକୁ ବାଧ ହେଉଥିବା କହିଛନ୍ତି।ସ୍ଥାନୀୟ ଲୋକ ଓ ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, କାର୍ଯ୍ୟାଳୟ ପରିସରରେ ଥିବା ନଳକୂଅ ଦୀର୍ଘ ସମୟ ଧରି ଅଚଳ ହୋଇ ରହିଥିଲେ ମଧ୍ୟ ଏହାର ମରାମତି କିମ୍ବା ବିକଳ୍ପ ପାନୀୟ ଜଳ ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି।ଚାଷୀ ଓ ଜନସାଧାରଣ ତୁରନ୍ତ ଅଚଳ ନଳକୂଅର ମରାମତି କରିବା ସହ କାର୍ଯ୍ୟାଳୟ ପରିସରରେ ସ୍ଥାୟୀ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

# ବରଗଡ଼ରେ ଆଧୁନିକ ସାର୍ବଜନୀନ ପୁସ୍ତକାଳୟ ସ୍ଥାପନ ଦାବି



ବରଗଡ଼, ୨।୬(ସମିସ): ବରଗଡ଼ ଜିଲ୍ଲାର ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଉନ୍ନତି ଓ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଉତ୍ତମ ପାଠନ ପରିବେଶ ସୃଷ୍ଟି ଉଦ୍ଦେଶ୍ୟରେ ଏନଏସ୍‌ୟୁଆଇ ପକ୍ଷରୁ ବରଗଡ଼ ଲୋକସଭା କ୍ଷେତ୍ରର ସାଂସଦ ପ୍ରଦୀପ ପୁରୋହିତଙ୍କୁ ତାଙ୍କ ପ୍ରତିନିଧି ବରିଷ୍ଠ ଆଇନଜୀବୀ ଲିପ୍ସିତ ମିଶ୍ରଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ ବରଗଡ଼ ବର୍ତ୍ତମାନ ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ଶିକ୍ଷା କେନ୍ଦ୍ର ଭାବେ ପରିଣତ ହୋଇଥିବା ବେଳେ ପଡ଼ୋଶୀ ଜିଲ୍ଲା ଓ ଗ୍ରାମାଞ୍ଚଳରୁ ମଧ୍ୟ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏଠାକୁ ଅଧ୍ୟୟନ ପାଇଁ ଆସୁଛନ୍ତି। କିନ୍ତୁ ଆର୍ଥିକ ଭାବେ ଦୁର୍ବଳ ଓ ମଧ୍ୟବିତ୍ତ ପରିବାରର ଅନେକ ଛାତ୍ରଛାତ୍ରୀ ବେସରକାରୀ ଲାଇବ୍ରେରୀର ସୁବିଧା ନେବାରେ ଅସମର୍ଥ ହେଉଛନ୍ତି। ବର୍ତ୍ତମାନର ସାର୍ବଜନୀନ ପୁସ୍ତକାଳୟର ଭିତ୍ତିଭୂମି ଓ ସୁବିଧା ମଧ୍ୟ ପର୍ଯ୍ୟାପ୍ତ ନୁହେଁ। ଏହି ପରିପ୍ରେକ୍ଷୀରେ ବରଗଡ଼ରେ ଏକ ବୃହତ, ଆଧୁନିକ ଓ ସର୍ବସୁବିଧା ସମ୍ପନ୍ନ ସାର୍ବଜନୀନ ପୁସ୍ତକାଳୟ ସ୍ଥାପନ, ଅଧ୍ୟୟନ ପୁସ୍ତକ ଓ ପ୍ରତିଯୋଗିତାମୂଳକ ପରୀକ୍ଷା ସାମଗ୍ରୀ ଉପଲବ୍ଧ କରାଇବା, ୱାଇ-ଫାଇ, କମ୍ପ୍ୟୁଟର ଓ ଇ-ଲାଇବ୍ରେରୀ ଭଳି ଡିଜିଟାଲ ସୁବିଧା ପ୍ରଦାନ କରିବା ସହ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ସୁଗମ ଓ ଅନ୍ତର୍ଭୁକ୍ତିମୂଳକ ପାଠନ ପରିବେଶ ସୃଷ୍ଟି କରିବାକୁ ଦାବି କରାଯାଇଛି। ଏନଏସ୍‌ୟୁଆଇ ପକ୍ଷରୁ କୁହାଯାଇଛି ଯେ ଏକ ଆଧୁନିକ ପୁସ୍ତକାଳୟ ବରଗଡ଼ର ଶିକ୍ଷା କ୍ଷେତ୍ରକୁ ଅଧିକ ସଶକ୍ତ କରିବା ସହ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଉପକୃତ କରିବ।

# ଶ୍ରେୟନେବାକୁ ଲୋକାର୍ପିତ ପ୍ରକଳ୍ପକୁ ପୁଣି ଉନ୍ମୋଚନ : ଦୀପାଳି



ଝାରସୁଗୁଡ଼ା,୨।୬(ସମିସ): ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଦ୍ୱାରା ସୋମବାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନକୁ ନେଇ ବିବାଦ ଦେଖିବାକୁ ମିଳିଛି। ଉଦ୍‌ଘାଟନ କରାଯାଇଥିବା ପ୍ରକଳ୍ପ ଗୁଡ଼ିକରେ ୨୦୨୫ ଡିସେମ୍ବର ୨୦ ତାରିଖ ରହିଥିବାବେଳେ ରାଜ୍ୟ ପୂର୍ତ୍ତ ଓ ନିର୍ମାଣ ବିଭାଗ ପକ୍ଷରୁ ନିର୍ମିତ ମଧ୍ୟ ହୋଇ ସାରିଥିବା ଏବଂ ପୂର୍ବରୁ ଲୋକାର୍ପିତ ପ୍ରକଳ୍ପଗୁଡ଼ିକୁ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ପୁନର୍ବାର ଶନିବାର ଉନ୍ମୋଚନ କରିଛନ୍ତି। ଏହା ଝାରସୁଗୁଡ଼ାର ଜନସାଧାରଣଙ୍କ ସହିତ ଏହା ପ୍ରତାରଣା ବୋଲି ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ କହିଛନ୍ତି। ଏହା ଝାରସୁଗୁଡ଼ାର ଜନସାଧାରଣଙ୍କ ସହ ସିଧାସଳଖ ଧୋକାବାଜି ଓ ପ୍ରତାରଣା ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ; ସୋମବାର ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଦ୍ୱାରା କୋଲାବିରା ବ୍ଲକର ବିଭିନ୍ନ ରାସ୍ତା ତଥା ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକ ଉଦ୍‌ଘାଟିତ ହୋଇଥିଲା। ଦିପାଳୀ ଦାସ କହିଛନ୍ତି ୨୦୨୫ ଡିସେମ୍ବର ୨୦ ତାରିଖରେ ଏହି ପ୍ରକଳ୍ପ ଗୁଡ଼ିକ ଲୋକାର୍ପିତ ହୋଇସାରିଥିବା ଫଳକରେ ଉଲ୍ଲେଖ ରହିଛି।

ବିଗତ ଦୁଇବର୍ଷ ମଧ୍ୟରେ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ କୌଣସି ନୂତନ ଜନମଙ୍ଗଳକାରୀ ପ୍ରକଳ୍ପ କିମ୍ବା ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଯେଉଁ ସବୁ କାର୍ଯ୍ୟ ପୂର୍ବରୁ ରାଜ୍ୟ ପୂର୍ତ୍ତ ଓ ନିର୍ମାଣ ବିଭାଗ ପକ୍ଷରୁ ସମ୍ପନ୍ନ ହୋଇସାରିଛି, ତାହାକୁ ହିଁ ନିଜର ବୋଲି ଦେଖାଇ ବିଧାୟକ ବାହାବା ନେବାକୁ ଚେଷ୍ଟା କରୁଛନ୍ତି। ପୂର୍ବରୁ ଲୋକାର୍ପିତ ପ୍ରକଳ୍ପକୁ ପୁଣିଥରେ ଉନ୍ମୋଚନ କରି ଜନସାଧାରଣଙ୍କ ଟିକସ ଟଙ୍କାରେ ଆଡ଼ମ୍ବରପୂର୍ଣ୍ଣ ଉତ୍ସବ ପାଳନ କରିବା ଝାରସୁଗୁଡ଼ା ବିଧାୟକଙ୍କ ଏକ ରାଜନୈତିକ ଦେଖାଣିଆ ବୃତ୍ତିରେ ପରିଣତ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଏଭଳି ଭ୍ରମାତ୍ମକ କାର୍ଯ୍ୟକଳାପର ଜବାବ ଝାରସୁଗୁଡ଼ାବାସୀ ନିଶ୍ଚୟ ଦେବେ ବୋଲି ଦୀପାଳି ଦାସ କହିଛନ୍ତି।

## ଶ୍ରମିକଙ୍କୁ ଶୋଷଣ କରୁଛନ୍ତି ଠିକା କମ୍ପାନୀ

# ଦାବିପୂରଣ ନ ହେଲେ ୭ରୁ ଆମରଣ ଅନଶନ

ଇବଥର୍ମାଲ,୨।୬(ସମିସ)

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଖୋଲାମୁହଁ କୋଇଲା ଖଣିରେ କାର୍ଯ୍ୟରତ ବିଭିନ୍ନ ଠିକା କମ୍ପାନୀଦ୍ୱାରା ଶୋଷଣର ଶିକାର ହେଉଛନ୍ତି ଶ୍ରମିକମାନେ । ଏପରି ଅଭିଯୋଗ ନେଇ ଆଜି ବନ୍ଧବାହାଲରେ ଶ୍ରମିକମାନେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରି ଲଖନପୁର ଖଣି କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶ୍ରମିକ ମାନେ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ସେମାନଙ୍କୁ ଏଚ୍‌ପିସି ଦରମା ପ୍ରଦାନ କରାଯାଉ ନାହିଁ। ଯେଉଁ ଶ୍ରମିକଙ୍କ ଦରମା ୩୦ ରୁ ୪୫ ହଜାର ଟଙ୍କା ଯାଏଁ ହେବା କଥା ସେମାନଙ୍କୁ ୧୩ରୁ ୧୮ ହଜାର ଟଙ୍କା ଦରମା ଦେଇ ବାକିତକ ଲୁଟ୍ କରାଯାଉଛି। ଏଥିସହ ଦୁଇବର୍ଷ ଲେଖାଏଁ କାମ କରି ସାରିଥିଲେ ହେଁ କମ୍ପାନୀ ପରିଚୟପ୍ରତ୍ର ପ୍ରଦାନ କରୁନାହିଁ। ଏପରିକି ମେଡିକାଲ କାର୍ଡ, ଭିଟି ଟ୍ରେନିଂ, ସିଏଏମ୍‌ପିଏଫ୍ ପ୍ରଦାନ କରାଯାଉ ନ ଥିବାବେଳେ ସ୍ଥାନୀୟ ନିଯୁକ୍ତି ମଧ୍ୟ ଦିଆଯାଉ ନାହିଁ। ତେଣୁ ଆସନ୍ତା ୬ ତାରିଖ ମଧ୍ୟରେ ଏହି ସମସ୍ତ ସମସ୍ୟାର ସମାଧାନ କରା ନ ଗଲେ ୭ ତାରିଖରୁ ଶ୍ରମିକମାନେ ଲଖନପୁର ଖଣି ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ



ଅନଶନ ଆରମ୍ଭ କରିବେ ବୋଲି କଡ଼ ଚେତାବନୀ ଦେଇଛନ୍ତି।

ସୂଚନା ଯୋଗ୍ୟ; ଗତ ଫେବୃଆରୀ ୧୮ରେ ଏମ୍‌ସିଏଲ ଲଖନପୁର କୋଇଲାକ୍ଷେତ୍ର ଅଧୀନରେ କାର୍ଯ୍ୟରତ ଶ୍ରମିକ ସଂଗଠନ ପକ୍ଷରୁ ମଧ୍ୟ ସମାନ ଦାବି ରଖାଯାଇ ତଥା କାମ କରୁଥିବା ଠିକା କମ୍ପାନୀ ବିରୋଧରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ଏଥିରେ ମାର୍ଚ୍ଚ ୫ ତାରିଖ ସୁଦ୍ଧା ସମସ୍ୟାର ସମାଧାନ କରା ନ ଗଲେ ଶ୍ରମିକ ସଂଗଠନ ପକ୍ଷରୁ ଆଇଏଲବିଏଲ (ଲଖନପୁର ପ୍ରୋଜେକ୍ଟ) କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଆଇଏଲବିଏଲ ପ୍ରୋଜେକ୍ଟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଆଧାରରେ ଲଖନପୁର କୋଇଲାକ୍ଷେତ୍ର ପକ୍ଷରୁ ଠିକା କମ୍ପାନୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ଫଳରେ ଗତ ୬ ଏପ୍ରିଲରେ ଦୁଇଟି ଶ୍ରମିକ ସଂଗଠନର ବରିଷ୍ଠ ନେତୃବର୍ଗ ଆଇଏଲବିଏଲ ପ୍ରୋଜେକ୍ଟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଗତ ଏପ୍ରିଲ ୯ ତାରିଖରେ ଲଖନପୁର କୋଇଲାକ୍ଷେତ୍ର ଏରିଆ ପର୍ସନାଲ ମ୍ୟାନେଜର ପ୍ରଦୀପ କୁମାର ଶୁଣ୍ଡୀଙ୍କ ଡାକରାରେ ପ୍ରୋଜେକ୍ଟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ବୈଠକ କରାଯାଇଥିଲା। ଏହି ବୈଠକରେ ଧାରଣାରେ ବସିଥିବା ଶ୍ରମିକ ସଂଗଠନର ବରିଷ୍ଠ ନେତୃମଣ୍ଡଳୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସେତେବେଳେ ସମସ୍ୟାର ସମାଧାନ କରାଯିବ କହି ଲିଖିତ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅସଲ ଅଭିଯୋଗ ହେଲା ହଜାର ହଜାର ଶ୍ରମିକଙ୍କୁ ୩୦ ଦିନର ଦରମା ପ୍ରଦାନ କରା ନ ଯାଇ ଠିକା କମ୍ପାନୀ ୩୦ ରୁ ୪୫ ହଜାର ଦରମା ସ୍ଥାନରେ ମାତ୍ର ୧୮ ରୁ ୨୦ ହଜାର ଟଙ୍କା ଦରମା ପ୍ରଦାନ କରୁଛି। ଏହାର ସ୍ଥାୟୀ ସମାଧାନ ପାଇଁ ଠିକା ଶ୍ରମିକମାନେ ଅଣ୍ଟା ଭିଡ଼ିବା ସହ ଆଜି ଲଖନପୁର କୋଇଲା କ୍ଷେତ୍ର କାର୍ଯ୍ୟାଳୟ ଆସି ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ଏରିଆ ପର୍ସନାଲ ମ୍ୟାନେଜର ପ୍ରଦୀପ କୁମାର ଶୁଣ୍ଡୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ସଡ଼କ ଦୁର୍ଘଟଣା ବାଇକ୍ ଆରୋହୀ ମୃତ

ଦେବଗଡ଼,୨।୬(ସମିସ): ବାରକୋଟ ଥାନା ଅଧୀନ ବାହାଡାପୋଷି ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାଇ ମଙ୍ଗଳବାର ମଧ୍ୟାହ୍ନରେ ପାଲଲହଡ଼ା ପଟୁ ରାଉରକେଲା ଅଭିମୁଖେ ଯାଉଥିବା ଏକ କାର୍ ବାହାଡାପୋଷି ଗ୍ରାମରେ ରାସ୍ତା ପାରି ହେଉଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ସେହି ଗ୍ରାମର ଦୟାନିଧି ପାତ୍ର (୨୩) ରାସ୍ତା ଉପରକୁ ଛିଟିକି ପଡ଼ି ପ୍ରାଣ ହରାଇଥିଲେ। ବାରକୋଟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ିକୁ ଜବତ କରିବା ସହ ଗାଡ଼ି ଚାଳକ ପ୍ରଶାନ୍ତ ବରାଳକୁ ଥାନାରେ ଅଟକରଖି ତଦନ୍ତ ଆରମ୍ଭ କରିଛି। ସେହିପରି ମୃତଦେହକୁ ପାଲଲହଡା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇ ଥିବା ଜଣାପଡ଼ିଛି।

## ଗର୍ଭବତୀ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରି ଯୁବକ ଗିରଫ

ଦେବଗଡ଼,୨।୬(ସମିସ): କୁଣ୍ଢେଇଗୋଳା ଥାନା ଅଧୀନରେ ଜଣେ ଗର୍ଭବତୀ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ କୁଣ୍ଢେଇଗୋଳା ଥାନା ପୁଲିସ ଅଭିଯୁକ୍ତ ଡାକ୍ତର ଭୋଇକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ ଗତ ଶୁକ୍ରବାର ରାତ୍ରିରେ ଗରମ ଯୋଗୁ ପୀଡିତା



ନିଜଘର ଅଗଣାରେ ଶୋଇଥିବା ସମୟରେ ବିଳମ୍ବିତ ରାତିରେ ଅଭିଯୁକ୍ତ ଉକ୍ତ ମହିଳାଙ୍କ ଘର ଅଗଣାରେ ପସି ଦୁଷ୍କର୍ମ ଉଦ୍ୟମ କରିଥିଲେ। ପୀଡ଼ିତା ଜଣକ ଚିତ୍କାର କରିବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲା। ହେଲେ ପୀଡ଼ିତା ଅଭିଯୁକ୍ତକୁ ଚିହ୍ନି ପାରିଥିଲେ। ଏ ସମ୍ପର୍କରେ ପୀଡିତା ଶନିବାର କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କୁଣ୍ଢେଇଗୋଳା ଥାନା ପୁଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବାବେଳେ ଅଭିଯୁକ୍ତ ସେହି ଦିନଠାରୁ ଫେରାର ହୋଇଯାଇଥିଲା। ତେବେ ପୁଲିସ ଆଜି ଅଭିଯୁକ୍ତ ଡାକ୍ତର ଭୋଇକୁ ଠାବକରି ଗିରଫକରି କୋର୍ଟ ଚାଲାଣ କରିଥିଲା।

## ଶିବଶଙ୍କର ନଗର ଓ ରେହମତ୍ ନଗର ବସ୍ତି ଖାଲିକରିବାକୁ ନିର୍ଦ୍ଦେଶ

ରାଉରକେଲା,୨।୬(ସମିସ): ରାଉରକେଲାର ଷ୍ଟେସନ ନିକଟସ୍ଥ ଓଭର ବ୍ରିଜ୍ ତଳେ ଥିବା ଶିବଶଙ୍କର ନଗର ବସ୍ତି ଏବଂ ରେହମତ ନଗର ବସ୍ତି ଖାଲି କରିବାକୁ ଆଜି ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦୁଇ ଦିନ ମଧ୍ୟରେ ବସ୍ତି ଖାଲି କରିବାକୁ ଚେତାବନୀ ଦିଆଯାଇଛି। ଯଦି ଏହି ସମୟସୀମା ମଧ୍ୟରେ ସେମାନେ ବସ୍ତି ଖାଲି ନ କରିବେ, ତେବେ ବୁଲଡୋଜର ଦ୍ୱାରା ବସ୍ତି ଉଚ୍ଛେଦ କରି ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

## ବିଳମ୍ବ ହେଉଛି ଜେଏମ୍‌ଏଫସି କୋର୍ଟ ସ୍ଥାପନ

କଲମପୁର,୨।୬(ସମିସ):କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ୍ ସଦର ମହକୁମାରେ ସ୍ଥାପନ ହେବ ଜେଏମ୍‌ଏଫସି କୋର୍ଟ। ଏଥିପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜନୈକ ବ୍ୟକ୍ତି ବାର ପାଇଁ ଜମି ମଧ୍ୟ ଯୋଗାଇ ଦେଇଥିବା ବେଳେ କଲମପୁର ବ୍ଲକ୍ ପରିସରର ପୁରୁଣା ବ୍ଲକ୍ କୋଠାରେ ଶୁଭାରମ୍ଭ ହେବ ବୋଲି ସ୍ଥାନ ନିରୂପଣ କରାଯାଇଛି। କଲମପୁର ବାର ଆସୋସିଏସନର କର୍ମକର୍ତ୍ତାମାନେ ମଧ୍ୟ ନିର୍ବାଚିତ ଜନପ୍ରତିନିଧି ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ବିଜ୍ଞପ୍ତି ପ୍ରକାଶ ପାଇବାର ତିନି ମାସ ଅତିବାହିତ ହୋଇ ଗଲାଣି ହେଲେ ସ୍ଥାପନ କାର୍ଯ୍ୟର ଅଗ୍ରଗତି ହୋଇ ପାରୁନାହିଁ। ଏନେଇ କଲମପୁର ବାର ଆସୋସିଏସନର ସଭାପତି ସୁଶିଲ କୁମାର ରାଉତ ଆମେ ଅନେକ ଥର ଯାଇ ଚେଷ୍ଟା କରି ଆସୁଅଛୁ, ଆସନ୍ତା ବୁଧବାର ଦିନ ମଧ୍ୟ ଆମେ ଯାଇ ଜିଲ୍ଲା ମୁଖ୍ୟ ବିଚାରପତିଙ୍କ ସହିତ ସାକ୍ଷାତ କରି ଏବିଷୟରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲା ମୁଖ୍ୟ ବିଚାରପତିଙ୍କ ନିର୍ଦ୍ଦେଶରେ ରେଜିଷ୍ଟ୍ରାର କଲମପୁର ଗସ୍ତ କରି କୋର୍ଟ ସ୍ଥାପନ ହେବା ସ୍ଥାନର ଭିତ୍ତିଭୂମି ଦେଖି ତାଙ୍କ ପରାମର୍ଶ ଅନୁସାରେ ଘର ସଜଡା ଯିବା ପରେ କୋର୍ଟ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି। ବର୍ତ୍ତମାନ ଏହି ଅଞ୍ଚଳବାସୀ ଜୟପାଟଣା ଜେଏମ୍‌ଏଫସି କୋର୍ଟ ଉପରେ ନିର୍ଭର କରି ଆସୁଛନ୍ତି।କଲମପୁର ଠାରୁ ଜୟପାଟଣାର ଦୂରତା ୨୪କିଲୋମିଟର ରହିଥିବା ବେଳେ ସିଧାସଳଖ ଯାତ୍ରୀ ପରିବହନ ସୁବିଧା ନ ଥିବାରୁ ଲୋକେ ବିଭିନ୍ନ ପ୍ରକାରର ଅସୁବିଧା ଓ ଖର୍ଚ୍ଚାନ୍ତ ହେଉଥିଲେ। ଏବେ ଏହି ସେବା ଏଠାରେ ମିଳିବାକୁ ଯାଉଥିବାରୁ ଲୋକେ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି।

## ଭୈରବ ଦେବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ; ଲଡୁଗାଁ ଚାମ୍ପିଅନ



କୋକସରା,୨।୬(ସମିସ):କୋକସରା ବ୍ଲକ୍ ବରାଡ଼ଙ୍ଗା ପଞ୍ଚାୟତ ସିଉନୀଠାରେ ଆୟୋଜିତ "ଭୈରବ ଦେବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ' ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ମା' ମଙ୍ଗଳା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଆମପାଣି ଦଳକୁ ପରାସ୍ତ କରି ଲଡୁଗାଁ ଟିମ୍ ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଲଡୁଗାଁ ଦଳ ନିର୍ଦ୍ଧାରିତ ୧୨ ଓଭରରେ ୫ ୱିକେଟ୍ ହରାଇ ୧୭୬ ରନ କରିଥିଲା। ଜବାବରେ ଆମପାଣି ଦଳ ୭ ୱିକେଟ୍ ବିନିମୟରେ ମାତ୍ର ୧୧୩ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କୋକସରା ବ୍ଲକ୍ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟଅତିଥି, ଶିକ୍ଷକ ଭାଗ୍ୟବାନ ବାଗ ମୁଖ୍ୟବକ୍ତା ଏବଂ ଗିରିଶ ଚନ୍ଦ୍ର ସରାବୁ, ଗୁପ୍ତେଶ୍ୱର ବାଗଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରି ଉତ୍ସାହିତ କରିଥିଲେ। କ୍ଲବ୍ ସଦସ୍ୟମାନେ ସମଗ୍ର ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଚୋରି ମାମଲାରେ ୩ ଗିରଫ

ଝାରସୁଗୁଡ଼ା,୨।୬(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୁଲିସକୁ ଚୋରି ଘଟଣାରେ ସଫଳତା ମିଳିଛି। ୩ ଜଣ ଅଭିଯୁକ୍ତକୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ସୁନା, ରୁପା ଅଳଙ୍କାର, ଟିଭି, ବାଇକ୍ ଆଦିକୁ ଜବତ କରାଯାଇଛି। ସୂଚନା ଅନୁଯାୟୀ; ୧୮ ତାରିଖ ବିଳମ୍ବିତ ରାତିରେ ବ୍ରଜରାଜନଗର ଗାନ୍ଧିଛକ ଫାଣ୍ଡ ଅଧୀନ ରାଜପୁର କଣ୍ଟାପାଲି ଗ୍ରାମର ଏକ ପରିବାର ବାହାରକୁ ଯାଇଥିବାବେଳେ ଦୁର୍ବୃତ୍ତମାନେ ଘର ତାଲାଭାଙ୍ଗି ସୁନା, ରୁପା ଗହଣା, ଟିଭି ଓ ନଗଦ ଟଙ୍କା ଆଦି ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ବ୍ରଜରାଜନଗର ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାସ୍ଥଳରୁ ମିଳିଥିବା ଫିଙ୍ଗରପ୍ରିଣ୍ଟ ଓ ଅନ୍ୟାନ୍ୟ ଆଧାରରେ ତଦନ୍ତ କରାଯାଇ ତିନି ଅଭିଯୁକ୍ତକୁ ଗିରଫ କରାଯାଇଥିବା ନେଇ ମଙ୍ଗଳବାର ପୁଲିସ ତରଫରୁ ସୂଚନା ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାରସୁଗୁଡା ସଦରଥାନା ମାଲିପଡାର ସୁବୋଧ ସାହୁ(୩୪), ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଭାଲୁବାହାଲର ସଞ୍ଜୟ କେଶରୀ(୪୨) ଓ ସୁନ୍ଦରଗଡ଼ ଜିଲ୍ଲା ଧୁରୁଆଡ଼ିହି ଥାନା ଅଞ୍ଚଳର ସରୋଜ ମିଶ୍ର। ସୁବୋଧ ସାହୁ ଓ ସଞ୍ଜୟ କେଶରୀ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଅନେକ ଗୁଡିଏ ମାମଲା ରହିଛି। ଗିରଫ ଅଭିଯୁକ୍ତମାନଙ୍କ ନିକଟରୁ ପୁଲିସ ଚୋରି ସାମଗ୍ରୀ ଜବତ କରିଛି।

## ଗଉନ୍ତିଆ ପରିବାରର ବିଷ୍ଣୁପ୍ରିୟାଙ୍କ ପରଲୋକ

ଧର୍ମଗଡ଼/ଗୋଲାମୁଣ୍ଡା,୨।୬(ସମିସ): ଗୋଲାମୁଣ୍ଡା ବ୍ଲକ୍ ଖଳିଆକାନୀ ଗ୍ରାମର ବିଶିଷ୍ଟ ଗଉନ୍ତିଆ ପରିବାରର ମହିଳା ବିଷ୍ଣୁ ପ୍ରିୟା ରାଉତ (୫୫)ଙ୍କ ପରଲୋକ ହୋଇଯାଇଛି। ସୂଚନା ଅନୁଯାୟୀ, ବିଷ୍ଣୁ ପ୍ରିୟା ଦୀର୍ଘ ଦିନ ଧରି ଅସୁସ୍ଥତା କାରଣରୁ ଶଯ୍ୟାଶାୟୀ ହୋଇ ରହିଥିଲେ। ମଙ୍ଗଳବାର ତାଙ୍କ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗ ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଜ୍ୟେଷ୍ଠ ପୁତ୍ର ସଦାଶିବ ରାଉତ ମୁଖାଗ୍ନି ଦେଇଥିଲେ। ଅନ୍ତିମ ସଂସ୍କାର ସମୟରେ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



## ଶିଶୁମଙ୍ଗଳ କମିଟିର ଅଧ୍ୟକ୍ଷା ଭାବେ ଦାୟିତ୍ୱ ନେଲେ ସୁଷମା



ଦେବଗଡ଼,୨।୬(ସମିସ): ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ମହିଳା ଓ ଶିଶୁବିଭାଗର ବିଜ୍ଞପ୍ତି ଅନୁଯାଇ ଶିଶୁ ମଙ୍ଗଳ କମିଟି ନୂତନ ଅଧ୍ୟକ୍ଷା ଭାବେ ସୁଷମା ମଞ୍ଜରି ମହାପାତ୍ର ଯୋଗ ଦେଇଛନ୍ତି। ସେହିପରି ଶିଶୁ ମଙ୍ଗଳ କମିଟିର ସଦସ୍ୟ ଭାବେ ଯତୀନ୍ଦ୍ର ମୋହନ ନାୟକ, ନିର୍ଜନା ମାହାର, ସୁମିତ୍ରା ପୁରୋହିତ ଓ ଗାୟତ୍ରୀ ଦ୍ୱିବେଦୀ ଯୋଗ ଦେଇଛନ୍ତି। ଆଜି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଉପସ୍ଥିତିରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ଓ ସଦସ୍ୟମାନେ ଜିଲ୍ଲାପାଳ କବୀନ୍ଦ୍ର ସାହୁଙ୍କୁ ସାକ୍ଷାତକରି ଶିଶୁ ମଙ୍ଗଳ କମିଟିର ଆଭିମୁଖ୍ୟ ଓ ଆଗାମୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ପିଲାମାନଙ୍କ ପାଇଁ ଉତ୍ସର୍ଗୀକୃତ ସେବା ପ୍ରଦାନ କରିବାକୁ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ଓ ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ ।

## ବିଜାଡିହିରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ଶିବିର

ଦେବଗଡ଼,୨।୬(ସମିସ): ବାରକୋଟ ବ୍ଲକ୍ ଅଧୀନ ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା ଅଧୀନସ୍ଥ ବିଜାଡିହି ଗ୍ରାମରେ ଆଜି ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ଏକ ସଚେତନତା ଶିବିର ଓ ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏହି ଶିବିରରେ ଗ୍ରାମବାସୀଙ୍କୁ ସ୍ୱତନ୍ତ୍ର ସଘନ ସଂଶୋଧନର ଉଦ୍ଦେଶ୍ୟ, ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା, ନାମ ଯୋଗ, ବିୟୋଗ ଓ ସଂଶୋଧନ ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରାଯାଇଥିଲା। ଏହି ସଚେତନତା ଶିବିରରେ ଏଇଆରଓ ତଥା ବିଡିଓ ସୂର୍ଯ୍ୟକାନ୍ତ ବରିହା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜାଗୃତି ନାଏକ, ପଞ୍ଚାୟତ ଉନ୍ନୟନ ଅଧିକାରୀ ରଞ୍ଜିତ ଟୁଡୁ, ବୁଥ୍‌ସ୍ତରୀୟ ଅଧିକାରୀ ସରଜିତ କୁମାର ସଏ, ବିଏଲଓ ସୁପରଭାଇଜର ଧୀରେନ କୁମାର ସାହୁ, ବ୍ଲକ୍ କର୍ମଚାରୀ ଓ ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା କର୍ମଚାରୀମାନେ ଉପସ୍ଥିତ ଥିଲେ। ଅଧିକାରୀମାନେ ଗ୍ରାମବାସୀଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସହଭାଗିତା ପାଇଁ ଆହ୍ୱାନ କରିଥିଲେ।

## ଶିଶୁବିବାହ ନିରାକରଣ ଓ କିଶୋର-କିଶୋରୀଙ୍କ ସାମଗ୍ରୀକ ବିକାଶ କାର୍ଯ୍ୟକ୍ରମ




ଝାରସୁଗୁଡ଼ା,୨।୬(ସମିସ): ଶିଶୁବିବାହ ନିରାକରଣ ଏବଂ କିଶୋର-କିଶୋରୀଙ୍କ ସଶକ୍ତିକରଣ ଉଦ୍ଦେଶ୍ୟରେ ଜିଲ୍ଲା କୌଶଳଗତ କାର୍ଯ୍ୟ ଯୋଜନା ସମ୍ପର୍କିତ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଡି.ଏମ୍‌ଏଫ. ଅଡିଟରିୟମ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ବିଭିନ୍ନ ବିଭାଗ, ସଂସ୍ଥା ଓ ହିତାଧିକାରୀଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନକରି ଶିଶୁ ବିବାହ ରୋକିବା ଏବଂ କିଶୋର-କିଶୋରୀଙ୍କ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗଡ଼ତିଆ ସ୍ୱାଗତ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିଶୁ ସୁରକ୍ଷା ବିଶେଷଜ୍ଞ ଭାବେ ବରିଷ୍ଠ ପରାମର୍ଶଦାତା ଘାସିରାମ ପଣ୍ଡା ଏବଂ ସହକାରୀ ରାଜ୍ୟ ସଂଯୋଜିକା ଶକୁନ୍ତଳା ଦାଶ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଯୋଗଦେଇ ଶିଶୁବିବାହ ମୁକ୍ତସମାଜ ଗଠନ ଏବଂ କିଶୋର-କିଶୋରୀଙ୍କ ପାଇଁ ଏକ ସୁରକ୍ଷିତ ଓ ସହାୟକ ପରିବେଶ ସୃଷ୍ଟିନିମନ୍ତେ ସମସ୍ତ ବିଭାଗ, ଅନୁଷ୍ଠାନ ଓ ସମୁଦାୟର ସମନ୍ୱିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମଧୁସ୍ମିତା ମିଶ୍ର ଶିଶୁବିବାହ ରୋକିବା ଦିଗରେ ପୁଲିସର ଭୂମିକାବିଷୟରେ ମତାମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିକେ ଦତ୍ତ ଶିଶୁ ବିବାହ ରୋକିବା ଦିଗରେ ସ୍ୱାସ୍ଥ୍ୟ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବୋଲି ମତବ୍ୟକ୍ତ କରିଥିଲେ। ସଂଯୁକ୍ତା ମହାପାତ୍ର ବାଲ୍ୟ ବିବାହ ନିରାକରଣ ଏବଂ କିଶୋର କିଶୋରୀ ସଶକ୍ତିକରଣ କ୍ଷେତ୍ରରେ ବିଭିନ୍ନ ସକାରାତ୍ମକ ପଦକ୍ଷେପ ବିଷୟରେ ନିଜ ମତବ୍ୟକ୍ତ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଶିଶୁ ବିବାହ ନିରାକରଣ ପାଇଁ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବିଭିନ୍ନ ବିଭାଗର ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରୋଗ୍ରାମ ଅଫିସର ଯାଜ୍ଞସିନୀ ମହାନନ୍ଦ ସଂଯୋଜନା କରିଥିବାବେଳେ ପ୍ରୋଗ୍ରାମ ଅଫିସର ମିନାକ୍ଷୀ ରାଜ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସଂସ୍କାର' ପକ୍ଷରୁ ନିଶୁଳ୍କ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର

ଝାରସୁଗୁଡ଼ା,୨।୬(ସମିସ)

ଶିକ୍ଷା ଓ ସମାଜ ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱର୍ ପରି। ଶିକ୍ଷା ହେଉଛି ମଣିଷର ଜ୍ଞାନ ଓ ନୈତିକ ମୂଲ୍ୟବୋଧର ଆଧାର। ସମାଜର ପ୍ରଗତି ଏହି ଶିକ୍ଷିତ ନାଗରିକମାନଙ୍କ ଉପରେ ହିଁ ନିର୍ଭର କରେ। ସେହିପରି ଛାତ୍ରଛାତ୍ରୀମାନେ ହିଁ ସମାଜର ମେରୁଦଣ୍ଡ ଓ ଦେଶର ଭବିଷ୍ୟତ ନିର୍ମାତା। ଏହାକୁ ଦୃଷ୍ଟିରେ ରଖି ଗଣେଶନଗରର ଶିକ୍ଷା ସଂସ୍କାର ସଂଗଠନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ପୌର ପରିଷଦ ଅନ୍ତର୍ଗତ ଗଣେଶ ନଗରର ଶିକ୍ଷା ସଂସ୍କାର ସଂଗଠନ ଗ୍ରୀଷ୍ମ ଛୁଟି ସମୟରେ ପିଲାଙ୍କ ବୌଦ୍ଧିକ ଏବଂ



ସୃଜନଶୀଳ ଦକ୍ଷତା ସହିତ ଛାତ୍ରଛାତ୍ରୀଙ୍କୁ ଆହୁରି ଶିକ୍ଷା କ୍ଷେତ୍ରରେ ସୁଦୃଢ଼ କରିବା ପାଇଁ ଆଗେଇ ଆସିଛି। ବିଗତ ଦୁଇବର୍ଷ ହେବ ଏହି ଶିକ୍ଷା ସଂସ୍କାର ସଂଗଠନ ପକ୍ଷରୁ ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ନିଶୁଳ୍କ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିରର ଆୟୋଜନ କରାଯାଉଛି। ଏବର୍ଷ ମଧ୍ୟ ଗତ ତିନି ସପ୍ତାହ ହେବ ଏହି ନିଶୁଳ୍କ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର ଆୟୋଜିତ ହେଉଛି। ଗଣେଶନଗରର ତିନି ଚାରିଗୋଟି କ୍ଲବରେ ୧୨୦ରୁ ଊର୍ଦ୍ଧ୍ୱ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଏହି ନିଶୁଳ୍କ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିରରେ ଶିକ୍ଷା ଦାନ କରାଯାଉଛି। ବର୍ତ୍ତମାନ ଗ୍ରୀଷ୍ମ ଅବକାଶ ସମୟରେ ଅଞ୍ଚଳର ଛାତ୍ରଛାତ୍ରୀ କିପରି ପାଠପଢାରୁ ଦୂରେଇ ନ ଯିବେ ଏବଂ ଭବିଷ୍ୟତରେ ଜଣେ ସୁନାଗରିକ ହୋଇ ଅଞ୍ଚଳପାଇଁ ଗର୍ବ ଆଣିବେ ତାକୁ ନେଇ ବ୍ରଜରାଜନଗରର ଗଣେଶ ନଗରର ଶିକ୍ଷା ସଂସ୍କାର ସଂଗଠନ ପକ୍ଷରୁ ଶିକ୍ଷା ଶିବିର ଜାରି ରହିଛି।

## ଅଶୋକ ମହାନ୍ତି ଏବଂ ରାମଚନ୍ଦ୍ର ପଟ୍ଟନାୟକଙ୍କ ସ୍ମୃତିସଭା



ଭବାନୀପାଟଣା,୨।୬(ସମିସ):ସ୍ୱର୍ଗତ ଅଶୋକ ମହାନ୍ତିଙ୍କ ସ୍ମୃତିରେ ଶୋକସଭା ସ୍ଥାନୀୟ ପ୍ରାଥମିକ ଶିକ୍ଷକ ଭବନ ଭବାନୀପାଟଣା ଠାରେ ବିଶିଷ୍ଟ ଭଲିବଲ ଖେଳାଳି ତଥା ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।ଉକ୍ତ ଶୋକସଭାରେ ବିଶିଷ୍ଟ କ୍ରୀଡ଼ାବିତ ଲକ୍ଷ୍ମୀ ବିଶୀ,ପରମାନନ୍ଦ ନନ୍ଦ, କିଶୋରଚନ୍ଦ୍ର ସାହୁ,ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଅଜିତ କୁମାର ନାୟକଙ୍କ ସମେତ ଜିଲ୍ଲା କର୍ମକର୍ତ୍ତାବୃନ୍ଦ ବିରେନ ବାଗ, ଶିବ ଦାଶ, ତପନ କୁମାର ବେହେରା, ରାମେଶ୍ୱର ନାଏକ,ସଦର ବ୍ଲକ୍ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ହୋତା, ପ୍ରଭାତ ପାଣିଗ୍ରାହୀ, ସୁବାଷ ଚନ୍ଦ୍ର ବିଶ୍ୱାଳ ଏବଂ ଦିଲ୍ଲୀପ କୁମାର ଖାନସମା ପ୍ରମୁଖ ଉପସ୍ଥିତ ଥିଲେ।ସଭାରେ ସ୍ୱର୍ଗତ ଅଶୋକ ମହାନ୍ତିଙ୍କ କ୍ରୀଡ଼ା ଓ ସାମାଜିକ କ୍ଷେତ୍ରରେ ଅବଦାନ ଉପରେ ଆଲୋକପାତ କରାଯାଇଥିଲା ଏବଂ ତାଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ରାମ ଚନ୍ଦ୍ର ପଟ୍ଟନାୟକଙ୍କ ମଧ୍ୟ ଅମର ଆତ୍ମାର ସଦଗତି କାମନା ସହ ନୀରବ ପ୍ରାର୍ଥନା କରାଯାଇଥିଲା। ସଦର ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ମଧୁସୂଦନ ପ୍ରଧାନ ସଭା ପରିଚାଳନା କରିଥିଲେ।

## କଟନୀ ଛଟ୍‌ନୀ ବିରୋଧରେ ତାତିଲେ ଚାଷୀ

# କୁଟ୍ରୁ ଛକରେ ରାସ୍ତା ଅବରୋଧ

କଲମପୁର,୨।୬(ସମିସ)



କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ୍ ବଡକୁଟ୍ରୁ ସମବାୟ ସମିତି ଅଧିନସ୍ତ ବିଜମରା,ବଡକୁଟ୍ରୁ,ଦୋଲକିବନ୍ଧ ଓ ଡଙ୍ଗରିପଡା ଧାନ ମଣ୍ଡିରୁ କଟନି ଛଟନି ବିବାଦ ଯୋଗୁଁ ବସ୍ତାଏ ମଧ୍ୟ ଧାନ ଏଯାଏଁ ଉଠାଣ ହୋଇ ପାରିନାହିଁ। ଫଳରେ ଚାଷୀ ଆଜି ଆନ୍ଦୋଳନାତ୍ମକ ପନ୍ଥା ଆପଣାଇ କୁଟ୍ରୁଛକ ଠାରେ ମୁଖ୍ୟ ରାଜପଥ ଅବରୋଧ କରି ଧାରଣାରେ ବସିଛନ୍ତି। ଚାଷୀ ୫କେଜି ପର୍ଯ୍ୟନ୍ତ ଦେବାକୁ ରାଜି ହୋଇଥିବା ବେଳେ ମିଲର୍ସ ୭ କେଜି କଟନୀ ପାଇଁ ନିଜ ଜିଦରେ ଅଟଳ ରହିଛି। ଏଥିପାଇଁ ଏପର୍ଯ୍ୟନ୍ତ ମିଲର୍ସ ମାନେ ନିଜ ନିଜ ପ୍ରତିନିଧି ନିଯୁକ୍ତ କରିନଥିବା ବେଳେ ପରିବହନ ସକାଶେ ଟ୍ରକ୍ ମଧ୍ୟ ପଠାଇ ନାହାନ୍ତି। ବଡକୁଟ୍ରୁ ସମବାୟ ସମିତି, ଆର୍‌ଏମ୍‌ସି କର୍ମଚାରୀ ସମେତ ପ୍ରଶାସନିକ ଅଧିକାରୀ ବାରମ୍ବାର ମିଲର୍ସମାନଙ୍କ ସହିତ ଯୋଗାଯୋଗ କରି ବିଫଳ ହୋଇ ଆସିଛନ୍ତି। ଟ୍ୟାଗ୍ ହୋଇଥିବା ୮ ଜଣ ମିଲର୍ସ କାହା କଥାକୁ ମଧ୍ୟ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ମଙ୍ଗଳବାର ଚାଷୀମାନେ କୁଟ୍ରୁଛକ ଠାରେ ସକାଳ ୯ଟା ରୁ ରାସ୍ତା ଅବରୋଧ କରିଛନ୍ତି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଛି,ସୁରକ୍ଷା ଦୃଷ୍ଟିରୁ ପୁଲିସ ବାହିନୀ ମୃତୟନ ହୋଇଛନ୍ତି। ଚାଷୀଙ୍କ ହକ ଦାବିକୁ ସମର୍ଥନ କରି ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗଦେଇ ଏହା ହେଉଛି ସୁଚିନ୍ତିତ ଯୋଜନା, ଚାଷୀ ମାରଣ ନୀତିର ଜ୍ୱଳନ୍ତ ଉଦାହରଣ ବୋଲି ଅଭିଭାଷଣ ରଖିଥିଲେ। ଜୟନ୍ତ ନାଏକଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସମବାୟ ସମିତି ସଭାନେତ୍ରୀ ମଞ୍ଜୁଲା ସାହୁ, ଜିଲ୍ଲା ପରିଷଦ ସଦସ୍ୟା ଦୁହିତା ମାଝୀ,ବଡକୁଟ୍ରୁ ସରପଞ୍ଚ ଗଣେଷ ପଣ୍ଡା,ଯୁବ କଂଗ୍ରେସ ନେତା ବେଣୁ ଦୀପ ପ୍ରମୁଖ ଯୋଗଦେଇ ସରକାରରେ ଆମେ ଆସିଲେ କଟନୀ ଛଟନୀ ହେବନାହିଁ ବୋଲି କଥା ଦେଇଥିଲ ସେ ପ୍ରତିଶ୍ରୁତି କୁଆଡେ ଗଲା ବୋଲି ପଚାରିବା ସହିତ ଗତ ୨୦ତାରିଖ ଠାରୁ ମଣ୍ଡି ଆରମ୍ଭ ହେଲାଣି, ଆଜକୁ ୧୨ଦିନ ହେଲା, ମୁଠାଏ ବି ଧାନ ଗଲା ନାହିଁ। କାହିଁକି ମିଲର୍ସମାନଙ୍କ ଉପରେ ଅଙ୍କୁଶ ଲଗାଇ ପାରୁ ନାହାଁନ୍ତି ବୋଲି ମତବ୍ୟକ୍ତ କରିଥିଲେ। କଲମପୁର ତହସିଲଦାର ଶ୍ରୀମତୀ ସ୍ମରଣିକା ତୁଳ ଉପସ୍ଥିତ ରହିଥିବା ବେଳେ ଏସସିଏସଓ, ଆରଏମସି କର୍ମଚାରୀ, କଲମପୁର ଯୋଗାଣ ନୀରିକ୍ଷକ, ବଡକୁଟ୍ରୁ ଆରଆଇ ପ୍ରମୁଖ ଆନ୍ଦୋଳନରତ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ପୂର୍ବାହ୍ନରେ ସମାଧାନ ହୋଇ ପାରିନଥିଲା। ସେମାନେ ଉପରିସ୍ଥ ଅଧିକାରୀଙ୍କ ସହିତ ପରାମର୍ଶ ପରେ ଯାହା ନିର୍ଦ୍ଦେଶ ଆସିବ ତାହା ଜଣାଇ ଦିଆଯିବ ବୋଲି କହି ଫେରି ଯାଇଥିଲେ, ପ୍ରକାଶ ଯେ ଗତ ଶୁକ୍ରବାର ଦିନ ଧାନ ଉଠାଣ ତ୍ୱରାନ୍ୱିତ କରିବା ସକାଶେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢି, ସମ୍ପାଦକ ଦିବ୍ୟ କିଶୋର ଭୋଇ, ସାଧାରଣ ସମ୍ପାଦକ ଆର୍ତ୍ତବନ୍ଧୁ ପୁଷ୍ଟି, କଳାହାଣ୍ଡି ଜିଲ୍ଲା ସଭାପତି ସୁଧିର କୁମାର ମୁଣ୍ଡ, ଉପସଭାପତି ପ୍ରାଣ କିଶୋର ପାଢ଼ୀ, ସମ୍ପାଦକ ଇଂ ଦିନେଶ କୁମାର ରାଉତ ପ୍ରମୁଖ ବଡକୁଟ୍ରୁ ସମବାୟ ସମିତି ଅନ୍ତର୍ଗତ ବିଜମରା ଓ ଦୋଲକିବନ୍ଧ ମଣ୍ଡି ପରିଦର୍ଶନ ସହିତ ଧାନ ଉଠାଣ ଓ ଅନ୍ୟାନ୍ୟ ସମସ୍ୟା ସଂପର୍କରେ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶ୍ରୀ ପାଢ଼ୀ କଳାହାଣ୍ଡି ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଛି, ଶିଘ୍ର ଧାନ ଉଠିବ ବୋଲି ଉପସ୍ଥିତ ଚାଷୀଙ୍କୁ ଜଣାଇଥିଲେ। ଚାଷୀ କୁଆପଥରମାଡ ଓ ପବନ ବର୍ଷା ସମେତ ପ୍ରଚଣ୍ଡ ରୌଦ୍ରତାପକୁ ସହ୍ୟ କରି ଚାଷୀ ଧାନ ଅମଳ କରିଛି,ନିଜ କଷ୍ଟ ଉପାର୍ଜିତ ଧାନକୁ ବିକି ପାରୁନାହିଁ। ଏପଟେ ମୁଣ୍ଡ ଉପରେ କାଳବୈଶାଖୀର ଭୟ ପୁଣି ଟୋକନ ଲାପ୍ସ ହେବା ସମ୍ଭାବନା। ଏପରି ସ୍ଥଳେ ଧାନ ବିକ୍ରୀରେ ବିଳମ୍ବ ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଅପରାହ୍ନରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ତହସିଲଦାର, ଏସସିଏସଓ ଚାଷୀ ମାନଙ୍କୁ ୫କେଜି କଟନୀରେ ଧାନ ଉଠାଣ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ନାତିର ଭବିଷ୍ୟତକୁ ନେଇ ଚିନ୍ତାରେ ବୃଦ୍ଧା ଫୁଲମତୀ

ଥୁଆମୂଳରାମପୁର,୨।୬(ସମିସ): ଜୀବନରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି ବୃଦ୍ଧା ଫୁଲମତୀ ନାଏକଙ୍କ ଉପରେ। ଫୁଲମତୀ (୬୦) ସ୍ୱାମୀ ରାମେଶ୍ୱର ନାଏକ, ଏକମାତ୍ର ପୁଅ ସହଦେବ, ବୋହୂ ରୀନା ଓ ନାତି ଆଲୋକଙ୍କୁ ନେଇ ହସଖୁସିରେ ସଂସାର ଚଳାଉଥିଲେ। ହେଲେ କାଳର ନିଷ୍ଠୁର ଖେଳ ତାଙ୍କ ପରିବାରକୁ ଏକ ପରେ ଏକ ଝଟକା ଦେଇଛି। ସୂଚନା ଅନୁଯାୟୀ, ୨୮ ଏପ୍ରିଲ ୨୦୧୯ ରେ କୌଣସି କାରଣରୁ ବୋହୂ ରୀନାଙ୍କ ମୃତ୍ୟୁ ଘଟିଥିଲା। ବୋହୂର ଅକାଳ ବିୟୋଗ ଜନିତ ଦୁଃଖକୁ ଭୁଲିପାରିନଥିବାବେଳେ ଗତ ଦୁଇ ବର୍ଷ ତଳେ ସ୍ୱାମୀ ରାମେଶ୍ୱର ମଧ୍ୟ ଆରପାରିକୁ ଚାଲିଯାଇଥିଲେ। ତଥାପି ନିଜର ଏକମାତ୍ର ପୁଅ ସହଦେବ ଓ ନାତି ଆଲୋକଙ୍କୁ ନେଇ ଫୁଲମତୀ ଜୀବନର ଲଢ଼େଇ ଜାରି ରଖିଥିଲେ। କିନ୍ତୁ ଚଳିତ ବର୍ଷ ୨୮ ଏପ୍ରିଲରେ ପୁଅ ସହଦେବଙ୍କ ମୃତ୍ୟୁ ଘଟିବା ପରେ ଫୁଲମତୀ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି। ବର୍ତ୍ତମାନ ସେ ନିଜର ୧୦ ବର୍ଷର ନାତି ଆଲୋକଙ୍କୁ ନେଇ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ବୃଦ୍ଧା ବୟସରେ ନାତିର ଭବିଷ୍ୟତକୁ ନେଇ ଗଭୀର ଚିନ୍ତାରେ ରହୁଥିବା କହିଛନ୍ତି। ଗରିବିର କଷାଘାତ ମଧ୍ୟରେ ଜୀବନ ସଂଘର୍ଷ କରୁଥିବା ଫୁଲମତୀଙ୍କୁ ସମାଜିକ ସୁରକ୍ଷା



ଯୋଜନାରୁ ମାସକୁ ୧୦୦୦ ଟଙ୍କା ଭତ୍ତା ଏବଂ ଖାଦ୍ୟ ସୁରକ୍ଷା ଯୋଜନାରୁ ମାସକୁ ମାତ୍ର ୫ କେଜି ଚାଉଳ ମିଳୁଥିଲେ ବି, ଏତିକିରେ ଦୁଇଜଣଙ୍କ ଜୀବନ ଚଳାଇବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ବିଶେଷ କରି ନାତି ଆଲୋକଙ୍କ ଶିକ୍ଷା ଓ ଭବିଷ୍ୟତକୁ ନେଇ ଫୁଲମତୀ ଅଧିକ ଚିନ୍ତିତ ଅଛନ୍ତି। ଆର୍ଥିକ ଅଭାବ କାରଣରୁ ନାତିଙ୍କୁ ଭଲ ଶିକ୍ଷା ଦେବା ସମ୍ଭବ ହେଉନଥିବାରୁ, ତାଙ୍କୁ କୌଣସି ବିଦ୍ୟାଳୟ ହଷ୍ଟେଲରେ ରଖି ପାଠପଢ଼ାର ସୁଯୋଗ ଦେବା ପାଇଁ ଫୁଲମତୀ ପ୍ରଶାସନଙ୍କ ନିକଟରେ ଗୁହାରି କରିଛନ୍ତି। ସ୍ଥାନୀୟ ଅଞ୍ଚଳର ସଚେତନ ମହଲ ମଧ୍ୟ ଏହି ଅସହାୟ ପରିବାରକୁ ସରକାରୀ ସହାୟତା, ଆବାସ ଓ ଶିଶୁଟି ପାଇଁ ଶିକ୍ଷା ସୁବିଧା ଯୋଗାଇଦେବାକୁ ଦାବି କରିଛନ୍ତି।

## 'ଉଦ୍ୟୋଗୀ ସଚେତନତା ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ'

ନୂଆପଡ଼ା,୨।୬(ସମିସ): ମଣିଷର ପରିଶ୍ରମ ହିଁ ତାକୁ ପ୍ରତିଷ୍ଠିତ କରିଥାଏ। ସଫଳତା ପାଇଁ କୌଣସି ସର୍ଟକଟ୍ ନାହିଁ ବୋଲି ଜିଲ୍ଲାପାଳ ମଧୁସୂଦନ ଦାଶ କହିଛନ୍ତି। ଜିଲ୍ଲା ଶିଳ୍ପ କେନ୍ଦ୍ରପକ୍ଷରୁ ସଦଭାବନା ସଭାଗୃହରେ ଆୟୋଜିତ ଏମଏସଏମଇ କ୍ଷେତ୍ର ଅଧୀନ 'ଉଦ୍ୟୋଗୀ ସଚେତନତା ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ'ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ କହିଛନ୍ତି। ନୂଆପଡ଼ା ଜିଲ୍ଲାରେ କୃଷି, ପ୍ରକ୍ରିୟାକରଣ, ଉତ୍ପାଦନ ଏବଂ ସେବା କ୍ଷେତ୍ରରେ ଉଦ୍ୟୋଗ ସ୍ଥାପନ ପାଇଁ ଅପାର ସମ୍ଭାବନା ରହିଛି। ଜିଲ୍ଲାର ବେକାର ଯୁବକ ଓ ଯୁବତୀମାନେ ବିଭିନ୍ନ ସରକାରୀ ବିଭାଗ ସହ ଯୋଗାଯୋଗ କରି ସରକାରଙ୍କ ଉଦ୍ୟୋଗ ପ୍ରୋତ୍ସାହନ ଯୋଜନାର ସୁଯୋଗ ନେଇ ସ୍ୱାବଲମ୍ବୀ ହେବା ସହ ନିଜକୁ ସଫଳ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ଉଚିତ। କାର୍ଯ୍ୟକ୍ରମରେ ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର ଏବଂ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍ୟୋଗ ମାଧ୍ୟମରେ ରୋଜଗାର ସୃଷ୍ଟି ଓ ଆର୍ଥିକ ସଶକ୍ତିକରଣର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ସମୀର ମୁଦୁଲି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରକଳ୍ପ ପରିଚାଳକ ପ୍ରଜ୍ଞା କୁମାର ମିଶ୍ର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଏମ୍‌ଏସ୍‌ଏମ୍‌ଇ ବିଭାଗର ବିଭିନ୍ନ ଯୋଜନା, ନୀତି ଏବଂ ସରକାରୀ ସହାୟତା ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନା କରିଥିଲେ। ଉଦ୍ୟୋଗୀ ଓ ଯୁବକ ଯୁବତୀମାନେ ନିଜ ଅନୁଭୂତି ଏବଂ ସମସ୍ୟା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲ୍ଲାର ୧୦ଜଣ ସଫଳ ଉଦ୍ୟୋଗୀ ଭାରତୀ ବାଇ ବାଗ, ମମତା ଖମାରୀ, ସରିତା ସିଂହ, ରାଜ ସାହୁ, ଅମରେନ୍ଦ୍ର ମହାନ୍ତି, ଅର୍ଜୁନ ସିଂହ ଦଳପତି, କୃଷ୍ଣ ଚନ୍ଦ୍ର ମେହେର, ବିନୟ ଜୈନ, ବିଶେଷ ଅଗ୍ରୱାଲ ଏବଂ ଭୂପେନ୍ଦ୍ର ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କାଳବୈଶାଖୀରେ ଭାଙ୍ଗିଗଲା ଗରିବଙ୍କ ଆଶ୍ରୟ

ଥୁଆମୂଳରାମପୁର,୨।୬(ସମିସ): ଗତ ୨୬ ତାରିଖରେ ଅଞ୍ଚଳରେ ହୋଇଥିବା ପ୍ରବଳ କାଳବୈଶାଖୀ ବର୍ଷା ଓ ପବନ ଅନେକ ଗରିବ ପରିବାରଙ୍କ ଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି। ପ୍ରାକୃତିକ ବିପର୍ଯ୍ୟୟରେ କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ୍ ପୋଡାପଦର ପଞ୍ଚାୟତ ତେନ୍ତୁଳିପଦର ଗାଁର ଗରିବ ଶ୍ରମିକ ପରମା ହରିଜନଙ୍କ ବାସଗୃହ ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ଘର ଉପରେ ଥିବା ଆଜବେଷ୍ଟ ଛାତ ଭାଙ୍ଗି ଯାଇଥିବାରୁ ବର୍ତ୍ତମାନ ପରିବାରଟି ମୁଣ୍ଡ ଗୁଞ୍ଜିବା ପାଇଁ ଅନ୍ୟର ଦ୍ୱାରସ୍ଥ ହୋଇଛି। ପରମା ହରିଜନ ଜଣେ ଦିନମଜୁରିଆ ଶ୍ରମିକ। କୁଲିମଜୁରୀ କରି ନିଜର ସାତ ଜଣିଆ ପରିବାରର ଭରଣପୋଷଣ କରନ୍ତି। ପରିବାରରେ ପତ୍ନୀ ସୁଲୋଚନା ହରିଜନଙ୍କ ସହ ତିନି ପୁଅ ଓ ଦୁଇ ଝିଅ ରହିଛନ୍ତି। ଦୈନନ୍ଦିନ ରୋଜଗାର ଉପରେ ନିର୍ଭରଶୀଳ ଏହି ପରିବାର ପାଇଁ ଘର ମରାମତି କରିବା ବା ନୂଆ ଛାତ ପକାଇବା ବଡ଼ ଚ୍ୟାଲେଞ୍ଜ ହୋଇପଡ଼ିଛି। କାଳବୈଶାଖୀର ପ୍ରକୋପରେ ଘରର ଆଜବେଷ୍ଟ ଛାତ ଭାଙ୍ଗିଯିବା ପରେ




ବର୍ଷା ଓ ଖରାରୁ ରକ୍ଷା ପାଇବା ଅସମ୍ଭବ ହୋଇପଡ଼ିଛି। ଫଳରେ ପରମା ହରିଜନ ନିଜ ପରିବାର ସହ ସମ୍ପର୍କୀୟଙ୍କ ଘରେ ଅସ୍ଥାୟୀ ଭାବେ ଆଶ୍ରୟ ନେଇଛନ୍ତି। ବର୍ଷା ଋତୁ ଆରମ୍ଭ ହୋଇଥିବା ବେଳେ ଘରହୀନ ଅବସ୍ଥା ପରିବାର ପାଇଁ ଅଧିକ ଚିନ୍ତାର କାରଣ ସାଜିଛି। ସବୁଠାରୁ ଦୁଃଖର ବିଷୟ ହେଉଛି, ଏପରି ଦାରିଦ୍ର୍ୟ ସୀମା ତଳେ ଜୀବନ ବିତାଉଥିବା ପରିବାରକୁ ଆଜି ପର୍ଯ୍ୟନ୍ତ ସରକାରଙ୍କ କୌଣସି ଆବାସ ଯୋଜନାରେ ଘର ମିଳିପାରିନାହିଁ। ପରମା ହରିଜନ ଅନେକ ଥର ପଞ୍ଚାୟତ ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ନିକଟରେ ଆବାସ ଘର ପାଇଁ ଗୁହାରି କରିଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ମତରେ, ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ତୁରନ୍ତ ଆବାସ ଯୋଜନାରେ ସାମିଲ କରାଯିବା ଆବଶ୍ୟକ। ବିଶେଷକରି କାଳବୈଶାଖୀରେ କ୍ଷତିଗ୍ରସ୍ତ ପରିବାରଙ୍କ ପାଇଁ ଜରୁରୀକାଳୀନ ସହାୟତା ଓ ଗୃହ ମରାମତି ସହଯୋଗ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି।ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଘଟଣାର ତଦନ୍ତ କରି ପରମା ହରିଜନଙ୍କ ପରିବାରକୁ ଆବଶ୍ୟକ ସରକାରୀ ସହାୟତା ସହିତ ସ୍ଥାୟୀ ଆବାସ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

## ଅଟୋ ଓଲଟି ୫ ଆହତ

ଥୁଆମୂଳରାମପୁର,୨।୬(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଥାନା ଡାକକୋଟା ଗ୍ରାମ ନିକଟସ୍ଥ ମୁଖ୍ୟ ରାସ୍ତାରେ ମଙ୍ଗଳବାର ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିବା ଫଳରେ ଚାଳକ ସମେତ ୫ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସେଥିମଧ୍ୟରୁ ଜଣେ ଗୁରୁତର ଆହତ ହୋଇଥିବା



ବେଳେ ତିନି ଜଣଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ତଲଝାପି ପଞ୍ଚାୟତ ଅନ୍ତର୍ଗତ ରାଣିପଦର ଗ୍ରାମରୁ ୫ ଜଣ ବ୍ୟକ୍ତି ଅଟୋରେ କୌଣସି କାମରେ ଭବାନୀପାଟଣା ଅଭିମୁଖେ ଯାଉଥିଲେ। ଡାକକୋଟା ଗ୍ରାମ ନିକଟ ମୁଖ୍ୟ ସଡ଼କରେ ଅଟୋଟି କୌଣସି କାରଣରୁ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଚାଳକ ସମେତ ସମସ୍ତ ଆରୋହୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଥୁଆମୂଳରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସହଦେବ ନାଏକ (୨୬), ସୁବାଷ ନାଏକ (୩୦) ଓ ରାଧିକା ନାଏକ (୫୦ଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବର୍ତ୍ତମାନ ସମସ୍ତ ଆହତ ଚିକିତ୍ସାଧୀନ ଥିବାବେଳେ ଦୁର୍ଘଟଣାର ପ୍ରକୃତ କାରଣ ସମ୍ପର୍କରେ ଅଧିକ ସୂଚନା ମିଳିନାହିଁ।

## ସକ୍ଷମ ନୃତ୍ୟ ଏକାଡେମୀ

## ନାଚି ନଚାଇବାର ଉତ୍ସବ 'ରାସ୍ ରଙ୍ଗ' ମହୋତ୍ସବ

ଭବାନୀପାଟଣା,୨।୬ (ସମିସ):କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ନୃତ୍ୟାନୁଷ୍ଠାନ ସକ୍ଷମ ନୃତ୍ୟ ଏକାଡେମୀ ତରଫରୁ ସ୍ଥାନୀୟ ଟାଉନ୍ ହଲ୍‌ରେ ଜାତୀୟ ଶାସ୍ତ୍ରୀୟ ଓ ଲୋକ ନୃତ୍ୟ ମହୋତ୍ସବ,'ରାସ୍ ରଙ୍ଗ ମହୋତ୍ସବ" ୨୦୨୬ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟ ପୂର୍ବାହ୍ନ ୧୦ଟାରେ ନୃତ୍ୟ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ନାଟ୍ୟକାର ଉମେଶ ଚନ୍ଦ୍ର ଶତପଥୀ, ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଚିଣ୍ଟୁ ପ୍ରସାଦ ନାଏକ, ବରିଷ୍ଠ ଅଭିନେତା ଅବଦୁଲ କାଦିର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ପରେ ନୃତ୍ୟ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଯୁବ ଉଦଘୋଷକ ସୌରଭ ମହାପାତ୍ର। ଅନୁଷ୍ଠାନର କଳାକାରଙ୍କ ନୃତ୍ୟ ଶୈଳୀ ଏମିତି ଚମକ୍ରାରଥିଲା ଯେ ଶତାଧିକ ଦର୍ଶକ ଅଭିଭାବକ ମଧ୍ୟ ନାଚିଲେ ଝୁମିଲେ ଭରପୁର ଉପଭୋଗ କଲେ। ସନ୍ଧ୍ୟା ୭ଟାରେ ସଭା କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ,ମୁଖ୍ୟବକ୍ତା ଭାବେ ପରମେଶ୍ୱର ମୁଣ୍ଡ ,ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ , ଶିକ୍ଷାବିତ୍ ଡ.ଅଜୟ ମିଶ୍ର , ସଂସ୍କୃତି ଗବେଷକ ଧାନାନନ୍ଦ ପଣ୍ଡା ଓ ଏକାଡେମୀର ଉପଦେଷ୍ଟା ରଞ୍ଜୁଲତା ବାରିକ ପ୍ରମୁଖ ଯୋଗଦେଇ ଉଦ୍ବୋଧନ ଦେଇଥିଲେ। କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ ସକ୍ଷମ ନୃତ୍ୟ ଏକାଡେମୀର ସଭପତି ଲିପ୍ସାରାଣୀ ବାରିକ। ଏହି ସନ୍ଧ୍ୟାରେ କଳାହାଣ୍ଡିର ଓଡ଼ିଶୀ ନୃତ୍ୟ ଗୁରୁ ସତ୍ୟବାନ ପ୍ରଧାନୀଙ୍କୁ ଶାସ୍ତ୍ରୀୟ



ନୃତ୍ୟ ଓଡ଼ିଶୀ ସମ୍ମାନ, ସକ୍ଷମ ଲୋକ ନୃତ୍ୟ ସମ୍ମାନରେ ମୂର୍ଣ୍ଣମୟୀ ଦାଶ ଓ ସକ୍ଷମ ପ୍ରତିଭା ସମ୍ମାନରେ ଏକାଡେମୀର ପ୍ରଥମ ଛାତ୍ରୀ ଶ୍ରୀୟଶ୍ରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ ସିମରନ୍ ସାହୁ ,ରେଣୁ ବିଶି, ଆସ୍ଥା ସମୃଦ୍ଧି ପଣ୍ଡା, ପଲକ କୁମାର, ତୁଷାର ଧଙ୍ଗଡାମାଝୀ, ପ୍ରେମଚାନ୍ଦ ପ୍ରାଙ୍ଗଣିଆଙ୍କୁ ନିଜ ନିଜ କଳା କ୍ଷେତ୍ରରେ ସମ୍ମାନିତ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସକ୍ଷମ ନୃତ୍ୟ ଏକାଡେମୀର ସଂପାଦକ ଆଲୋକ କୁମାର ସାହୁ। ଏହି ସନ୍ଧ୍ୟାରେ ଓଡ଼ିଶୀ ,କୁଚିପୁଡ଼ି, କଥକ, ଭାରତନାଟ୍ୟମ, ସାଙ୍ଗାରି ନୃତ୍ୟକୁ କଳାକାର ମାନେ ପରିବେଷଣ କରିଥିଲେ। ପ୍ରତିଭା ଅନୁଷ୍ଠାନ ଦ୍ୱାରା ବଜାଶାଲ ନୃତ୍ୟ ମଧ୍ୟ ପରିବେଷଣ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାର ବିଶେଷ ଆକର୍ଷଣ ଥିଲା ଗଜପତି ଜିଲ୍ଲାରୁ ଆସିଥିବା ଉର୍ମିଳା ପଟ୍ଟନାୟକ ଦ୍ୱାରା ପରିବେଷିତ କୁଚିପୁଡ଼ି ନୃତ୍ୟ, ଭୁବନେଶ୍ୱରରୁ ଆସିଥିବା ସତ୍ୟପ୍ରକାଶ ମଲ୍ଲିକଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ ବେଶ୍ ହୃଦୟସ୍ପର୍ଶୀ ହେବାସହ କଳାକାରଙ୍କ ଅଭିନୟ ଶେଷଯାଏଁ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଆକାଶବାଣୀ ଉଦଘୋଷିକା ନମିତା ମିଶ୍ର ସଭା କାର୍ଯ୍ୟ ସଂଯୋଜନା କରିଥିବାବେଳେ ସୌରଭ ମହାପାତ୍ର, ପ୍ରିୟଙ୍କା ପ୍ରଧାନ, ନୀତିନ ନାଏକ, ରୂପଜ୍ୟୋତି ପାଣିଗ୍ରାହୀ, ନିକି ଦୀପ, ଅର୍ଚ୍ଚିତା ବାରିକ ପ୍ରମୂଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସସ୍ମିତା ମହାନ୍ତି ,ସଙ୍ଗୀତା ରାଉତ, ଶ୍ୱେତା ରାଣୀ ପାତ୍ର,ତରୁଣ ଦୁର୍ଗା ,ତାପସ ସାହୁ, ରବି କୁମାର୍ ସେଠି, ରିମା ବାଗ ,ଗୌରୀ ଶଙ୍କର ଦୁର୍ଗା, କୀର୍ତ୍ତି କାନ୍ତ , ସତ୍ୟଜିତ୍ ଦାସ, ଏସ୍ ସୁଧୀର, ସଙ୍ଗୀତା ପରିଡ଼ା ଶୁଭଲକ୍ଷ୍ମୀ ସାହୁ ,ଗୀତାଞ୍ଜଳି ଦୋରା, ଆଲିଶା ଭୂଜବଲ, ସ୍ୱାଧୀନତା ମିଶ୍ର, ନମିତା ଚୌଧୁରୀ, ରେବତୀ ବିଶି, କୁନ୍ତଳା ମାଝୀ ପ୍ରମୁଖ ସହାୟତା କରିଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ସିନାପାଲି,୨।୬(ସମିସ): ସିନାପାଲି ବ୍ଲକ୍‌ଭରୁଆମୁଣ୍ଡା ପଞ୍ଚାୟତ ଜରେଲପଦର ଗ୍ରାମର ଆକବର ହେର୍ଣା (୫୦) ଭାଲୁ ଆକ୍ରମଣରେ ଗୁରୁତର ହୋଇଥିବା ଜଣାପଡ଼ିଛି। ଆକବର ସୋମବାର ରାତି ପ୍ରାୟ ୮ ରେ ନିକଟସ୍ଥ ନାଲାକୁ ଶୌଚ ପାଇଁ ଯାଇଥିବା ବେଳେ ହଠାତ ଆକ୍ରମଣ କରିଥିଲା। ମାଈ ଭାଲୁ ସହିତ ୨ଟି ଛୁଆ ରହିଥିବା ବେଳେ ଆକ୍ରମଣ କରିବାରୁ ଗୋଡ଼ ଓ ଜଂଘରେ ଗଭୀର ଆଘାତ ଲାଗିଛି। ଆକ୍ରମଣ ପରେ



ଚିତ୍କାର କରିବାରୁ ଗାଁ ଲୋକେ ହୋହଲ୍ଲା କରିବାରୁ ଛାଡ଼ି ପଳାଇଥିଲା। ସେଠାରୁ ଉଦ୍ଧାର କରି ପ୍ରଥମେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଗୁରୁତର ହେବାରୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ପାରିବାର ସୂତ୍ରରୁ ଜଣାପଡିଛି। ଘଟଣା ପରେ ସିନାପାଲି ରେଞ୍ଜର କାମେଶ୍ୱର ତାଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ନାୟକ ଓ ସଂଗ୍ରାମ କେଶରୀ ପ୍ରଧାନ ପହଞ୍ଚି ତଦନ୍ତ କରିବା ସହ ସରକାରୀ ନିୟମ ମୁତାବକ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି। ଗୁରୁତର ବ୍ୟକ୍ତି ଜଣକ ଗରିବ ଶ୍ରେଣୀର ହୋଇଥିବା ବେଳେ ଆବଶ୍ୟକ ସରକାରୀ ସହାୟତା ଦେବାକୁ ଦାବି ହେଉଛି।

## ମାସେ ହେବ ରାଜରାସ୍ତାରେ ୩ ବ୍ଲକ୍‌ର ଚାଷୀ

# ବିଧାୟକଙ୍କ ଗସ୍ତ, ଆନ୍ଦୋଳନସ୍ଥଳ ପ୍ରତି ବିମୁଖତା

କୋକସରା,୨।୬(ସମିସ)



ପି-ପାସ ପୋର୍ଟାଲ ଖୋଲିବା ଓ ପଞ୍ଜିକରଣ ଦାବିରେ କୋକସରାରେ ଚାଲିଥିବା ଇନ୍ଦ୍ରାବତୀ ମେଗା ଉଠା ଜଳସେଚନ ଚାଷୀ ସଂଘର ଆନ୍ଦୋଳନ ମଙ୍ଗଳବାର ୨୫ ଦିନରେ ପହଞ୍ଚିଛି। ଗତ ୮ ତାରିଖରେ କୋକସରା ଠାରେ ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନ କରିଥିଲେ ଜୟପାଟଣା, କୋକସରା ଓ ଧର୍ମଗଡ଼ ଅଞ୍ଚଳର ହଜାର ହଜାର ଚାଷୀ, ତଥାପି ପ୍ରଶାସନ ପକ୍ଷରୁ କୌଣସି ସକରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ଚାଷୀମାନେ ଗଣ ଧାରଣାରେ ବସିଥିଲେ। ଗତ ୧୯ ତାରିଖରେ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିଥିଲେ। ଏହା ସତ୍ତ୍ୱେ କୌଣସି ସମାଧାନ ନହେବାରୁ ୨୦ ଓ ୨୧ ତାରିଖରେ ଦୁଇ ଦିନ ଧରି ୩ ବ୍ଲକ୍‌ର ୯ ଚାଷୀ ଆମରଣ ଅନଶନରେ ବସିଥିଲେ। ପରିସ୍ଥିତି ଜଟିଳ ହେବାରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲ୍ଲାପାଳ ସେଠାରେ ପହଞ୍ଚି ଚାଷୀଙ୍କୁ ୪ ଦିନର ସମୟ ମାଗିଥିଲେ। ହେଲେ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତିକୁ ୧୨ ଦିନ ବିତି ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ୩ ବ୍ଲକ୍ ଚାଷୀମାନେ ଆଜି ମଧ୍ୟ କୋକସରାର ଜାତୀୟ ରାଜପଥ ପାଶ୍ୱର୍ରେ ଧାରଣାରେ ବସିଛନ୍ତି। ଯାହା ଏବେ ମାସେ କାଳ ହେବାକୁ ବସିଲାଣି। ଏଣେ ଜିଲ୍ଲାରେ ରବି ଧାନ ବିକ୍ରି ଲାଗି ୨୦ ତାରିଖରୁ ମଣ୍ଡି ଆରମ୍ଭ ହୋଇଛି। ଏପଟେ କିନ୍ତୁ ମେଗା ଉଠାଜଳସେଚନ ପ୍ରକଳ୍ପ ଜରିଆରେ ଚାଷ କରିଥିବା ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇ ରାଜ ରାସ୍ତାରେ ବସିଛନ୍ତି। ଏଭଳି ସ୍ଥିତିରେ ଧାନ କଟା ମଧ୍ୟ ଯୋର ଯୋରରେ ଆରମ୍ଭ ହୋଇ ସାରିଛି, ଚାଷୀମାନେ ଧାନ କାଟି କିଏ ଖଳାରେ ରଖିଛନ୍ତି ତ' କିଏ ରାସ୍ତା କଡ଼ରେ

### ଅଦିନିଆ ବର୍ଷାରେ ଭିଜୁଛି କଷ୍ଟଲବ୍ଧ ଧାନ

କଷ୍ଟ ଉପାର୍ଜିତ ଧାନକୁ ରଖି ଟୋକନ୍ ପାଇଁ ପଞ୍ଜୀକରଣ ହେବା ଦିନକୁ ଅପେକ୍ଷା କରି ରହିଛନ୍ତି। ଏପଟେ କିନ୍ତୁ ଶାସକ ଦଳର ସ୍ଥାନୀୟ ବିଧାୟକ କୋକସରା ଅଞ୍ଚଳର ବିଭିନ୍ନ ଗାଁରେ ଜନ ସମ୍ପର୍କ କାର୍ଯ୍ୟକ୍ରମ କରି ମେଗା ଲିଫ୍ଟ ଅଞ୍ଚଳର ଚାଷୀଙ୍କ ରହିଥିବା ଟୋକନ ସମସ୍ୟା ସ୍ପଷ୍ଟିକରଣ ରଖୁଥିବା ଏବଂ ସମସ୍ତ ଚାଷୀଙ୍କ ଧାନ କ୍ରୟ ହେବ ବୋଲି କହୁଥିବା ଜଣାପଡିଛି। ଏଣେ କିନ୍ତୁ ଦିର୍ଘ ୨୫ ଦିନରୁ ଉର୍ଦ୍ଧ୍ୱ ହେଲା ଆନ୍ଦୋଳନ ଜାରି ରହିଛି। ତଥାପି ଚାଷୀଙ୍କ ଆନ୍ଦୋଳନସ୍ଥଳରେ ସ୍ଥାନୀୟ ବିଧାୟକ ଆସି ନଥିବା ଓ ଅନ୍ନଦାତାଙ୍କୁ କୌଣସି ଆଶ୍ୱସନା ମଧ୍ୟ ଦେଇ ନଥିବାରୁ ସେମାନଙ୍କ ମହଲରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ଗତ କିଛି ଦିନ ହେଲା ଅଞ୍ଚଳରେ କାଳବୈଶାଖୀ ଜନିତ ଅଦିନିଆ ବର୍ଷା ଲାଗି ରହିଥିବାରୁ ଅନେକ ଚାଷୀଙ୍କ ଧାନ ପାଣିରେ ଭିଜି ନଷ୍ଟ ହେବାରେ ଲାଗିଛି। ଯାହା ଚାଷୀଙ୍କ ଚିନ୍ତା ବଢାଇ ଦେଇଛି। ଦିର୍ଘ ୨୫ ଦିନର ଆନ୍ଦୋଳନ ସତ୍ତ୍ୱେ କୌଣସି ସମାଧାନ ନ ହେବାରୁ ଚାଷୀମାନେ ପୁଣି ଥରେ ଚରମ ନିଷ୍ପତ୍ତି ନେଇଛନ୍ତି। ଚାଷୀ ଓ ଚାଷୀନେତା ମଙ୍ଗଳବାର କୋକସରା ଥାନାରେ ଅଭିଯୋଗ ପତ୍ର ଦେଇ ବୁଧବାର ଠାରୁ ପୁଣିଥରେ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଆମରଣ ଅନଶନରେ ବସିବା ନେଇ ସଂଘ ଉପସଭାପତି ରାଜୀବ କୁମାର ଅଗ୍ରୱାଲ ସୂଚନା ଦେଇଛନ୍ତି।

## କେସିଙ୍ଗା ଏନ୍‌ଏସିର ଦୁଇ କର୍ମଚାରୀଙ୍କ ଅବସର ଗ୍ରହଣ



କେସିଙ୍ଗା,୨।୬(ସମିସ):୧୯୬୫ ମସିହାରୁ ଅସ୍ତିତ୍ୱରେ ଆସିଥିବା କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦର ଦୁଇ ଜଣ କର୍ମଚାରୀଙ୍କୁ ସୋମବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।କେସିଙ୍ଗା ଏନ୍‌ଏସିରେ ଦୀର୍ଘ ଦିନ ଧରି ୱାର୍କସରକାର ପଦବୀରେ ଥିବା ମୋହନ ସାହୁ ଓ ଜୁନିଅର ଆସିଷ୍ଟଟେଣ୍ଟ ଭାବରେ କାର୍ଯ୍ୟରତ ଥିବା ଦିବାକର ଜେନାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନାଜ୍ଞାପନ କରାଯାଇ ଆଗାମୀ ଦିନପାଇଁ ଶୁଭକାମନା ଦିଆଯାଇଥିଲା।ଉକ୍ତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ କେସିଙ୍ଗା ନଗରପାଳ ନୃପରାଜ ଯାଦବ,କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ,ଏମଇ ଅଶୋକ କୁମାର ପଟ୍ଟନାୟକ, ନିର୍ବାହୀଯନ୍ତ୍ରୀ ନାରାୟଣ ମହାରଣା, ଶ୍ରୀନିବାସ ପଟ୍ଟନାୟକ, ଗଦାଧର ସିଂ ଦେଓ ସମସ୍ତ ୱାର୍ଡ ୱାର୍ଡ କାଉନସିଲରଙ୍କ ସମେତ କେସିଙ୍ଗା ଏନ୍‌ଏସିର କଣ୍ଟାକଟର ଆସୋସିଏସନ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଜୟପୁର ପୌରସଂସ୍ଥାରେ ନୂତନ ସଫେଇ ଠିକାସଂସ୍ଥାର ଦାୟିତ୍ୱ ଗ୍ରହଣ

ଜୟପୁର, ୨।୬ (ସମିସ) :




ଜୟପୁର ସହରର ସଫେଇ ଏବଂ ପରିମଳ କାର୍ଯ୍ୟ ପାଇଁ ନୂତନ ଠିକାସଂସ୍ଥା ଦାୟିତ୍ୱ ଗ୍ରହଣ କରିଛି। ଭୁବନେଶ୍ୱରର ପିଏମ୍ଆର. ନାମକ ଏକ ଠିକାସଂସ୍ଥା ଗତ ମାସରେ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଲଟେରୀ ଉଠାଣରେ ସଫଳ ହୋଇଥିଲେ। ନିର୍ଦ୍ଧାରିତ ୧ ତାରିଖ ଠାରୁ ନୂତନ ଠିକାସଂସ୍ଥା ସହରର ସଫେଇ ଓ ପରିମଳ କାର୍ଯ୍ୟ ଆରମ୍ଭ କରିଛନ୍ତି ବୋଲି ପୌର ନିର୍ବାହୀ ଅଧିକାରୀ ପୂଜା ରାଉତ ପ୍ରକାଶ କରିଛନ୍ତି । ଗତ ମାସରେ ଉକ୍ତ ଠିକାସଂସ୍ଥାକୁ ଜୟପୁର ପୌରସଂସ୍ଥା ପକ୍ଷରୁ ଗତ ମେ ୪ ତାରିଖରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା ଏବଂ ୫ ତାରିଖରେ ଠିକାସଂସ୍ଥା ପକ୍ଷରୁ ୭୦ ଲକ୍ଷ ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରଦାନ କରାଯାଇଛି। ଗତବର୍ଷ ପୂର୍ବତନ ଠିକାସଂସ୍ଥା ସହର ସଫେଇ ବାବଦକୁ ୭୪ ଲକ୍ଷ ଟଙ୍କା ମାସିକ ପ୍ରଦାନ କରାଯାଉଥିବା ବେଳେ ବର୍ତ୍ତମାନ ଏହାର ବୃଦ୍ଧି କରାଯାଇ ମାସିକ ୯୨ ଲକ୍ଷ ଟଙ୍କା ପ୍ରଦାନ କରାଯିବା ନେଇ ଚୁକ୍ତିନାମା କରାଯାଇଛି। ଗତକାଲି ପୂର୍ବାହ୍ନରେ ଉକ୍ତ ଠିକାସଂସ୍ଥା ସହିତ ଚୁକ୍ତିନାମ ପରେ ସଂସ୍ଥା ପକ୍ଷରୁ ସଫେଇ କାର୍ଯ୍ୟ ଆରମ୍ଭ କରାଯାଇଛି। ପ୍ରକାଶ ଯେ, ଚଳିତ ବର୍ଷ ଟେଣ୍ଡର ଜୟପୁର ପୌରସଂସ୍ଥାର ସଫେଇ ଟେଣ୍ଡରକୁ ନେଇ ଅନିୟମତା ହୋଇଥିବା ନେଇ ବାଦବିବାଦ ସୃଷ୍ଟି ହୋଇଥିଲା। ଏହିପରି ଟେଣ୍ଡର ପ୍ରକ୍ରିୟାର ଅନ୍ତିମରେ ୩ଟି ସଂସ୍ଥା ସମାନ ଟଙ୍କା ଟେଣ୍ଡର ଦାଖଲ କରିଥିବା ଯୋଗୁଁ ଲଟେରୀ ମାଧ୍ୟମରେ ଉଠାଣ କରାଯାଇଥିଲା। କିନ୍ତୁ ଏହି ଲଟେରୀ ଉଠାଣ ତିନିଥର କରାଯାଇ ଉଠାଣ କରାଯାଇଥିବା ନେଇ ୧୫ ଜଣ କାଉନସିଲର ଅଭିଯୋଗ କରିବା ସହିତ ପୌର ଅଧକ୍ଷ ଏବଂ ପୌରନିର୍ବାହୀ ଅଧିକାରୀଙ୍କ ଅନିୟମତା କରିଥିବା ଅଭିଯୋଗ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତଦନ୍ତ କରିବା ସହିତ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। କିନ୍ତୁ ରିପୋର୍ଟ ପ୍ରଦାନ କରାଯିବା ପରେ ଉକ୍ତ ଠିକାସଂସ୍ଥାକୁ ପ୍ରଦାନ କରାଯାଇଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତି ରାଉତ ସ୍ପଷ୍ଟ କରିଛନ୍ତି। ଏହିପରି ରିପୋର୍ଟରେ କଣ ଉଲ୍ଲେଖ କରାଯାଇଛି ଏବଂ କେଉଁ ତାରିଖରେ ଏହାକୁ ଜିଲ୍ଲାପାଳ ପ୍ରଦାନ କରିଛନ୍ତି ଏଥିନେଇ ଅଭିଯୋଗକାରୀ କାଉନସିଲର ମାନଙ୍କ ନିକଟରେ କୌଣସି ସୂଚନା ନଥିବା ବେଳେ ପ୍ରଥମେ ବିରୋଧ କରୁଥିବା ଉପାଧକ୍ଷା ଏବଂ କାଉସିଲରଙ୍କ ପାଟିଚୁପ ରହିବାକୁ ନେଇ ମଧ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

## ଗୋପାଳଙ୍କୁ ଆକ୍ରମଣ ଘଟଣା

# ଅଭିଯୁକ୍ତକୁ ଗିରଫ ଦାବିରେ ମଶାଲ ଶୋଭାଯାତ୍ରା



ନବରଙ୍ଗପୁର,୨।୬(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଅଞ୍ଚଳରେ ଗତ ୨୧ ତାରିଖ ଦିନ ଲୋଧୁଆପଡ଼ା ଠାରେ ରାଇଘର ଅଞ୍ଚଳର କିଛି ଗୋପାଳ ଓ ଆଦିବାସୀ ତଥା ଦଳିତ ବାଙ୍ଗୀୟ ଚାଷୀ ନିଜ ବଳଦ ନିଜ ଗାଁକୁ ନେଇ ଯାଉଥିବା ସମୟରେ ନିରୀହ ଚାଷୀଙ୍କ ଉପରେ ଗୋ-ରକ୍ଷା ନାଁରେ ତଥାକଥିତ ବଜରଙ୍ଗ ଦଳର ସଭ୍ୟ ବୋଲାଉଥିବା ଗେରୁଆ ଗୁଣ୍ଡାମାନେ ଅକଥନୀୟ ଅତ୍ୟାଚାର ପ କରିଥିଲେ। ଏହି ଘଟଣା ବର୍ତ୍ତମାନ ରାଜ୍ୟ ପ୍ରସଙ୍ଗ ପାଲଟି ଥିବାବେଳେ ଆଜକୁ ୧୧ ଦିନ ହେବ ପୋଲିସର ନିଷ୍କ୍ରିୟତା ପ୍ରସଙ୍ଗକୁ ଆହୁରି ଜଟିଳ ଆଡ଼କୁ ଟାଣି ନେଉଛି। ଏହି କ୍ରମରେ ବିଗତ ଦିନରେ ଚନ୍ଦାହାଣ୍ଡି ଏସଟି, ଏସସି ଓ ପଛୁଆ ବର୍ଗ ତରଫରୁ ଥାନା ଘେରାଉ କରାଯାଇଥିଲା। କଂଗ୍ରେସ ଏବଂ ବିଜେଡିର ପ୍ରତିନିଧି ଦଳ ଘଟଣାର ସବିଶେଷ ଅନୁସନ୍ଧାନ କରିବା ସହ ଅଭିଯୁକ୍ତଙ୍କ ଗିରଫ ଦାବି କରିଥିବା ବେଳେ ଆଜି ପୁଣି ଚନ୍ଦାହାଣ୍ଡି ଅଞ୍ଚଳର ଏସଟି ଏସସି, ପଛୁଆ ବର୍ଗର ଶତାଧିକ ଯୁବକ ସ୍ଥାନୀୟ ଆମ୍ବେଦକର ଛକ ଠାରୁ ଥାନା ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା କରି ଅଭିଯୁକ୍ତଙ୍କୁ ଗିରଫ ଦାବି କରିଥିଲେ। ଏହି କାଣ୍ଡ ଭିଆଇ ଥିବା ଅସାମାଜିକ ଯୁବକ ମାନେ ମାନବିକତାର ଶେଷ ସୀମା ଟପି ଯାଇଛନ୍ତି। ସଭ୍ୟ ସମାଜରେ ଏହା କଦାପି ଗ୍ରହଣୀୟ ନୁହେଁ ବୋଲି ବିକ୍ଷୋଭକାରୀ ମାନେ କହିଥିଲେ। ଅନ୍ୟପକ୍ଷରେ ପୋଲିସ କଂଗ୍ରେସ ପ୍ରତିନିଧି ଦଳକୁ ପାଞ୍ଚ ଦିନ ଏବଂ ବିଜେଡି ପ୍ରତିନିଧି ଦଳକୁ ସାତ ଦିନ ସମୟ ଦେଇ ଦିନ ପରେ ଦିନ ଗଡେଇ ଚାଲିଛି। ଅପରପକ୍ଷେ ଦୁଇ ଜଣ ଅଭିଯୁକ୍ତ ଅଗ୍ରୀମ ଜାମିନ ନିମନ୍ତେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା କଂଗ୍ରେସ ନେତା କ୍ଷେମରାଜ ବାଘ କହିଛନ୍ତି। ଖୁବ ଶୀଘ୍ର ଜିଲ୍ଲା ବନ୍ଦ ଡାକରା ଦିଆଯିବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ କ୍ଷେମରାଜ ବାଘ, ଲଛମନ ମାଝୀ, ଭୀମସେନ ଡଙ୍ଗରି, ରଜତ ଜଗତ, ଚକ୍ର ଚୌହାନ, ଏସଏମ ଇଦ୍ରୀସ, ଚନ୍ଦନ ଜଗତ ପ୍ରମୁଖ ଉପସ୍ଥିତ ଥିଲେ।

**ଅଗ୍ରିମ ଜାମିନ ପାଇଁ ଦୁଇ ଅଭିଯୁକ୍ତ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ !**

# କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟର ସମୀକ୍ଷା



ଗୁଣପୁର, ୨।୬(ସମିସ): ଗୁଣପୁର କେନ୍ଦ୍ରୀୟ ବିଦ୍ୟାଳୟ କ୍ଷେତ୍ରପରିଦର୍ଶନ କରି ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଛି ବିଦ୍ୟାଳୟ ପରିଚାଳନା କମିଟି। କମିଟିର ମନୋନୀତ ଚେୟାରମ୍ୟାନ ତଥା ଗୁଣପୁର ଉପଜିଲ୍ଲାପାଳ ଅଭିଷେକ ଦୁଧକ୍ଷଲ ଦିଲ୍ଲୀପ, ପ୍ରିନସିପାଲ ସୌରଭ ଜୈନ, ସିପିଡବ୍ଲୁର ଭାରପ୍ରାପ୍ତ ଇଞ୍ଜିନିଅର ଏ. କେ.ସାହୁ, ସଦସ୍ୟ ଅକ୍ଷୟ ଦାଶ, ସଦସ୍ୟ ଚନ୍ଦନା ପାଣି, ରାଜସ୍ୱ ନିରୀକ୍ଷକ, ନିର୍ମାଣକାରି ସଂସ୍ଥା ର ପ୍ରତିନିଧ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ସମ୍ପୂର୍ଣ ନିର୍ମାଣ କାର୍ଯ୍ୟ କିପରି ତ୍ୱରାନ୍ୱିତ ହେବ, କର୍ମଚାରୀ ମାନଙ୍କ ପାଇଁ କ୍ୱାର୍ଟର, ପାଚେରି କାମ ତଦାରଖ କରିବା ସହ କାର୍ଯ୍ୟ ସମ୍ପୂର୍ଣ ସମ୍ପର୍କରେ ସମୀକ୍ଷା କରିଥିଲେ । ଉପଜିଲ୍ଲାପାଳ ନୂଆ ସେସନ ୨୦୨୬-୨୭ ରୁ ନୂଆ କ୍ୟାମ୍ପସରେ ଶିକ୍ଷା ଦାନ ଆରମ୍ଭ କରିବା ପାଇଁ ନିର୍ଦେଶ ଦେଇ ଜାନୁଆରୀ ୨୦୨୭ ସୁଦ୍ଧା ସମସ୍ତ ସିଭିଲ, ଇଲେକ୍ଟ୍ରିକାଲ୍, ଗେଟ୍ କାମ ସାରିବାକୁ ବିଭାଗ ଓ ଠିକାଦାର ସଂସ୍ଥାଙ୍କୁ ନିର୍ଦେଶ ଦେଇ କହିଛନ୍ତି । ଅତି ଶୀଘ୍ର କାମ ନ ସାରିଲେ ପେନାଲ୍ଟି ସୁପାରିଶ କରାଯିବ ବୋଲି ତାଗିତ କରିଥିଲେ । ଏହିସହ ପରିଚାଳନା କମିଟି ସଦସ୍ୟା ମାନେ ନକ୍ସା ଆବଶ୍ୟକ ପରିବର୍ତନକୁ ସ୍ୱୀକୃତି ପ୍ରଦାନ କରିବାସ ହ ଆବଶ୍ୟକ ମଞ୍ଜୁରୀ ପ୍ରଦାନ କରିଥିଲେ।

# କେ.ନୂଆଗୁଡ଼ା ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଛି ନାଳପାଣି

ପୋଡ଼ାଗଡ଼,୨।୬(ସମିସ): ଖରାର ତାପମାତ୍ରା ଯେତିକି ବଢୁଛି ପାନୀୟଜଳ ସମସ୍ୟା ସେତିକି ଉତ୍କଟତର ହେଉଛି। ପିଇବା ପାଣି ପାଇଁ ତହଳ ବିକଳ ହେଉଛନ୍ତି ଲୋକେ। ନାଳ ପାଣି ପିଇ ଶୋଷ ମେଣ୍ଟାଉଛନ୍ତି ଗ୍ରାମବାସୀ । ଏଭଳି ସମସ୍ୟା ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ପୋଡ଼ା ଗଡ ପଞ୍ଚାୟତ ସ୍ଥିତ କେ ନୂଆଗୁଡ଼ା ଗାଁରେ। ତିନୋଟି ନଳକୂଅ ଦୁଇ ସାହିଁରେ ରହିଥିବା ବେଳେ କେବଳ ଦୁଇଟି ସମ୍ପୂର୍ଣ ଅଚଳ ଓ ଅନ୍ୟ ନଳକୂଅରୁ ସୋଲାର ମାଧ୍ୟମରେ ପାଣି ଉଠାଯାଇ ସାହିକୁ ଦିଆଯାଇଛି। କିନ୍ତୁ ସୋଲାର ଖରା ହେଲେ ହିଁ ଚାର୍ଜ ହୋଇ ପାଣି ଆସୁଛି, ନଥିଲେ ପାଣି ଆସୁନାହିଁ। ୭୦ ପରିବାରକୁ ଏକ ସୋଲାର ପମ୍ପରେ ପାଣି ନିଅଣ୍ଟ ହେଉଛି। ତେବେ ଗ୍ରାମର ଜନସଂଖ୍ୟା ଅନୁଯାୟୀ, ନଳକୂପ ନ ଥିବାରୁ ଗାଁ ପାଖ ନାଳରୁ ପାଣି ଆଣି ବ୍ୟବହାର କରିଥିବା ଦେଖିବାକୁ ମିଳିଛି। ଗାଁ ନାଳରେ ଘଣ୍ଟା ଘଣ୍ଟା ଅପେକ୍ଷା କରି ପାଣି ଆଣୁଥିବା ଗ୍ରାମର ବିମଳା ନାୟକ, ରମ ଦିଶାର. ସାୟାଲ ଦିସାରୀ ମାଣିକ ଦିସାରୀ, ପରି ଦିଶାରୀ, ପଦ୍ମା ଦିଶାରୀ ପ୍ରମୁଖ କହିଛନ୍ତି । ଦୀପତଳ ଅନ୍ଧାର ସଦୃଶ୍ୟ ୩୨୬ ନଂ ଜାତୀୟ ରାଜପଥ କଡ଼ରେ ଗ୍ରାମ ଥିଲେ ସୁଦ୍ଧା ପାନୀୟ ଜଳ ସମସ୍ୟା ରହିଛି। ବ୍ଲକ କାର୍ଯ୍ୟାଳୟ ଠାରୁ ମାତ୍ର ୩ କିଲୋମିଟର ଦୂରରେ ଅବସ୍ଥିତ ଗାଁରେ ଯଦି ପାନୀୟଜଳ ସମସ୍ୟା ତେବେ ବ୍ଲକ କାର୍ଯ୍ୟାଳୟ ଠାରୁ ଦୂରରେ ରହିଥିବା ଗାଁ ଗୁଡ଼ିକର ପାନୀୟ ଜଳ ସମସ୍ୟା କିଭଳି ରହିଥିବ ଏଥିରୁ ହିଁ ଅନୁମାନ କରିବାର କଥା । ଏନେଇ ଗ୍ରାମବାସୀ ଅନେକ ବାର ବିଭାଗୀୟ ଅଧିକାରୀ ମାନଙ୍କୁ ଜଣାଇଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ।

# ବିଶ୍ୱ ପରିବେଶ ଦିବସ ପାଳିତ




କୁନ୍ଦୁରା,୨।୬(ସମିସ): କୁନ୍ଦୁରା ବ୍ଲକ ସଦର ପଞ୍ଚାୟତ କଟଣୀକୁଣ୍ଡ ଠାରେ ଜଳ ଓ ପରିମଳ ବିଭାଗର ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ ଆରମ୍ଭ ହୋଇଛି । ଜଳ ଓ ପରିମଳ ବିଭାଗ ବ୍ଲକ ସଂଯୋଜକ ପିଣ୍ଟୁ କୁଲଦୀପଙ୍କ ତତ୍ତ୍ୱାବଧାନରେ ଅୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଲବ ପରଜା, ସମିତି ସଭ୍ୟ ଦାମୋଦର ଗଣ୍ଡା ଏବଂ ୱାର୍ଡ ସଭ୍ୟ ଲୈଛନ ସାନ୍ତା ଯୋଗ ଦେଇଥିଲେ। ଗାଁକୁ ସ୍ୱଚ୍ଛ ରଖିବାକୁ ହେଲେ ପ୍ରଥମେ ଘରକୁ ସଫା ସୁତରା ରଖିବାକୁ ହେବ ଓ ଗାଁ ପରିବେଶ ସଫା ରଖିଲେ ଗାଁ ସ୍ୱଚ୍ଛ ରହିବ ଓ ଜଳବାୟୁର ସୁରକ୍ଷା ହୋଇପାରିବ ଓ ପ୍ଲାଷ୍ଟିକର ବହୁଳ ବ୍ୟବହାର ଓ ଜଙ୍ଗଲ କ୍ଷୟ ହେଉଛି ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ । ଏଣୁ ପ୍ଲାଷ୍ଟିକ ବ୍ୟବହର ନ କରିବା, ଅଳିଆ ଆବର୍ଜନା ସ୍ୱତନ୍ତ୍ର କୁଣ୍ଡରେ ପକାଇବା, ଜଳକୁ ଦୂଷିତ ନ କରିବା ଓ ଜଙ୍ଗଲ ପରିବେଶର ସୁରକ୍ଷା କରିବା ଆଦି ବିଷୟରେ ଗାଁ ଲୋକଙ୍କୁ ସଚେତନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଅଙ୍ଗନବାଡ଼ି କର୍ମୀ ସୁନିତା ବାଡ଼ତ୍ୟା, ଆଶା କର୍ମୀ ସାବିତ୍ରୀ ସାନ୍ତା, ସ୍ଥାନୀୟ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ଓ ଜୟପୁର ବିକ୍ରମ ଦେବ କଲେଜର ଛାତ୍ରଛାତ୍ରୀ ପ୍ରମୁଖ ସାମିଲ ହୋଇଥିଲେ। ଆଜିଠାରୁ ୫ ତାରିଖ ପର୍ଯ୍ୟନ୍ତ ବ୍ଲକର ସମସ୍ତ ପଞ୍ଚାୟତ ଅଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ମାନ କରାଯିବ । ୫ ତାରିଖରେ ପ୍ରତି ପଞ୍ଚାୟତରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ସ୍ୱତନ୍ତ୍ର ଗ୍ରାମସଭା କରାଯାଇ ସଚେତନ କରାଯିବ ବୋଲି ଶ୍ରୀ କୁଲଦୀପ ସୂଚନା ଦେଇଛନ୍ତି ।

## ଜାତୀୟ କରାଟେ ଚାମ୍ପିଅନ୍‌ସିପ

# ଖେଳିବେ ସେମିଳିଗୁଡାର ୭ ଜଣ ଖେଳାଳି

ସେମିଳିଗୁଡା, ୨।୬ (ସମିସ):




କୋରାପୁଟ ଜିଲ୍ଲା ସେମିଳିଗୁଡାର ଉତ୍କଳ କରାଟେ ସ୍କୁଲର ୭ ଜଣ ଖେଳାଳି ଦେହରାଡୁନରେ ୫ମ କେଆଇଓ ଜାତୀୟ କରାଟେ ଚାମ୍ପିଅନସିପରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ ବୋଲି କୋଚ୍ ରାଜେନ୍ଦ୍ର କୁମାର୍ ସାମଲ ସୂଚନା ଦେଇଛନ୍ତି। କରାଟେ ଇଣ୍ଡିଆ ଅର୍ଗାନାଇଜେସନ ପକ୍ଷରୁ ୩ ଜୁନରୁ ୭ ଜୁନ ୨୦୨୬ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ଦେହରାଡୁନରେ ହେବ ୫ମ କେଆଇଓ ଜାତୀୟ କରାଟେ ଚାମ୍ପିଅନସିପ। ୨୦୨୬ରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ପାଇଁ ସେମାନେ ମନୋନୀତ ହୋଇଛନ୍ତି। ଭୁବନେଶ୍ୱରରେ ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ୩୭ତମ କ୍ୟାଡେଟ୍ ଓ ଜୁନିଅର ଏବଂ ୩୮ତମ ସବ୍-ଜୁନିଅର ରାଜ୍ୟ କରାଟେ ଚାମ୍ପିଅନ୍‌ସିପରେ ସ୍ୱର୍ଣ ପଦକ ହାସଲ କରିଥିବା ୭ ଜଣ ଜାତୀୟ ସ୍ତରୀୟ ପାଇଁ ମନୋନୀତ ହୋଇଥିଲେ। ରୁଦ୍ରାଂଶ କୁମାର ସାମଲ, ଆକାଂକ୍ଷା ମହାନ୍ତି, ସିବାର୍ପିତ ଚନ୍ଦନ ସ୍ୱାଇଁ, ତପସ୍ୱିନୀ ନାୟକ, ତୃପ୍ତିରାଣୀ ମହାନ୍ତି, ଏଞ୍ଜେଲ ଅଭିଷିକ୍ତା ମିନିଆକା, ଅଂଶୁମାନ ରାଉତ ପ୍ରମୁଖ ଜାତୀୟ ପ୍ରତିଯୋଗିତା ପାଇଁ ଦେହରାଡୁନକୁ ଗସ୍ତ କରିଛନ୍ତି। ସେହିପରି ଏହି ଜାତୀୟ ଚାମ୍ପିଅନ୍‌ସିପ ପାଇଁ ରାଜେନ୍ଦ୍ର କେଶରୀ ସାମଲଙ୍କୁ ଓଡ଼ିଶା ରାଜ୍ୟ ଦଳର ପ୍ରଶିକ୍ଷକ ଭାବେ ମନୋନୀତ କରାଯାଇଛି। ଓଡ଼ିଶା ଦଳ ୧ ଜୁନରେ ଜାତୀୟ ଚାମ୍ପିଅନ୍‌ସିପ ପାଇଁ ଦେହରାଡୁନ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଓଡ଼ିଶା ଷ୍ଟେଟ କରାଟେ ଡୁ ଆସୋସିଏସନ ସମ୍ପାଦିକ ଡା. ଗୌରୀ ମହାନ୍ତି , ଓଡ଼ିଶା ଷ୍ଟେଟ କରାଟେଡୁ ଆସୋସିଏସନ ସଭାପତି ହରି ପ୍ରସାଦ ପଟ୍ଟନାୟକ, କୋରାପୁଟ ଜିଲ୍ଲା କରାଟେ ଆସୋସିଏସନ ସମ୍ପାଦକ ଦୁର୍ଗା ପ୍ରସାଦ ରଥ, ସେମିଳିଗୁଡା ଉତ୍କଳ କରାଟେ ସ୍କୁଲ ସଭାପତି ମନୋଜ ପଟ୍ଟନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଭାଲୁ ଆକ୍ରମଣରେ ବାଳକ ଗୁରୁତର

ଉମରକୋଟ,୨।୬(ସମିସ):



ଭାଲୁ ଆକ୍ରମଣରେ ଜଣେ ବାଳକ ଗୁରୁତର ହୋଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅଧିନରେ। ଗୁରୁତର ବାଳକ ଜଣକ ହେଲେ ମୁଣ୍ଡି ବେଡା ପଞ୍ଚାୟତ କପାଟ ପାଣି ଗ୍ରାମର ଅନନ୍ତ ସାନ୍ତା (୧୫)। ମିଳିଥିବା ସୂଚନା ଅନୁସାରେ ଅନନ୍ତ ଆଜି ସକାଳ ୧୦ ଘଣ୍ଟା ସମୟରେ ଗ୍ରାମ ନିକଟରେ ଥିବା ଜଙ୍ଗଲକୁ ସେ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ମା' ଓ ଛୁଆ ଭାଲୁକୁ ଦେଖି ଅନନ୍ତ ଦୌଡିବା ଆରମ୍ଭ କରିଥିଲେ। କିନ୍ତୁ ମା' ଭାଲୁ ଅନନ୍ତ ପଛରେ ଦୌଡି ଆସି ଅନନ୍ତ ମୁଣ୍ଡ ଓ କାନ୍ଧରେ ଆକ୍ରମଣ କରିଥିଲା। କିନ୍ତୁ ସୌଭାଗ୍ୟ ବଶତଃ ଭାଲୁଟି ଅନନ୍ତକୁ ଆକ୍ରମଣ କରିବା ପରେ ଛାଡି ଦେଇ ଛୁଆ ସହ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା। ଗୁରୁତର ଅବସ୍ଥାରେ ଘରକୁ ଫେରିଆସି ଘଟଣା ସମ୍ପର୍କରେ ମା'ଓ ବାପା ଙ୍କୁ କହିଥିଲା। ପରିବାର ଲୋକେ ଅନନ୍ତକୁ ଗୁରୁତର ଅବସ୍ଥାରେ ପ୍ରଥମେ ରାଇଘର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅନନ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ବର୍ତ୍ତମାନ ଅନନ୍ତ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

# ରାସ୍ତା କଡ଼ରେ ଗାଡ଼ି ପାର୍କିଂ କଲେ କାର୍ଯ୍ୟାନୁଷ୍ଠାନ

ଜୟପୁର,୨।୬(ସମିସ): ଜୟପୁର ସହରର ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ବାରମ୍ବାର ପୁଲିସ ଓ ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଜୁନ ପହିଲାରୁ ଏହି ଦୁଇଟି ନିର୍ଦ୍ଦେଶନାମାକୁ ନେଇ କଡା ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ଉପଜିଲ୍ଲାପାଳଙ୍କ ନୋଟିସ୍ ଆଧାରରେ ଆଜି ଟାଉନ୍ ପୁଲିସ ପକ୍ଷରୁ ଜୋରଦାର ପଦକ୍ଷପ ଗ୍ରହଣ କରାଯାଇଛି। ସହରର ରାସ୍ତା ପାର୍ଶ୍ୱରେ ହେଉଥିବା ବେଆଇନ ବସ୍ ଏବଂ ଅନ୍ୟାନ୍ୟ ଗାଡି ପାର୍କିଂକୁ ନେଇ ପଦକ୍ଷେପ ଆରମ୍ଭ କରାଯାଇଛି। ଆଜି ପୂର୍ବାହ୍ନରେ ଜୟପୁର ଏସ୍‌ଡିପିଓ ଅର୍ଚ୍ଚିତା ମିଉଲ ଓ ଟାଉନଥାନା ଆଇଆଇସି ଉଲ୍ଲାସ ଚନ୍ଦ୍ର ରାଉତଙ୍କ ଉପସ୍ଥିତିରେ ପୁଲିସ ଦଳ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ରାସ୍ତା କଡ଼ରେ ବେଆଇନ ଭାବେ ପାର୍କିଂ କରାଯାଇଥିବା ସମସ୍ତ ଗାଡ଼ି ଗୁଡ଼ିକୁ ସେଠାରୁ ହଟାଯିବା ସହ ରାସ୍ତାକଡ଼ରେ ମଦ୍ୟପାନ କରୁଥିବା ଲୋକଙ୍କୁ କଡ଼ା ଚେତାବନୀ ଦିଆଯାଇଛି। ଏଣିକି ନିୟମ ଉଲ୍ଲଂଘନ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ସହିତ ଜରିମାନା ଆଦାୟ କରାଯିବ ବୋଲି ପୁଲିସ ସ୍ପଷ୍ଟ କରିଛି।



ସୂଚନାଯୋଗ୍ୟ ଯେ, ସହରର ପାରାବେଡା ଏବଂ ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳରେ ଯାତ୍ରୀବାହୀ ବସ୍ ଗୁଡିକର ବେଆଇନ ପାର୍କିଂ କରାଯାଇ ଯାତ୍ରୀ ଚଢ଼ାଇବା ଏବଂ ଓହ୍ଲାଇବା ଯୋଗୁଁ ପ୍ରତିଦିନ ସାଧାରଣ ଜନତା ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏ ନେଇ ଜୟପୁର ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାୟକ ଏହି କଟକଣା ନେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି ଏବଂ ଏହା ଆଗାମୀ ୬୦ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ନୋଟିସରେ ଉଲ୍ଲେଖ କରିଛନ୍ତି।

# ରବି ଧାନ ସଂଗ୍ରହ ପାଇଁ ବୈଠକ




ନବରଙ୍ଗପୁର,୨।୬(ସମିସ): ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁଧିର ରଞ୍ଜନ ବେହେରା, ଡିଆର୍‌ସିଏସ ଶରତ ଚନ୍ଦ୍ର ପାଣିଗ୍ରାହୀ ଏବଂ ସିଏସଓ ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ବୈଠକରେ ଯେଉଁ ଲ୍ୟାମ୍ପ୍‌ସ ଗୁଡ଼ିକ ଅଣ-ଧାନ ଜମିର ପଞ୍ଜୀକରଣରେ ଜଡିତ ଅଛନ୍ତି, ସେମାନଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଆର୍‌ସିଏସଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେବଳ ଯୋଗ୍ୟ ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କ୍ରୟ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଧାନ କିଣା ସମୟରେ ଯଦି କୌଣସି ଚାଷୀ ଜାଲିଆତି କରି ମଣ୍ଡିକୁ ଖରଫ ସମୟର ଧାନ ବିକ୍ରୟ ପାଇଁ ଆଣିଥାନ୍ତି, ସେପରି ଚାଷୀଙ୍କୁ ଚିହ୍ନଟ କରି ତଦନ୍ତ ପ୍ରକାରେ କଳାତାଲିକାଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଧାନ କ୍ରୟ ସମୟରେ ସରକାରୀ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବା, ଧାନ ଗଦା କରି ରଖିବା ପାଇଁ ପର୍ଯ୍ୟାପ୍ତ ତାରପୋଲିନ ବ୍ୟବସ୍ଥା କରିବା, କେବଳ ଏଫ୍‌ଏକ୍ୟୁ ମାନର ଧାନ କ୍ରୟ କରିବା ପାଇଁ ନିଶ୍ଚିତ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। କେଏମ୍‌ଏସ ୨୦୨୫-୨୬ ରବି ଧାନ ସଂଗ୍ରହ ଋତୁରେ ଅଂଶଗ୍ରହଣ କରୁଥିବା ମିଲରମାନଙ୍କୁ ଧାନ ସଂଗ୍ରହଣ ଗୁଡ଼ିକରେ କୌଣସି ପ୍ରକାରର ଅନିୟମିତ କିମ୍ବା ଜାଲିଆତିପୂର୍ଣ୍ଣ ଧାନ କ୍ରୟ କାର୍ଯ୍ୟକଳାପରେ ଯେଭଳି ସମ୍ପୃକ୍ତ ନ ହେବେ ତା ଉପରେ ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ସମସ୍ତ ଅନିୟମିତତା ଏବଂ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ମଣ୍ଡି ପର୍ଯ୍ୟବେକ୍ଷକ ଅଧିକାରୀମାନଙ୍କୁ ମଣ୍ଡି ପଏଣ୍ଟ ଗୁଡ଼ିକରେ ଘଟୁଥିବା ଅନିୟମିତ କାର୍ଯ୍ୟକଳାପ, ବିଶେଷକରି ବ୍ୟବସାୟୀ, ଏଜେଣ୍ଟ, ମିଲର କିମ୍ବା ମଧ୍ୟସ୍ଥମାନଙ୍କ ଦ୍ୱାରା ଧାନ ବିକ୍ରୟ ସମ୍ବନ୍ଧୀୟ ଘଟଣା ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ମଣ୍ଡି ଏବଂ ଧାନ ସଂଗ୍ରହ କେନ୍ଦ୍ରଗୁଡ଼ିକରେ ସ୍ଥାପିତ ସିସି ଟିଭି ବ୍ୟବସ୍ଥା ସର୍ବଦା କାର୍ଯ୍ୟକ୍ଷମ ରହିବା ସହ ମିଲରମାନେ ଭିଟିଏସ ମାଧ୍ୟମରେ ଧାନ ଉଠାଇବା ଏବଂ ଯାନବାହନରେ ଭିଏଲଡିଟି ସୁନିଶ୍ଚିତ କରାଯିବ। ଶେଷରେ ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ଅଧିକାରୀ, ସଂଗ୍ରହକାରୀ ସଂସ୍ଥା, ଆର୍‌ଏମସି ଏବଂ ଲ୍ୟାମ୍ପ୍‌ସ/ ପାକ୍ସ ମାନଙ୍କୁ ଉପରୋକ୍ତ ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ ସୁନିଶ୍ଚିତ କରିବାକୁ କହିଥିଲେ।

### ପିଡିଏସ୍ ଗୋଦମ ଗୃହ ମରାମତି ଦୁର୍ନୀତି

# ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ; ବଦଳିଲେ ଯନ୍ତ୍ରୀ






ବିଷମ କଟକ,୨।୬(ସମିସ): ରାୟଗଡ଼ ଜିଲ୍ଲା ବିଷମକଟକ ସଦର ପଞ୍ଚାୟତରେ ପାଣ୍ଠି ଦୁରୁପଯୋଗ ଏବଂ ଗୋଦାମ ଗୃହ ମରାମତି ନାଁରେ ଅର୍ଥ ଆତ୍ମସାତରେ ସଂପୃକ୍ତ ଯନ୍ତ୍ରୀ ବିଶ୍ୱଭୂଷଣ ବେହେରା ଏବଂ ପଞ୍ଚାୟତ ପିଇଓ ରହିଥିବା ନେଇ ଗତ ଏକ ମାସ ହେବ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇଥିଲା। ଏଣୁ ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟର ବିବାଦୀୟ ଯନ୍ତ୍ରୀଙ୍କ ବଦଳି ହୋଇଥିବା ନେଇ ସୂଚନା ମିଳିଛି। ଏଭଳି ଦୁର୍ନୀତି ବିରୁଦ୍ଧରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଏହି କାର୍ଯ୍ୟନୁଷ୍ଠାକୁ ନେଇ ଚାରି ଆଡେ ଚର୍ଚ୍ଚା ହେଉଛି। ଯନ୍ତ୍ରୀଙ୍କ ଭଳି ଏଥିରେ ଅନ୍ୟ ଯେଉଁମାନେ ସାମିଲ ଅଛନ୍ତି, ସେମାନଙ୍କ ଉପରେ କେବେ କାର୍ଯ୍ୟାନୁଷ୍ଠାନ ହେବ ସେ ନେଇ ଚର୍ଚ୍ଚା ଜୋର ଧରିଛି। ପ୍ରକାଶ ଥାଉକି ବିଷମକଟକ ଗ୍ରାମପଞ୍ଚାୟତ ସ୍ଥିତ ପିଡିଏସ୍ ଗୋଦାମ ମରାମତି ପ୍ରକଳ୍ପ କାର୍ଯ୍ୟରେ ଯନ୍ତ୍ରୀ ବିଶ୍ୱଭୂଷଣ ବେହେରା ଦାୟିତ୍ୱରେ ନଥିବା ସତ୍ତ୍ୱେ ସରକାରଙ୍କ ନିୟମକୁ ଫୁ କରି ବେଆଇନ ଭାବେ ବିଲ କରିଦେଇଥିଲେ। ପ୍ରକୃତ କାମ ଅପେକ୍ଷା ମାତ୍ରାଧିକ ଟଙ୍କା ବିଲ କରିଥିବା ଅଭିଯୋଗ ହୋଇଥିଲା। ଅନୁରୂପ ଭାବେ ବିଷମକଟକ ପିଇଓ ପ୍ରଦୀପ କୁମାରଙ୍କ ବିରୁଦ୍ଧରେ ବିନା ବୈଠକ ଓ ସଭ୍ୟଙ୍କ ବିନା ସମ୍ମତିରେ ପିଡ଼ିଏସ ପାଣ୍ଠିରୁ ଚାରି ଲକ୍ଷ ଟଙ୍କା ବାହାର କରିବା ନେଇ ଅଭିଯୋଗ ହୋଇଥିଲା। ଖୋଦ ବିଷମକଟକ ସରପଞ୍ଚ କେବଳ ୨ ଲକ୍ଷ ଟଙ୍କା ଉଠାଯିବା ପାଇଁ ଫାଇଲରେ ଦସ୍ତଖତ ଏବଂ ସହମତି ଦେଇଥିବା ବେଳେ ଖାତା ରୁ ୪ ଲକ୍ଷ ଟଙ୍କା କେମିତି ଉଠିଲା ସେ ନେଇ ସନ୍ଦେହ ପ୍ରକାଶ କରିଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ତଦନ୍ତ ପାଇଁ ଜିଲ୍ଲା ଗ୍ରାମ ପଞ୍ଚାୟତ ଅଧିକାରୀ ସୂର୍ଯ୍ୟନାରାୟଣ ମହାରଣାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାତ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଏ ଯାଏଁ ତଦନ୍ତ ରିପୋର୍ଟ ଡିପିଓଙ୍କ ଫାଇଲରେ ସିମିତ ହୋଇ ରହିଥିବା ଆଲୋଚନା ହେଉଛି। ଇତିମଧ୍ୟରେ ପତ୍ର ସଂଖ୍ୟା ୨୭୫୩, ୦୧.୦୬.୨୬ ରେ ଜାରି ହୋଇଥିବା ନର୍ଦ୍ଦେଶନାମାରେ ବିବାଦୀୟ ତଥା ଦୁର୍ନୀତିରେ ଲିପ୍ତ ଯନ୍ତ୍ରୀଙ୍କ ଅନ୍ୟତ୍ର ବଦଳି ହୋଇଥିବା ଜଣାପଡିଛି। ଏହି ବଦଳି ଯନ୍ତ୍ରୀଙ୍କ ପାଇଁ ପୁରସ୍କାର ନାଁ ଦଣ୍ଡ ବୋଲି ଚର୍ଚ୍ଚା ଜୋର ହେଉଛି। ତେବେ ଏଭଳି ବେଆଇନ କାର୍ଯ୍ୟରେ ଯେଉଁମାନେ ଲିପ୍ତ ରହିଛନ୍ତି ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟନୁଷ୍ଠାନ ହୋଇନଥିବାରୁ ଯନ୍ତ୍ରୀଙ୍କ ବଦଳି ଦୁର୍ନୀତିକୁ ଘଣ୍ଟ ଘୁଡ଼ାଇବା ପାଇଁ ଏହା ଏକ ଯୋଜନା ବଦ୍ଧ ହୋଇଥିବା ନେଇ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୩୧୬ ଅନୁଯାୟୀ ବିଷମ କଟକ ପିଇଓଙ୍କୁ ମାଝୀଗୁଡା ପଞ୍ଚାୟତକୁ ୨୦୨୫ ରେ ବଦଳି ହୋଇଥିଲା। ହେଲେ ଖୋଦ ଜିଲ୍ଲା ପଞ୍ଚାୟତ ଅଧିକାରୀ ପତ୍ର ସଂଖ୍ୟା ୫୦୯/୨୦୨୫ ରେ ସମ୍ପୃକ୍ତ ପିଇଓଙ୍କ ବଦଳି ନିର୍ଦ୍ଦେଶକୁ ବାତିଲ କରିଥିବା ବେଳେ ତାଙ୍କ ତତ୍ତ୍ୱାବଧାନରେ ତଦନ୍ତଟି କିଭଳି ନିରପେକ୍ଷ ହେବ ସେ ନେଇ ସନ୍ଦେହ ସୃଷ୍ଟି କରୁଛି। ସୂଚନା ଥାଉକି ବିଷମକଟକ ପିଡ଼ିଏସ ଗୋଦାମ, ମରାମତି ବାବଦରେ ଚାରି ଲକ୍ଷ ଟଙ୍କାର ଫାଇଲ ଖୋଲି ସେଥିରୁ ୩. ୭୫ ହଜାର ବିଲ କରାଯାଇଛି। ଉକ୍ତ ବିଲ୍‌ଟିକୁ ବିଷମ କଟକ ଅତିରିକ୍ତ ସହକାରୀ ଯନ୍ତ୍ରୀ ରମେଶ ସାହୁ ଚେକ୍ ମେଜରମେଣ୍ଟ କରିନଥିବା ଗଣମାଧ୍ୟମ ଆଗରେ ସ୍ପଷ୍ଟ କରିଛନ୍ତି। ବିନା ଚେକ୍ ମେଜରମେଣ୍ଟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଟଙ୍କା ପଇଠ କରିବା, ତାଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରରେ ରହିଛି। ବିଷମକଟକ ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ଏହି ଘଟଣାର ତଦନ୍ତ ଜିଲ୍ଲା ବୈଷୟିକ ବିଭାଗ ଏକ ଦଳ କରିବା ନେଇ ଆଗ୍ରହ ପ୍ରକାଶ କରିଥିବା ବେଳେ ବିଷମକଟକ ପଞ୍ଚାୟତ ମଧ୍ୟରେ ହୋଇଥିବା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ ବିଷମକଟକ ନାଗରିକ ମଞ୍ଚର ସଭାପତି ଗୋପାଳ କୃଷ୍ଣ ପଟ୍ଟନାୟକ ଦାବି କରିଛନ୍ତି।

## ନବନିଯୁକ୍ତ ୨୨ ଶିକ୍ଷକଙ୍କୁ ପଦସ୍ଥାପନ ପତ୍ର ପ୍ରଦାନ



ରାୟଗଡ଼,୨।୬(ସମିସ) :

ରାୟଗଡ଼ ଜିଲ୍ଲା ମଙ୍ଗଳ ବିଭାଗ ଅଧୀନରେ ପରିଚାଳିତ ବିଦ୍ୟାଳୟଗୁଡ଼ିକ ପାଇଁ ନବନିଯୁକ୍ତ ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ (ଟିଜିଟି ) ଓ ଶାରୀରିକ ଶିକ୍ଷା ଶିକ୍ଷକ (ପିଇଟି) ମାନଙ୍କର ପଦସ୍ଥାପନ କାର୍ଯ୍ୟକ୍ରମ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିଯୁକ୍ତ ଶିକ୍ଷକମାନଙ୍କୁ ନିଷ୍ଠା ଓ ଦାୟିତ୍ୱବୋଧ ସହ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ମାନ ବୃଦ୍ଧି ସହ ସେମାନଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଚଳିତ ଶିକ୍ଷାବର୍ଷରେ ପ୍ରତ୍ୟେକ ବିଦ୍ୟାଳୟରୁ ଅତିକମ୍‌ରେ ୫ ଜଣ ଛାତ୍ରଛାତ୍ରୀ ଯେପରି "ଏ ୧' ଗ୍ରେଡ୍ ହାସଲ କରିପାରିବେ, ସେଥିପାଇଁ ସ୍ୱତନ୍ତ୍ର ପ୍ରୟାସ କରିବାକୁ ସେ ଶିକ୍ଷକମାନଙ୍କୁ ଆହ୍ୱାନ ଦେଇଥିଲେ। ଏହା ସହ ପିଲାମାନଙ୍କର ଉନ୍ନତମାନର ଶିକ୍ଷା ଓ ଶାରୀରିକ ବିକାଶ ନିମନ୍ତେ ନିରନ୍ତର ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଏହି ପ୍ରକ୍ରିୟାରେ ମୋଟ ୨୨ ଜଣ ଶିକ୍ଷକଙ୍କୁ ବିଭିନ୍ନ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଥିଲା। ସେଥିମଧ୍ୟରୁ ପିସିଏମ ବିଭାଗରେ ୭ ଜଣ, ସିବିଜେଡ ବିଭାଗରେ ୩ ଜଣ ଏବଂ ପିଇଟି ଭାବେ ୧୨ ଜଣ ଶିକ୍ଷକ ସାମିଲ ଅଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ , ସଦର ରାୟଗଡ଼ାର ବିଭାଗୀୟ ଅଧିକାରୀ, ଜିଲ୍ଲା ସ୍କୁଲ ପରିଦର୍ଶକ ଏବଂ ଜିଲ୍ଲା ମଙ୍ଗଳ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଡଙ୍ଗରିଆ କନ୍ଧ ସମୁଦାୟଙ୍କୁ ଏସ୍‌ଆଇଆର ସଚେତନତା



ରାୟଗଡ଼/କଲ୍ୟାଣସିଙ୍ଗପୁର, ୨।୬(ସମିସ ): ପାହାଡ଼, ଜଙ୍ଗଲ ଏବଂ ଭାଷାଗତ ପ୍ରତିବନ୍ଧକତାକୁ ଅତିକ୍ରମ କରି ରାୟଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ନିୟମଗିରି ପାହାଡ଼ ଅଞ୍ଚଳର ଦୁର୍ଗମ ଫାକେରୀ ଗ୍ରାମରେ ବସବାସ କରୁଥିବା ଡଙ୍ଗରିଆ କନ୍ଧ ପିଭିଟିଜି ସମୁଦାୟଙ୍କ ନିକଟରେ ପହଞ୍ଚାଯାଇଛି। ରାୟଗଡ଼ ଜିଲ୍ଲାର ୧୩୯ ବିଷମକଟକ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଏହି ଗ୍ରାମରେ ମତଦାତା ସଚେତନତା ଏବଂ ଏନ୍ୟୁମେରେସନ୍ ଫର୍ମ ବଣ୍ଟନ କାର୍ଯ୍ୟକୁ ସଫଳ କରିବା ପାଇଁ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା ରାୟଗଡ଼ର ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ କଲ୍ୟାଣସିଙ୍ଗପୁର ବ୍ଲକର ବିଡିଓ ଶ୍ରୀମତୀ ମନୀଷା ଦାଶ, ସହକାରୀ ଜିଲ୍ଲାପାଳ ଶିବ ପ୍ରସାଦ ସାହୁ ଏବଂ କଲ୍ୟାଣସିଙ୍ଗପୁରର ପିଇଓ ଶ୍ୱେତାମ୍ବର ପ୍ରଧାନ ଫାକେରୀ ଗ୍ରାମ ପରିଦର୍ଶନ କରିଥିଲେ। ଏହି ଅବସରରେ ଗ୍ରାମର ସରପଞ୍ଚ ଡଙ୍ଗରିଆ କନ୍ଧ ଭାଷାରେ ଲୋକମାନଙ୍କ ସହ ଆଲୋଚନା କରି ଏସଆଇଆର ୨୦୨୬ର ଉଦ୍ଦେଶ୍ୟ, ଗୁରୁତ୍ୱ ଏବଂ ପ୍ରକ୍ରିୟା ସମ୍ପର୍କରେ ସଚେତନ କରିଥିଲେ। ସେହିପରି ଏନ୍ୟୁମେରେସନ୍ ଫର୍ମ ବଣ୍ଟନ ଏବଂ ପୂରଣ କାର୍ଯ୍ୟକୁ ମଧ୍ୟ ସୁଗମ କରାଯାଇଥିଲା। ପ୍ରଶାସନର ଏହି ପ୍ରୟାସ ଦ୍ୱାରା ଦୁର୍ଗମ ଅଞ୍ଚଳର ଆଦିବାସୀ ସମୁଦାୟଙ୍କୁ ଗଣତାନ୍ତ୍ରିକ ପ୍ରକ୍ରିୟା ସହ ଅଧିକ ସଂଯୁକ୍ତ କରାଯାଇପାରିଛି। ଲୋକଙ୍କ ନିଜସ୍ୱ ଭାଷାରେ ସଚେତନତା ସୃଷ୍ଟି କରିବା ଫଳରେ ସେମାନଙ୍କ ମଧ୍ୟରେ ଏସଆଇଆର ୨୦୨୬ ପ୍ରତି ଆଗ୍ରହ ଏବଂ ସହଭାଗିତା ବୃଦ୍ଧି ପାଇଛି। ପ୍ରତ୍ୟେକ ମତଦାତା ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରତ୍ୟେକ କଣ୍ଠସ୍ୱର ମୂଲ୍ୟବାନ ବୋଲି ବିଶ୍ୱାସ ରଖି ରାୟଗଡ଼ ଜିଲ୍ଲା ପ୍ରଶାସନ ଏସଆଇଆର ୨୦୨୬ ପ୍ରକ୍ରିୟାରେ ସମସ୍ତଙ୍କ ସହଭାଗିତା ସୁନିଶ୍ଚିତ କରିବା ଦିଗରେ ନିରନ୍ତର ପଦକ୍ଷେପ ଗ୍ରହଣ କରୁଛି।

### ■ ବାଲିମେଳା ଜଳବିଦ୍ୟୁତ କେନ୍ଦ୍ର

## ନିଯୁକ୍ତିରେ ବି ଦୁର୍ନୀତି; କର୍ତ୍ତୃପକ୍ଷ ଚୁପ୍




ମାଲକାନଗିରି/କୋରୁକୋଣ୍ଡା, ୨।୬(ସମିସ): ମାଲକାନଗିରି ଜିଲ୍ଲାର ବାଲିମେଳା ଜଳବିଦ୍ୟୁତ କେନ୍ଦ୍ରରେ କାର୍ଯ୍ୟରତ ଏଚଆରଡି ଅଧିକାରୀ ଦୁର୍ଗା ପ୍ରସାଦ ନାୟକଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ସତ୍ତ୍ୱେ ଦୀର୍ଘ ବର୍ଷ ଧରି ତାଙ୍କ ବଦଳି ନ ହେବାକୁ ନେଇ ସାଧାରଣରେ ଅନେକ ପ୍ରଶ୍ନ ଉଠିଛି। ବର୍ତ୍ତମାନ ଏହି ଅଧିକାରୀଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆସିଛି। ଅଭିଯୋଗ ଅନୁଯାୟୀ, ଶ୍ରୀ ନାୟକ ଦୀର୍ଘ ୧୩ ବର୍ଷ ଧରି ବାଲିମେଳା ଜଳବିଦ୍ୟୁତ କେନ୍ଦ୍ରରେ କାର୍ଯ୍ୟରତ ରହିଛନ୍ତି। ତେବେ ଗତ କିଛି ମାସ ପୂର୍ବେ ୬ଟି ଡାଟା ଏଣ୍ଟ୍ରି ଅପରେଟର ଓ ୧୪ଟି ଆଟେଣ୍ଡାଣ୍ଟ ପଦବୀ ପୂରଣ ପ୍ରକ୍ରିୟାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ସ୍ଥାନୀୟ ସ୍ତରରେ ଏହି ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ଏବଂ ଅର୍ଥ କାରବାର ହୋଇଥିବା ନେଇ ଅଭିଯୋଗ ହୋଇଛି। ବର୍ତ୍ତମାନ ନିଯୋଜିତ ଥିବା ଏହି ୨୦ ଗୋଟି ପଦବୀ ବାବଦକୁ ସ୍ଥାନୀୟ ଅଞ୍ଚଳର ଯୁବକ ଯୁବତୀଙ୍କ ଠାରୁ ୨ ଲକ୍ଷରୁ ଅଧିକ ଲେଖାଏଁ ଟଙ୍କା ଲାଞ୍ଚ ନେଇ ଏହି ପଦବୀ ଗୁଡିକ ପୂରଣ କରିଥିବା ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି। ଏହାର ସରକାରୀ ତଦନ୍ତ ହେଲେ ଅନେକ ରହସ୍ୟ ସାମ୍ନାକୁ ଆସିବ ବୋଲି କୁହାଯାଉଛି। ଏହି ପ୍ରସଙ୍ଗରେ ଓଏଚପିସିର ଅପରେସନ ମୁଖ୍ୟ ଅମୀୟ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କୌଣସି ମନ୍ତବ୍ୟ ଦେବାକୁ ମନା କରିଥିଲେ ଏବଂ ଲିଖିତ ଅଭିଯୋଗ ଦାଖଲ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଓଏଚପିସିର ମାନବ ସମ୍ବଳ ନିର୍ଦ୍ଦେଶକ ସନ୍ଦୀପ ପଟ୍ଟନାୟକ ମଧ୍ୟ ଏହି ପ୍ରସଙ୍ଗରେ କୌଣସି ମତାମତ ଦେବାରୁ ବିରତ ରହିଥିଲେ। ଅନ୍ୟପଟେ ଏଚଆରଡି ଦୁର୍ଗା ପ୍ରସାଦ ନାୟକ କହିଛନ୍ତି ଯେ, ସେ ୨୦୧୫ ମସିହାରୁ ବାଲିମେଳାରେ କାର୍ଯ୍ୟରତ ଅଛନ୍ତି ଏବଂ ମଧ୍ୟବର୍ତ୍ତୀ ସମୟରେ ଡେପୁଟେସନରେ ଅନ୍ୟତ୍ର ଯାଇଥିଲେ। ସଂସ୍ଥାର ଆବଶ୍ୟକତା ଯୋଗୁଁ ସେ ଏଠାରେ ରହିଥିବା କହିବା ସହ ଉଠିଥିବା ଅଭିଯୋଗ ଉପରେ ସେ ବିଶେଷ କୌଣସି ମନ୍ତବ୍ୟ ଦେଇ ନଥିଲେ। ତେବେ ଦୀର୍ଘ ସମୟ ଧରି ଏକାସ୍ଥାନରେ କାର୍ଯ୍ୟରତ ରହିବା ଏବଂ ବିଭିନ୍ନ ଅଭିଯୋଗ ସତ୍ତ୍ୱେ କୌଣସି ସ୍ପଷ୍ଟ ପଦକ୍ଷେପ ନ ହେବାକୁ ନେଇ ବୁଦ୍ଧିଜୀବୀ ଓ ସ୍ଥାନୀୟ ମହଲରେ ପ୍ରଶ୍ନ ଉଠିଛି। ଅଭିଯୋଗଗୁଡ଼ିକର ନିରପେକ୍ଷ ତଦନ୍ତ କରାଯିବା ସହ ସତ୍ୟତା ପ୍ରକାଶ ପାଇବାକୁ ସାଧାରଣରେ ଦାବି ହେଉଛି। ଉପରୋକ୍ତ ସମସ୍ତ ଅଭିଯୋଗ ଗୁଡ଼ିକର ନିରପେକ୍ଷ ତଦନ୍ତ ହେଲେ ଏହା କେତେଦୂର ସତ ତାହା ସ୍ପଷ୍ଟ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଏଆଇସିସି ସମ୍ପାଦକ ଜେଟ୍ଟି କୁସୁମ କୁମାରଙ୍କ ମାଲକାନଗିରି ଗସ୍ତ



ମାଲକାନଗିରି, ୨।୬(ସମିସ): କଂଗ୍ରେସ ସଂଗଠନକୁ ବୁଥ୍ ସ୍ତରରେ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଏଆଇସିସି ସମ୍ପାଦକ ଜେଟ୍ଟି କୁସୁମ କୁମାର ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲା ଗସ୍ତ କରୁଛନ୍ତି। ଏହି କ୍ରମରେ ସେ ମାଲକାନଗିରି ଜିଲ୍ଲାରେ ପହଞ୍ଚି କଂଗ୍ରେସ କର୍ମୀ ଓ ନେତାମାନଙ୍କ ସହ ଆଲୋଚନା କରିଥିଲେ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ କୁସୁମ କୁମାର ଅଭିଯୋଗ କରିଛନ୍ତି ଯେ, ଏସଆଇଆର ପ୍ରକ୍ରିୟା ନାମରେ ଡବଲ୍ ଇଞ୍ଜିନ ସରକାର ଲକ୍ଷାଧିକ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ ଦେବା ସହ ନିଜ ସପକ୍ଷରେ ଥିବା ଭୋଟରଙ୍କୁ ଲାଭ ମିଳିବା ଭଳି ସଂଶୋଧନ କରୁଛନ୍ତି। ତେବେ ଏହା ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଉଦ୍‌ବେଗଜନକ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ରାଜ୍ୟରେ କଂଗ୍ରେସ ସଂଗଠନ ତୃଣମୂଳ ସ୍ତରରେ ମଜବୁତ ହେଉଛି ଏବଂ ୨୦୨୯ ମସିହାରେ ଓଡ଼ିଶାରେ କଂଗ୍ରେସ ସରକାର ଗଠନ କରିବ ବୋଲି ସେ ଆଶାବାଦୀ ଥିବା ପ୍ରକାଶ କରିଛନ୍ତି। ମାଲକାନଗିରି ଗସ୍ତ ପରେ ଶ୍ରୀ କୁସୁମ କୁମାର ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲା ଗସ୍ତ କରି କଂଗ୍ରେସ କର୍ମୀଙ୍କ ସହ ସାଙ୍ଗଠନିକ ସମୀକ୍ଷା ବୈଠକରେ ଯୋଗଦେବେ ବୋଲି ସୂଚନା ମିଳିଛି। ଆଜିର ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା କଂଗ୍ରେସ ସଭାପତି ଜି ଶ୍ରୀନିବାସ ରାଓ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ବରିଷ୍ଠ ନେତା ଗୋବିନ୍ଦ ପାତ୍ର, ମାଲା ମାଡି, କେଶୁ ରାଓଙ୍କ ସହ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ମନରେଗାରେ ୮ .୭୫ ଲକ୍ଷ ଟଙ୍କା ହେରଫେର ଅଭିଯୋଗ

## ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ



ମାଲକାନଗିରି,୨।୬(ସମିସ): ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଭେଙ୍କଟାପାଲମ ପଞ୍ଚାୟତରେ ମନରେଗା ଯୋଜନାରେ ବ୍ୟାପକ ଅନିୟମିତତା ଓ ଅର୍ଥ ହେରଫେର ହୋଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ପଞ୍ଚାୟତବାସୀ ପ୍ରମାଣ ସହ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି। ଅଭିଯୋଗ ଅନୁସାରେ, ପଞ୍ଚାୟତରେ ମନରେଗା ଅଧୀନରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅର୍ଥ ବ୍ୟୟବରାଦ ହୋଇଥିଲେ ମଧ୍ୟ ଅନେକ କ୍ଷେତ୍ରରେ କାମ ନ କରି ମିଥ୍ୟା ବିଲ୍ ମାଧ୍ୟମରେ ଟଙ୍କା ଉଠାଣ କରାଯାଇଥିବା ଦର୍ଶାଯାଇଛି। ପଞ୍ଚାୟତର ଜିଆରଏସ, କନିଷ୍ଠ ଯନ୍ତ୍ରୀ, ପିଇଓ ଏବଂ ସମ୍ପୃକ୍ତ ମେଟ୍ ମିଳିତ ଭାବେ ଏହି ଅର୍ଥ ହେରଫେରରେ ସାମିଲ ଥିବା ନେଇ ଅଭିଯୋଗକାରୀ ମାନେ ଦାବି କରିଛନ୍ତି।ପଞ୍ଚାୟତବାସୀଙ୍କ କହିବା ଅନୁଯାୟୀ, ବଗିଚା ବାଡେରୀ ନିର୍ମାଣ, "ମା କେ ନାମ ପେଡ' ଯୋଜନା, ମାଙ୍ଗିପାଲିରେ ସକ୍ ପିଟ୍ ନିର୍ମାଣ, ଭେଙ୍କଟାପାଲମରେ ଅମୃତ ସରୋବର କାର୍ଯ୍ୟ ଏବଂ କୋୟାଗୁଡାରୁ ତେଲିଗୁଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନାମରେ ପ୍ରାୟ ୮ ଲକ୍ଷ ୭୫ ହଜାର ୬୪୧ ଟଙ୍କା ଖର୍ଚ୍ଚ ଦର୍ଶାଯାଇଛି। ତେବେ ଏହି କାମଗୁଡ଼ିକ ବାସ୍ତବରେ ହୋଇନଥିବା ଅଭିଯୋଗ କରି ଗ୍ରାମବାସୀ ସମ୍ପୃକ୍ତ ସ୍ଥାନର ଫଟୋଚିତ୍ର ମଧ୍ୟ ଜିଲ୍ଲା ପ୍ରଶାସନକୁ ଦେଇଛନ୍ତି। ଏହାସହ ମନରେଗାରେ ଶ୍ରମିକମାନଙ୍କୁ ୧୦୦ ଦିନର କାମ ଯୋଗାଇବାର ବ୍ୟବସ୍ଥା ଥିଲେ ମଧ୍ୟ ସ୍ଥାନୀୟ ଶ୍ରମିକମାନେ କାମ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବାକୁ ବାଧ୍ୟ ହେଉଥିବା ମଧ୍ୟ ଅଭିଯୋଗରେ ଉଲ୍ଲେଖ ହୋଇଛି। ଗ୍ରାମବାସୀମାନେ ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯିବା ସହ ଦୋଷୀ ସାବ୍ୟସ୍ତ ହେଉଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଏଲ୍‌ଆର୍‌ସି ପଟ୍ଟା ବଣ୍ଟନରେ ଅନିୟମିତତା ଅଭିଯୋଗ, ତଦନ୍ତ ଦାବି

ମାଲକାନଗିରି, ୨।୬(ସମିସ): ବିଗତ ସରକାରଙ୍କ ସମୟରେ ଜମିହୀନ ପରିବାରଙ୍କୁ ଥଇଥାନ ଯୋଗାଇବା ପାଇଁ ଏଲଆରସି (ଲ୍ୟାଣ୍ଡ ରାଇଟ ସାର୍ଟିଫିକେଟ) ଯୋଜନାରେ ପଟ୍ଟା ବଣ୍ଟନ କରାଯାଇଥିଲା। ତେବେ ୨୦୨୩-୨୪ ମସିହାରେ ବଣ୍ଟନ ହୋଇଥିବା କିଛି ପଟ୍ଟାକୁ ନେଇ ଅନିୟମିତତାର ଅଭିଯୋଗ ସାମ୍ନାକୁ ଆସିଛି। ଅଭିଯୋଗ ଅନୁସାରେ, ଯୋଜନାରେ କେବଳ ଜମିହୀନ ପରିବାରଙ୍କୁ ୪୮୪ ବର୍ଗଫୁଟ ଜମିର ପଟ୍ଟା ପ୍ରଦାନ କରିବାର ନିୟମ ଥିବା ବେଳେ କିଛି ବ୍ୟକ୍ତି ନିଜସ୍ୱ ଜମି ଓ ଘର ଥାଇ ମଧ୍ୟ ପଟ୍ଟା ହାସଲ କରିଥିବା କୁହାଯାଉଛି। ଏହାସହ କିଛି ପଟ୍ଟାଧାରୀ ୪୮୪ ବର୍ଗଫୁଟ ବଦଳରେ ୨୦୦୦ ବର୍ଗଫୁଟରୁ ଅଧିକ ସରକାରୀ ଜମି ଦଖଲ କରି ଘର ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ଜିଲ୍ଲା ସଦର ମହକୁମା ଓ ପୌର ପରିଷଦ ଅଞ୍ଚଳରେ ଏପରି ଘଟଣା ଘଟୁଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ଦୃଶ୍ୟମାନ ପଦକ୍ଷେପ ନିଆଯାଇ ନଥିବାରୁ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଘଟଣାର ତଦନ୍ତ କରି ବେଆଇନ ଦଖଲ ହୋଇଥିବା ସରକାରୀ ଜମିକୁ ମୁକ୍ତ କରିବାକୁ ଦାବି ହୋଇଛି। ଏନେଇ ମାଲକାନଗିରି ପୌର ପରିଷଦର ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ କହିଛନ୍ତି ଯେ, ଏଲଆରସି ଯୋଜନା ବର୍ତ୍ତମାନ ବନ୍ଦ ରହିଛି। ପଟ୍ଟାଧାରୀମାନେ କେବଳ ନିର୍ଦ୍ଧାରିତ ଜମି ମଧ୍ୟରେ ଘର ନିର୍ମାଣ କରିପାରିବେ। ଏନେଇ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ।

## କିଶୋରୀଙ୍କ ପାଇଁ ଆସୁଥିବା ପୃଷ୍ଟିକର ଖାଦ୍ୟ ଯାଉଛି କୁଆଡେ ?

ମାଥିଲି,୨।୬ (ସମିସ):

କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ପ୍ରାକ ଶିକ୍ଷା ଓ କିଶୋରୀ ମାନଙ୍କ ଶାରୀରିକ ଓ ବୌଦ୍ଧିକ ବୃଦ୍ଧି ପାଇଁ ସରକାର ପ୍ରତି ରାଜସ୍ୱ ଗ୍ରାମରେ ଅଙ୍ଗନବାଡି ଖୋଲି କୋମଳମତି ଶିଶୁ ଓ କିଶୋରୀ ମାନଙ୍କୁ ପୃଷ୍ଟିକର ଖାଦ୍ୟ ଯୋଗାଇ ଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ କିଛି ଅସାଧୁ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ସରକାରୀ ଯୋଜନା ସଠିକ ରୂପାୟନ ହୋଇ ପାରୁନାହିଁ। ଏପରି ଚିତ୍ର ଏକ ସାମ୍ନାକୁ ଆସିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ। ମାଥିଲି ବ୍ଲକରେ ସମସ୍ତ ଅଙ୍ଗନବାଡି କେନ୍ଦ୍ର ଥିବା ବେଳେ ଅନେକ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ ମାନଙ୍କୁ ପୃଷ୍ଟିକର ଖାଦ୍ୟ ଯୋଗଇ ଦିଆଯାଉଛି। କିଶୋରୀ ମାନଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରକୁ ଡାକି ଖାଲି ହାତରେ ପଠାଇଦେଉଛନ୍ତି ବୋଲି ଅଭିଯୋଗ ଆସିଛି। କିଶୋରୀ ମାନଙ୍କ ପାଇଁ ଆସୁଥିବା ପୃଷ୍ଟିକର ଖାଦ୍ୟ ଯାଉଛି କୁଆଡେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବିଶେଷସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ପୃଷ୍ଟିକର ଖାଦ୍ୟ ଯୋଗାଉ ଥିବା ସଂସ୍ଥା, ଅଙ୍ଗନବାଡି କର୍ମୀ ଓ ଅଧିକାରୀମାନଙ୍କର ମିଳି ଭଗତରେ ଅର୍ଥ ହରିଲୁଟ କରାଯାଇଛି। ବିଭାଗୀୟ ଅଧିକାରୀଙ୍କୁ ତଥ୍ୟ ମାଗିଲେ ଗଣମାଧ୍ୟମକୁ ତଥ୍ୟ ଦେଇ ପାରିବୁ ନାହିଁ ବୋଲି ସିଧାସଳଖ ମନା କରି ଦିଆଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଗାଁ ଗାଁରେ ବୁଲି ତଥ୍ୟ ସଂଗ୍ରହ କରାଗଲେ ସତ୍ୟ ସାମ୍ନାକୁ ଆସିବ ବୋଲି ସାଧାରଣରେ ଦାବି ଜୋରଦାର ହେଉଛି।

### ରାଜସ୍ୱ ନିରୀକ୍ଷକଙ୍କ ଚଞ୍ଚକତା ଅଭିଯୋଗ, ତଦନ୍ତ ଦାବି

## ଜମିର ହକ୍ ପାଇଁ ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଖାମ୍ବାଗୁଡ଼ା ଗ୍ରାମବାସୀ




ଗୁଣୁପୁର, ୨।୬ (ସମିସ): ଗୁଣପୁର ବ୍ଲକ ଅନ୍ତର୍ଗତ ଗାଦିଆ ଖୋଲା ପଞ୍ଚାୟତର ଖାମ୍ବାଗୁଡା ଗ୍ରାମବାସୀ ମାନେ ଦୀର୍ଘ ଦଶନ୍ଧି ଧରି ସରକାରୀ ଜମିରେ ଚାଷ କରି ଆସୁଥିଲେ। ଉକ୍ତ ଜମିକୁ କିଛି ଅସାଧୁ ଜମି ଦଲାଲ୍ ଓ ଜଣେ ଆର୍‌ଆଇ ମିଶି ଜମି ପଟ୍ଟା କରି ଜାଗା ବିକ୍ରି କରିବା ସହ ନିଜ ନାମରେ କରି ଦେଇଥିବା ଅଭିଯୋଗ କରିଛନ୍ତି। ସରକାରୀ ଜମିରେ ନିଜ ଅଧିକାର ସୁରକ୍ଷା ପାଇଁ ଖାମ୍ବାଗୁଡା ଗ୍ରାମବାସୀ ଗୁଣୁପୁର ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସରକାରୀ ଜମିକୁ ବେଆଇନ ଭାବେ ଅନ୍ୟ ଗ୍ରାମର କିଛି ବ୍ୟକ୍ତିଙ୍କ ନାମରେ ପଟ୍ଟା କରାଯାଇଥିବା ଅଭିଯୋଗ ଆଣି ସେମାନେ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଖାତା ନଂ୨୪ ଓ ପ୍ଲଟ୍ ନଂ୭୫ରେ ଥିବା ପ୍ରାୟ ୦.୧୬୨ ଏକର ସରକାରୀ ଜମିକୁ ସେମାନେ ୨୫ ବର୍ଷରୁ ଅଧିକ ସମୟ ଧରି ଚାଷ କରି ଆସୁଛନ୍ତି। ମାତ୍ର ସମ୍ପ୍ରତି ଏହି ଜମିକୁ ତୁର୍କାନୀଗୁଡା ଗ୍ରାମର ଦଣ୍ଡାସି ସାହିର କିଛି ବ୍ୟକ୍ତି ଅସାଧୁ ଉପାୟ ଅବଲମ୍ବନ କରି ନିଜ ନାମରେ ପଟ୍ଟା କରାଇ ନେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ତତ୍କାଳୀନ ରାଜସ୍ୱ ନିରୀକ୍ଷକ କିଛି ଦଲାଲଙ୍କ ସହ ମିଶି ଚଞ୍ଚକତା କରିଥିବା ଏବଂ ଅର୍ଥ କାରବାର ମାଧ୍ୟମରେ ସରକାରୀ ଜମିକୁ ବେଆଇନ ଭାବେ ପଟ୍ଟା କରାଇଥିବା ସନ୍ଦେହ ପ୍ରକାଶ କରିଛନ୍ତି। ଫଳରେ ଦୀର୍ଘ ବର୍ଷ ଧରି ଚାଷ କରି ଜୀବିକା ନିର୍ବାହ କରୁଥିବା ପରିବାରଗୁଡ଼ିକ ନିଜ ଜୀବନଜୀବିକା ହରାଇବା ବୋଲି ଦାବିଦାର ମାନେ କହିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଜମିକୁ ପୁନର୍ବାର ସରକାରୀ ଅଧୀନକୁ ଫେରାଇ ଆଣିବା ସହ ଦୀର୍ଘଦିନ ଧରି ଚାଷ କରୁଥିବା ଖାମ୍ବାଗୁଡା ଗ୍ରାମବାସୀଙ୍କୁ ପ୍ରଦାନ କରିବା ପାଇଁ ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପଙ୍କ ନିକଟରେ ଦାବି ଜଣାଇଛନ୍ତି। ଅଭିଯୋଗପତ୍ର ଗ୍ରହଣ କରିବା ପରେ ଉପଜିଲ୍ଲାପାଳ ଜଣାଇଥିଲେ ଯେ, ଉକ୍ତ ଜମି ଦୀର୍ଘ ବର୍ଷ ପୂର୍ବରୁ କିଛି ବ୍ୟକ୍ତିଙ୍କ ନାମରେ ପଟ୍ଟା ହୋଇସାରିଛି। ତେବେ ଅଭିଯୋଗକାରୀମାନଙ୍କୁ ଗୁଣୁପୁର ତହସିଲ କାର୍ଯ୍ୟାଳୟରେ ଅଭିଯୋଗପତ୍ର ଦାଖଲ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଯେଉଁମାନଙ୍କର ଘର ପାଇଁ ଜମି ନାହିଁ, ସେମାନେ ସରକାରୀ ଯୋଜନା ଅନୁସାରେ ଆବେଦନ କରିପାରିବେ ବୋଲି ସୂଚନା ଦେଇଥିଲେ। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମବାସୀମାନେ ଗୁଣୁପୁର ତହସିଲ କାର୍ଯ୍ୟାଳୟରେ ମଧ୍ୟ ଦାବିପତ୍ର ଦାଖଲ କରିଛନ୍ତି। ତହସିଲ ପକ୍ଷରୁ ଅଭିଯୋଗକୁ ଘଟଣାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ଜଣାପଡ଼ିଛି।

## ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବୈଠକ

# ଅଙ୍ଗନବାଡି ଭିତ୍ତିଭୂମି, ପାନୀୟଜଳ ଓ ଗ୍ରାମ୍ୟ ସଡ଼କ ଉନ୍ନତି ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା,୨।୬(ସମିସ)




ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ରୀୟ ଯୋଜନାର ଅଗ୍ରଗତି, ପାଣ୍ଠି ବିନିଯୋଗ ଓ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ସ୍ଥିତିର ସମୀକ୍ଷା ନେଇ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି (ଦିଶା)ର ପଞ୍ଚମ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲାର ବିକାଶମୂଳକ କାମ ଓ ଜନକଲ୍ୟାଣ ଯୋଜନାର ସ୍ଥିତିକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ତଥା କେନ୍ଦ୍ରାପଡ଼ା ଯୋଜନା ବୋର୍ଡ ଅଧ୍ୟକ୍ଷ ଡ. ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଜିଲ୍ଲାପାଳ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ ଓ ନବକୃଷ୍ଣ ଜେନାଙ୍କ ସମେତ ବିଭିନ୍ନ ବ୍ଲକର ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ଆୟର ପୂର୍ବବର୍ତ୍ତୀ ଦିଶା ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ "ବେଟି ବଚାଓ, ବେଟି ପଢାଓ' ଓ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଚାଲିଥିବା କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହ ରାଜନଗର ଓ ମହାକାଳପଡ଼ା ଅଞ୍ଚଳରେ ବାଲ୍ୟ ବିବାହ ନିରାକରଣ ପାଇଁ ଗ୍ରହଣ କରାଯାଉଥିବା ସଚେତନତାମୂଳକ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ବିଦ୍ୟାଳୟ ସ୍ତରରେ ସ୍ୱାସ୍ଥ୍ୟ, ଶିଶୁ ସୁରକ୍ଷା, ଅଙ୍ଗନବାଡି ଓ ଆଶା କର୍ମୀଙ୍କ ସମନ୍ୱୟରେ ସଚେତନତା କାର୍ଯ୍ୟକ୍ରମ ନିୟମିତ ଭାବେ ଚାଲିଥିବା ନେଇ ଜିଲ୍ଲାପାଳ ସୂଚନା ଦେଇଥିଲେ। ଅଙ୍ଗନବାଡି କେନ୍ଦ୍ରର ଭିତ୍ତିଭୂମି ବିକାଶ, ବିଦ୍ୟୁତ ସଂଯୋଗ, ବିଶୁଦ୍ଧ ପାନୀୟଜଳ ଯୋଗାଣ, ପୁଷ୍ଟିକର ଖାଦ୍ୟ ବଣ୍ଟନ ଓ ଶୌଚାଳୟ ସୁବିଧାକୁ ଅଧିକ ସୁଦୃଢ କରିବା ଦିଗରେ ଗୁରୁତ୍ୱ ଦେବାକୁ ସାଂସଦ ଶ୍ରୀ ପଣ୍ଡା ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ସଡ଼କ ମରାମତି, ମେଗା ପାନୀୟଜଳ ପ୍ରକଳ୍ପ, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସରକାରୀ ସହାୟତା, ଲକ୍ଷପତି ଦିଦି କାର୍ଯ୍ୟକ୍ରମ, ଅନ୍ତ୍ୟୋଦୟ ଯୋଜନା ଓ ଅନ୍ୟାନ୍ୟ ଜନକଲ୍ୟାଣମୂଳକ ଯୋଜନାର ପ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ ଜନପ୍ରତିନିଧିଙ୍କ ଦ୍ୱାରା ଉଠାଯାଇଥିବା ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ଉପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ସ୍ପଷ୍ଟୀକରଣ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଇ ଅନାଥ ନାବାଳିକାଙ୍କୁ ସହାୟତା



ଡେରାବିଶ, ୨।୬(ସମିସ): ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଅଡ଼ଙ୍ଗା ଗ୍ରାମର ଅନାଥ ନାବାଳିକା ପ୍ରଭାସିନୀ ଓ ରୂପାଲିଙ୍କୁ ଆଜି କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି ସଭାପତି ପ୍ରମୋଦ କୁମାର ସାହୁ ସହାୟତାର ହାତ ବଢ଼ାଇଛନ୍ତି। ଗୌତମଙ୍କ ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଦୁଇଝିଅଙ୍କ ପାଠପଢ଼ାର ଦାୟିତ୍ୱ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଗୌତମଙ୍କ ପତ୍ନୀ ପ୍ରତୀମା ୬ ମାସ ପୂର୍ବେ ମୃତ୍ୟୁବରଣ କରିଥିବାବେଳେ ଗତ ଦଶଦିନ ତଳେ କିଡ୍‌ନୀ ରୋଗରେ ଆକ୍ରାନ୍ତ ଗୌତମ ମୃତ୍ୟୁବରଣ କରିବା ପରେ ତାଙ୍କର ଦୁଇଝିଅ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ବାପାଙ୍କ କ୍ରିୟା କର୍ମ ପାଇଁ ଅର୍ଥ ଯୋଗାଡ଼ କରିବାକୁ ପଡୁଛି। ଏ ଖବର ଜାଣିବା ପରେ କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟିର ସଭାପତି ଶ୍ରୀ ସାହୁ ଆଜି ତାଙ୍କ ବାସଭବନରେ ପହଞ୍ଚି ନଗଦ ଅର୍ଥରାଶି ପ୍ରଦାନ କରିବା ସହ ଦୁଇ ଅନାଥ ଝିଅଙ୍କ ପଢ଼ା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ସାହୁଙ୍କ ସହ କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟିର ଗରଦପୁର ଶାଖା ପରିଚାଳକ ଅନୋଜ ସିଂ, ଦୈନିକ ଜମା ସଂଗ୍ରହକାରୀ ଗୟାଚାନ୍ଦ ଭୂୟାଁ, ସମାଜସେବୀ ଧିରେନ୍ଦ୍ର ଜେନା, ଶୁଭଙ୍କର ସାମନ୍ତରାୟ, ଇନ୍ଦାଲୋ ସରପଞ୍ଚ ଜ୍ୟୋସ୍ନାରାଣୀ ବେହେରା, ପୂର୍ବତନ ସରପଞ୍ଚ ଅଶ୍ୱିନୀ ମହାନ୍ତି, ପୂର୍ବତନ ସମିତିସଭ୍ୟ ସୁଜିତ ସାମନ୍ତରାୟ, ମଣିନାଥ ଜେନା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସତ୍ୟପ୍ରିୟ ସାମଲ ଜିଲ୍ଲା କଂଗ୍ରେସ ସଂଗଠନ ଉପସଭାପତି



କେନ୍ଦ୍ରାପଡ଼ା,୨।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟିର ସଂଗଠନ ଉପସଭାପତି ଭାବେ ବରିଷ୍ଠ କଂଗ୍ରେସ ଯୁବନେତା ସତ୍ୟପ୍ରିୟ ସାମଲଙ୍କୁ ନିଯୁକ୍ତି ଦିଆଯାଇଛି। ସେ କଂଗ୍ରେସର ସମସ୍ତ ସାଙ୍ଗଠନିକ କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଶ୍ରୀ ସାମଲ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, ପ୍ରଦେଶ କଂଗ୍ରେସ କମିଟି ସାଂଗଠନିକ ଉପସଭାପତି ସନ୍ତୋଷ ସିଂ ସାଲୁଜା, ପ୍ରଦେଶ କଂଗ୍ରେସ କମିଟି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ ଓ ଜିଲ୍ଲା କଂଗ୍ରେସ କମିଟି ସଭାପତି ଡଃ ଦେବସ୍ମିତା ଶର୍ମାଙ୍କ ସମେତ ଜିଲ୍ଲାର ସମସ୍ତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀଙ୍କୁ ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି।

## ସମାଜସେବୀ ଶିବ ବିଶ୍ୱାଳଙ୍କ ପରଲୋକ



ପଟ୍ଟାମୁଣ୍ଡାଇ,୨।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ତରଡ଼ିପାଳ ପଞ୍ଚାୟତ ତରଡ଼ିପାଳ ଗ୍ରାମର ସମାଜସେବୀ ସ୍ୱର୍ଗତ ଭିକାରୀ ଚରଣ ବିଶ୍ୱାଳଙ୍କ ସାନଭାଇ ଶିବଚରଣ ବିଶ୍ୱାଳ (୯୧)ଙ୍କ ପରଲୋକ ହୋଇଛି। ସେ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମରଶରୀର ଭୁବନେଶ୍ୱରରୁ ଗ୍ରାମକୁ ଅଣାଯାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିରେ ଶିଳ୍ପଦ୍ୟୋଗୀ ଇଂ ସରୋଜ ବିଶ୍ୱାଳ, ଜଳସେଚନ ବିଭାଗ ପ୍ରାକ୍ତନ ଯନ୍ତ୍ରୀ ଇଂ ଗଗନ ବିଶ୍ୱାଳ, ଶିକ୍ଷାବିତ ଅରୂପାନନ୍ଦ ବିଶ୍ୱାଳ, ସୁଶୀଳ ବିଶ୍ୱାଳ, ଅଜିତ ବିଶ୍ୱାଳ, ସଚ୍ଚିଦାନନ୍ଦ ବିଶ୍ୱାଳ, ଦେବାଶିଷ ବିଶ୍ୱାଳ, ସୁଭାଶିଷ ବିଶ୍ୱାଳ, ଅଜିତ ବିଶ୍ୱାଳ, ରାଜେଶ ବିଶ୍ୱାଳ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତ୍ର ମନୋରଞ୍ଜନ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପ୍ରଫେସର ନିର୍ମଳ ବିଶ୍ୱାଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ମାନସ ସାମଲ, ଡଃ ସୁନୀଲ ପ୍ରଧାନ, ଯୁବନେତା ମଣ୍ଟୁ ସ୍ୱାଇଁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଯାଜପୁର-ଚାନ୍ଦବାଲି ରେଳ ଲାଇନ୍ ସମ୍ପ୍ରସାରଣରେ ପଟ୍ଟାମୁଣ୍ଡାଇକୁ ସାମିଲ ଦାବି

ପଟ୍ଟାମୁଣ୍ଡାଇ,୨।୬(ସମିସ): ଯାଜପୁରଠାରୁ ଚାନ୍ଦବାଲି ଦେଇ ପ୍ରସିଦ୍ଧ ଆଖଣ୍ଡଳମଣିଙ୍କ ପୀଠ ଆରଡ଼ିକୁ ରେଳ ଲାଇନ ସମ୍ପ୍ରସାରଣ ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଫଳରେ ଶିଳ୍ପନଗରୀ ମା' ବିରଜା କ୍ଷେତ୍ର ସହିତ ବାବା ଆଖଣ୍ଡଳମଣିଙ୍କ କ୍ଷେତ୍ର ଆରଡ଼ିର ସଂଯୋଗ ହୋଇ ଉଭୟ ଯାଜପୁର ଓ ଭଦ୍ରକ ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ହୋଇପାରିବ। ଯାଜପୁର ସହିତ ବିଭିନ୍ନ ବାଟରେ ସଂଯୋଗ ହୋଇଥିବା ପଟ୍ଟାମୁଣ୍ଡାଇ ଅଞ୍ଚଳର ଆର୍ଥିକ ବିକାଶ ଓ ଯାତାୟାତ ସୁବିଧା ପାଇଁ ଏହି ରେଳ ସମ୍ପ୍ରସାରଣ ଯୋଜନାରେ ପଟ୍ଟାମୁଣ୍ଡାଇକୁ ସାମିଲ କରି ଯାଜପୁରରୁ ପଟ୍ଟାମୁଣ୍ଡାଇ ଦେଇ ଚାନ୍ଦବାଲି ପର୍ଯ୍ୟନ୍ତ ରେଳପଥ ସଂଯୋଗ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଜିଲ୍ଲା ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ମିଟୁ ମନୋଜ ନାୟକ ଓ ବରିଷ୍ଠ ନେତା ସଞ୍ଜୟ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

## ଇଣ୍ଡେନ ଗ୍ୟାସ ବିତରକ ପରିବର୍ତ୍ତନ ଦାବି

ରାଜନଗର,୨।୬(ସମିସ): ରାଜନଗର ସଦର ମହକୁମାର ଇଣ୍ଡେନ୍ ଗ୍ୟାସ ବିତରକ ଗୋବିନ୍ଦ ଗୋସ୍ୱାମୀଙ୍କ ଅନିୟମିତତା ଓ ଦାୟିତ୍ୱହୀନତା ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ଲୋକଙ୍କୁ ଗ୍ୟାସ ବିତରଣ ନ କରି ଦୀର୍ଘଦିନ ଧରି ଗ୍ୟାସ ଅଫିସ ବନ୍ଦ ରଖିଛନ୍ତି। ଫଳରେ ଲୋକେ ବହୁ ଦୂରରୁ ଆସି ଗ୍ୟାସ ନ ପାଇ ଫେରୁଛନ୍ତି। ଫୋନ ବନ୍ଦ ରହୁଛି। ରାଜନଗର ସୈନିକ ସଂଘ ଏଭଳି ଦାୟିତ୍ୱହୀନ ବିତରକଙ୍କୁ ତୁରନ୍ତ ହଟାଇ ନୂତନ ବିତରକ ନିଯୁକ୍ତି ଦେବାକୁ ଦାବି କରିଛି।

## ସମାଜସେବୀଙ୍କ ପରଲୋକ



ଡେରାବିଶ, ୨।୬(ସମିସ): ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ଗ୍ରାମର ସମାଜସେବୀ ପ୍ରମୋଦ ସ୍ୱାଇଁ (୬୮)ଙ୍କ ଆଜି ସକାଳୁ ପରଲୋକ ହୋଇଛି। ଶ୍ରୀ ସ୍ୱାଇଁ ଆଜି ସକାଳୁ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଅଧିକ ଗୁରୁତର ହେବାରୁ କଟକ ମେଡିକାଲ୍ ନିଆଯାଉଥିବାବେଳେ ନିଶ୍ଚିନ୍ତକୋଇଲି ନିକଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କୁ ସେଠାରୁ ଘରକୁ ଫେରାଇ ଅଣାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ପୁଅ ଚିତ୍ତରଞ୍ଜନ ମୁଖାଗ୍ନି ଦେଇଥିଲେ। ପ୍ରମୋଦ ରାଜସ୍ୱ ବିଭାଗରେ ଚାକିରି କରି ଅବସର ନେବା ପରେ ଗ୍ରାମର ବିଭିନ୍ନ ଅନୁଷ୍ଠାନରେ ସକ୍ରିୟ ଅଂଶଗ୍ରହଣ କରିଆସୁଥିଲେ। ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାନ୍ଦୋଳ ମେଳଣ ସହିତ ଗ୍ରାମର ଆରାଧ୍ୟ ପ୍ରଭୁ ନୃସିଂହନାଥଙ୍କ ବିଭିନ୍ନ ପର୍ବପର୍ବାଣୀ ପାଳିତ ହେଉଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସୌମ୍ୟାପ୍ରିୟଦର୍ଶିନୀ କେନ୍ଦ୍ରାପଡ଼ା କଲେଜ ଉଦ୍ଭିଦ ବିଜ୍ଞାନ ଟପ୍ପର



ଡେରାବିଶ, ୨।୬(ସମିସ): ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଓରଗଳା ଗ୍ରାମର ବିଜୟ ରାଉତ ଓ ନମିତା ରାଉତଙ୍କ ଝିଅ ସୌମ୍ୟାପ୍ରିୟଦର୍ଶିନୀ କେନ୍ଦ୍ରାପଡ଼ା ମହାବିଦ୍ୟାଳୟ +୩ ଉଦ୍ଭିଦ ବିଜ୍ଞାନ ବିଭାଗରେ ଟପ୍ପର ହୋଇଛନ୍ତି। ସୌମ୍ୟା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ସମ୍ମାନ ଶ୍ରେଣୀରେ ୮୯% ନମ୍ବର ରଖିଛନ୍ତି। ଭବିଷ୍ୟତରେ ସେ ଶିକ୍ଷୟିତ୍ରୀ ହେବାକୁ ଲକ୍ଷ୍ୟ ରଖିଥିବାବେଳେ ତାଙ୍କର ଏହି ସଫଳତାର ଶ୍ରେୟ ବାପାମାଆ ଓ ଅଧ୍ୟାପକ ଅଧ୍ୟାପିକାଙ୍କୁ ଦେଇଛନ୍ତି।

## ଆଦର୍ଶ ପରୀକ୍ଷାରେ ବଜାର ବିଦ୍ୟାଳୟ ଛାତ୍ରଙ୍କ କୃତିତ୍ୱ

ପଞ୍ଚୁପାଣ୍ଡବ,୨।୬(ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ବଜାର ନୋଡାଲ ବିଦ୍ୟାଳୟର ଛାତ୍ର ଆଦର୍ଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବଡ଼ଚଣା ବ୍ଲକ ପଣସୁଧା ଗ୍ରାମର ହେମନ୍ତ ତ୍ରିପାଠୀ ଓ ସୌଭାଗିନୀ ତ୍ରିପାଠୀଙ୍କ ପୁଅ ସତ୍ୟବ୍ରତ ଷଷ୍ଠ ଶ୍ରେଣୀ ପାଇଁ ଆଦର୍ଶ ପରୀକ୍ଷା ଦେଇ ୬୭ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲିଲିମା ସାମଲ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରିବାର ଲୋକ କୃତଜ୍ଞତା ଜଣାଇଛନ୍ତି।

## କାମ କଲେ ଠିକାଦାର, ଯନ୍ତ୍ରୀ ଟଙ୍କା ନେଇ ଛୁ ...

# ୬ ଥର ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ

ରାଜନଗର,୨।୬(ସମିସ): ରାଜନଗର ବ୍ଲକ ଡାଙ୍ଗମାଳଠାରେ ଥିବା ମିସନ ଶକ୍ତି କାଫେକୁ ବାଉଁଶରେ ତିଆରି କରାଯାଇଛି। ୨୦୨୧ରେ ଏହାର ନିର୍ମାଣ ସରି କାର୍ଯ୍ୟକ୍ଷମ ହୋଇଛି। ଏହାକୁ ନିର୍ମାଣ କରିଥିବା ଠିକାଦାର ଆଜି ଯାଏଁ ଟଙ୍କା ପାଇନାହାନ୍ତି। ଦାୟିତ୍ୱରେ ଥିବା ରାଜନଗର ବ୍ଲକର କନିଷ୍ଠ ଯନ୍ତ୍ରୀ ବିଲ କରି ଏହି ଅର୍ଥ ଉଠାଇ ନେଇଛନ୍ତି। ୯ ଲକ୍ଷ ଟଙ୍କା ବିଲ୍‌ରୁ ୨ ଲକ୍ଷ ଟଙ୍କା ପିସି ଦାବି କରିଥିଲେ କନିଷ୍ଠ ଯନ୍ତ୍ରୀ। ପିସି ଦେବାକୁ ଠିକାଦାର ରାଜି ନ ହେବାରୁ କନିଷ୍ଠ ଯନ୍ତ୍ରୀ ଏହି ଅର୍ଥ ତାଙ୍କୁ ଦେଉନାହାନ୍ତି ବୋଲି ଠିକାଦାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହିତ ୨୦୨୪ ଅକ୍ଟୋବର ୯, ୨୦୨୫ ମେ ୧୩, ୨୦୨୫ ଜୁଲାଇ ୨୮, ୨୦୨୫ ଡିସେମ୍ବର ୨୯ରେ ଆପଣଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲି। କୌଣସି ପଦକ୍ଷେପ ନେଲେ ନାହିଁ। ଆଜି ୬ ଥର ପାଇଁ ଆପଣଙ୍କ ନିକଟରେ ଅଭିଯୋଗ କରୁଛି। ପଦକ୍ଷେପ ନିଅନ୍ତୁ ନଚେତ ବାଧହୋଇ ଆତ୍ମହତ୍ୟା କରିବି ବୋଲି ଠିକାଦାର ସନ୍ତୋଷ କୁମାର ମହାନ୍ତି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ମୁତାବକ, ରାଜନଗର ଡାଙ୍ଗମାଳଠାରେ ବାଉଁଶରେ ମିସନ ଶକ୍ତି କାଫେ ନିର୍ମାଣ କରାଯାଇଛି। ଏହି କାମ ନିମନ୍ତେ ସେତେବେଳେ ବ୍ଲକରେ କନିଷ୍ଠ ଯନ୍ତ୍ରୀ ଥିବା ଅନିରୁଦ୍ଧ ନାୟକ ନାଁରେ କାର୍ଯ୍ୟାଦେଶ କରାଯାଇଥିଲା। ଏହି ବ୍ଲକ ଅନ୍ତର୍ଗତ ବେଲପାଳ ଗ୍ରାମର ଠିକାଦାର ସନ୍ତୋଷ କୁମାର ମହାନ୍ତି ଏହି କାମ କରିଥିଲେ। ଏହି କାମର ବିଲ ୨୦୨୪ ଅଗଷ୍ଟ ପ୍ରଥମ ସପ୍ତାହରେ ହୋଇସାରିଛି। କନିଷ୍ଠ ଯନ୍ତ୍ରୀ ଅନ୍ୟ ବ୍ଲକ୍‌କୁ ବଦଳି ହୋଇସାରିଥିଲେ ମଧ୍ୟ ତାଙ୍କ ଆକାଉଣ୍ଟକୁ ଅଗଷ୍ଟ ମାସରେ ୯ ଲକ୍ଷ ଟଙ୍କା ପେମେଣ୍ଟ ଦିଆଯାଇଛି। ଏହି ଟଙ୍କା କନିଷ୍ଠ ଯନ୍ତ୍ରୀଙ୍କ ଆକାଉଣ୍ଟକୁ ଯିବା ପରେ କନିଷ୍ଠ ଯନ୍ତ୍ରୀ ଏହି ଟଙ୍କା ଦେଉନାହାନ୍ତି। କନିଷ୍ଠ ଯନ୍ତ୍ରୀ ପିସି ବାବଦକୁ ୨ ଲକ୍ଷ ଟଙ୍କା ଦାବି କରୁଛନ୍ତି। ମୁଁ କାମ କରିଛି, ପିସି କାହିଁକି ଦେବି ବୋଲି କହିବାରୁ କନିଷ୍ଠ ଯନ୍ତ୍ରୀ ଶ୍ର ୀନାୟକ ଟଙ୍କା ଦେଉନାହାନ୍ତି ବୋଲି ଠିକାଦାର ଶ୍ରୀ ମହାନ୍ତି କେନ୍ଦ୍ରପଡ଼ା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

**'ପଦକ୍ଷେପ ନିଅନ୍ତୁ, ନଚେତ୍ ଆତ୍ମହତ୍ୟା କରିବି'**

## ● ବାପାମାଆ ଛେଉଣ୍ଡ ନାବାଳିକାଙ୍କୁ ସହାୟତା



ଡେରାବିଶ, ୨।୬(ସମିସ): ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଅଡ଼ଙ୍ଗା ଗ୍ରାମର ଗୌତମ ଜେନାଙ୍କ ଦୁରାରୋଗରେ ଗତ ୧୦ ଦିନ ତଳେ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ତାଙ୍କର ଦୁଇ ନାବାଳିକା ଝିଅ ସମ୍ପୂର୍ଣ୍ଣ ବେସାହାରା ହୋଇଯାଇଛନ୍ତି। ୬ ମାସ ପୂର୍ବରୁ ଗୌତମଙ୍କ ପତ୍ନୀ ପ୍ରତୀମାଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ହୋଇଥିଲା। ଗୌତମଙ୍କ ମୃତ୍ୟୁ ପରେ ବାପମାଆ ଛେଉଣ୍ଡ ହୋଇଯାଇଥିବା ଦୁଇ ନାବାଳିକା ଝିଅ ଗୌତମଙ୍କ ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସଙ୍କଟ ଭିତରେ ଗତି କରୁଛନ୍ତି। ଏ ଖବର ପାଇ ଡେରାବିଶ ବିଡିଓ ନମିତା ବାରିକ, ତହସିଲଦାର ସରୋଜକାନ୍ତ ନାୟକ ନାବାଳିକା ଦ୍ୱୟଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇଥିବାବେଳେ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିରୁ ତହସିଲଦାର ୧୦ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିବା ସହ ବିଡିଓ ଶ୍ରୀମତୀ ବାରିକ ନାବାଳିକାଙ୍କ ପାଇଁ ଅନ୍ତ୍ୟୋଦୟ ଯୋଜନାରେ ରାସନ କାର୍ଡ଼ ପ୍ରଦାନ କରିଥିଲେ। ଏଥିସହିତ ବାସଗୃହ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ବେସାହାରା ନାବାଳିକାଙ୍କ ପାଇଁ ଅଧିକ ସହାୟତା ଯୋଗାଇ ଦେବାକୁ ଗ୍ରାମର ପ୍ରଶାନ୍ତ ସାମନ୍ତରାୟ ବିଡିଓ ଓ ତହସିଲଦାରଙ୍କ ନିକଟରେ ଦାବି ଜଣାଇଛନ୍ତି।

## ● ଗଛରୁ ହାତବନ୍ଧା ଅବସ୍ଥାରେ ମୃତଦେହ ଉଦ୍ଧାର

# ହତ୍ୟା ନା ଆତ୍ମହତ୍ୟା; ରହସ୍ୟ ଘେରରେ ଯୁବକଙ୍କ ମୃତ୍ୟୁ



କେନ୍ଦ୍ରାପଡ଼ା,୨।୬(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କଜଳା ଗ୍ରାମରେ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା ଜୋର ଧରିଛି। ଗ୍ରାମ ନିକଟରେ ଥିବା ଏକ ଗଛରୁ ହାତବନ୍ଧା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର ହେବା ପରେ ଘଟଣାଟି ହତ୍ୟା ନା ଆତ୍ମହତ୍ୟା, ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ମୃତ ଯୁବକ କଜଳା ଗ୍ରାମର ବିକାଶ ମହାନ୍ତି। ସେ ପେଶାରେ ଜଣେ ଡ୍ରାଇଭର ଥିଲେ। ଗଛରେ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକ ପୁଲିସକୁ ଖବର ଦେଇଥିଲେ। ସଦର ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପରେ ବ୍ୟବଚ୍ଛେଦ ସମ୍ପନ୍ନ ହେବା ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମୃତକଙ୍କ ପତ୍ନୀ ବର୍ଷା ମହାନ୍ତି ଗୁରୁତର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ବିକାଶଙ୍କ ସହ କିଛି ଲୋକଙ୍କର ପୂର୍ବରୁ ଶତ୍ରୁତା ଥିଲା। ସେହି ବିବାଦକୁ ନେଇ ପୂର୍ବରୁ ମାରପିଟ ଘଟଣା ମଧ୍ୟ ଘଟିଥିଲା। ଏହାକୁ ନେଇ ଥାନାରେ ମାମଲା ହୋଇଥିବାବେଳେ ବିକାଶ କିଛିଦିନ ଜେଲ ଯାଇଥିଲେ। ଜେଲରୁ ଫେରିବା ପରେ ତାଙ୍କୁ ହତ୍ୟା କରିବାକୁ ବିରୋଧୀ ଗୋଷ୍ଠୀ ଯୋଜନା କରୁଥିବା ସେ ସନ୍ଦେହ ପ୍ରକାଶ କରିଛନ୍ତି। ଏହା ଏକ ହତ୍ୟାକାଣ୍ଡ ବୋଲି ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ପିତା ଆଲୋକ ମହାନ୍ତି ତାଙ୍କ ପୁଅ ଆତ୍ମହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ କରିଥିବା ସୂଚନା ମିଳିଛି। ପରିବାରର ଦୁଇ ସଦସ୍ୟଙ୍କ ଭିନ୍ନ ଭିନ୍ନ ବୟାନ ଘଟଣାକୁ ରହସ୍ୟମୟ କରିଛି। ଏ ନେଇ ସଦର ଥାନାରେ ୧୬/୨୦୨୬ରେ ମାମଲା ରୁଜୁ ହୋଇଥିବାବେଳେ ପୁଲିସ ସମସ୍ତ ଦିଗକୁ ନଜରରେ ରଖି ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଘର ଆଗରେ ଘର କରି ବାଟ ବନ୍ଦ ଉଦ୍ୟମ ଅଭିଯୋଗ



ଡେରାବିଶ,୨।୬(ସମିସ): ଏଣ୍ଡର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାସଗୃହ ସମ୍ମୁଖରେ ତାଙ୍କର ଅନ୍ୟ ଜଣେ ଅଂଶୀଦାର ଗୃହ ନିର୍ମାଣ ନିମନ୍ତେ ଉଦ୍ୟମ କରୁଥିବା ନେଇ ଅଭିଯୋଗ ହୋଇଛି। ଗୁରୁଚରଣ ସେଠୀ ତାଙ୍କ ପୈତୃକ ସମ୍ପତ୍ତିରେ ଏକ ପକ୍କା ଗୃହ କରି ବସବାସ କରୁଛନ୍ତି। ଏବେ ତାଙ୍କର ଅଂଶୀଦାର ତାଙ୍କ ଘର ସମ୍ମୁଖରେ ଘର ନିର୍ମାଣ କରିବା ପାଇଁ ବାଲି ଗୋଡ଼ି ଇତ୍ୟାଦି ନିର୍ମାଣ ସାମଗ୍ରୀ ଗଦା କରିଛନ୍ତି। ଏହି ସ୍ଥାନରେ ତାଙ୍କ ଅଂଶୀଦାର ଗୃହ ନିର୍ମାଣ କଲେ ଗୁରୁଚରଣ ସମ୍ପୂର୍ଣ୍ଣ ଗୃହବନ୍ଦୀ ହେବା ସହିତ ଆଦୌ ଘରୁ ପଦାକୁ ବାହାରି ପାରିବେନାହିଁ। ଏ ସମ୍ପର୍କରେ ଗୁରୁଚରଣ ଡେରାବିଶ ଥାନା ପୁଲିସ୍, ତହସିଲଦାର ଓ ଅଦାଲତଙ୍କ ଆଶ୍ରୟ ନେଇଥିବା ଜଣାଯାଇଛି। ମାମଲା ଅଦାଲତରେ ବିଚାରାଧୀନ ଥିବାବେଳେ ଅଂଶୀଦାର ଜଣକ ଗୁରୁଚରଣଙ୍କ ଘର ସମ୍ମୁଖରେ ନିର୍ମାଣ ସାମଗ୍ରୀ ଗଦା କରିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ● ବିଦେଶୀ ମଦ ଦୋକାନ ପାଇଁ ଲଟେରି

# ୬୧ ଦୋକାନ ପାଇଁ ୧୦୯୩ ଆବେଦନ

କେନ୍ଦ୍ରାପଡ଼ା, ୨।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ମଦ ଦୋକାନ ଆବଣ୍ଟନକୁ ନେଇ ବ୍ୟବସାୟୀ ମହଲରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଚଳିତ ବର୍ଷ ୬୧ଟି ମଦ ଦୋକାନ ପାଇଁ ହୋଇଥିବା ଲଟେରି ପ୍ରକ୍ରିୟାରେ ମୋଟ ୧୦୯୩ଟି ଆବେଦନ ପଡ଼ିଥିବାବେଳେ ଗୋଟିଏ ଦୋକାନ ପାଇଁ ଶତାଧିକ ଆବେଦନ ଆସିଥିବାରୁ ଏହି ବ୍ୟବସାୟ ପ୍ରତି ଆଗ୍ରହ ସ୍ପଷ୍ଟ ହୋଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଲଟେରି ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ଜିଲ୍ଲାପାଳ ରଘୁରାମ ଆର୍. ଆୟାର କଳାପଟି ବାନ୍ଧି ଲଟେରି ଉଠାଇ ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ପ୍ରଥମେ ୧୫ଟି ଦେଶୀ ମଦ ଦୋକାନ ଓ ପରେ ୪୬ଟି ଠିପିବନ୍ଦ ବିଦେଶୀ ମଦ ଦୋକାନ ପାଇଁ ଲଟେରି ହୋଇଥିଲା। ରାଜନଗର ଅଞ୍ଚଳର ସାନବଡ଼ଗୋପାଳପୁର ବିଦେଶୀ ମଦ କାଉଣ୍ଟର ପାଇଁ ସର୍ବାଧିକ ୧୨୯ଟି ଆବେଦନ ଆସିଥିବା ଜଣାପଡ଼ିଛି। ଲଟେରି ପ୍ରକ୍ରିୟା ସମୟରେ ଅବକାରୀ ବିଭାଗ ପକ୍ଷରୁ ଆବେଦନକାରୀଙ୍କ ନାମ ଓ ସିରିଏଲ୍ ନମ୍ବର ଯାଞ୍ଚ କରାଯିବା ପରେ ପ୍ଲାଷ୍ଟିକ୍ ଡବାରେ ସଂରକ୍ଷିତ ଚିଠି ମାଧ୍ୟମରେ ବିଜେତା ଚୟନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ ଓ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

## ସମାଜସେବା ଓ ସୂଚନା ଅଧିକାର ଆଇନ ପାଇଁ ପ୍ରକାଶ ଦାସ ସମ୍ବର୍ଦ୍ଧିତ



ମହାକାଳପଡ଼ା,୨।୬(ସମିସ): ସମାଜ ସେବା ଓ ସୂଚନା ଅଧିକାର ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହାକାଳପଡ଼ା ମାଟିର ପୁଅ ଆକ୍ଟିଭିଷ୍ଟ ତଥା ଓଡ଼ିଶା ଉଚ୍ଚନ୍ୟାୟାଳୟର ଅଧିବକ୍ତା ପ୍ରକାଶ ଦାସଙ୍କୁ ଉତ୍କଳ ପ୍ରତିଦିନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏମ୍ସ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ତଥା ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ଚିକିତ୍ସକ ଡାକ୍ତର ଅଶୋକ ମହାପାତ୍ର ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେ ଶ୍ରୀ ଦାସଙ୍କ ସାମାଜିକ ସଚେତନତାମୂଳକ କାର୍ଯ୍ୟ, ଜନସ୍ୱାର୍ଥ ସମ୍ପର୍କିତ ପଦକ୍ଷେପ ଓ ଆରଟିଆଇ କ୍ଷେତ୍ରରେ ତାଙ୍କର ନିରନ୍ତର ସଂଘର୍ଷକୁ ଉଚ୍ଚପ୍ରଶଂସା କରିଥିଲେ। ଡାକ୍ତର ମହାପାତ୍ର କହିଥିଲେ, ସମାଜର ସ୍ୱଚ୍ଛତା ଓ ଜବାବଦେହିତା ପାଇଁ ଏପରି ଯୁବ ସମାଜସେବୀଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ଓ ପ୍ରେରଣାଦାୟକ। ଏପରି ସମ୍ମାନ ତାଙ୍କୁ ଆଗାମୀ ଦିନରେ ଆହୁରି ନିଷ୍ଠା ଓ ଦୃଢ଼ତା ସହ ସାମାଜିକ କାର୍ଯ୍ୟ କରିବାକୁ ପ୍ରେରଣା ଓ ଉତ୍ସାହ ଯୋଗାଇବ ବୋଲି ପ୍ରକାଶ କହିଛନ୍ତି।

## ଟାଟା ପାୱାର ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ

# ଦୁଇଗୁଣା ବିଦ୍ୟୁତ୍ ବିଲ୍ ଗଣିବେ ଗ୍ରାହକ

ରାଜକନିକା,୨।୬(ସମିସ)

ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ପାଇଁ ଏବେ ବିଜୁଳି ବିଲ ଆକାରରେ ଦୁଇଗୁଣ ଅଧିକ ତଣ୍ଡ ଗଣିବେ ପ୍ରତ୍ୟେକ ଉପଭୋକ୍ତା। ଏପ୍ରିଲ ୧୮ ତାରିଖରୁ ଲାଇନମ୍ୟାନ, ମିଟର ରିଡର ଓ ବିଲ୍ କଲେକ୍ଟର ପଦରେ ଥିବା ଆଉଟସୋର୍ସିଂ କର୍ମଚାରୀ ଆନ୍ଦୋଳନରେ ଥିବାରୁ ପ୍ରତି ମାସର ବିଜୁଳି ବିଲ ଆଦାୟ କରୁଥିବା ଏହି କର୍ମଚାରୀ କାମ କରୁ ନ ଥିବାରୁ ବିଜୁଳି ବିଲରେ ସ୍ଲାବ ବଢ଼ି ଚାଲିଥିବାରୁ ପ୍ରତି ବିଜୁଳି ଗ୍ରାହକ ଦୁଇ ଗୁଣ ଅର୍ଥ ଭରିବାକୁ ବାଧ୍ୟ ହେବେ। ଟାଟା ପାୱାର ବିଜୁଳି ଆବଣ୍ଟନ କମ୍ପାନୀ ଅଧୀନରେ ଥିବା ଆଉଟସୋର୍ସିଂ ଲାଇନମ୍ୟାନ, ବିଲ୍ କଲେକ୍ଟର ଓ ମିଟର ରିଡର କର୍ମଚାରୀ ସେମାନଙ୍କ ଚାକିରି ସର୍ତ୍ତାବଳୀର ସୁରକ୍ଷା ପାଇଁ ଆନ୍ଦୋଳନରେ ଥିବାରୁ ଏହି ଆନ୍ଦୋଳନ ସମୟରେ କୌଣସି ବିଲ ରିଡିଙ୍ଗ ହେଉନାହିଁ କି ବିଜୁଳି ବିଲ୍ ବାବଦ ଅର୍ଥ ଆଦାୟ ହେଉନାହିଁ। ଫଳରେ ଏହାର ସିଧା ପ୍ରଭାବ ସାଧାରଣ ଗ୍ରାହକଙ୍କ ଉପରେ ପଡିଛି। ବର୍ତ୍ତମାନର ସ୍ଲାବ ମୁତାବକ ୦ରୁ ୫୦ ୟୁନିଟ ଯାଏ ୨. ୯୦ ପଇସା, ୫୧ରୁ ୧୦୦ ୟୁନିଟ ଯାଏ ୪ ଟଙ୍କା ୭୦ ପଇସା, ୧୦୦ରୁ ୨୦୦ ୟୁନିଟ ଯାଏ ୫ ଟଙ୍କା ୭୦ ପଇସା ଧାର୍ଯ୍ୟ କରାଯାଇଛି। ଯେଉଁ ଗ୍ରାହକ ଗୋଟିଏ ମାସରେ ୫୦ରୁ ୧୦୦ ୟୁନିଟ ଭିତରେ ବିଜୁଳି ବ୍ୟବହାର କରୁଥିଲେ ଏପ୍ରିଲ ୧୮ ତାରିଖଠାରୁ ସେସବୁ ବିଲ ରିଡିଂ ନ ହେବା ଓ ବିଲ୍ ପୈଠ ନ ହେବାରୁ ସେମାନେ ଏବେ ୟୁନିଟ ପିଛା ୩ ଟଙ୍କା ୨୦ ପଇସା ଅଧିକ ଦେବାକୁ ବାଧ୍ୟ ହେବେ। କର୍ମଚାରୀଙ୍କ ଆନ୍ଦୋଳନ ପାଇଁ ଏବେ ରାଜକନିକା ବ୍ଲକର ହଜାର ହଜାର ଉପଭୋକ୍ତା ଦୁଇଗୁଣରୁ ଅଧିକ ଅର୍ଥ ବିଜୁଳି ବିଲ ଆକାରରେ ଦେଇ ଶୋଷଣ ହେବାକୁ ବାଧ୍ୟ ହେବେ। ଏଭଳି ଏକ ସିଧାସଳଖ ଶୋଷଣ ସମ୍ପର୍କରେ ଖାଉଟିଙ୍କ କୌଣସି ଜ୍ଞାନ ନ ଥିବାରୁ ପ୍ରତି ଖାଉଟି ଏହି ଶୋଷଣରେ ପେଷି ହେବାକୁ ଯାଉଛନ୍ତି। ପ୍ରତି ମାସରେ ବିଲ୍ ଆଦାୟ କରିବା ଟାଟା ପାୱାରର କାମ ହୋଇଥିବାବେଳେ ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ପାଇଁ ସାଧାରଣ ଗ୍ରାହକ ଏମିତି ଶୋଷିତ ହେଉଛନ୍ତି। ଏ ଶୋଷଣ ସମ୍ପର୍କରେ ସମ୍ପୃକ୍ତ କମର୍ସିଆଲ ଯନ୍ତ୍ରୀ ରଶ୍ମିରଞ୍ଜନ ପାଇକରାୟଙ୍କୁ ପଚାରିବାରୁ ଏହା କେବଳ ଆମ ସମସ୍ୟା ନୁହେଁ, ତମାମ ରାଜ୍ୟର ସମସ୍ୟା କହି ଶୋଷଣକୁ ସ୍ୱୀକାର କରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି ବିଜୁଳି ଆବଣ୍ଟନ କମ୍ପାନୀର ଅପାରଗତା ଓ ସିଧାସଳଖ କର୍ମଚାରୀ ନ ରଖି ଆଉଟସୋର୍ସିଂ କର୍ମଚାରୀ ରଖି ଅଳ୍ପ ବେତନରେ କାମ ହାସଲ କରି ଅଧିକ ମୁନଫା ଗୋଟାଉଥିବାବେଳେ ଟାଟାର ଶୋଷଣ ଗ୍ରାହକଙ୍କୁ ଉତ୍ତେଜିତ କରି ବିଦ୍ରୋହୀ କରାଇଛି। କର୍ମଚାରୀ ନିଯୁକ୍ତି ଖର୍ଚ୍ଚ କାଟ୍ କରି ଗ୍ରାହକଙ୍କୁ ଉତ୍ତମ ବିଜୁଳି ସେବା ଯୋଗାଇବାରେ ଅସଫଳ ହୋଇଥିବା ଟାଟା ପାୱାରର ଏଭଳି ଅର୍ଥ ଶୋଷଣ ରାଜକନିକା ବିଜୁଳି ଗ୍ରାହକଙ୍କୁ ବିଦ୍ରୋହୀ କରାଇଛି। ନିଜ ବ୍ୟବସାୟର ସୁରକ୍ଷା ପାଇଁ ଟାଟା ପାୱାର ବିଜୁଳି ଆବଣ୍ଟନ ପାଇଁ ନିଜ କର୍ମଚାରୀ ନ ରଖି ଆଉଟସୋର୍ସିଂ କର୍ମଚାରୀଙ୍କ ଉପରେ ଭରସା କରି ବିଜୁଳି ସେବା ଯୋଗାଇବା ଆଳରେ କରୁଥିବା ଶୋଷଣ ସାଧାରଣ ଲୋକଙ୍କୁ ଦୁଇଗୁଣା ଶୋଷଣ କରୁଥିବାରୁ ଜିଲ୍ଲାପାଳ ଏ ଦିଗରେ ତଦନ୍ତ କରି ଲୋକଙ୍କୁ ଶୋଷଣରୁ ମୁକ୍ତ କରିବାକୁ ପଦକ୍ଷେପ ନେବା ଜରୁରୀ ହୋଇଛି। ଟାଟା ପାୱାରର ମନମୁଖୀ କାର୍ଯ୍ୟ ବିରୋଧରେ ଶକ୍ତିମନ୍ତ୍ରୀ ଓ ସଚିବ ଶୋଷଣ ରୋକିବାକୁ ସାଧାରଣରେ ଦାବି ହେଉଛି।

## ଲଟେରି ମାଧ୍ୟମରେ ବାଛିଲା ପ୍ରଶାସନ

# ୨୫ଟି ବିଦେଶୀ ଓ ୧୨ଟି ଦେଶୀ ମଦ ଦୋକାନକୁ ଅନୁମତି

ଜଗତସିଂହପୁର,୨।୬(ସମିସ)



ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ୨୫ଟି ଓପି ବନ୍ଦ ବିଦେଶୀ ମଦ ଦୋକାନ ଓ ୧୨ଟି ଦେଶୀ ମଦ ଦୋକାନର ଲଟେରି ମାଧ୍ୟମରେ ବନ୍ଦୋବସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓପି ବନ୍ଦ ବିଦେଶୀ ଦୋକାନ ପାଇଁ ୬୩୫ ଓ ଦେଶୀ ମଦ ଦୋକାନ ପାଇଁ ୧୬୮, ଏହିପରି ମୋଟ ୮୦୩ ଜଣ ଆବେଦନକାରୀ ଇ-ଅବକାରୀ ପୋର୍ଟାଲ ମାଧ୍ୟମରେ ଅନ୍‌ଲାଇନରେ ଆବେଦନ କରିଥିଲେ।

ଅବକାରୀ ବିଭାଗ କମିଶନରଙ୍କ ପ୍ରସ୍ତାବିତ ନିୟମ ଅନୁଯାୟୀ, ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଓ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କରଙ୍କ ରାୟ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ କାର୍ଯ୍ୟକ୍ରମକୁ ଅୟୋଜନ କରିଥିଲେ। ପ୍ରଥମେ ଜିଲ୍ଲାପାଳ ଅବକାରୀ ବିଭାଗର ଉପଲବ୍ଧ ଟୋକନ ଓ କଳାପଟି ଥିବା ସିଲ୍ ପ୍ୟାକେଟକୁ ସର୍ବ ସମ୍ମୁଖରେ ଖୋଲିଥିଲେ। ଜିଲ୍ଲାପାଳଙ୍କ ଦ୍ୱାରା ଅଥୋରାଇଜଡ ଅଧିକାରୀ ଭାବେ ପ୍ରଥମେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଓ ପରେ ଡେପୁଟି କଲେକ୍ଟର ରାଜୀବ ଲୋଚନ ଦୀକ୍ଷିତ ଆଖିରେ କଳା ପଟି ବାନ୍ଧି ଲଟେରି ଉଠାଇଥିଲେ। ଆବେଦନକାରୀ କିମ୍ବା ସେମାନଙ୍କ ଅଥୋରାଇଜଡ ଏଜେଣ୍ଟ ମାନେ ଟୋକନ ପକାଇଥିଲେ। ଅବକାରୀ ବିଭାଗ କମିଶନରଙ୍କ ନିୟମ ଅନୁଯାୟୀ ଅନୁପସ୍ଥିତ ଥିବା ଆବେଦନକାରୀମାନଙ୍କ ନିମନ୍ତେ ସରକାରୀ ଅଧିକାରୀ ଭାବେ ଡେପୁଟି କଲେକ୍ଟର ଭରତ ଚନ୍ଦ୍ର ପରିଡ଼ା ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଟୋକନ ପକାଇଥିଲେ। ଲଟେରି ମାଧ୍ୟମରେ ବିଜୟୀ ମାନଙ୍କ ନାମ ଘୋଷଣା କରାଯିବା ସହ ଇ-ଅବକାରୀ ପୋର୍ଟାଲରେ ଅପଲୋଡ୍ କରାଯାଇଥିଲା। ଉପସ୍ଥିତ ବିଜୟୀ ଆବେଦନକାରୀଙ୍କୁ ଜିଲ୍ଲାପାଳ ପ୍ରୋଭିଜିନାଲ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅବକାରୀ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ, ବରିଷ୍ଠ ସହାୟକ ଘନଶ୍ୟାମ ସାହୁ, ବିଭାଗର କର୍ମଚାରୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ସେହିପରି ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ସୁଜିତ୍ କୁମାର ବିଶ୍ୱାଳ, ଜିଲ୍ଲା ଇ-ଶାସନ ପରିଚାଳକ ଅରବିନ୍ଦ ଆଚାର୍ଯ୍ୟ ଓ ଦେବାଶିଷ ନାୟକ ଉପସ୍ଥିତ ରହି ଇ-ଅବକାରୀ ପୋର୍ଟାଲରେ ଅପଲୋଡ୍ କରିଥିଲେ।

## ରଘୁନାଥପୁର ଅଞ୍ଚଳରେ ନାହିଁ ଗ୍ରୀଡ୍

# ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ; ଉପଭୋକ୍ତା ହନ୍ତସନ୍ତ

ରଘୁନାଥପୁର,୨।୬(ସମିସ): ରଘୁନାଥପୁର ଅଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟ ନିତିଦିନିଆ ଘଟଣା ପାଲଟିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅଞ୍ଚଳର ଜନସାଧାରଣ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି। ଏହି ଅଘୋଷିତ ବିଦ୍ୟୁତକାଟ୍ ବାବଦରେ ପୂର୍ବରୁ ବହୁବାର ବିଭିନ୍ନ ସଂଗଠନ ପକ୍ଷରୁ ରଘୁନାଥପୁର ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ରାଜ୍ୟରେ ଗ୍ରୀଷ୍ମ ପ୍ରଭାବ ସମୟରେ ବିଦ୍ୟୁତ କାଟ୍ ହେବନାହିଁ ବୋଲି ସରକାର ବାରମ୍ବାର ଘୋଷଣା କରିଥିଲେ ମଧ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି ରଘୁନାଥପୁର ବିଦ୍ୟୁତ ବିଭାଗର ଅଧିକାରୀ। ଯାହାକୁ ନେଇ ଅଞ୍ଚଳରେ ଜନ ଅସନ୍ତୋଷ ଦିନକୁ ଦିନ ଉଗ୍ରରୂପ ଧାରଣ କରିଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ ରଘୁନାଥପୁର ଅଞ୍ଚଳରେ ପ୍ରତିଦିନ ଅଘୋଷିତ ଭାବେ ଦିନକୁ ୫ରୁ ୭ ଘଣ୍ଟା ବାରମ୍ବାର ବିଦ୍ୟୁତକାଟ୍ କରାଯାଉଛି। ଏପରିକି ବିଦ୍ୟୁତ କାଟ୍ ଫଳରେ କୌଣସି ସରକାରୀ କାର୍ଯ୍ୟାଳୟରେ ମଧ୍ୟ କାର୍ଯ୍ୟ ହୋଇପାରୁନାହିଁ। ଜନସେବା କେନ୍ଦ୍ରରେ ଲୋକମାନେ ସେମାନଙ୍କର ପିଲାମାନଙ୍କର ପାଠପଢ଼ା ପାଇଁ ଚାକିରି ପାଇଁ ବିଭିନ୍ନ ଜନକଲ୍ୟାଣ ଦରଖାସ୍ତ ଅନ୍‌ଲାଇନ୍‌ରେ କରିପାରୁନାହାନ୍ତି। ଦିନ ଦିନ ଅପେକ୍ଷା କରିବାକୁ ପଡୁଛି। ସେହିପରି ରଘୁନାଥପୁର ବ୍ଲକ୍, ବିରିଡି ବ୍ଲକ୍, କିଶୋରନଗର ତହସିଲ, କଦରପୁର ଅଞ୍ଚଳରେ ପ୍ରାୟ ବିଦ୍ୟୁତ କାଟ୍ ହେଉଛି। ଅପରପକ୍ଷରେ କୌଣସି ଉପଭୋକ୍ତାଙ୍କ ବିଦ୍ୟୁତ ବିଲ୍ ଦେୟ ମାସକରୁ ଉର୍ଦ୍ଧ୍ୱରେ ରହିଗଲେ ବିଭାଗ ପକ୍ଷରୁ ତାଙ୍କ ଉପରେ ଜୁଲମ କରାଯାଉଥିବା ଅଭିଯୋଗ ହୋଇଛି। ତେଣେ ଉପଭୋକ୍ତାଙ୍କୁ ତ୍ରୁଟିପୂର୍ଣ୍ଣ ବିଲକୁ ନିଅଉଫ କ୍ୟାମ୍ପ କୋର୍ଟ ମାଧ୍ୟମରେ ସଂଶୋଧନ କରାଯାଉନାହିଁ ଫଳରେ ଉପଭୋକ୍ତା ସେମାନଙ୍କର ପୁରୁଣା ବିଲ୍ ପଇଠ କରିପାରୁନାହାନ୍ତି। ବିଦ୍ୟୁତ ବିଭାଗ ଅଧିକାରୀଙ୍କ ଏଭଳି ମନମୁଖୀ କାର୍ଯ୍ୟ ବିରୋଧରେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

# 'ଯନ୍ତ୍ରପାତିର ବହୁଳ ବ୍ୟବହାର ହେଲେ ଯୁବପିଢ଼ି କୃଷି ପ୍ରତି ଆକୃଷ୍ଟ ହେବେ'



ଜଗତସିଂହପୁର,୨।୬(ସମିସ): ସାମଗ୍ରୀକ ଭାବେ ଜଗତସିଂହପୁର ସମେତ ଓଡ଼ିଶାର କୃଷି ଉତ୍ପାଦ ଅପେକ୍ଷାକୃତ ଭାବେ ବୃଦ୍ଧି ପାଇଥିଲେ ମଧ୍ୟ ଯୁବପିଢ଼ିର କୃଷି କାର୍ଯ୍ୟ ପ୍ରତି କ୍ରମବର୍ଦ୍ଧିଷ୍ଣୁ ଅନାଗ୍ରହ ଭାବ ଏକ ଚିନ୍ତାର ବିଷୟ ପାଲଟିଛି। ତେବେ କୃଷି କ୍ଷେତ୍ରରେ ଅଧିକରୁ ଅଧିକ କୃଷି ଯନ୍ତ୍ରପାତିର ବ୍ୟବହାର ଦ୍ୱାରା ଏହି ସମସ୍ୟା ଦୂର ହୋଇପାରିବ ବୋଲି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମତ ପ୍ରକାଶ କରିଛନ୍ତି। ଶିକ୍ଷାବିତ ଦେବେନ୍ଦ୍ର ନାଥ ରାଉତଙ୍କ ଅଧ୍ୟକ୍ଷତାରେ ଜଗତସିଂହପୁର ଡେଭଲପମେଣ୍ଟ ଫୋରମ, ମହାତ୍ମା ଗାନ୍ଧୀ ସର୍ବସାଧାରଣ ଜ୍ଞାନକେନ୍ଦ୍ର ଓ ଦିଲ୍ଲୀ ଓଡ଼ିଆ ବୁଦ୍ଧିଜୀବୀ ଫୋରମ ଦି ଇଣ୍ଟେଲେଟସର ମିଳିତ ଆନୁକୂଲ୍ୟରେ ମାଟିର ସଫଳ ବ୍ୟକ୍ତିଙ୍କର ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତିରେ ଭାଗୀଦାରୀ ବୃଦ୍ଧି କରିବା ଉଦ୍ଦେଶ୍ୟରେ କରୋନ କାଳରୁ ଆୟୋଜିତ ହୋଇ ଆସୁଥିବା ମାସିକ ଯୁବ ବୁଦ୍ଧିଜୀବୀ ସଂଗୋଷ୍ଠୀ "ସ୍ମୃତି ମୋ ମାଟିର' କାର୍ଯ୍ୟକ୍ରମର ୪୮ତମ ଅର୍ଘ୍ୟରେ ମୁଖ୍ୟବକ୍ତା ଭାବରେ ପ୍ରଫେସର ରାଉତ ଯୋଗଦେଇ ନିଜ ବାଲ୍ୟଜୀବନରୁ ବର୍ତ୍ତମାନର ଯାତ୍ରାର ସ୍ମୃତି ଚାରଣ କରିଥିଲେ। ଏହି ମାସିକ ସଂଗୋଷ୍ଠୀରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତ, ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ଶାନ୍ତନୁ କୁମାର ମିଶ୍ର, ବୈଜ୍ଞାନିକ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭାପତି ଅଭିବ୍ୟକ୍ତିରେ ଶ୍ରୀ ରାଉତ କୃଷି କ୍ଷେତ୍ର ପ୍ରତି ଯୁବପିଢିକୁ ଅକୃଷ୍ଟ କରିବା ପାଇଁ କୃଷକ କୌଶଳ ବିକାଶ କାର୍ଯ୍ୟକ୍ରମ ବ୍ୟାପକ ଭାବରେ ହାତକୁ ନିଆଯିବା ଆବଶ୍ୟକ ବୋଲି ମତ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭିକ ବେଦପାଠ ପଣ୍ଡିତ ନାଗୁ ଚରଣ ଦେବତା କରିଥିବା ବେଳେ ଅତିଥିଙ୍କୁ ସଂଯୋଜକ ନଗେନ୍ଦ୍ର ନାଥ ସ୍ୱାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। କବୟିତ୍ରୀ ମହାସ୍ମିତା ଓଝାଙ୍କ ସଂଯୋଜନାରେ କୃଷି ଓ କୃଷକ ଉପରେ ଆଧାରିତ କବିତା ଆସର "ଅନ୍ନଦାତା' ରେ ଅନେକ ଯୁବ ତଥା ବରିଷ୍ଠ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସେମାନଙ୍କ ମଧ୍ୟରେ ପ୍ରେମଲତା ବାରିକ, ନବୀନ ଚନ୍ଦ୍ର ପ୍ରଧାନ, ଆରତୀ ଦାସ, ଗୀତା ଦାସ, ବେବିଲତା ଶତପଥି, ରାମଚନ୍ଦ୍ର ବେହେରା, ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ବିଷ୍ଣୁପ୍ରିୟ ମିଶ୍ର, ରଞ୍ଜିତା ସାହୁ, ମହମ୍ମଦ ମନସୁର ଅଲି, ଲଳିତ ମହାନ୍ତି ପ୍ରମୁଖ ଅଟନ୍ତି। ଶେଷରେ କବି ସୁରେଶ କୁମାର ପ୍ରଧାନ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଝୁଲାମଣି ବସ୍ତିଆଙ୍କ ଜନ୍ମ ଶତବାର୍ଷିକୀ

ବିରିଡ଼ି,୨।୬(ସମିସ): ବିରିଡ଼ି ବ୍ଲକ୍ ଗେଲପୁର ଗ୍ରାମର ବରିଷ୍ଠ ନାଗରିକ ଝୁଲାମଣି ବସ୍ତିଆ ନିଜ ଜୀବନର ୧୦୦ ବର୍ଷ ପୂରଣ କରିଥିବା ଅବସରରେ ଜନ୍ମଶତବାର୍ଷିକୀ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ପରିବାର ସଦସ୍ୟ, ଆତ୍ମୀୟ-ସ୍ୱଜନ ଓ ଗ୍ରାମବାସୀ ଯୋଗ ଦେଇ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଗ୍ରାମର ବହୁ ବ୍ୟକ୍ତି ବିଶେଷ ତାଙ୍କ ଜୀବନ ଅନୁଭୂତି ଓ ସମାଜ ପ୍ରତି ଅବଦାନକୁ ସ୍ମରଣ କରିବା ସହ ସୁସ୍ଥ ଓ ଦୀର୍ଘାୟୁ ଜୀବନ କାମନା କରିଥିଲେ। ଝୁଲାମଣି ବସ୍ତିଆଙ୍କ ଆଶୀର୍ବାଦ ଓ ଜୀବନ ମୂଲ୍ୟବୋଧ ପରିବାର ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିବ ଏବଂ ଏହା ସମଗ୍ର ଗ୍ରାମ ପାଇଁ ଗର୍ବ ଓ ଆନନ୍ଦର ବିଷୟ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଝୁଲାମଣି ବସ୍ତିଆଙ୍କ ଦୀର୍ଘ ଶତାବ୍ଦୀର ଜୀବନଯାତ୍ରାକୁ ସମ୍ମାନ ଜଣାଇ ପରିବାର ପକ୍ଷରୁ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଏକ ଭୋଜିର ଆୟୋଜନ କରାଯାଇଥିଲା।

# ସାପ କାମୁଡ଼ାରେ ବାବାଙ୍କ ପରଲୋକ

ତିର୍ତ୍ତୋଲ,୨।୬(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ମଣିଜଙ୍ଗା ପଞ୍ଚାୟତ ଖଣ୍ଡିଆ ଗୋରଡ଼ ଗ୍ରାମର ବାବା ପଦ୍ମନାଭ ଦାସ (ପଦ ବାବା) ସାପ କାମୁଡାରେ ମୃତ୍ୟୁ ବରଣ କରିଛନ୍ତି। ରାତିରେ ସେ ଶୋଇଥିବା ବେଳେ ଏକ ସାପ ତାଙ୍କ ହାତରେ କାମୁଡି ଦେଇଥିଲା। ଆଜି ସକାଳ ସମୟରେ ଏହା ସେ ଜାଣିପାରି ଗୋରେଖନାଥ ପୀଠକୁ ଯାଇଥିଲେ। ସେଠାରୁ ସେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପରେ ତାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ମୃତ୍ୟୁରେ ମଣିଜଙ୍ଗା, ପିପାଳ ମାଧବ, ବୋଧେଇ ଓ ଜଡତିରା ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

# ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ଜୟନ୍ତୀ



ଜଗତସିଂହପୁର,୨।୬(ସମିସ): ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ୯୮ତମ ଜୟନ୍ତୀ ଉତ୍ସବ ଜନ୍ମସ୍ଥାନ ସମଙ୍ଗ ଗ୍ରାମରେ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ସ୍ମୃତି ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବକୁ ସ୍ଥାନୀୟ ବିଧାୟକ ତଥା ଅଧ୍ୟକ୍ଷ ଜିଲ୍ଲା ଯୋଜନା ବୋର୍ଡ ଅମରେନ୍ଦ୍ର ଦାସ ଉଦ୍‌ଘାଟନ କରିଥିଲେ। ଜଗତସିଂହପୁର ଜିଲ୍ଲାକୁ ଯାତ୍ରା ଜଗତରେ ଏନ୍ତୁଡ଼ିଶାଳା ବୋଲି କହିବା ସହିତ ଓଡ଼ିଆ ଯାତ୍ରା ଜଗତକୁ ରୁଦ୍ଧିମନ୍ତ କରିଥିଲା ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ଅଭିନୟ ଓ ନିର୍ଦ୍ଦେଶନା। ତାଙ୍କର ଯାତ୍ରା ଜୀବନ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ରାଜ୍ୟ ପୁରସ୍କାର ପ୍ରାପ୍ତ କୃତୀ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ପୂର୍ବତନ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୂର୍ଯ୍ୟ ରଞ୍ଜନ ମହାନ୍ତି, ନାଟ୍ୟକାର ଓ ନିର୍ଦ୍ଦେଶକ ଇଂ. ଆଶୁତୋଷ ମହାପାତ୍ର ଓ ଜଗତସିଂହପୁର ପୌରପରିଷଦର ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ ପ୍ରମୁଖ ଯୋଗ ଦେଇ ଅଭିଭାଷଣ ରଖିଥିଲେ। ପରିଷଦର ବରିଷ୍ଠ ସଦସ୍ୟ ବିଜନ ମହାପାତ୍ର ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଯୁଗ୍ମ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଓ ସମ୍ପାଦକ ତପନ କୁମାର ରାଉତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ଇଂ ଯୋଗେନ୍ଦ୍ର ମଲ୍ଲିକ, ନିର୍ଦ୍ଦେଶକ ସାରଦା ରଣା, ବରିଷ୍ଠ ଅଭିନେତା ରବି ଦାସ, ହସ୍ୟାଭିନେତା ପ୍ରଭାକର ସାହୁ(ଚଗନ), ଅଭିନେତା ପୀୟୁଷ ତ୍ରିପାଠୀ, ଅଭିନେତା ଶୁଭାଶିଷ ମହାପାତ୍ର(ବବୁଲ), ଅଭିନେତ୍ରୀ ରାଧା ପଣ୍ଡା, ବିନୋଦିନୀ ମହାନ୍ତି, କରୁଣାସିନ୍ଧୁ ବେହେରା ପ୍ରମୁଖ ପ୍ରତିଭାମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଉପସଭାପତି ଅଶୋକ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଗୌର ଚନ୍ଦ୍ର ପଣ୍ଡା, ସମୀର ପଟ୍ଟନାୟକ, ଅରୁଣ କୁମାର ରାଉତରାୟ, ଶୁଭେନ୍ଦୁ ସ୍ୱାଇଁ, ଶ୍ରୀକାନ୍ତ ରାଉତରାୟ, ସଚ୍ଚିକାନ୍ତ ଜେନା, ବିଜୟ ବସ୍ତିଆ, ତରୁଣ କୁମାର ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ।

# ଇଟାଭାଟିରେ ପ୍ରଶାସନର ଚଢ଼ଉ



ବାଲିକୁଦା,୨।୬(ସମିସ): ବାଲିକୁଦା ତହସିଲ ଅନ୍ତର୍ଗତ ରାହାଣ ପଞ୍ଚାୟତ ବସନ୍ତ ରାଜସ୍ୱ ଗ୍ରାମରେ ବେଆଇନ ଇଟାଭାଟି ଚାଲିଥିବା ସୂଚନା ପାଇ ବାଲିକୁଦା ତହସିଲ ପକ୍ଷରୁ ଅତିରିକ୍ତ ତହସିଲଦାର ପିଙ୍କି ନାଏକଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଛି।

ଟିମ ସୁପରଭାଇଜର ପ୍ରତାପ ମଲ୍ଲିକ, ବୋରିକିନା ରାଜସ୍ୱ ନିରୀକ୍ଷକ ଆଶିଷ ସାମଲ, ମାଳ ରାଜସ୍ୱ ନିରୀକ୍ଷକ ଅରୁଣ କୁମାର ଦଳାଇ ଓ ଅନ୍ୟମାନେ ଅଚାନକ ଚଢ଼ଉ କରି ନିଆଁ ଲାଗିଥିବା ଇଟାଭାଟିରେ ଅଗ୍ନିଶମ ବିଭାଗ ପାଣି ପକାଇବା ସହ ଜେସିବି ମେସିନ ସହାୟତାରେ ଭାଙ୍ଗି ନିଆଁ ଲିଭାଇଥିଲେ। ସୂଚନା ଅନୁଯାୟୀ ଏହି ଗ୍ରାମର ସୁଶାନ୍ତ ମଲ୍ଲିକ ଦୀର୍ଘ ବର୍ଷ ଧରି ବ୍ୟବସାୟିକ ଉଦ୍ଦେଶ୍ୟରେ ଏହିପରି ଗୋଟିଏ ପରେ ଗୋଟିଏ ଭାଟି ଲଗାଉଥିଲେ। ଯାହାକୁ ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତହସିଲ ପ୍ରଶାସନ ବେଆଇନ ଇଟାଭାଟି ଭାଙ୍ଗିଥିଲା। ଏହି ଇଟା ଭାଟିରେ ଆନୁମାନିକ ୩୫ ହଜାରରୁ ଊର୍ଦ୍ଧ୍ୱ ଇଟା ଥିବା ଅତିରିକ୍ତ ତହସିଲଦାର ପିଙ୍କି ନାଏକ ସୂଚନା ଦେଇଥିଲେ।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ



କୁଜଙ୍ଗ,୨।୬(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ମହ୍ଲାସାହି ଗ୍ରାମରେ ଆଜି ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ଅକାଳ ବିୟୋଗ ହୋଇଛି। ମୃତକଙ୍କ ନାଁ ବିଶ୍ୱନାଥ କଣ୍ଡ (୪୬)। ତାଙ୍କୁ ଗୁରୁତର ଅବସ୍ଥାରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଉପରେ ବିଧବା ମା' ସହ ପରିବାର ନିର୍ଭର କରୁଥିବା ବେଳେ ତାଙ୍କ ପରଲୋକ ପରିବାର ଭାଙ୍ଗି ପଡିଛନ୍ତି। ତାଙ୍କ ପରଲୋକ ସମିତି ସଭ୍ୟାଙ୍କ ପ୍ରତିନିଧି ଅବିନାଶ ମଲ୍ଲିକ, ନିକୁଞ୍ଜ କର, ରଞ୍ଜିତ କୁମାର ପଣ୍ଡା, ମାନସ ରଂଜନ ପାଣି, ସୁଭ୍ରଜିତ ଦାସ, ପ୍ରଭାତ ଦାସ, ଚିତ୍ତରଞ୍ଜନ ପାଣି, ବିଶ୍ୱଜିତ୍ ପଣ୍ଡା, ବଲ୍ଲଭ ଚରଣ ପାଣି, ସୁବାସ ପାଣି, ପ୍ରଦୀପ କୁମାର ପାଣି, ଅତୁଲ ପାଣି, ରତିକାନ୍ତ କର ପ୍ରମୁଖ ଶେଷ ଦର୍ଶନ କରିବା ସହ ଶୋକ ପ୍ରକାଶ କରିଛନ୍ତି।

## ଜଗନ୍ନାଥ ଟ୍ରକ୍ ମାଲିକ ସଂଘ

# ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ



ପାରାଦୀପ,୨।୬(ସମିସ): ଜଗନ୍ନାଥ ଟ୍ରକ୍ ମାଲିକ ସଂଘର ନୂତନ କର୍ମକର୍ତ୍ତାମାନଙ୍କର ଶପଥ ଗ୍ରହଣ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଠରବାଙ୍କୀସ୍ଥିତ ସଙ୍ଘ କାର୍ଯ୍ୟାଳୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ଡ. ବିଭୁ ପ୍ରସାଦ ତରାଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଉପସ୍ଥିତ ଥିଲେ। ସଂଘର ପୂର୍ବତନ ଉପସଭାପତି ପ୍ରକାଶ ଚନ୍ଦ୍ର ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ନିର୍ବାଚନ କମିଟିର ମୁଖ୍ୟ ଆଇନଜୀବୀ କୈଳାଶ ଚନ୍ଦ୍ର ସାହୁ ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ ସଭାପତି ଗୌତମ କୁମାର ନାୟକ, ସମ୍ପାଦକ ବିଶ୍ୱରଞ୍ଜନ ପଲାଇ, କାର୍ଯ୍ୟକାରୀ ସଭାପତି ସରୋଜ ମହାପାତ୍ର, ଉପସଭାପତି ଭଗବାନ ସ୍ୱାଇଁ, ସହ-ସମ୍ପାଦକ ମନୋଜ କୁମାର ବିଶ୍ୱାଳ ଓ କୋଷାଧ୍ୟକ୍ଷ ବଳରାମ ଦାସ ପ୍ରମୁଖ ଶପଥ ନେଇଥିଲେ। ତେବେ ନବ ନିର୍ବାଚିତ କର୍ମକର୍ତ୍ତାମାନେ ଆଗାମୀ ୨ ବର୍ଷ ପାଇଁ କାର୍ଯ୍ୟ କରିବେ। ମୁଖ୍ୟଅତିଥିଙ୍କ ନିକଟରେ ସଂଘ ପକ୍ଷରୁ ତିନୋଟି ଦାବି ରଖାଯାଇଥିଲା। ଯାହାକୁ ମୁଖ୍ୟଅତିଥି ଡ. ତରାଇ ବନ୍ଦର କର୍ତ୍ତୃପକ୍ଷଙ୍କ ନିକଟରେ ଆଲୋଚନା କରି ସମାଧାନ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ।

# ଅଧ୍ୟାପକ ଓ ସାମାଜିକ କର୍ମୀଙ୍କୁ ବାଣୀକ୍ଷେତ୍ର ସମ୍ମାନ





ଜଗତସିଂହପୁର, ୨।୬(ସମିସ): ମା' କୁତାମ ଚଣ୍ଡି କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ୍ନ କୁମାର ବାରିକଙ୍କୁ ବାଣୀକ୍ଷେତ୍ର ସମ୍ମାନ ପ୍ରଦାନ କରାଯାଇଛି। ଜଗତସିଂହପୁର ସହରର ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଶ୍ରୀ ବାରିକଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ସାମାଜିକ କର୍ମୀ ଶିଶିର ବିଶ୍ୱାଳଙ୍କୁ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ବାଣୀକ୍ଷେତ୍ର ସମ୍ମାନ ପ୍ରଦାନ କରାଯାଇଛି।

# ବିଜେପି ପୁରାତନ କର୍ମକର୍ତ୍ତାଙ୍କ ସମ୍ମିଳନୀ

ପାରାଦୀପ,୨।୬(ସମିସ): ପାରାଦୀପର ପୁରାତନ ବିଜେପି କର୍ମୀଙ୍କ ଦ୍ୱାରା ପ୍ରତିଷ୍ଠିତ 'ବିଜେପି ଡାଇମଣ୍ଡ'ର ପ୍ରଥମ ସମ୍ମିଳନୀ ସ୍ଥାନୀୟ ମଧୁବନସ୍ଥିତ ମାଉସୀ ମା' ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ମହିଳା ନେତ୍ରୀ ନିର୍ମଳା ଦ୍ୱିବେଦୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେପିର ପୁରାତନ କର୍ମକର୍ତ୍ତା ଶଶାଙ୍କ ଆଚାର୍ଯ୍ୟ, ରାମଚନ୍ଦ୍ର ସ୍ୱାଇଁ, ରାଜେନ୍ଦ୍ର ପରିଡ଼ା, ସନାତନ ନାୟକ, ସୁନାକାର ସେନାପତି, କୈଳାଶ ମଲ୍ଲିକ, ସୁବାସ ବେଉରା, ବିଭୁପ୍ରସାଦ ନାୟକ, ହରେକୃଷ୍ଣ ମଲ୍ଲ, କୈଳାଶ ସ୍ୱାଇଁ, ଆଦିତ୍ୟ ରାଉତରାୟ, ଏନ୍ ସ୍ୱାଇଁ, ଅଶୋକ ଦାସ, ନବ ଜେନା, ନିତ୍ୟାନନ୍ଦ ଓଝା, ପରମାନନ୍ଦ ସେଠୀ, ମହେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରତି ମାସର ପ୍ରଥମ ରବିବାର ଦିନ ପୁରାତନ କର୍ମୀମାନଙ୍କୁ ନେଇ ନିୟମିତ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା।

# ଉପଭୋକ୍ତା ଅଧିକାର ସଚେତନତା କାର୍ଯ୍ୟକ୍ରମ

ଏରସମା,୨।୬(ସମିସ)



କଞ୍ଜୁମର ରାଇଟ୍ସ ଅର୍ଗାନାଇଜେସନ୍, ରେଡିଓ ଆଉଟରିଚ୍ ୯୦.୮ଏଫ୍ଏମ୍ ଏବଂ ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱର ଶାଖା କାର୍ଯ୍ୟାଳୟର ମିଳିତ ଉଦ୍ୟମରେ ଜଗତସିଂହପୁର ଜିଲ୍ଲାର ଶ୍ରୀରାମପୁର ସ୍ଥିତ ରେଡିଓ ଆଉଟରିଚ୍ ପରିସରରେ ଏକ ଉପଭୋକ୍ତା ଅଧିକାର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଆଇଏସ୍‌ର ସାଇନ ଅଭିଯାନ ଅନ୍ତର୍ଗତ ଆୟୋଜିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ମହିଳାମାନଙ୍କୁ ମାନକ, ଗୁଣବତ୍ତା, ସୁରକ୍ଷା ସମ୍ପର୍କରେ ସୂଚନା ପ୍ରଦାନ କରିବା। ଫଳରେ ସେମାନେ ସଚେତନ ଉପଭୋକ୍ତା ଭାବେ ସଶକ୍ତ ହୋଇ ପାରିବେ। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ୧୦୦ରୁ ଅଧିକ ମହିଳା ଯୋଗଦେଇ ଉପଭୋକ୍ତା ଅଧିକାର, ବିଭିନ୍ନ ଉତ୍ପାଦର ଗୁଣବତ୍ତା ଓ ସୁରକ୍ଷିତ କ୍ରୟ ବିଷୟରେ ସୂଚନା ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳର ମହିଳାମାନଙ୍କୁ ନିଜର ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇବା ସହିତ ସଚେତନ ଉପଭୋକ୍ତା ଭାବେ ଗଢ଼ି ତୋଳିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ବିଶିଷ୍ଟ ଉପଭୋକ୍ତା ଅଧିକାର ବିଶେଷଜ୍ଞ ରାଗିଣୀ ମିତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ମହିଳାମାନଙ୍କୁ ଉପଭୋକ୍ତା ସୁରକ୍ଷା ଆଇନ, ବିଆଇଏସ୍ ତଥା ଆଇଏସଆଇ ମାନ ଚିହ୍ନର ଗୁରୁତ୍ୱ, ଗୁଣବତ୍ତା ସମ୍ପନ୍ନ ଉତ୍ପାଦ ଚିହ୍ନଟ କରିବାର ଉପାୟ ଏବଂ ଅଭିଯୋଗ କରିବାର ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ ଯେ ସଚେତନ ଉପଭୋକ୍ତା ହେଉଛନ୍ତି ସୁରକ୍ଷିତ ଓ ସଶକ୍ତ ସମାଜ ଗଠନର ମୂଳ ଆଧାର। ଏହି ଅବସରରେ ରେଡିଓ ଆଉଟରିଚର ଷ୍ଟେସନ ଡାଇରେକ୍ଟର ସୁବ୍ରତ କୁମାର ପତି କହିଥିଲେ ଯେ ଏଭଳି ସଚେତନତା କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ। ଏହା ମାଧ୍ୟମରେ ସେମାନେ ନିଜର ଉପଭୋକ୍ତା ଅଧିକାର ସମ୍ପର୍କରେ ସଠିକ୍ ଜ୍ଞାନ ଲାଭ କରିବା ସହ ସଚେତନ ଭାବେ ବଜାରରୁ ସାମଗ୍ରୀ କ୍ରୟ କରିପାରିବେ। ସମାଜର ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟି କରିବାରେ କମ୍ୟୁନିଟି ରେଡିଓର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଆୟୋଜକମାନେ ଭବିଷ୍ୟତରେ ଏଭଳି ଅଧିକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରି ମହିଳାମାନଙ୍କୁ ସଶକ୍ତ କରିବା ସହ ଉପଭୋକ୍ତା ସଚେତନତାକୁ ଆହୁରି ବ୍ୟାପକ କରିବା ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ।





# ସହପାଠୀଙ୍କୁ ଅପହରଣ କରି ମୁଣ୍ଡ ଜାମିନ୍

ଭୁବନେଶ୍ୱର, ୨।୬ (ସମିସ)



- ସାଙ୍ଗ ହାତରେ ଟଙ୍କା ଦେଇ ଅପହର୍ତ୍ତାଙ୍କୁ ଧରିଲା ପୁଲିସ
- ଡିସିପିଙ୍କ ନେତୃତ୍ୱରେ ଟିମ୍; ଦୁଇ ଘଣ୍ଟାରେ ଅପହୃତ ଉଦ୍ଧାର
- ୨ ଫାର୍ମା ଛାତ୍ରଙ୍କ ସହ ୪ ଗିରଫ; ବାଇକ୍, ଛୁରି ଓ ୫୦ ହଜାର ଗିରଫ

ରାଜଧାନୀରେ ପୁଣି ଏକ ସଂଗଠିତ ଅପରାଧ ସାମ୍ନାକୁ ଆସିଛି। ବ୍ୟକ୍ତିଗତ ଶତ୍ରୁତାରୁ ସହପାଠୀଙ୍କୁ ଅପହରଣ କରି ନେଇଛନ୍ତି ଛାତ୍ର। ତତ୍କାଳ ପଦକ୍ଷେପ ଯୋଗୁଁ ମାତ୍ର ଦୁଇ ଘଣ୍ଟାରେ ଅପହୃତ ଛାତ୍ରଙ୍କୁ ଉଦ୍ଧାର କରିଛି ଭରତପୁର ଥାନା ପୁଲିସ। ଘଟଣାରେ ୪ ଜଣ ଫାର୍ମା ଛାତ୍ରଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ତିର୍ତ୍ତୋଲ ଥାନା ଡିହ ସାହିର ସନ୍ଦୀପ କୁମାର ରାଉତ (୨୧), ଏରସମା ଥାନା ଘୋରଡ଼ିଆ ଗାଁର ରିତିକ ମୁଦୁଲି (୨୨), ପାଇକରାପୁରର ଶୁଭମ୍ ପ୍ରଧାନ (୨୦) ଓ ସନ୍ତୋଷୀ ନଗର ବସ୍ତିରେ ରହୁଥିବା କନ୍ଧମାଳ ରତିଙ୍ଗିଆର ବିଶ୍ୱାସ ନାୟକ (୨୪)।

ପୁଲିସ ସୂଚନା ଅନୁସାରେ, ତାଳଚେର ଥାନା କଙ୍କିଳି ଗାଁର ବିଶ୍ୱଜିତ ପ୍ରଧାନ କଳିଙ୍ଗନଗର ଅଞ୍ଚଳରେ ଥିବା ଏକ ଘରୋଇ କଲେଜରେ ବି ଫାର୍ମା ପଢୁଥିବା ବେଳେ ସନ୍ଦୀପ ଓ ରିତିକ୍ ତାଙ୍କ ସହପାଠୀ। କୌଣସି କାରଣକୁ ନେଇ ସେମାନଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ମଙ୍ଗଳବାର ପୂର୍ବାହ୍ନରେ ସନ୍ଦୀପ, ରିତିକ୍, ଶୁଭମ୍ ଓ ବିଶ୍ୱାସ ମିଶି ବିଶ୍ୱଜିତଙ୍କୁ କଲେଜ କ୍ୟାମ୍ପସରୁ ଅପହରଣ କରି ନେଇଥିଲେ। ଭଡ଼ାଘରେ ବନ୍ଦୀ କରି ରଖି ୫୦ ହଜାର ଟଙ୍କା ଦାବି କରିଥିଲେ। ବିଶ୍ୱଜିତ ତାଙ୍କର ଜଣେ ବନ୍ଧୁଙ୍କୁ ଫୋନ୍ କରି ଜଣାଇବା ସହ ୫୦ ହଜାର ଟଙ୍କା ଯୋଗାଡ଼ କରି ଆଣିବାକୁ କହିବା ପରେ ଘଟଣା ପଦାକୁ ଆସିଥିଲା। ସମ୍ପୃକ୍ତ ଛାତ୍ର ଜଣକ ଭରତପୁର ଥାନାକୁ ଖବର ଦେବାପରେ ପୁଲିସ ଆଗକୁ ବଢ଼ିଥିଲା।

ଭୁବନେଶ୍ୱର ଡିସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭରତପୁର ପୁଲିସ ଓ ସ୍ପେଶାଲ୍ ସ୍କ୍ୱାଡକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ବୈଷୟିକ ସହାୟତା, କଲ୍ ଡିଟେଲ୍ ରେକର୍ଡ (ସିଡିଆର୍), କଲେଜ କ୍ୟାମ୍ପସ ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ବିଶ୍ଲେଷଣ ମାଧ୍ୟମରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା ପୁଲିସ। ଅଭିଯୁକ୍ତମାନଙ୍କୁ ଧରିବାକୁ ଅଭିଯୋଗ କରିଥିବା ସାଙ୍ଗ ହାତରେ ୫୦ ହଜାର ଟଙ୍କା ଦେଇ ପଠାଇବା ସହ ନିଜେ ପଛେ ପଛେ ଯାଇଥିଲା। ଆୟୁର୍ବେଦିକ କଲେଜ ନିକଟ ଲେନ୍-୨ ରେ ଥିବା ଏକ ଭଡ଼ା ଘରେ ଚଢ଼ଉ କରି ବିଶ୍ୱଜିତଙ୍କୁ ଉଦ୍ଧାର କରିବି ସହ ୪ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ହେପାଜତରୁ ୫୦ ହଜାର ଟଙ୍କା, ବାଇକ୍, ଛୁରି, ରୋଷେଇ ଉପକରଣ ଓ ୪ଟି ମୋବାଇଲ ଫୋନ ଜବତ କରିଥିଲା। ବିଶ୍ୱଜିତଙ୍କୁ ତୁରନ୍ତ ଚିକିତ୍ସା କରିବା ସହ ବୟାନ ରେକର୍ଡ କରାଯାଇଥିଲା।

## ଯୁବତୀଙ୍କୁ ଦୁଷ୍କର୍ମ ପରେ ଗର୍ଭ ନଷ୍ଟ

ଭୁବନେଶ୍ୱର, ୨।୬ (ସମିସ): ରାଜଧାନୀରେ ପୁଣି ଏକ ଦୁଷ୍କର୍ମ ଘଟଣା ସାମ୍ନାକୁ ଆସିଛି। ଖାଲି ଦୁଷ୍କର୍ମ ନୁହେଁ, ଗର୍ଭନଷ୍ଟ କରିଥିବା ନେଇ ମହିଳା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ରଙ୍ଗମାଟିଆର ସନାତନ ସାହୁ (୩୦)। ପୁଲିସ ସୂଚନାନୁସାରେ, ରାଜଧାନୀରେ ରହୁଥିବା ଜଣେ ଯୁବତୀ ଓ ସନାତନ ମଧ୍ୟରେ ପରିଚୟ ରହିଥିଲା। ଅନେକ ସମୟରେ ଉଭୟ ଦେଖା ସାକ୍ଷାତ ମଧ୍ୟ ହେଉଥିଲେ। ଯୁବତୀଙ୍କ ସରଳତାର ସୁଯୋଗ ନେଇ ସନାତନ ତାଙ୍କୁ ଦୁଷ୍କର୍ମ କରିଥିଲା। ସେ ବିରୋଧ କରୁଥିବା ବେଳେ ସନାତନ ବାରମ୍ବାର ଦୁଷ୍କର୍ମ କରି ଚାଲିଥିଲା। ଫଳରେ ଯୁବତୀ ଜଣକ ଗର୍ଭବତୀ ହୋଇ ଯାଇଥିଲେ। ଏ ସମ୍ପର୍କରେ ସନାତନ ଜାଣିବା ପରେ ଯୁବତୀଙ୍କ ଅଜାଣତରେ ଔଷଧ ଦେଇ ଗର୍ଭନଷ୍ଟ କରିଥିଲା। ଏନେଇ ଯୁବତୀ ଜଣକ ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ସନାତନକୁ ଗିରଫ କରିଛି।

## ପୁରୁଣା ଫଟୋ : ପୁରୁଣା ସ୍ମୃତି



ଭୁବନେଶ୍ୱର, ୨।୬(ସମିସ): ସମୟ ସହ ରାଜଧାନୀ ଭୁବନେଶ୍ୱରରେ ଅନେକ ପରିବର୍ତ୍ତନ ଆସିଛି। ସହରର ଉନ୍ନତିକରଣ ସଙ୍ଗେ ସଙ୍ଗେ ଗାଡି ମଟରର ସଂଖ୍ୟା ମଧ୍ୟ ବଢ଼ିଛି। ଅନେକ ବର୍ଷ ପୂର୍ବରୁ ସହରରେ ଯାତାୟତର ମାଧ୍ୟମ ଭାବେ ଲୋକ ଶଗଡ଼, ରିକ୍ସା ହିଁ ବ୍ୟବହାର କରୁଥିଲେ। ଷ୍ଟେସନ ଓ ବସ୍ ଷ୍ଟାଣ୍ଡଠାରୁ ଆରମ୍ଭକରି ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ପହଞ୍ଚାଉଥିଲେ ରିକ୍ସା ବାଲା। ଭାର କାନ୍ଧେଇ ଚକ ଗଡୁଥିଲା। ପୁଣି ପରିବର୍ତ୍ତନ ଆସିଲା କିଛି ଲୋକ ସ୍କୁଟର ଏବଂ ସେ ସମୟର ଲୋକପ୍ରିୟ ଆମ୍ବାସଡର କାର ଚଢ଼ିଲେ। ସେତେବେଳେ କିଛି ପଇସାବାଲାଙ୍କ ଘରେ ହିଁ ଏହି ଗାଡି ଦେଖିବାକୁ ମିଳେ। ସେହିଭଳି ଏକ ସମୟର ଫଟୋରେ ବିନ୍ଦୁ ସାଗର ନିକଟର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ପରିଲକ୍ଷିତ ହୋଇଛି।

ଯାହା ପୁରୁଣା ସ୍ମୃତିକୁ ପୁଣି ମନେ ପକାଇ ଦେଇଥିଲା। ପାଖାପାଖି ୩୦ ବର୍ଷରୁ ଅଧିକ ପୁରୁଣା ଏକ ଫଟୋ ଦେଖିବାକୁ ମିଳିଥିଲା। ଯେଉଁଥିରେ କିଛି ରିକ୍ସା ଚାଳକ ସମେତ ଆମ୍ବାସଡର କାର ଏବଂ ସ୍କୁଟର ଚାଳକଙ୍କୁ ବିନ୍ଦୁସାଗର ନିକଟରେ ଦେଖିବାକୁ ମିଳୁଛି। ଯେଉଁଥିରୁ ଅନୁମାନ କରି ହେଉଛି ସେ ସମୟରେ ଯାତାୟାତର ମାଧ୍ୟମ ଏହିସବୁ ହିଁ ଥିଲା। ଲିଙ୍ଗରାଜ ମନ୍ଦିର ଏବଂ ତାର ଆଖପାଖ ସ୍ଥାନ ବୁଲେଇବା ପାଇଁ ସେତେବେଳେ ରିକ୍ସା ଅଧିକ ବ୍ୟବହାର ହେଉଥିଲା।

## ଲୁଟ୍ ମାମଲାରେ ଜେଲ୍ ଗଲେ ଚାରି ଅଭିଯୁକ୍ତ

ବାଲିଅନ୍ତା, ୨।୬(ସମିସ): ବାଲିଅନ୍ତା ଥାନା ପୁଲିସ ଲୁଟ ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସାଗର ଭୋଇ, ରଞ୍ଜିତ କୁମାର ଭୋଇ, ମଦନ ଗୁପ୍ତା ଏବଂ ସୁବଳ ପ୍ରଧାନ। ସମସ୍ତଙ୍କ ଜାମିନି ଖାରଜ ହୋଇଯିବାରୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି। ସାଗର ଏବଂ ରଞ୍ଜିତ ଗତ ସପ୍ତାହରେ ଏକ ଟେଲିଫୋନ ସଂସ୍ଥାର ଏସି ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀମାନ ଚୋରି କରି ସ୍ଥାନୀୟ ଅଞ୍ଚଳର ୨ କବାଡ଼ିଆ ଦୋକାନୀ ମଦନ ଏବଂ ସୁବଳଙ୍କୁ ବିକ୍ରି କରିଥିଲେ। ଏ ସଂକ୍ରାନ୍ତରେ ସଂସ୍ଥାର ଅଧିକାରୀ ଜଗନ୍ନାଥ ପଣ୍ଡା ଅଭିଯୋଗ କରିଥିଲେ। ବାଲିଅନ୍ତା ଥାନା ପୁଲିସ ସ୍ଥାନୀୟ ଅଞ୍ଚଳରେ ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ଉ କରି ସେମାନଙ୍କୁ ଗିରଫ କରିଥିଲା।

## 'ଅଂଶଧନମୂଳକ ପେନସନ ପାଇଁ ବଜେଟରେ ୧୦କୋଟି ବ୍ୟବସ୍ଥା ହେଉ'

ଭୁବନେଶ୍ୱର, ୨।୬ (ସମିସ): କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ମାସିକ ୧୦ହଜାର ଟଙ୍କାର ଅଂଶଧନ ମୂଳକ ପେନସନ ପାଇଁ ପ୍ରାୟ ୧୦କୋଟି ଟଙ୍କାର ମୂଳପାଣ୍ଠି ସୃଷ୍ଟି ପାଇଁ ଆଗାମୀ ଅତିରିକ୍ତ ବଜେଟରେ ବ୍ୟବସ୍ଥା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଦୃଷ୍ଟି ଦେବାକୁ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ପ୍ରସ୍ତାବ ଦେବା ସହ ଯୁବସାମ୍ବାଦିକ ମାନେ ଏକାଠି ହୋଇ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାପାଇଁ ଆହ୍ୱାନ ଦେଇଥିଲେ। ଓଡ଼ିଶା ପ୍ରେସ ଏକାଡେମୀର ୩୨ତମ ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ଘଡାଇ ନିଜର ମତପ୍ରକାଶ କରିଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ରାଜ୍ୟ ବିଧାନସଭାର ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା କହିଲେ ଯେ ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା କର୍ମଜିବୀ ସାମ୍ବାଦିକ ମାନଙ୍କର ଗଣନା ଓ ଅଂଶଧନମୂଳକ ପେନସନ କରିପାରିନାହାନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଏହି କାର୍ଯ୍ୟ ଆଗେଇ ଦେବାପାଇଁ ସରକାର ପଦକ୍ଷେପ ଗ୍ରହଣ ଜରୁରୀ ହୋଇ ପଡ଼ିଛି। ସରକାର ଖୁବଶୀଘ୍ର ଓଡ଼ିଶା ପ୍ରେସ ଏକାଡେମୀକୁ ଏହାର ନୋଡାଲ ଏଜେନ୍ସି ଭାବେ ନିଯୁକ୍ତି ଦେବାର ଆବଶ୍ୟକତା ରହିଛି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସମାଜର ପୂର୍ବତନ ମୁଖ୍ୟ ପରିଚାଳକ ସୁରେଶ ଚନ୍ଦ୍ର ମନ୍ତ୍ରୀ ଯୋଗ ଦେଇ କହିଲେ ଯେ ସାମ୍ବାଦିକମାନଙ୍କୁ ନିର୍ଭିକ ଭାବେ କାର୍ଯ୍ୟ କରିବାକୁ ହେଲେ ସେମାନଙ୍କୁ ଆର୍ଥିକ ଦିଗରେ ମଜଭୁତ ହେବାର ଆବଶ୍ୟକତା ରହିଛି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଟୁଡେର ସମ୍ପାଦକ ଅବିନାଶ ମିଶ୍ର, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ଜେନା, ବରିଷ୍ଠ ସାମ୍ବାଦିକ ରବି ରାୟ ସାମ୍ବାଦିକ ମାନଙ୍କର ବିଭିନ୍ନ ଅସୁବିଧା ଓ ବାଧାବିଘ୍ନ ଦିଗରେ ରେଖାପାତ କରିଥିଲେ। ଏହି ଉତ୍ସବରେ ଉଲ୍ଲେଖନୀୟ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ଯୁବ ସାମ୍ବାଦିକଙ୍କୁ ଡିପ୍ଲୋମା ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଓଡ଼ିଶା ପ୍ରେସ ଏକାଡେମୀର ଅଧ୍ୟକ୍ଷ ସଞ୍ଜୟ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ ପରେ ଓଡ଼ିଶା ପ୍ରେସ ଏକାଡେମୀର ଉପାଧ୍ୟକ୍ଷ ସୁଜ୍ଞାନ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା। ଶେଷରେ ଓଡ଼ିଶା ପ୍ରେସ ଏକାଡେମୀର ସମ୍ପାଦିକା ରୀତାଞ୍ଜଳି ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ନୃତ୍ୟାଞ୍ଜଳି ମହୋତ୍ସବର ଆକର୍ଷଣ 'ପଲ୍ଲବୀ ସନ୍ଧ୍ୟା'



ଭୁବନେଶ୍ୱର, ୨।୬(ସମିସ): ଦୁଇଦିନ ଧରି ଚାଲିଥିବା ନୃତ୍ୟ, ଗୀତ ଓ ବାଦ୍ୟ ତଥା ଯନ୍ତ୍ର ସଙ୍ଗୀତର ମହାପର୍ବ ୩୪ତମ ନୃତ୍ୟାଞ୍ଜଳି ମହୋତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଉଦଯାପିତ ହୋଇଯାଇଛି। ଉତ୍ସବର ବିଶେଷ ଆକର୍ଷଣ 'ପଲ୍ଲବୀ ସନ୍ଧ୍ୟା' ଯାହାକି ସମ୍ପୂର୍ଣ୍ଣ ଶୁଦ୍ଧ ଓଡ଼ିଶୀ ନୃତ୍ୟ ଉପରେ ପର୍ଯ୍ୟବେସିତ ଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁ ପୁଷ୍ପରଞ୍ଜନ ମଙ୍ଗରାଜ ଦୁଇଟି ନୂତନ ପଲ୍ଲବୀ ଓଡିଶୀ ନୃତ୍ୟ ଜଗତକୁ ସମର୍ପିତ କରିଥିଲେ। ପ୍ରଥମଟି ରାଗ ଅଭୋଗୀ ଏବଂ ଯତି ତାଳରେ ନିବଧିତ ଥିଲା। ବିଶ୍ୱସ୍ତରୀୟ ମଞ୍ଚ ପରିବେଶରେ ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତିଙ୍କ ସଂଯୋଜିତ 'ସମାଜ ପଲ୍ଲବୀ'କୁ ପରିବେଷଣ କରିଥିଲେ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ଛାତ୍ରଛାତ୍ରୀ। ତତ୍ପରେ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁଙ୍କର ସଂଯୋଜିତ 'ଆନନ୍ଦଭୈରବୀ' ପଲ୍ଲବୀକୁ ପରିବେଷଣ କରିଥିଲେ ରୁଦ୍ରାକ୍ଷ ଫାଉଣ୍ଡେସନର ଛାତ୍ର ସନ୍ତୋଷ ରାମ ଏବଂ ସମୀର୍ କୁମାର ପାଣିଗ୍ରାହୀ। ଉତ୍ସବରେ ଅତିଥି ଭାବେ ସାଂସଦ ପ୍ରଦୀପ ପୁରୋହିତ, ନୃତ୍ୟାଙ୍ଗନା ଗୁରୁ ପଦ୍ମଶ୍ରୀ କୁମ୍‌କୁମ ମହାନ୍ତି, ଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି, ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀର, ଗୁରୁ ରତିକାନ୍ତ ମହାପାତ୍ର, ଡ଼. ସ୍ନେହପ୍ରଭା ସାମନ୍ତରାୟ, ସଂସ୍କୃତି ବିଭାଗ ଉପନିର୍ଦ୍ଦେଶିକା ଶୁଚିସ୍ମିତା ମନ୍ତ୍ରୀ ଯୋଗ ଦେଇ ପଲ୍ଲବୀର ଗୁରୁତ୍ୱ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ଗୁରୁ ସୁକାନ୍ତ କୁମାର କୁଣ୍ଡୁ ସ୍ୱାଗତ ଭାଷଣ ଓ ସମ୍ପାଦକ ଗୁରୁ ପୁଷ୍ପରଞ୍ଜନ ମଙ୍ଗରାଜ ପଲ୍ଲବୀ ସନ୍ଧ୍ୟାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ କାର୍ଯ୍ୟକାରୀ ସଭାପତି ଶ୍ରୀରଞ୍ଜନ ମଙ୍ଗରାଜ।

# ଜବରଦଖଲ ଉଚ୍ଛେଦକୁ ବ୍ୟବସାୟୀଙ୍କ ବିରୋଧ



ନନ୍ଦନକାନନ, ୨।୬(ସମିସ): ଉତ୍ତର ଭୁବନେଶ୍ୱର ପଟିଆ ଷ୍ଟେସନ ରୋଡ ରାଜୀବ ନଗର ଠାରେ ପ୍ଲଟ ନମ୍ବର ୧୭୧୬ରୁ ଜବରଦଖଲ ଉଚ୍ଛେଦ ବେଳେ ସ୍ଥାନୀୟ କଳାରାହାଙ୍ଗ, ପଟିଆ, ଟାଙ୍ଗିବନ୍ତ, କଳାଝାରୀ, ଇଞ୍ଜଣା, ରୋକାଟ, ସିଙ୍ଗଡ଼ା, ଆଦି ଗ୍ରାମର ଶହ ଶହ ଦୋକାନ ବଜାର ବ୍ୟବସାୟୀମାନେ ଏହାକୁ ବିରୋଧ କରିଥିଲେ। ବ୍ୟବସାୟୀମାନଙ୍କ କହିବା ଅନୁସାରେ ଷ୍ଟେସନ ରୋଡ କଡରେ ଆମମାନେ ଛୋଟମୋଟ ଦୋକାନ ଖଣ୍ଡିଏ ଖଣ୍ଡିଏ କରି ବେରୋଜଗାରରୁ ମୁକ୍ତି ପାଇବା ସହ ପରିବାର ଲୋକଙ୍କ ପେଟକୁ ଭାତ ମୁଠେ ଯୋଗାଇ ପାରୁଛୁ। ଏଠାରେ ନା ଯାତାୟତରେ ନା ରାସ୍ତାରେ ଅବରୋଧ ହେଉଛି। ଅକାରଣରେ ପ୍ରଶାସନ ଏଠାରୁ ଆମକୁ ଉଚ୍ଛେଦ କରି ଆମକୁ ପଙ୍ଗୁ କରିବା ସହ ପରିବାରକୁ ଭୋକରେ ମାରିବା ପାଇଁ ଯୋଜନା କରୁଛି। ଆମେମାନେ ଏନେଇ ପ୍ରଶାସନକୁ ନିବେଦନ ରଖୁଛୁକି ପ୍ରଶାସନ ଆମକୁ ରୋଜଗାର ଦେବାରେ ସହାୟକ ହେଉ। ବ୍ୟକ୍ତିଗତ ସ୍ୱାର୍ଥ ରଖି ଶହଶହ ପରିବାରକୁ ବଡ଼ଦାଣ୍ଡକୁ ନ ପଠାନ୍ତୁ। ଆମ ପରିବାର ଭରଣପୋଷଣ ଦାୟିତ୍ୱ କିଏ ନେବ ବୋଲି ପ୍ରଶ୍ନ କରିଛନ୍ତି। ପଟିଆ ଷ୍ଟେସନ ରୋଡ ରାଜୀବ ନଗର ନିକଟରେ ୧୭୧୬ପ୍ଲଟ ଜଙ୍ଗଲ କିସମ ରହିଛି। ସେହି ପ୍ଲଟର କିଛି ଅଂଶ ରୋଡ କଡରେ ପ୍ରାୟ ଶହେରୁ ଅଧିକ ଲୋକେ ଦୋକାନ କରି ରୋଜଗାରକ୍ଷମ ହୋଇଛନ୍ତି। ଏହି ପ୍ଲଟକୁ ଲଗେଇ ଏକ ୪ମହଲା ବିଶିଷ୍ଟ କମରସିଆଲ କୋଠା ନିର୍ମାଣ ହୋଇଛି। ଆଗରୁ ଥରେ ପ୍ରଶାସନ ଏଠାରୁ ଉଚ୍ଛେଦ କରିବାକୁ ଆସିଥିଲେ। ସେଦିନ ବି ବ୍ୟବସାୟୀ ମାନେ ସେମାନଙ୍କୁ ଥଇଥାନ କରାନ୍ତୁ ବୋଲି ନିବେଦନ ରଖିଥିଲେ। ଆଜି ଜିଏ ବିଭାଗ ଡେପୁଟି ଡାଇରେକଟର ଅମୀୟ କୁମାର ଦାସଙ୍କ ନେତୃତ୍ୱରେ, ବିଡିଏ, ବିଏମସି, ପୁଲିସ ବଳ, ବିଦ୍ୟୁତ ବିଭାଗ ଆଦି ଆସି ୧୭୧୬ପ୍ଲଟକୁ ମାପଚୁପ କରି ଜବର ଦଖଲ ଉଚ୍ଛେଦ କରିଥିଲେ। ଉଚ୍ଛେଦ ବେଳେ ୩ଟି ଦୋକାନ ଭାଙ୍ଗିବା ସହ ଉକ୍ତ ପ୍ଲଟରେ ସରକାରୀ ଜାଗା ବୋର୍ଡ ମାରି ଯାଇଛନ୍ତି। ଏବଂ ଆହୁରି କିଛି ଦୋକାନ ଭଙ୍ଗାଯିବା ପାଇଁ ଚିହ୍ନ ଦେଇ ଆସିଛନ୍ତି। ଏହି ଘଟଣା ପରେ ସ୍ଥାନୀୟ କର୍ପୋରେଟର ମୋନାଲିସା ବେହେରା ଓ ବ୍ୟବସାୟୀ ମାନେ ବିଡିଏ ଭିସି ଚଞ୍ଚଳ ରାଣାଙ୍କୁ ସାକ୍ଷାତ କରି ଲୋକଙ୍କ ସମସ୍ୟା ବିଷୟରେ ଅବଗତ କରାଇଥିଲେ।

## ଜାପାନରେ ଚମକିଲେ ୪ ଓଡ଼ିଆ ଛାତ୍ରଛାତ୍ରୀ



ଭୁବନେଶ୍ୱର, ୨।୬(ସମିସ): ଜାପାନରେ ପ୍ରତିଭା ପ୍ରଦର୍ଶନ କରିଛନ୍ତି ଓଡ଼ିଆ ଛାତ୍ରଛାତ୍ରୀ। ଜାପାନ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଏଜେନ୍ସି ପକ୍ଷରୁ ଅନୁଷ୍ଠିତ 'ସାକୁରା ସାଇନ୍ସ ହାଇସ୍କୁଲ ପ୍ରୋଗ୍ରାମ'ରେ ୪ଜଣ ଛାତ୍ରଛାତ୍ରୀ ଦେଶର ପ୍ରତିନିଧିତ୍ୱ କରି ରାଜ୍ୟକୁ ଗୌରାବାନ୍ୱିତ କରିଛନ୍ତି। ସେମାନେ ହେଲେ ଭୁବନେଶ୍ୱର ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ବିଷ୍ଣୁ ପ୍ରସାଦ ଜେନା, କୋରାପୁଟ ସରକାରୀ ହାଇସ୍କୁଲର ଶୁଭମ୍ ନାୟକ, କେନ୍ଦୁଝର ତେଲକୋଇ ଓରିୟାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ ଏବଂ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଆଦ୍ୟାଶା ପଣ୍ଡା। ସପ୍ତାହେ ବ୍ୟାପୀ ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମରେ ଅଂଶଗ୍ରଣ କରିବା ପରେ ସେମାନେ ଓଡ଼ିଶା ଫେରିଛନ୍ତି। ତାଙ୍କ ଅନୁଭୂତି ବଖାଣିବା ସହ ଶିକ୍ଷାର୍ଥୀଙ୍କୁ ଭବିଷ୍ୟତରେ ବୈଜ୍ଞାନିକ ହେବାପାଇଁ ଏହି କାର୍ଯ୍ୟକ୍ରମ ପ୍ରେରିତ କରିଥିବା କହିଛନ୍ତି। ସୂଚନାଯୋଗ୍ୟ, ସାକୁରା ସାଇନ୍ସ ହାଇସ୍କୁଲ ପ୍ରୋଗ୍ରାମରେ ଏସିଆ ଅଧୀନ ସମସ୍ତ ଦେଶର ମେଧାବୀ ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ମିଳିଥାଏ। ସପ୍ତାହେ ଧରି ଜାପାନର ଉନ୍ନତ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଏ।

- ମୁକୁଳା ଆକାଶ ତଳେ ବସ୍‌କୁ ଅପେକ୍ଷା

# ଖରାରେ ସିଝୁଛନ୍ତି; ବର୍ଷାରେ ଭିଜୁଛନ୍ତି

ଭୁବନେଶ୍ୱର, ୨।୬(ସମିସ)



ମୁଣ୍ଡଫଟା ଖରାରେ ଲୋକ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଛାଇ ଟିକିଏ ପାଇଁ ଯିଏ ଯେଉଁଠି ପାଇଲା ସେଠାରେ ଟିକେ ରହିଯାଉଛନ୍ତି। ହେଲେ ଏବେବି ଅନେକ ଲୋକ ଗୋଟା ଖରାରେ ଠିଆ ହୋଇ ବସ୍‌କୁ ଅପେକ୍ଷା କରୁଛନ୍ତି। ବସ୍‌ରହଣୀ ସ୍ଥଳ ନ ଥିବାରୁ ଖରାରେ ଠିଆ ହୋଇ ଅପେକ୍ଷା କରିବା ଲୋକଙ୍କୁ ହନ୍ତସନ୍ତ କରିପକାଉଛି।

ଲୋକଙ୍କ ଗମନାଗମନକୁ ସୁବିଧା କରିବା ପାଇଁ ସହରରେ ଆମ ବସ୍ ସୁବିଧା ରହିଛି। ହେଲେ ଏହି ଆମ ବସ୍‌ର ରହଣୀସ୍ଥଳ ଅନେକ ସ୍ଥାନରେ ନାହିଁ। ଅଧିକାଂଶ ସ୍ଥାନରେ ବସ୍‌ଷ୍ଟପ୍ ନଥିବାରୁ ନିର୍ଦ୍ଦିଷ୍ଟ ରୁଟ୍‌ରେ ବସ୍ ଗଡୁଥିଲେ ସୁଦ୍ଧା ଯାତ୍ରୀମାନେ କେଉଁଠି ଅପେକ୍ଷା କରିବେ ଜାଣିପାରୁନାହାନ୍ତି। ପୁଣି ରାସ୍ତାଜାମ୍ ଅଥବା ବସ୍‌ରେ ଗହଳି ଥିଲେ ବସ୍ କେତେବେଳେ ଆଗକୁ ରହୁଛି ତ କେତେବେଳେ ପଛରେ ରହିଯାଉଛି। ଫଳରେ ଖରାରେ ବସ୍‌କୁ ଅପେକ୍ଷା କରିଥିବା ଯାତ୍ରୀମାନଙ୍କୁ ଧାଁ ଦୌଡ଼ କରିବାକୁ ପଡୁଛି। ବିଶେଷକରି ବରିଷ୍ଠ ନାଗରିକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସହରର ଜନଗହଳିପୂର୍ଣ୍ଣ ଛକ ଯେପରିକି ରାଜମହଲ, କ୍ୟାପିଟାଲ୍ ହସ୍ପିଟାଲ୍, ଖଣ୍ଡଗିରି, ଫର୍ଚ୍ଚୁନ୍ ଟାୱାର, ବାଣୀବିହାର, ସତ୍‌ସଙ୍ଗବିହାର, ରସୁଲଗଡ଼, ଓୟୁଏଟି, ଆଇଗିଣିଆ, ହଂସପାଳ ଛକରେ ଗୋଟେ ପଟେ ଷ୍ଟପେଜ୍ ନଥିବାରୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁଣି ବସ୍‌ଷ୍ଟପ୍‌ରେ ଯାତ୍ରୀ ଅଧିକ ହୋଇଯାଇଥିଲେ ବସ୍ ନରହିବା ଯୋଗୁଁ ଖରାରେ ଲୋକମାନଙ୍କୁ ଯମଯନ୍ତ୍ରଣା ଭୋଗିବାକୁ ପଡୁଛି। ସମାନ ରୁଟ୍‌ର ବସ୍‌ରେ ଯିବା ପାଇଁ ପୁଣି ଅପେକ୍ଷା କରିବାକୁ ପଡୁଛି। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ଅତ୍ୟାଧୁନିକ ଢାଞ୍ଚାରେ ନିର୍ମିତ ଏହି ବସ୍‌ଷ୍ଟପ୍‌ଗୁଡ଼ିକରେ ପାଖାପାଖି ୩୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ବସ୍‌ଷ୍ଟପ୍‌ଗୁଡ଼ିକରେ ବସ୍ ରୁଟ୍, ସମୟ ସାରଣୀ, ଯାତ୍ରୀ ସଂଖ୍ୟା ଦର୍ଶାଉଥିବା ଡିସ୍ପ୍ଲେ ବୋର୍ଡ ଆଉ ନାହିଁ। ଏପରିକି ସିଆରପି, ରସୁଲଗଡ଼, ପାୱାର୍‌ହାଉସ୍ ଛକ, ସୂର୍ଯ୍ୟନଗର ଭଳି ଆଦି ସ୍ଥାନରେ ରୁଟ୍ ମ୍ୟାପ୍ ମଧ୍ୟ ନାହିଁ। ଫଳରେ ଯାତ୍ରୀମାନେ କେଉଁ ରୁଟ୍‌ରେ କେଉଁ ବସ୍ ଗଡୁଛି ତାହା ଜାଣି ପାରୁନାହାନ୍ତି। ବର୍ତ୍ତମାନ ରାଜଧାନୀରେ ୧୦୬ଟି ରୁଟ୍‌ରେ ୧୯୬ଟି ବସ୍ ରହଣିସ୍ଥଳ ରହିଛି। ହେଲେ ବି ସହରର ଅନ୍ୟ ସ୍ଥାନ ଗୁଡ଼ିକରେ ବସ୍‌ଷ୍ଟପ୍ ନଥିବାରୁ ଲୋକ ବାଧ୍ୟ ହୋଇ ଏହି ଖରାରେ ବସ୍‌କୁ ଅପେକ୍ଷା କରୁଛନ୍ତି।

ଏନେଇ ହଂସପାଳ ଛକରେ ବସ୍‌କୁ ଅପେକ୍ଷା କରିଥିବା ଜଣେ ଯାତ୍ରୀ କୁହନ୍ତି ଏହା କେବଳ ଆଜିର ଅସୁବିଧା ନୁହେଁ। ଏମିତି ସବୁଦିନ ଖରାରେ ଠିଆ ହବା ପାଇଁ ପଡୁଛି। ଅଳ୍ପ ଟଙ୍କା ହୋଇଥିବାରୁ ଯିବା ଆସିବା କରିବାକୁ ସୁବିଧା ହଉଛି ହେଲେ ଏତେ ଖରାରେ ଠିଆ ହେବା ବେଳକୁ ଦେହ ହାତ କଣ ହୋଇଯାଉଛି। ପୁଣି ବସ୍ କେତେବେଳେ ଷ୍ଟପେଜ୍‌ରେ ରହୁଛି ତ ଆଉ କେତେବେଳେ ଷ୍ଟପେଜ୍ ଆଗକୁ ରହୁଛି। ଯଦି ହାତରେ ବ୍ୟାଗ୍ କି କିଛି ଜିନିଷ ରହିଯାଉଛି ତେବେ ବସ୍ ରେ ଚଢ଼ିଲା ବେଳକୁ ବସ୍ ଛାଡ଼ି ଦଉଛି ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି କି ଆଗକୁ ବର୍ଷାଋତୁ ଆସୁଛି ସେତେବେଳେ ମଧ୍ୟ ଏହି ଖରାରେ ଠିଆ ହେବା ଭଳି ବର୍ଷାରେ ଭିଜି ବସ୍‌କୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।



# ଶୌଚାଳୟରେ ତାଲା; ରାସ୍ତାସାରା କାଦୁଅ

ଭୁବନେଶ୍ୱର, ୨।୬(ସମିସ)

ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଗୋଟିଏ ସ୍ଥାନରେ ଏକ ମିନିଟ୍ ଛିଡ଼ା ହେବା ବି ସମ୍ଭବ ନୁହେଁ। ଏମିତିକି ଥକି ପଡ଼ିଥିବା ଲୋକଟିଏ ବିଶ୍ରାମ ନେବା ପୂର୍ବରୁ ସଂକ୍ରମଣର ଭୟ ତାଙ୍କୁ ଡରାଉଛି। ବସ୍‌ରୁ ଓହ୍ଲାଇବା କ୍ଷଣି ଯେମିତି ବିପଦ ଚାହିଁ ବସିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମାଷ୍ଟରକ୍ୟାଣ୍ଟିନ୍‌ରେ ଥିବା ସିଟି ବସଷ୍ଟାଣ୍ଡରେ। ଯେଉଁଠାରେ ପୁଳା ପୁଳା ଆବର୍ଜନା ଗଦା ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ

**■ ଦୁର୍ଗନ୍ଧରେ ବସ୍‌ଷ୍ଟାଣ୍ଡ ଭିତରେ ନାକ ଫାଟି ପଡୁଛି**

**■ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଅସ୍ତବ୍ୟସ୍ତ ଯାତ୍ରୀ**

ନ ଥିବା ଅଭିଯୋଗ ହୋଇଛି। ଯାହା କେବଳ ଦୁର୍ଗନ୍ଧ ସୃଷ୍ଟି କରୁନି ବରଂ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟ ଉପୁଜାଉଥିବା ଯାତ୍ରୀମାନେ ମତ ଦେଇଛନ୍ତି। କେବଳ ସେତିକି ନୁହେଁ ଏଠାରେ ଯାତ୍ରୀଙ୍କ ପାଇଁ ନିର୍ମିତ ଶୌଚାଳୟରେ ତାଲା ଝୁଲୁଥିବାରୁ ବସଷ୍ଟାଣ୍ଡ ପରିସରରେ ଯାତ୍ରୀମାନେ ବାଧ୍ୟହୋଇ ଶୌଚ କରୁଥିବା ଦେଖିବାକୁ ମିଳିଛି।

ଭୁବନେଶ୍ୱର ରେଳ ଷ୍ଟେସନକୁ ଲାଗି ରହିଛି ଏହି



ବସ୍‌ଷ୍ଟାଣ୍ଡ। ଏହିଠାରୁ ସହରର ବିଭିନ୍ନ ସ୍ଥାନ ଯଥା, ପୁରୀ, କଟକ ସମେତ ଭୁବନେଶ୍ୱରର ଏୟାରପୋର୍ଟ, ବରମୁଣ୍ଡା ବସଷ୍ଟାଣ୍ଡ ଆଦି ବିଭିନ୍ନ ସ୍ଥାନକୁ ସିଧାସଳଖ ବସ୍ ଯିବାଆସିବା କରିଥାଏ। ତେଣୁ ହଜାର ହଜାର ସଂଖ୍ୟାରେ ଯାତ୍ରୀ ଟ୍ରେନ୍ ଯୋଗେ ଆସି ବସ୍‌ରେ ନିଜ ଗନ୍ତବ୍ୟସ୍ଥଳକୁ ଯାଇଥାନ୍ତି। ଏହି ବସ୍‌ଷ୍ଟାଣ୍ଡକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଯାତ୍ରୀମାନେ ଆସୁଥିଲେ ବି ଏଠାକାର ପରିମଳର ଚିତ୍ର ସମସ୍ତଙ୍କୁ ଚିନ୍ତାରେ ପକାଇଛି। ବସ୍‌ଷ୍ଟାଣ୍ଡ ଭିତରକୁ ପ୍ରବେଶ କରୁ କରୁ ଗଦା ହୋଇଛି କୁଢ଼ କୁଢ଼ ଆବର୍ଜନା। ତା ସାଙ୍ଗକୁ ପାଣି କାଦୁଅରେ ଭର୍ତ୍ତି ହୋଇ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ବ୍ୟବସାୟୀମାନେ ଜଳଖିଆ ବିକ୍ରି କରିବା ପରେ ପ୍ଲେଟ୍ ସାଙ୍ଗକୁ ବର୍ଜ୍ୟବସ୍ତୁ ଆଣି ବସଷ୍ଟାଣ୍ଡ ଭିତରେ ଗଦା କରୁଥିବା ବସଷ୍ଟାଣ୍ଡ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସହରରେ ସମସ୍ତ ସ୍ଥାନରୁ ଡଷ୍ଟବିନ୍ ଉଠାଯାଇଥିବା ବେଳେ ସଫେଇ ଗାଡ଼ିରେ ଅଳିଆ ପକାଯାଉଛି। ହେଲେ ବିଭିନ୍ନ ଖୁଚୁରା ବ୍ୟବସାୟୀମାନେ ବ୍ୟବସାୟ କରିବା ପରେ ଏଠାରେ ଅଳିଆ ଗଦା କରିଦେଇ ଯାଉଛନ୍ତି। ଫଳରେ ବସଷ୍ଟାଣ୍ଡର ପରିବେଶ ନଷ୍ଟ ହେବା ସହ ମଶା ମାଛିଙ୍କ ସମେତ ଦୁର୍ଗନ୍ଧ ସୃଷ୍ଟି କରୁଛି। ଅନେକ ସମୟରେ ବୁଲା



କୁକୁର ଓ ଷଣ୍ଢମାନେ ଅଳିଆ ଏଣେତେଣେ ପକାଉଥିବା ମଧ୍ୟ ଦେଖିବାକୁ ମିଳିଛି। ସେହିପରି ଏଠାରେ ଦୀର୍ଘଦିନ ଧରି ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। କାଦୁଅରେ ଭର୍ତ୍ତି ହୋଇଛି ରାସ୍ତା। ପାଦ ପକାଇବା ମାତ୍ରେ ସଂକ୍ରମଣ ହେବାର ଆଶଙ୍କା ରହିଛି। କାରଣ ଏହି ପାଣି ବହୁ ଦିନ ଧରି ଜମି ରହି ସେଠାରେ ପୋକ ସାଲୁବାଲୁ ହେଉଥିବା ମଧ୍ୟ ନଜର ଆସିଛି। ସେହିପରି ଏହି ବସଷ୍ଟାଣ୍ଡରେ ଉଭୟ ପୁରୁଷ ଓ ମହିଳାଙ୍କ ନିମନ୍ତେ ରହିଥିବା ଶୌଚାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ତେବେ କେଉଁ କାରଣ ପାଇଁ ଏହା ବନ୍ଦ ରହିଛି ତାହା ଜଣାପଡ଼ି ନାହିଁ। କିନ୍ତୁ ଯାତ୍ରୀମାନେ ମାଧ୍ୟ ହୋଇ ବସଷ୍ଟାଣ୍ଡ ପରିସରରେ ଶୌଚ କରୁଥିବା ଦେଖିବାକୁ ମିଳିଛି। ତେବେ ଗୋଟେପଟେ ସହରକୁ ସ୍ୱଚ୍ଛ ଓ ସୌନ୍ଦର୍ଯ୍ୟ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପମାନ ନେଉଥିବା ବେଳେ ସହରର ସବୁଠୁ ମୁଖ୍ୟ ମନ୍ତବ୍ୟସ୍ଥଳରେ ଏଭଳି ଚିତ୍ର ସହରର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଣେ ଯାତ୍ରୀ କହିଛନ୍ତି ଯେ, ବସ୍ ଛାଡ଼ିବାକୁ ଆହୁରୀ ୪୫ ମିନିଟ୍ ବାକି ରହିଛି, କିନ୍ତୁ ବସ୍‌ରେ ବସି ଅପେକ୍ଷା କରିବା ସମ୍ଭବ ନୁହେଁ। ଆବର୍ଜନା ଦୁର୍ଗନ୍ଧରେ ନାକ ଫାଟିପଡୁଛି। ଏହି ସ୍ଥାନକୁ ଅନ୍ତଃ ପରିଷ୍କାର ରଖାଯିବା ଜରୁରୀ ଅଟେ। ଏଥିପାଇଁ ପ୍ରଶାସନ ଦୃଷ୍ଟି ଦେବା ଉଚିତ୍। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଠାରେ ମହିଳା ଓ ପୁରୁଷ ଯାତ୍ରୀମାନେ ବହୁ ସଂଖ୍ୟାରେ ଅଛନ୍ତି। କିନ୍ତୁ ମହିଳାମାନେ ଜରୁରୀ ସମୟରେ ଶୌଚାଳୟ ବ୍ୟବହାର କରିପାରୁ ନାହାନ୍ତି। ରାଜଧାନୀର ଏକ ଗନ୍ତବ୍ୟସ୍ଥଳରେ ଏଭଳି ଚିତ୍ର ଅତ୍ୟନ୍ତ ନିନ୍ଦନୀୟ ବୋଲି ଯାତ୍ରୀଜଣକ କହିଛନ୍ତି। ଏଥିପାଇଁ ସରକାର ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଅନ୍ୟ ଯାତ୍ରୀମାନେ ଦାବି କରିଛନ୍ତି।

## ସଂକୀର୍ତ୍ତନ କଳାକାରଙ୍କୁ ଏକାଡେମୀ ପୁରସ୍କାର ପାଇଁ ଦାବି



ଭୁବନେଶ୍ୱର, ୨।୬(ସମିସ): ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ୧୯୭୦-୭୧ ମସିହାରୁ ୨୦୨୫ ମସିହା ପର୍ଯ୍ୟନ୍ତ ଏକାଡେମୀ ପୁରସ୍କାର ୫୧୭ଜଣରୁ ଉର୍ଦ୍ଧ୍ୱ ବିଭିନ୍ନ କ୍ଷେତ୍ରରେ କଳାକାରଙ୍କୁ ଦିଆଗଲାଣି। ୫୫ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରାଚୀନ ଲୋକସଙ୍ଗୀତ ସଂକୀର୍ତ୍ତନକୁ ଦିଆଗଲା ନାହିଁ। ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘର ସଭାପତି ବାବା ପଞ୍ଚଦେବ ଏ ନେଇ ସରକାରଙ୍କ ନିକଟରେ ଏକାଡେମୀ ପୁରସ୍କାର ପ୍ରଦାନ ପାଇଁ ଦାବି କରିଛନ୍ତି। ସେ ଆହୁରି କରିଛନ୍ତି ଯେ, ଅନୁଷ୍ଠାନ ମାଧ୍ୟମରେ ବିଜେପି ରାଜ୍ୟ କାର୍ଯ୍ୟାଳୟ ଅଭିଯୋଗ ଦିବସରେ ବିଭାଗୀୟ ମନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିଯୋଗ ଦରଖାସ୍ତ ଦିଆଯାଇଥିଲା। ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବଙ୍କୁ ଦିଆଯାଇଥିଲା। ଜୁରୀ କମିଟିର ମୁଖ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତାଙ୍କୁ ପୁରସ୍କାର ପୂର୍ବରୁ ସାକ୍ଷାତ କରି ଆଲୋଚନା କରାଯାଇ ବିଭାଗୀୟ ସଂସ୍କୃତିମନ୍ତ୍ରୀଙ୍କୁ ଦିଆଯାଇଥିବା ଦରଖାସ୍ତର କପି ମଧ୍ୟ ପ୍ରଦାନ କରାଯାଇଥିଲା।

## ନାଟ୍ୟଧାରାର ଦ୍ୱିତୀୟ ସନ୍ଧ୍ୟାରେ 'ବଞ୍ଚିବା ଜୀବନ'

ଭୁବନେଶ୍ୱର, ୨।୬(ସମିସ): କକ୍ଷଚ୍ୟୁତ ଧୂମକେତୁର ଜୀବନରେ ସବୁକିଛି ଅବଶ୍ୟମ୍ଭାବି। କିନ୍ତୁ ସ୍ଥିରତା କାହିଁ। ଆଉ ବୋଧହୁଏ ସ୍ଥିରତା ନାହିଁ ବୋଲି ତ ବହିଯିବାର ନାମ ନଈ। ବଞ୍ଚିବା ହିଁ ଜୀବନ। ଜୀବନ କେବେ କାହା ପାଇଁ ସମାନ ନୁହଁ ନା ସହଜ, ସରଳ ଆଉ ସମତଳ। କେବଳ ସୁନ୍ଦରମାତ୍ର ଦୂର ପରବତର ଭଳି। ହେଲେ ନିକଟରୁ ଦେଖିଲେ ନିର୍ଦ୍ଦୟ ଆଉ କଠୋର, ଭଗ୍ନଶୀଳ ଆଉ କୋଉ କଣରେ ତରଳ ବି। ଜୀବନର ଜଳଛବିକୁ ଦେଖାଇଛି ଏହି କାହାଣୀ। ଯେଉଁଥିରେ ଧୂମକେତୁର ସମଗ୍ର ଧୂଆଁଳିଆ ଅସ୍ତିତ୍ୱ, ବର୍ତ୍ତମାନ ଓ ଭବିଷ୍ୟତ ଦେଖାଇଛି। ସାଉଁଟିବା ଲୁହରେ ଉବୁଟୁବୁ ହେଉଥିବା ଅତି ହାଲକା ସ୍ୱପ୍ନ କିଛିଟା। ଏପରି ଏକ କାହାଣୀ ଯେଉଁଥିରେ ଜୀବନର ବାସ୍ତବତା ଦେଖାଇଛି ଏହି ନାଟକ 'ବଞ୍ଚିବା ଜୀବନ'। ଯାହାକୁ ପରିବେଷଣ କରିଛନ୍ତି ନାଟ୍ୟଶ୍ରୀ ବ୍ରହ୍ମପୁର ଏବଂ ରଚନା କରିଛନ୍ତି ଗୋଲକ ରଞ୍ଜନ ତ୍ରିପାଠୀ, ନିର୍ଦ୍ଦେଶନା ଦେଇଛନ୍ତି ସତ୍ୟବ୍ରତ ଦାସ। ସଂସ୍କୃତି ବିଭାଗ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଭଞ୍ଜକଳା ମଣ୍ଡପଠାରେ ନାଟ୍ୟଧାରାର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ବରିଷ୍ଠ ନାଟ୍ୟକାର ପଞ୍ଚାନନ ଦାଶ, ନାଟ୍ୟ ନିର୍ଦ୍ଦେଶକ ଲାଲ ବିରେନ ରାୟ, ନାଟ୍ୟ ସଂଘର ଉପସଭାପତି ଜିତେନ୍ଦ୍ର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି, ନାଟ୍ୟ ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ଏବଂ ଅଭୟେନ୍ଦୁ ଶେଖର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ପ୍ରାଣକୃଷ୍ଣଙ୍କ ଜୟନ୍ତୀ




ଭୁବନେଶ୍ୱର, ୨।୬(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଉତ୍କଳ ବିଶ୍ୱବିଦ୍ୟାଳୟ ଠାରେ ପଦ୍ମଭୂଷଣ ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହାକୁ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀ ପରିଜାଙ୍କ ଜୀବନୀ ଉପରେ ଶିକ୍ଷାବିତ୍ କାମଦେବ ମହାପାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଜ୍ୟୋତି ମିନର୍ଭା ସାହୁ, ନମିତା ରଣା ପ୍ରମୁଖ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରିଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କ୍ୟାନ୍ସର ରୋଗୀଙ୍କ ପାଇଁ ନୂତନ ସେଲ୍ଟର ହାଉସ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨।୬(ସମିସ): ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସାଧୀନ କ୍ୟାନ୍ସର ରୋଗୀମାନଙ୍କ ପାଇଁ ନବୀ ମୁମ୍ବାଇର ଖାରଘର ସେକ୍ଟର-୧୨, ପ୍ଲଟ୍ ନମ୍ବର ଡ଼ି/୩୫/୩୨-୩୩ ଠାରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ଏକ ନୂତନ ଶେଲ୍ଟର ହାଉସର ଉଦ୍‌ଘାଟନ ହୋଇଯାଇଛି। ଏହି ଉଦ୍‌ଘାଟନୀ ଅବସରରେ ମୁଖ୍ୟ ଅତିଥି ଭାବେ ହିନ୍ଦାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ମ୍ୟାନେଜିଙ୍ଗ ଡାଇରେକ୍ଟର ସତୀଶ ପାଇ ଓ ତାଙ୍କ ଧର୍ମପତ୍ନୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣପତ କୋଠାରୀ, ଡା. ରୀତା ମୋଦୀ, ଆଣ୍ଟି କରପ୍ସନ ଇଣ୍ଟେଲିଜେନ୍ସ କମିଟିର ସଭାପତି ଅଶୁତୋଷ ତ୍ରିପାଠୀ, ହିନ୍ଦାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର କ୍ଲଷ୍ଟର ହେଡ୍ କୈଳାଶ ପାଣ୍ଡେ 'ଡୁପ୍ଲିକେଟ ସଚିନ ତେନ୍ଦୁଲକର' ଭାବେ ପରିଚିତ ବଲରାଜ ସିଂହ, ଟାଇମ୍ସ ଅଫ୍ ଇଣ୍ଡିଆର ସମ୍ପାଦକ ନିର୍ମଳ ମିଶ୍ରଙ୍କ ସହ ଯୋଗଦେଇ କ୍ୟାନ୍ସର ରୋଗୀମାନଙ୍କ ଉତ୍ସାହ ବଢ଼ାଇଥିଲେ। ସଭାକୁ ସମ୍ବୋଧିତ କରି ସତୀଶ ପାଇ, ଡା. ବିପିନ ବିହାରୀ ମିଶ୍ରଙ୍କ ନେତୃତ୍ୱରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ କରୁଥିବା ସମାଜସେବାମୂଳକ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ଶିକ୍ଷା, ପରିବେଶ, ସ୍ୱାସ୍ଥ୍ୟ ଓ କୌଶଳ ବିକାଶ କ୍ଷେତ୍ରରେ ଫାଉଣ୍ଡେସନର ଅବଦାନକୁ ସେ ସ୍ୱାଗତ କରିଥିଲେ। ଗଣପତ କୋଠାରୀ ମଧ୍ୟ ଡା. ବିପିନ ବିହାରୀ ମିଶ୍ରଙ୍କ ସମାଜସେବା ପ୍ରତି ନିଷ୍ଠାକୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ସହଯୋଗ ଜାରି ରଖିବାକୁ ଆଶ୍ୱାସନ ଦେଇଥିଲେ। ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନର ସମ୍ପାଦିକା ସୁକାନ୍ତି



ମିଶ୍ର ଶ୍ରୀମତୀ ପାଇଙ୍କୁ ସମ୍ମାନିତ କରିଥିଲେ। ଫାଉଣ୍ଡେସନର ଟ୍ରଷ୍ଟି ବିକେ ପାଣିଗ୍ରାହୀଙ୍କ ନେତୃତ୍ୱରେ ଓ ଦୀପକ ସାହୁଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏସ୍‌ବିଆଇର ମନୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କ୍ୟାପଟେନ୍ ଶେଲି ମିଶ୍ର ଓ ସୌମ୍ୟ ମହାପାତ୍ର କ୍ୟାନ୍ସର ରୋଗୀମାନଙ୍କୁ ଫଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ଅତିଥି, ସମାଜସେବୀ, ଦାନଦାତା ଓ ସାମାଜିକ କର୍ମୀମାନେ ଯୋଗଦେଇଥିଲେ।

## ବୃଦ୍ଧାଶ୍ରମରେ କ୍ଷୀର ବାଣ୍ଟିଲେ ଦୁଗ୍ଧଚାଷୀ

ଭୁବନେଶ୍ୱର, ୨।୬(ସମିସ): ବିଶ୍ୱ ଦୁଗ୍ଧ ଦିବସ ଅବସରରେ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ଦୁଗ୍ଧ ଓ ବିସ୍କୁଟ ବଣ୍ଟନ କରାଯାଇଛି। ମହାସଂଘର ଅଧ୍ୟକ୍ଷ ରବି ବେହେରାଙ୍କ ନେତୃତ୍ୱରେ ସଦସ୍ୟମାନେ ବୃଦ୍ଧାଶ୍ରମର ଅନ୍ତେବାସୀମାନଙ୍କୁ ଭେଟିଥିଲେ। ସାମ୍ବାଦିକ ତଥା 'ଶ୍ରୀ ସାହିତ୍ୟ'ର ସମ୍ପାଦକ କୃଷ୍ଣ ନାୟକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମହାସଂଘର ସମ୍ପାଦକ ନାରାୟଣ ଡାଲୁଆ ବିଶ୍ୱ ଦୁଗ୍ଧ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ବୃଦ୍ଧାଶ୍ରମର ସମ୍ପାଦକ ବିଚିତ୍ରାନନ୍ଦ ଖୁଣ୍ଟିଆ(ନିଲୁ) ଏହି କାର୍ଯ୍ୟକ୍ରମ ପାଇଁ ମହାସଂଘକୁ କୃତଜ୍ଞତା ଜଣାଇଥିଲେ ଏବଂ ତପନ ଲେଙ୍କା ଧନ୍ୟବାଦ ଦେଇଥିଲେ। ଚାଷୀନେତା ତାପସ ମହାନ୍ତି, ସମାଜସେବୀ କୈଳାସ ବେହେରା, ସୁଶାନ୍ତ ଗୌଡ଼ ଓ ବଟକୃଷ୍ଣ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନାଟକ କର୍ମଶାଳା ରଙ୍ଗଭାରତୀ ଉଦ୍‌ଯାପିତ



ଭୁବନେଶ୍ୱର, ୨।୬(ସମିସ): ନାଟ୍ୟ ସଂସ୍ଥା ଉତ୍ତର ପୁରୁଷ ଆୟୋଜିତ ନାଟକ କର୍ମଶାଳା ରଙ୍ଗଭାରତୀ-୧୭ର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ କରାଟେ ସ୍କୁଲ ସଭାଗୃହରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଚିତ୍ରଶିଳ୍ପୀ ରାମହରି ଜେନା, ବିଶିଷ୍ଟ ଶିକ୍ଷାବିତ୍ ଓ କଳା ସଂସ୍କୃତି ସମୀକ୍ଷକ ରମଣ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦୀର୍ଘ ୨୧ ଦିନ ଧରି ଚାଲିଥିବା ଏହି କର୍ମଶାଳାରେ ୨୦ ଜଣ ଯୋଗଦେଇ ନାଟକ ପ୍ରଶିକ୍ଷଣ ନେଇଥିଲେ। ଚୌଧୁରୀ ଜୟପ୍ରକାଶ ଦାସ, କପିଳାସ ଭୂୟାଁ, ପ୍ରଶାନ୍ତ ମହାପାତ୍ର ଭାସ୍ୱତୀ ବସୁ, ଚକ୍ରଧର ପାତ୍ର ପ୍ରମୁଖ କର୍ମଶାଳାରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦଯାପନୀ ସନ୍ଧ୍ୟାରେ ଦେବଦତ୍ତ ପତିଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ କ୍ଷୁଦ୍ର ନାଟକ 'ରାଜଜେମା' ପ୍ରଦର୍ଶନ କରିଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ତରଫରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉତ୍ତର ପୁରୁଷର ସଭପତି ଡ. ପ୍ରସନ୍ନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆସରରେ ନାଟ୍ୟ ନିର୍ଦ୍ଦେଶକ, ଅଭିନେତା, ଲେଖକ ଓ କଳାକାର ଯୋଗଦେଇଥିଲେ।

## ଭର୍ଚୁଆଲ ଏକାଡେମୀ ପକ୍ଷରୁ ପୋଥିବିଜ୍ଞାନ କର୍ମଶାଳା ଉଦ୍‌ଘାଟିତ

ଭୁବନେଶ୍ୱର, ୨।୬(ସମିସ): ଓଡ଼ିଶା ଭର୍ଚୁଆଲ ଏକାଡେମୀ ପକ୍ଷରୁ ୧୦ ଦିନିଆ ପୋଥିବିଜ୍ଞାନ ସମ୍ବନ୍ଧୀୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କରି ପୋଥିବିଜ୍ଞାନୀ ତଥା ଜାତୀୟ ପାଣ୍ଡୁଲିପି ମିଶନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର ଯୋଗ ଦେଇଥିବା ବେଳେ ଅଧ୍ୟକ୍ଷତା କରିଥିଲେ ଏକାଡେମୀର ସଚିବ ଡ. ପ୍ରଦୀପ କୁମାର ରାଉତ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ପୋଥିବିତ ପ୍ରଫେସର ହରେକୃଷ୍ଣ ମିଶ୍ର କହିଥିଲେ ଯେ ପୋଥିଗୁଡ଼ିକର ସଠିକ୍ ପଠନ ଦ୍ୱାରା ଭାରତୀୟ ଜ୍ଞାନ ପରମ୍ପରାର ସଂରକ୍ଷଣ ଓ ବିକାଶ ସମ୍ଭବ ହୋଇ ପାରିବ। କର୍ମଶାଳାର ପାଠ୍ୟକ୍ରମ ନିର୍ଦ୍ଦେଶକ ପ୍ରଫେସର ବିଭୁତି ଭୂଷଣ ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଓଡ଼ିଶା ଭର୍ଚୁଆଲ ଏକାଡେମୀ ପକ୍ଷରୁ ବରିଷ୍ଠ ପ୍ରବନ୍ଧକ ସ୍ମୃତି ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଦେବାନନ୍ଦ ଭଞ୍ଜ, ବରିଷ୍ଠ ଅଧିକାରୀ ଶ୍ରୀନିବାସ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କର୍ମଶାଳାରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ୬୦ରୁ ଉର୍ଦ୍ଧ୍ୱ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି।

## ୧୩ରେ 'ଦରିଆ କୂଳର ଦରଦୀ ବନ୍ଧୁ'

ଯାଁଳା,୨।୬(ସମିସ): ଭୁବନେଶ୍ୱର ବ୍ଲକ ନଁପୁଟ୍ ପଞ୍ଚାୟତରେ ସୋମନାଥ ଯୁବ ପରିଷଦ ତରଫରୁ ପ୍ରତିବର୍ଷ ପରି ଏ ବର୍ଷ ନାଟକର ଚୂଡାନ୍ତ ପ୍ରସ୍ତୁତି ହୋଇଛି, ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶନାରେ ଏବର୍ଷର ନାଟକ ଦରିଆ କୂଳର ଦରଦୀ ବନ୍ଧୁ ନଁପୁଟ ଦୁର୍ଗା ମଣ୍ଡପ ପ୍ରାଙ୍ଗଣରେ ଆସନ୍ତା ୧୩ ତାରିଖ ରଜ ସଜବାଜ ରାତ୍ରରେ ମଞ୍ଚସ୍ଥ ହେବାକୁ ଯାଉଛି। ଏଥିରେ ସୋମନାଥ ଯୁବ ପରିଷଦର ଯୁବକମାନେ ଅଂଶ ଗ୍ରହଣ କରୁଛନ୍ତି ବୋଲି କ୍ଲବର ସଭାପତି ସୁନିଲ୍ କୁମାର ପାଇକରାୟ, ସମ୍ପାଦକ ପ୍ରବୋଧ କୁମାର ପାଇକରାୟ, ଏବଂ କୋଷାଧକ୍ଷ ଲୋଚନ ବରାଳ କହିଛନ୍ତି।

## ନିଃଶୁଳ୍କ ଗ୍ରୀଷ୍ମକାଳୀନ ସଙ୍ଗୀତ ପ୍ରଶିକ୍ଷଣ ଶିବିର



ଭୁବନେଶ୍ୱର, ୨।୬(ସମିସ): ଆରାଧନା ଏକାଡେମୀ ପକ୍ଷରୁ ଆୟୋଜିତ ନିଶୁଳ୍କ 'ଗ୍ରୀଷ୍ମକାଳୀନ ସଙ୍ଗୀତ ଶିକ୍ଷା ଶିବିର' ଉଦ୍‌ଯାପିତ ହୋଇଛି। ଏକ ମାସ ବ୍ୟାପି ଏହି ସଙ୍ଗୀତ ଶିକ୍ଷା ଶିବିରରେ ପ୍ରଥମ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସଙ୍ଗୀତ ଗୁରୁ ଗୁରୁ ପ୍ରଦୀପ କିଶୋର ସାଇଁଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ସ୍ୱରର ବିକାଶ, ସୁର ନିୟନ୍ତ୍ରଣ ଏବଂ ସୁମଧୁର ଗାୟନର ବିଭିନ୍ନ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଗତ ଏକ ମାସ ଧରି ଗୁରୁଜୀଙ୍କ ଠାରୁ ଯାହା ଶିଖିଥିଲେ, ତାକୁ ସେମାନେ ସୁନ୍ଦର ଭାବରେ ପ୍ରସ୍ତୁତ କରିଥିଲେ। ଶେଷରେ ଗୁରୁ ପ୍ରଦୀପ୍ତ କିଶୋର ସାଇଁ ଛାତ୍ରଛାତ୍ରୀମାନଙ୍କୁ 'ପ୍ରଶଂସା ପତ୍ର' ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଆରାଧନା ଏକାଡେମୀର ଟ୍ରଷ୍ଟି ସ୍ୱପ୍ନାରାଣୀ ସ୍ୱାଇଁ ସମସ୍ତ ଶିଶୁଙ୍କୁ ଧନ୍ୟବାଦ ଜଣାଇଥିଲେ। - ସମ୍ପୂର୍ଣ୍ଣା

**ଆଜି ବିଶ୍ୱ ସାଇକଲ ଦିବସ**

# ଜୀବନଶୈଳୀରେ ଯୋଡ଼ି ହୋଇଛି ସାଇକଲ୍ ଚାଳନା

ଭୁବନେଶ୍ୱର, ୨।୬(ସମିସ)

ବର୍ତ୍ତମାନର ଚାକଚକ୍ୟଭରା ସୌଖୀନ ଜୀବନଶୈଳୀ ଭିତରେ ବି ଦେଖିବାକୁ ମିଳୁଛି ପୁରାତନ ଢ଼ାଞ୍ଚା। କେହି କେହି ପୁରୁଣା କାଳିଆ ଜୀବନଶୈଳୀକୁ ଜାବୁଡ଼ି ଧରିଛନ୍ତି ତ ଆଉ କେହି ଏସବୁରେ ଆଧୁନିକତାକୁ ଯୋଡ଼ିଛନ୍ତି। ଯାହାର ଉଦାହରଣ ହେଉଛି ସାଇକଲ ଚାଳନା। ବର୍ତ୍ତମାନ ବଡ଼ବଡ଼ିଆ ବାବୁମାନେ ବି ରାଜଧାନୀ ରାସ୍ତାରେ ସାଇକଲ ଚଳାଉଥିବା ଦେଖିବାକୁ ମିଳିଛି। ପୂର୍ବରୁ ସାଇକଲଟିଏ ଥିବା ଲୋକକୁ ଧନୀ ବୋଲି ବିବେଚିତ କରାଯାଉଥିବା ବେଳେ ବର୍ତ୍ତମାନ ସାଇକଲ ନେଇ ଯାଉଥିବା ବ୍ୟକ୍ତିଙ୍କୁ ଅଭାବୀ ମଣିଷ ଭାବେ ସମାଜ ଦେଖିଥାଏ। ହେଲେ ଧନୀ- ଗରିବ ଠାରୁ ଉର୍ଦ୍ଧ୍ୱରେ ରହି ବଡ଼ବଡ଼ିଆ ବାବୁମାନେ ଏବେ ସାଜିଛନ୍ତି ସାଇକଲ ଚାଳକ। ପରିବେଶ ସୁରକ୍ଷା ସାଙ୍ଗକୁ ସୁନ୍ଦର ସ୍ୱାସ୍ଥ୍ୟର ବାର୍ତ୍ତା ଦେଇ ପ୍ରୟାସ ଆରମ୍ଭ କରିଛନ୍ତି ରାଜଧାନୀର ବରିଷ୍ଠ ବ୍ୟକ୍ତିମାନେ।

ବର୍ତ୍ତମାନ ବିଭିନ୍ନ ଗାଡ଼ି ମୋଟର ବ୍ୟବହାର ବୃଦ୍ଧି ପାଉଥିବା ବେଳେ ଏଥିରୁ ନିର୍ଗତ ଧୂଆଁ ପରିବେଶକୁ ବହୁ ମାତ୍ରାରେ ପ୍ରଦୂଷିତ କରୁଛି। ଏଥିସହିତ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଗାଡ଼ି ଚାଳକଙ୍କ ଚିନ୍ତା ବଢ଼ାଉଛି। କେବଳ ସେତିକି ନୁହେଁ, ବର୍ତ୍ତମାନ ସମୟରେ ଶରୀରକୁ ସୁସ୍ଥ ରଖିବାକୁ ହେଲେ ବ୍ୟାୟାମ ଅପରିହାର୍ଯ୍ୟ ବୋଲି ବିଶେଷଜ୍ଞମାନେ ମତ ଦେଉଥିବା ବେଳେ ସାଇକଲ ଚାଳନା ଏଥିପାଇଁ ମହୌଷଧୀ। ଯେଉଁଥିପାଇଁ ଏବେ ସକାଳୁ ସକାଳୁ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ଯୁବଗୋଷ୍ଠୀ ଏବଂ ବରିଷ୍ଠ ନାଗରିକମାନେ ଦଳଗତ ଭାବେ ରାଜଧାନୀ ରାସ୍ତାରେ ସାଇକଲ ଚାଳନା କରୁଥିବା ଦେଖିବାକୁ ମିଳିଛି। କେହି କେହି ଫିଟ୍ ରହିବାକୁ ଜିମ୍‌ରେ ସାଇକଲ ଚାଳନା କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ସେହିପରି ଚାରିଚକିଆ ଗାଡ଼ି ବଦଳରେ ଆଦରଣୀୟ



ହେଉଛି ସାଇକଲ। ଦେହରେ ଭିନ୍ନ ପୋଷାକ ସାଙ୍ଗକୁ ହାତରେ ଗ୍ଲୋବସ୍, ନି-କଭର, ହେଲମେଟ ସାଙ୍ଗକୁ ଫ୍ୟାନ୍ସି ସାଇକଲରେ ଚାଳକମାନେ ମନୋରଞ୍ଜନ କରୁଥିବା ଦେଖିବାକୁ ମିଳୁଛି। ଏନେଇ ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡଭେନଚର କ୍ଲବ ପକ୍ଷରୁ ସନ୍ତୋଷ କୁମାର ରାଉତ କହିଛନ୍ତି ଯେ, ପ୍ରଥମତଃ ଜୀବନଜୀବିକା ପାଇଁ ସାଇକଲ ପୂର୍ବରୁ ଥିଲା ଆଗକୁ ମଧ୍ୟ ରହିବ। ଏହାଦ୍ୱାରା ଶାରୀରିକ ବ୍ୟାୟାମ୍ ଓ ପରିବେଷ ପ୍ରଦୂଷଣମୁକ୍ତ ହେବ। ଯେଉଁମାନେ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ନୁହଁନ୍ତି ସେମାନେ ଆଜି ବି ସାଇକଲ ଚଳାଉଥିବା ବେଳେ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତିମାନେ ଟିକେ ଉନ୍ନତମାନର ସାଇକଲ ଅବା ସ୍ପୋର୍ଟସ ସାଇକଲ ବ୍ୟବହାର କରୁଛନ୍ତି। ଏଣିକି ସାଇକଲ ଚାଳନାକୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଉଥିବାରୁ ଧୀରେ ଧୀରେ ସାଇକଲ ଚାଳନା ପ୍ରତି ଲୋକଙ୍କର ଆଗ୍ରହ ବଢ଼ୁଛି। ରାଜ୍ୟ ତଥା ଦେଶ ବାହାରେ ମଧ୍ୟ ବିଭିନ୍ନ ଇଭେଣ୍ଟ ଆୟୋଜନ କରାଯାଉଛି। ଭୁବନେଶ୍ୱରରୁ କାଠମାଣ୍ଡୁ, ଏଭରେଷ୍ଟ ବେସ୍ କ୍ୟାମ୍ପକୁ ସାଇକଲ ରାଇଡ୍ କରାଯାଉଥିବା ସହ ଭିଏତନାମ ଠାରୁ କାମ୍ବୋଡିଆ, ହିମାଳୟ, ମନାଲି ଯାଏଁ ମଧ୍ୟ ସାଇକଲ ରାଇଡ୍ କରାଯାଉଛି। ସେହିପରି ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ସାଇକଲ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ସବୁଠାରୁ ବଡ଼କଥା ହେଉଛି ସାଇକଲ ଚଳାଇବା ଦ୍ୱାରା ଯେଉଁ ପରିଶ୍ରମ ହୋଇଥାଏ ତାହା ଶରୀରରେ ମହୋଷୌଧୀ ଭଳି କାର୍ଯ୍ୟ କରେ। ତେବେ ସାଇକଲ ପରିବେଶ ସୁରକ୍ଷା ପାଇଁ ସରକାର ମୋ ସାଇକଲ ଯୋଜନା ଆରମ୍ଭ କରିଥିଲେ। ଯାହାକି ପବ୍ଲିକ୍ ଟ୍ରାନ୍ସପୋର୍ଟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ରାଜଧାନୀର ସାଇକଲ ପାଥ୍ ଗୁଡ଼ିକ ପାର୍କିଂ ସ୍ଥଳ ପାଲଟିଛି। ସେହିପରି ସମସ୍ତଙ୍କ ମଧ୍ୟରେ ସାଇକଲର ଆଦୃତ ଆହୁରି ବଢ଼ାଇବାକୁ ଏବଂ ସାଇକଲ ଚାଳନାକୁ ଅଗ୍ରାଧିକାର ଦେବାକୁ ସରକାର ସ୍ୱତନ୍ତ୍ର ସାଇକଲ ପାଥ୍ ନିର୍ମାଣ କରନ୍ତୁ। ରାଜରାସ୍ତାରେ ମଧ୍ୟ ସାଇକଲ ଚାଳନା ପାଇଁ ଲେନ୍ ରହିବା ଉଚିତ୍। ଏହାଦ୍ୱାରା ସାଇକଲ ଚାଳକମାନେ ସୁରକ୍ଷିତ ଭାବେ ରାଇଡ କରିପାରିବେ ଏବଂ ଘରୁ ବାହାରିଲେ କାର୍ କିମ୍ବା ବାଇକ ବଦଳରେ ସାଇକଲ ନେବାକୁ ପସନ୍ଦ କରିବେ। ଏଥିପ୍ରତି ସରକାର ଗୁରୁତ୍ୱ ଦେବା ଉଚିତ୍ ବୋଲି ସାଇକଲ ଚାଳକମାନେ କହିଛନ୍ତି।

**■ ପରିବେଶ ସଚେତନ ସହ ସ୍ୱାସ୍ଥ୍ୟ ପାଇଁ ପାଲଟୁଛି ମହୋଷଧୀ**

● ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି

# ରଥ ନିର୍ମାଣ ପାଇଁ ରଥଖଳାରେ ପହଞ୍ଚିଲା କାଠ



**ନୀଳଗିରି, ୨୬ (ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଚଳିତ ବର୍ଷ ରଥଯାତ୍ରା ପାଇଁ ସ୍ଥାନୀୟ ପ୍ରଶାସନ ଅଧିକାରୀଙ୍କ ସହଯୋଗରେ ନୀଳଗିରି ରଥଖଳାରେ କାଠ ପହଞ୍ଚି ଥିବାର ଦେଖିବାକୁ ମିଳିଛି। ଚଳିତ ବର୍ଷ ନୀଳଗିରିରେ ରଥ ନିର୍ମାଣରେ କାଠର ଅଭାବ ନ ରୁହେ ସେଥିପ୍ରତି ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ନିଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ପ୍ରକାଶ କରିଛନ୍ତି। ଏହି କାଠ ମଧ୍ୟରେ ଶାଳ, ଧଅ, କେନ୍ଦୁ ମିଶି ୧୮ ଟି ଲମ୍ବା କାଠ ଗଣ୍ଡି ଆସିଥିବା ବେଳେ ବନବିଭାଗର ମାପଚୁପ ପରେ କେଉଁ କାଠ ଲାଗିବ ଓ କେଉଁ କାଠ ନ ଲାଗିବ ଜଣାପଡ଼ିବ ବୋଲି ନୀଳଗିରି ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥ ସୂଚନା ଦେଇଛନ୍ତି।

# ୫ ବର୍ଷ ହେଲା ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ମନୋରମା

**ସୋର, ୨୬ (ସମିସ):** ସୋର ବ୍ଲକ ଗୋପୀନାଥପୁର ଫଚାୟତ ଗଡ଼ସାହି ଗ୍ରାମର ଜଣେ ବୃଦ୍ଧା ୫ ବର୍ଷ ହେଲା ବାର୍ଦ୍ଧକ୍ୟ



ଭତ୍ତା ପାଇବାରୁ ବଂଚିତ ହୋଇଛନ୍ତି। ଗ୍ରାମର ଗଣେଶ ପ୍ରସାଦ ଦାସଙ୍କ ପତ୍ନୀ ମନୋରମା ଦାସ (୬୬) ସରକାରଙ୍କ ନିକଟରେ ଗତ ୫ ବର୍ଷ ହେଲା ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରିଆସୁଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ତାଙ୍କୁ ଭତ୍ତା ମିଳିପାରି ନାହିଁ। ସୂଚନାଯୋଗ୍ୟ ଯେ ମନୋରମାଙ୍କ ସ୍ୱାମୀ ଗଣେଶ ବାର୍ଦ୍ଧକ୍ୟର ଚରମରେ ବି ଦିନ ମଜୁରିଆ ଭାବେ କାର୍ଯ୍ୟ କରି ଦୁଃଖେ କଷ୍ଟରେ ପରିବାର ପ୍ରତିପୋଷଣ କରୁଛନ୍ତି। ଏବେ ବୟସ ବଢ଼ିବା ସଂଗେ ସଙ୍ଗେ ଆଖିକୁ ଦେଖା ଯାଉ ନ ଥିବାରୁ ଅଧିକାଂଶ ସମୟରେ କାମ ଧନ୍ଦା କରିବାକୁ ଯାଇ ପାରୁ ନାହାଁନ୍ତି। ମନୋରମା ସରକାରଙ୍କ ଯୋଜନାରେ ଭତ୍ତା ପାଇଁ ଏ ଅଫିସ ସେ ଅଫିସ ହେବା ପରେ ସୋର ଜନଶୁଣାଣିରେ ଜିଲ୍ଲାପାଳଙ୍କୁ ଗୁହାରି କରି ମଧ୍ୟ କିଛି ସୁଫଳ ପାଇପାରି ନାହାଁନ୍ତି। ସରକାରଙ୍କ ତରଫରୁ ତାଙ୍କୁ ଏହି ଯୋଜନାରେ ସାମିଲ କରି ତୁରନ୍ତ ଭତ୍ତା ପ୍ରଦାନ ପାଇଁ ସେ ନିବେଦନ କରିଛନ୍ତି।

# ଦୁଇ କୃତୀ ଛାତ୍ରୀ ସମ୍ବର୍ଦ୍ଧିତ



**ନୀଳଗିରି, ୨୬ (ସମିସ) :** ବରହମପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ପ୍ରାଧ୍ୟାପକ ହୃଷିକେଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଜି ଏକ ସମର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ପ୍ରାକ୍ତନ ଅଧ୍ୟକ୍ଷ ଡ଼. ଅମରନାଥ ସଙ୍କ ସମେତ ଅଧ୍ୟାପକ ବିଜୟ କୁମାର ଜେନା, ଅଧ୍ୟାପକ ପ୍ରଭାତ କୁସୁମ ଆଚାର୍ଯ୍ୟ, ଅଧ୍ୟାପକ ତାପସ ରଞ୍ଜନ ବେହେରା, କିଶୋର ଚନ୍ଦ୍ର ପାତ୍ର, ରତ୍ନାକର ବୁଗୁଡ଼ାଇ ଓ କଳ୍ପନା ପୃଷ୍ଟି ଯୋଗଦାନ କରିଥିଲେ। ବିଜ୍ଞାନରେ ଭାଗ୍ୟଲକ୍ଷ୍ମୀ ବେହେରା ସର୍ବୋଚ୍ଚ ୫୩୬ ନମ୍ବର ରଖିଥିବା ବେଳେ କଳାରେ ଅନିମା ଚୌଧୁରୀ ମଧ୍ୟ ୫୩୬ ନମ୍ବର ରଖି ବିଦ୍ୟାଳୟର ଟେକ ରଖିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ଦୁଇ କୃତୀଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ମିଷ୍ଟାନ ବଣ୍ଟନ କରିଥିଲେ। ସମସ୍ତ ଅଧ୍ୟାପକ ମାନେ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ନୀଳିମା ଚୌଧୁରୀ ଭବିଷ୍ୟତରେ ଜଣେ ଅଧ୍ୟାପିକା ହେବେ ବୋଲି କହିଥିବା ବେଳେ ଭାଗ୍ୟଲକ୍ଷ୍ମୀ ଏଜି ପାଇଁ ଓୟୁଏଟିରେ ପଢିବା ପାଇଁ ଲକ୍ଷ୍ୟ ରଖିଛନ୍ତି।

# ପାଲା ମାଧ୍ୟମରେ ଏସ୍ଆଇଆର୍ ସଚେତନତା



**ଖଇରା, ୨୬ (ସମିସ):** ଖଇରା ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପାଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପାଲା ଗାୟକ ମହେଶ୍ୱର ବାରିକ ନିଜର ପାଲା ପରିବେଷଣ ମାଧ୍ୟମରେ ପରିଗଣନା ଫର୍ମପୂରଣର ଅବଧି, ଚିଠା ଭୋଟର ତାଲିକା ପ୍ରକାଶନ, ଦାବି ଓ ଆପତ୍ତି ଦାଖଲ କରିବାର ଅବଧି ଭଳି ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ତଥ୍ୟ ଉପସ୍ଥାପନ କରିଥିଲେ। ଖଇରା ଦୁର୍ଗାମଣ୍ଡପରେ ଅନୁଷ୍ଠିତ ଏହି ପାଲା କାର୍ଯ୍ୟକ୍ରମରେ ବିଡିଓ ନାରାୟଣ ସାହୁ, ସହକାରୀ ଯନ୍ତ୍ରୀ ବିଭୂତି ଭୂଷଣ ନାୟକ, ଜିପିଡିଓ ସୁରେଶ କୁମାର ମଣ୍ଡଳ, ବିଏସଏସଓ ସରୋଜ କୁମାର ନାୟକ, ବିପିସି ଅନନ୍ତ କୁଅଁର, ବିଏଲଓ ସୁପରଭାଇଜର ଭରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

# ରବି ଧାନ ବିକ୍ରି ସମସ୍ୟା; ସାଂସଦଙ୍କ ଉପରେ ଭରସା କରି ଚାଷୀ ହତାଶ

ବାଲେଶ୍ୱର(ଉତ୍ତର), ୨୬ (ସମିସ)




ସମଗ୍ର ଉତ୍ତର ବାଲେଶ୍ୱର ଚାଷୀମାନେ ଚଳିତ ବର୍ଷ ରବି ଧାନ ବିକ୍ରି କରିବାରେ ସମସ୍ୟା ଭୋଗୁଛନ୍ତି। ବିଶେଷ କରି ଭୋଗରାଇ ବ୍ଲକରେ ଧାନ ବିକ୍ରୀର ପଞ୍ଜିକରଣ ପାଇଁ ସ୍ୱଳ୍ପ ଅବଧି କାରଣରୁ ପ୍ରାୟ ୭ ହଜାର ଚାଷୀ ପଞ୍ଜୀକରଣ କରିପାରିନାହାନ୍ତି। ଏ ନେଇ ବାଲେଶ୍ୱର ସାଂସଦ ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ଚାଷୀ ମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ ଯେଉଁମାନେ ପଞ୍ଜୀକରଣ କରି ପାରି ନାହାନ୍ତି ସେମାନଙ୍କ ପାଇଁ ସରକାର ଆଉ ୫ ଦିନ ଅବଧି ଦେବେ। ତେଣୁ ସାଂସଦଙ୍କ ଭରସା ରେ ଚାଷୀ ଅପେକ୍ଷା କରି ଆଜି ଚାଷୀ ହତାଶ ହୋଇଛନ୍ତି ବୋଲି ଭୋଗରାଇ କଂଗ୍ରେସ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛି।

ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଜଳେଶ୍ୱରପୁରସ୍ଥିତ ବ୍ଲକ କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ସମ୍ମିଳନୀରେ କଂଗ୍ରେସ ନେତା ତଥା ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ଯୋଗ ଦେଇ କହିଥିଲେ ଯେ ରାଜ୍ୟରେ ଚାଲିଥିବା ବିଜେପିର ଡବଲ ଇଞ୍ଜିନ ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି। ତାଙ୍କ ନିଜ ଦଳର ନେତା କିଛିଦିନ ତଳେ ଏକ ସାମ୍ବାଦିକ ସମ୍ମିଳନୀରେ ଧାନ କିଣାରେ ହେଉଥିବା ଚଞ୍ଚକତାକୁ ସ୍ୱୀକାର କରିଛନ୍ତି। ଡି ଏଲ ପି ସି କମିଟିର ନିଷ୍ପତ୍ତି ଅନୁଯାଇ ଚାଷୀଙ୍କୁ ମିଳିଥିବା ଟୋକନରେ ଯେତିକି ପରିମାଣର ଧାନ ବିକ୍ରି କରିବାକୁ ମେସେଜ ମିଳିଛି ସେହି ପରିମାଣର ଧାନ ନେବା କଥା। ମାତ୍ର ଟୋକନ ପରିମାଣର ଧାନରୁ ପାଖାପାଖି ୧୦ରୁ ୩୦ ପ୍ରତିଶତ ଧାନ କୁ ମଣ୍ଡି ପରିଚାଳନା କରୁଥିବା ପ୍ୟାକ୍ସ ସମବାୟ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକ, ସଭାପତି ଓ ଧାନ ନେଉଥିବା ମିଲର ମାନେ ମିଶି କାଟି ରଖି ପରେ କାଗଜପତ୍ରରେ ଦର୍ଶାଇ ଅର୍ଥ ଆତ୍ମସାତ କରୁଛନ୍ତି ବୋଲି ଏଠାକାର ବିଜେପି ନେତା ଆଶିଷ ପାତ୍ର କହିଛନ୍ତି। ଯଦି ଏହା ସତ୍ୟ ହୋଇଥାଏ ତେବେ ସାଙ୍ଘାତିକ ବୋଲି ଶ୍ରୀ ଦାସ କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀ ପାତ୍ର ବାଲେଶ୍ୱର- ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଜଣେ ନିର୍ଦ୍ଦେଶକ ଏବଂ ସେ ମଧ ଏକ ସମବାୟ ସମିତିର ସଭାପତି। ତେଣୁ ଏଥିରୁ ପ୍ରମାଣିତ ହେଉଛି ଯେ ସେ ନିଜେ ଏଥିରେ ସମ୍ପୃକ୍ତ ଥିବେ। ଅପରପକ୍ଷରେ ଯଦି ଏଭଳି ହେଉଥାଏ କୁଆଡ଼େ ଗଲେ ଯୋଗାଣ ଓ ସମବାୟ ବିଭାଗର ମନ୍ତ୍ରୀ, କୁଆଡ଼େ ଗଲେ ବାଲେଶ୍ୱର ସାଂସଦ। ପୂର୍ବରୁ ଅଚାନକ ଧାନ ମଣ୍ଡି କୁ ଯାଇ ତୁମ୍ବି ତୁଫାନ କରୁଥିଲା ବେଳେ ଏବେ ନିରବ କାହିଁକି, ଏହାର ଉତ୍ତର ଭୋଗରାଇ ବାସୀ ଚାହାନ୍ତି ବୋଲି ଶ୍ରୀ ଦାସ କହିଥିଲେ। ସେହିପରି କେନ୍ଦ୍ର ସରକାର ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ପ୍ରଶସ୍ତି କରଣ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। ମାତ୍ର ଏହାର ଶେୟ ନେବା ପାଇଁ ଉଭୟ ସ୍ଥାନୀୟ ବିଧାୟକ ଏବଂ ବିଜେପି ଦଳର ନେତା ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଏହା ସରକାରଙ୍କ ନୀତିଗତ ନିଷ୍ପତ୍ତି ହୋଇଥିଲା ବେଳେ ଏଥିରେ ରାଜନୈତିକ ଫାଇଦା ନେବାକୁ ପ୍ରୟାସ କରିବା ଦୁର୍ଭାଗ୍ୟ ଜନକ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଗୋପବନ୍ଧୁ ମହାପାତ୍ର, କାର୍ତ୍ତିକ ଚନ୍ଦ୍ର ପାତ୍ର, ପ୍ରଦୀପ କୁମାର ନାୟକ, ସୁମନ୍ତ କୁମାର ବେହେରା, ଶିଶିର ମହାପାତ୍ର, ରାଜେନ୍ଦ୍ର ଦଳାଇ, ରାଜେନ୍ଦ୍ର ପଣ୍ଡା, ପ୍ରମୁଖଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ଦଳୀୟ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ବାଲିଆପାଳ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ସଭା




**କାଳିପଦା, ୨୬ (ସମିସ):** ବାଲିଆପାଳ ଶୁଭମ ଗେଷ୍ଟ ହାଉସ ପରିସରରେ ବାଲିଆପାଳ ବ୍ଲକ ବିଜେଡ଼ି ପକ୍ଷରୁ ବସ୍ତା ବ୍ଲକ ସଭାପତି ତଥା ବସ୍ତା ନିର୍ବାଚନ ମଣ୍ଡଳୀ ର ସଂଯୋଜକ ମହାଦେବ ଦାସଙ୍କ ସହିତ ବାଲିଆପାଳ ବ୍ଲକ ସଭାପତି ଦେବେନ୍ଦ୍ର ଗିରି ଓ କାର୍ଯ୍ୟକାରୀ ସଭାପତି ସ୍ମୃତି ରଂଜନ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ୧୪ ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ବୁଗୁଡି, ଜାମକୁଣ୍ଡା ଫଚାୟତର ବଶିଷ୍ଠ ବିଜେଡି ନେତା ବସନ୍ତ ମହାନ୍ତି, ମଧୁପୁରା ପଞ୍ଚାୟତର ସୁଶାନ୍ତ ଗିରି, ଅସ୍ତୀ ଫଚାୟତର ଶରତ ଚନ୍ଦ୍ର ପ୍ରଧାନ, ଶିକ୍ଷାବିତ ପରମେଶ୍ୱର ବାରିକ, ଛାତ୍ର ନେତା ହରେକୃଷ୍ଣ ଦାସ ଙ୍କ ସହିତ ବାଲିଆପାଳ ଓ ବସ୍ତା ବ୍ଲକର ବହୁ ବରିଷ୍ଠ ନେତା ଯୋଗ ଦେଇ ସମସ୍ତଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ଦଳକୁ ତୃଣମୂଳ ସ୍ତରରୁ ମଜବୁତ କରି ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଯୁବ ନେତା ଶିବାନନ୍ଦ ଦାସ ଅଧିକାରୀ ମଞ୍ଚ ଆହ୍ୱାନ କରିଥିବା ବେଳେ ମୃତ୍ୟୁଞ୍ଜୟ ଗୋଛାୟତ, ଦୀପକ ଜେନା, ସୁବୋଧ ପାତ୍ର, ବନମାଳୀ ଜେନା, ମନ୍ମଥ ଚକ୍ରବର୍ତ୍ତୀ, ଭୁଲା ବାରିକ, ମହେନ୍ଦ୍ର ବିଶ୍ୱାଳ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ରାଇକୁଳା ୟୁପି ସ୍କୁଲ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ଖଇରା,୨୬ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଡା ଗ୍ରାମପଞ୍ଚାୟତ ଅଧୀନ ରାଇକୁଳା ୟୁପି ସ୍କୁଲର ପ୍ରଧାନଶିକ୍ଷକ ପିତାମ୍ବର ଭୂୟାଁଙ୍କୁ ରବିବାର ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ଦ୍ୱିବେଦୀଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଭୋଗରାଇ ର ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ମୁଖ୍ୟ ଅତିଥି, ଅଲଓଷ୍ଟା ରାଜ୍ୟସଭାପତି ବିକ୍ରମ କୁମାର ଦାସ ମୁଖ୍ୟବକ୍ତା, ଖଇରା ବ୍ଲକ ସହଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂ, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଗଦାଧର ଦାସ, ସ୍ଥାନୀୟ ସରପଞ୍ଚ ରଘୁନାଥ ଜେନା ଓ ସମିତିସଭ୍ୟା କମଳିନୀ ମାଝୀ, ଜିଲା ଅଲୋଷ୍ଟା ସଭାପତି ରବିନାରାୟଣ ପଣ୍ଡା, ଶିକ୍ଷକ ନେତା ସୁଶାନ୍ତ କୁମାର ମହାପାତ୍ର, ପ୍ରଫୁଲ୍ଲ କୁମାର ଦାଶ, ଶଙ୍କର୍ଷଣ ଜେନା, ଜଗନ୍ନାଥ ମହାପାତ୍ର, ନାରାୟଣ ମହାପାତ୍ର, ପରିଚାଳନା କମିଟି ସଭାପତି ବ୍ରଜକିଶୋର ପାତ୍ର, ପୂର୍ବତନ ପ୍ରଧାନଶିକ୍ଷକ ବଳରାମ ଜେନା ଓ ପର୍ଶୁରାମ ଜେନା ଯୋଗ ଦେଇଥିଲେ। ୧୯୮୯ ମସିହା ଚାକିରି ଆରମ୍ଭ କାଳରୁ ବିଦାୟୀ ପ୍ରଧାନଶିକ୍ଷକଙ୍କ ତ୍ୟାଗ, ନିଷ୍ଠା, ଛାତ୍ରବତ୍ସଳତା ଓ ଗଠନମୂଳକ ଚିନ୍ତାଧାରା ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ଜୟନ୍ତ ଦାସ, ଭବେନ୍ଦ୍ର କୁମାର ଶଙ୍ଖୁଆ, ମାନସ ପଣ୍ଡା, ଭବେନ୍ଦ୍ର ପାତ୍ର, ସିପ୍ରାରାଣୀ ପଣ୍ଡା, ମାୟାଧର ଦାସ, ଉଗ୍ରସେନ ନାୟକଙ୍କ ସମେତ ସମସ୍ତ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ ତରଫରୁ ବିଦାୟୀ ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା।

# ଜଟିଳ ରୋଗରେ ପୀଡ଼ିତ ମମତା ରାଉତଙ୍କୁ ଭେଟିଲେ ସାଂସଦ

**ନୀଳଗିରି, ୨୬ (ସମିସ) :** ନୀଳଗିରି ଏନ୍ଏସି ଅନ୍ତର୍ଗତ ୨ ନମ୍ବର ୱାର୍ଡ ଘାଟଘର ସାହିର ବାସିନ୍ଦା ମମତା ରାଉତ ଦୀର୍ଘ ଦିନ ଧରି ଓଷ୍ଟିପରୋସିସ ଭଳି ଏକ ଜଟିଳ ରୋଗରେ ପୀଡ଼ିତ ହୋଇ ଅତ୍ୟନ୍ତ କଷ୍ଟଦାୟକ ଜୀବନ ବିତାଉଛନ୍ତି। ଏହି ରୋଗର ପ୍ରଭାବରେ ତାଙ୍କର ଶାରୀରିକ ଉଚ୍ଚତା କ୍ରମଶଃ ହ୍ରାସ ପାଇଛି। ଏକ ସମୟରେ ପ୍ରାୟ ସାଢ଼େ ପାଞ୍ଚ ଫୁଟ୍ ଉଚ୍ଚତା ଥିବା ମମତା ରାଉତ ବର୍ତ୍ତମାନ ପ୍ରାୟ ଦୁଇ ଫୁଟ୍ ଉଚ୍ଚତାରେ ପହଞ୍ଚି ଯାଇଛନ୍ତି। କିଛି ଦିନ ପୂର୍ବରୁ ଏହି ଘଟଣା ସାଂସଦଙ୍କ ଦୃଷ୍ଟିଗୋଚର ହୋଇଥିଲା। ସାଂସଦ ତତକ୍ଷଣାତ୍ ମେଡିକାଲ ଟିମ୍ ସହ ଯୋଗାଯୋଗ କରି ତାଙ୍କ ଘରେ ସ୍ୱାସ୍ଥ୍ୟ ପରୀକ୍ଷାର ବ୍ୟବସ୍ଥା କରାଇଥିଲେ। ପରୀକ୍ଷା ପରେ ତାଙ୍କୁ ୮୦ ପ୍ରତିଶତ ଭିନ୍ନକ୍ଷମତା



ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସୋମବାର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ତାଙ୍କ ଘରକୁ ଯାଇ ସରକାରଙ୍କ ତରଫରୁ ମାସିକ ୩୫୦୦ ଟଙ୍କା ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ଏନ୍.ଏ.ସି (ଘଇଉ ) ର କାର୍ଯ୍ୟନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ମହେନ୍ଦ୍ର ବେହେରା, ମନୋରଞ୍ଜନ ବେହେରା, ସୂର୍ଯ୍ୟକାନ୍ତ ବିଶ୍ୱାଳ, ରାକେଶ ପରିଛା, ଦୀପକ ଦାସ, ରମାକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କର ଚିକିତ୍ସା ପାଇଁ ମଧ୍ୟ ଯଥା ସମ୍ଭବ ସମସ୍ତ ପ୍ରକାର ସହଯୋଗ କରିବାକୁ ସାଂସଦ ଏବଂ ସରକାର ପ୍ରତିଶୃତି ବଦ୍ଧ ବୋଲି ମତ ପ୍ରକାଶ କରିଛନ୍ତି।

# ବିଦ୍ୟୁତ୍ ଆଘାତରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

**ନୀଳଗିରି, ୨୬ (ସମିସ):** ସାମାନ୍ୟ ଅସାବଧାନତା ଯୋଗୁଁ ବିଦ୍ୟୁତ ସ୍ପର୍ଶରେ ଅକାଳରେ ଚାଲିଗଲା ଯୁବ ବ୍ୟବସାୟୀଙ୍କ ଜୀବନ। ଏହି ଦୁଃଖଦ ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନୀଳଗିରି ବ୍ଲକର କେ.ସି.ପୁର ପଞ୍ଚାୟତର ହାତୀକୁଟ୍ ବେହେରା ସାହି ଗ୍ରାମର ଯୁବ ବ୍ୟବସାୟୀ କୃତିବାସ ବେହେରା (୪୬) ନିଜ ଘର ସର୍ଭିସ ତାର ଓହଳି ପଡ଼ିଥିବା ବେଳେ ତାରକୁ ସଜାଡ଼ିବା ପାଇଁ ଏକ ଲମ୍ବା କଞ୍ଚା ବାଉଁଶରେ ସର୍ଭିସ ତାରକୁ ବାନ୍ଧି ପୋତୁ ଥିବା ବେଳେ ଉପରେ ଥିବା ୧୧ କେଭି ତାରରେ ବାଉଁଶଟି ଲାଗିଯିବାରୁ କୃତିବାସ ଗୁରୁତର ହୋଇପଡିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସରେ ଉଦଳା ଡାକ୍ତରଖାନା କୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଯମୁନା ଛକରେ ଏକ ଲୁଗା ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। କିଛି ଘଣ୍ଟା ଧରି ଯମୁନା ବଜାର ବନ୍ଦ କରାଯାଇଥିଲା।

# ବେଙ୍ଗାଲୁରୁରୁ ଫେରୁଥିବା ସୋର ଯୁବକ ଟ୍ରେନରେ ନିଖୋଜ

**ସୋର, ୨୬ (ସମିସ):** ସୋର ପୌର ପାଳିକା ଅନ୍ତର୍ଗତ ଉଉରେଶ୍ୱର ଗ୍ରାମର ଜଣେ ଯୁବକ ବେଙ୍ଗାଲୁରୁକୁ ଚାକିରି କରିବା ପାଇଁ ଯାଇ ଚାକିରି ନ ପାଇ ନିରାଶ ହୋଇ ଟ୍ରେନରେ ଫେରୁଥିବା ବେଳେ କେଉଁ ଆଡ଼େ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ଏହି ଗ୍ରାମର ସ୍ୱର୍ଗତ ଘନଶ୍ୟାମ ଗୁଇଁଙ୍କ ପୁତ୍ର ସାଗର ଗୁଇଁ(୩୪) ଗତ ମେ ମାସରେ ବେଙ୍ଗାଲୁରୁକୁ ଚାକିରି କରିବା ପାଇଁ ଯାଇ ୨୧ ତାରିଖ ଦିନ ପ୍ରଶାନ୍ତି ଏକ୍ସପ୍ରେସରେ ଘରକୁ ଫେରିଆସୁଥିଲେ। ମାତ୍ର ୨୩ ତାରିଖରେ ଟ୍ରେନ ଆସିବା ପରେ ସାଗର ସୋର ପହଞ୍ଚି ନ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ଆଡ଼େ ଖୋଜାଖୋଜି କରିବା ସହିତ ରେଳ ବିଭାଗ ଜିଆରପିରେ ଅଭିଯୋଗ କରିଥିଲେ। ଆଜି ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳୁ ନଥିବା ବେଳେ ସାଗରର ଶଳା ରାଇମୋହନ ତାଙ୍କୁ ଉକ୍ତ ଟ୍ରେନରେ ବସାଇଥିବା ଜଣାଇଛନ୍ତି। ଏ ସଂପର୍କରେ ସାଗରର ମା' ଏବଂ ଭାଇ ସୋର ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି।

# ବିଜେପିର କର୍ମୀ ବୈଠକ

**ରାଜଘାଟ, ୨୬ (ସମିସ):** ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ତାଡଦା ଗ୍ରାମ ପଞ୍ଚାୟତର ପୂର୍ବତନ ପଞ୍ଚାୟତ ପ୍ରମୁଖ କାର୍ତ୍ତିକ ଚନ୍ଦ୍ର ସୁରଙ୍କ ବାସଭବନରେ ଏକ ଗୁରୁତ୍ୱପୂର୍ଣ୍ଣ କର୍ମୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଜେପି ନେତା ତଥା ତାଡଦା ପଞ୍ଚାୟତ ସମିତିଙ୍କ ପ୍ରତିନିଧି କାହ୍ନୁଚରଣ ଦଣ୍ଡପାଟ, ପୂର୍ବତନ ପଞ୍ଚାୟତ ପ୍ରମୁଖ ମିତେସ ସେନାପତି, ପୂର୍ବତନ ମିଡିଆ କୋର୍ଡିନେଟର ନିରୋଜ ଗିରି, ପୂର୍ବତନ ବିଜେପି ଯୁବ ମୋର୍ଚ୍ଚା ଉପସଭାପତି ବିଶ୍ୱଜିତ ଧଳ, ପୂର୍ବତନ ଜିଲ୍ଲାପରିଷଦ ପ୍ରାର୍ଥୀ ରମାନାଥ ଦାସ, ପୂର୍ବତନ ସରପଞ୍ଚ ଅଜୟ ଧଳ, ପୂର୍ବତନ ପଞ୍ଚାୟତ ସଭାପତି ଅଜିତ ଶତପଥୀ, ପୂର୍ବତନ ସମିତି ସଭ୍ୟ ଅବନ୍ତୀ ସେଠି, ବରିଷ୍ଠ ନେତା ହାଡିବନ୍ଧୁ ଦାସ, ସୁକୁମାର ପାଲ, ବିରେନ ବେହେରା, ପରମାନନ୍ଦ ଦଳେଇ, ମହେଶ୍ୱର ଜେନା, ଧନଞ୍ଜୟ ସାହୁ, ବାଳକୃଷ୍ଣ ପ୍ରଧାନ ସହ ବିଜେପିର ବହୁ କର୍ମୀ ଉପସ୍ଥିତ ଥିଲେ।

# ନୂତନ ଅଧ୍ୟକ୍ଷା ସୁଶ୍ରୀ ସାବିତ୍ରୀ ଦଳାଇଙ୍କ ଦାୟିତ୍ୱ ଗ୍ରହଣ

**ଜଳେଶ୍ୱର, ୨୬ (ସମିସ) :** ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶାନୁଯାୟୀ ଜଳେଶ୍ୱର ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ନୂତନ ଅଧ୍ୟକ୍ଷା ଭାବେ ଜିଲ୍ଲାର ସର୍ବ କନିଷ୍ଠା ଅଧ୍ୟାପିକା ସୁଶ୍ରୀ ସାବିତ୍ରୀ ଦଳାଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଧ୍ୟକ୍ଷ ଡ. ଦୟାନିଧି ପ୍ରଧାନ ମେ ମାସ ୩୧ ତାରିଖରେ ଅବସର ନେଇଥିବା ବେଳେ ସେ ସମସ୍ତ କାର୍ଯ୍ୟଭାର ସୁଶ୍ରୀ ଦଳାଇଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ପୂର୍ବରୁ ସୁଶ୍ରୀ ସାବିତ୍ରୀ ଦଳାଇ ଉକ୍ତ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପିକା ଭାବେ କାର୍ଯ୍ୟରତ ରହିଥିଲେ। ସେ ଅଧ୍ୟକ୍ଷ ଭାବେ ଦାୟୀତ୍ୱ ଗ୍ରହଣ କରିବା ପରେ ନଗର ବିଜେପିର ଏକ ଟିମ୍ ସାକ୍ଷାତ କରି ଆଲୋଚନା କରିଥିଲେ। ଏହି ଟିମ୍‌ରେ ନଗର ସଭାପତି ତଥା କାଉନସିଲର ଶିବନାରାୟଣ ମହାପାତ୍ର, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟ କାରିଣୀ ସଦସ୍ୟା ଇନ୍ଦୁମତି ଗିରି, ନାରୀ ନେତ୍ରୀ ଦେବଜାନୀ ଅଣ୍ଡିଆ, ସୁଭଦ୍ରା ବେହେରା, ପୂର୍ବତନ ଜିଲ୍ଲା ଯୋଜନା କମିଟି ସଦସ୍ୟ ଅନନ୍ତ କୁମାର ଦାସପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଛନ୍ତି। ସୁଶ୍ରୀ ଦଳାଇଙ୍କ ଘର ସ୍ଥାନୀୟ ଜଳେଶ୍ୱର ରାୟା ରାମଚନ୍ଦ୍ର ପୁର ଫଚାୟତର ମାଳ ଗଡ଼ିଆ ଗ୍ରାମର ହୋଇଥିବାରୁ ଅଧ୍ୟକ୍ଷା ଭାବେ ଦାୟୀତ୍ୱ ଗ୍ରହଣ କରିବା ପରେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମହଲରେ ଆନନ୍ଦ ଖେଳି ଯାଇଛି।

## ନାବାଳିକା ଅପହରଣକୁ ୧୫ ଦିନ, ପୁଲିସ ହାତ ଖାଲି

# ଏସ୍‌ପିଙ୍କ ନିକଟରେ ଫେରାଦ ହେଲେ ପରିବାର ଲୋକେ

ରାଜଘାଟ, ୨୬ (ସମିସ)

ବସ୍ତା ଥାନା ଅଞ୍ଚଳର ଏକ ନାବାଳିକା ଅପହରଣ ଘଟଣାକୁ ୧୫ ଦିନ ବିତିଥିଲେ ହେଁ ପୁଲିସ ଅପହର୍ତ୍ତାର କୌଣସି ଟେର ପାଉ ନଥିବାରୁ ବାଧ ହୋଇ ପରିବାର ଲୋକେ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଫେରାଦ ହୋଇଛନ୍ତି। ଏତଲାରେ ଉଲ୍ଲେଖ ମୁତାବକ ନାବାଳିକା ଜଣକ ଗତ ଏପ୍ରିଲ ୧୭ ତାରିଖ ଅପରାହ୍ନ ୪ଟା ରେ ମାଆକୁ ଟ୍ୟୁସନ ଯାଉଛି କହି ଘରୁ ବାହାରି ଆସିଥିଲେ। ମାତ୍ର ବିଳମ୍ବିତ ରାତି ପର୍ଯ୍ୟନ୍ତ ଝିଅ ଘରକୁ ନଫେରିବାରୁ ବାପା ଓ ମା ଅଧୈର୍ଯ୍ୟ ହୋଇପଡ଼ିଥିଲେ। ଟ୍ୟୁସନ ସାର, ସହପାଠୀ ଓ ବନ୍ଧୁବାନ୍ଧବଙ୍କୁ ଖବର ଦେବା ପରେ ମଧ୍ୟ ଝିଅର କୌଣସି ପତ୍ତା ମିଳିପାରି ନ ଥିଲା। ମଧ୍ୟରାତ୍ରିରେ ଏକ ଅଜଣା ନମ୍ବରରୁ ବାପାଙ୍କ ପାଖକୁ ଫୋନ ଆସିଥିବା ବେଳେ ଝିଅ ଠିକ୍ ଠାକ୍ ଥିବା କହିଥିଲା। ଏହା ପରେ ଫୋନଟି ବନ୍ଦ ଥିଲା। ଫଳରେ କେହି ଦୁର୍ବୃତ୍ତ ଝିଅକୁ ଅପହରଣ କରି ନେଇଥିବା ନେଇ ପରିବାର ଲୋକେ ତହିଁ ପରଦିନ ଅମର୍ଦ୍ଦାରୋଡ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ୩୦୨/୨୬ ମୂଳେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ତେବେ ଘଟଣାକୁ ପନ୍ଦର ଦିନ ବିତିଯାଇଥିଲେ ବି ପୁଲିସ ଅପହର୍ତ୍ତାର କୌଣସି ଟେର୍ ପାଉ ନ ଥିବାରୁ ପରିବାର ଲୋକେ ଅଧୈର୍ଯ୍ୟ ହୋଇପଡ଼ିଥିଲେ। ଫଳରେ ପରିବାର ଲୋକେ ସୋମବାର ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କୁ ଭେଟି ଝିଅକୁ ଫେରାଇ ଆଣିବା ପାଇଁ ନିବେଦନ କରିଛନ୍ତି। ଝିଅକୁ ଫେରାଇ ଆଣିବା ଦିଗରେ ପୁଲିସ ସବୁ ପ୍ରକାର ଚେଷ୍ଟା ଚଳାଇବ ବୋଲି ଆରକ୍ଷୀ ଅଧିକ୍ଷକ ଆଶ୍ୱାସନା ଦେଇଛନ୍ତି।

# ରାସ୍ତା ନିର୍ମାଣ କଲେ ଗ୍ରାମବାସୀ



**ପଞ୍ଚଲିଙ୍ଗେଶ୍ୱର,୨୬ (ସମିସ):** ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଶ୍ୟାମସୁନ୍ଦର ପୁର ଫଚାୟତ ସାବୁଜାପୁର ଗ୍ରାମ ରାସ୍ତାଟି ମରଣଯନ୍ତା ହୋଇ ଦୀର୍ଘଦିନ ଧରି ପଡିରହିଥିଲା। ଯାହା ଦ୍ୱାରା ଲୋକମାନେ ଯାତାୟାତ ଓ ଜରୁରୀକାଳୀନ ପରିସ୍ଥିତି, ପିଲାମାନେ ବିଦ୍ୟାଳୟ ପାଖରେ ରହିଥିବା ଐତିହ୍ୟ କିମ୍ବଦନ୍ତୀ ତଥା ନୀଳଗିରି ରାଜାର ଶିକାର ଭାଡ଼ି ଖମ୍ଭକୁଟ ଭଳି ପିକନିକ୍ ସ୍ଥାନକୁ ଯିବା ପାଇଁ ବହୁ ଦୂରଦୂରାନ୍ତରୁ ଆସୁଥିବା ତୀର୍ଥ ଯାତ୍ରୀ ମାନେ ବି ଅସୁବିଧାରେ ସମ୍ମୁଖୀନ ହୋଇଥାନ୍ତି। ସ୍ଥାନୀୟ ପ୍ରଶାସନଠୁ ଜିଲ୍ଲା ପ୍ରଶାସନଙ୍କୁ ଗ୍ରାମବାସୀ ରାସ୍ତା ନିର୍ମାଣ ପାଇଁ ଗୁହାରି କରିଥିଲେ ବି, ଏ ଯାଏଁ ହୋଇ ପାରିଲାନି ରାସ୍ତା, ଶେଷରେ ନିଜସ୍ୱ ଅର୍ଥରେ ନିର୍ମାଣ କରିଲେ ରାସ୍ତା, ପୂର୍ବତନ ନ୍ୟାୟ ସରପଞ୍ଚ ନିତ୍ୟାନନ୍ଦ ରାଉତ, ରାମଚନ୍ଦ୍ର ରାଉତ, ଜଗବନ୍ଧୁ ବଳ, ଭାଗିରଥି ରାଉତ, ମନୋଜ କୁମାର ରାଉତ, ଜୟନ୍ତ କୁମାର ରାଉତ, ଜଗବନ୍ଧୁ ରାଉତ, ଜୁଳ ପ୍ରଧାନ, ରାମଚନ୍ଦ୍ର ବଳ ଦନାରଦନ ରାଉତଙ୍କ ଶହ ଶତାଧିକ ଗ୍ରାମବାସୀ ସହଯୋଗ କରିଥିଲେ।

■ ଆଖଣ୍ଡଳମଣି କଲେଜ

## ଗଛକଟା ବିବାଦର ତଦନ୍ତ ଦାବି

ଧୂଷୁରୀ,୨।୬(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ନେଇ ଏକ ବିବାଦୀୟ ଘଟଣା ସାମ୍ନାକୁ ଆସିଛି। ବିଦ୍ୟାଳୟ ପରିସରରେ ଥିବା ମୂଲ୍ୟବାନ ଗଛଗୁଡ଼ିକୁ କାଟି ବିକ୍ରି କରାଯାଇଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବିଦ୍ୟାଳୟ ପରିସରର ଅନେକ ଗଛକୁ କୌଣସି ସାଧାରଣ ସୂଚନା କିମ୍ବା ଅନୁମତି ବିନା କାଟି ବିକ୍ରି କରାଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟଙ୍କ ଭୂମିକା ଥିବା ନେଇ ସେମାନେ ସିଧାସଳଖ ଅଭିଯୋଗ କରିଛନ୍ତି। କେବଳ ଗଛ ନୁହେଁ, ବିଦ୍ୟାଳୟର ଅନ୍ୟାନ୍ୟ ସମ୍ପତ୍ତିର ପରିଚାଳନାକୁ ନେଇ ମଧ୍ୟ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଥିବା କୁହାଯାଉଛି। ଅନ୍ୟପଟେ, ଏହି ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକଙ୍କ ପ୍ରତିକ୍ରିୟା ନିଆଯାଇଥିବା ବେଳେ ସେ କହିଛନ୍ତି କି, ମୁଁ ସେଭଳି କିଛି କରିନାହିଁ ମୋତେ ବେଶୀ ପଚାରିଲେ ତୁମମାନଙ୍କ ବିରୋଧରେ ଥାନାରେ ମାନହାନୀ ମୋକଦ୍ଦମା କରିବି। ତେବେ ଗ୍ରାମବାସୀମାନେ ଏହି ଉତ୍ତରକୁ ଗ୍ରହଣ କରିନାହାନ୍ତି ଏବଂ ସମ୍ପୂର୍ଣ୍ଣ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ବିଦ୍ୟାଳୟ ପରିସରର ଗଛ ଏବଂ ଅନ୍ୟାନ୍ୟ ସମ୍ପତ୍ତି ସରକାରୀ ସମ୍ପତ୍ତି ହୋଇଥିବାରୁ ଏହାର ସୁରକ୍ଷା ଓ ସଠିକ୍ ପରିଚାଳନା ଅତ୍ୟନ୍ତ ଜରୁରୀ। ତେଣୁ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ଘଟଣାର ତଦନ୍ତ କରି ସତ୍ୟାସତ୍ୟ ଲୋକଙ୍କ ସମ୍ମୁଖରେ ଆଣିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ବିପୁଳ ପରିମାଣର ମଦ ଜବତ; ୨ ଗିରଫ

ଧାମନଗର,୨।୬(ସମିସ): ଧାମନଗର ପୁଲିସ ଏକ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲା ଯେ, ବାରିକପୁର ବଜାରର ଏକ ଦୋକାନରେ ଦୀର୍ଘ ଦିନ ଧରି ବେଆଇନ ଭାବେ ମଦ ମହଜୁଦ ରଖାଯାଇ ବିକ୍ରି କରାଯାଉଛି। ଧାମନଗର ଥାନା ଆଇଆଇସି ସୁଭ୍ରଜିତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ନାରାୟଣ ନାୟକଙ୍କ ନେତୃତ୍ୱରେ କନେଷ୍ଟବଳ ନୀଳମଣି ବିଳାସ ଓ ଶିବ ପ୍ରସାଦ ଦାସ ସଦଳବଳେ ରବିବାର ସନ୍ଧ୍ୟାରେ ମଦ ଦୋକାନ ଉପରେ ଚଢ଼ଉ କରିଥିଲେ। ଚଢ଼ଉବେଳେ ଦୋକାନରୁ ୧୭ ପେଟି ବିଦେଶୀ ମଦ ଓ ୫୦ ପେଟି ଆସ୍କା ଫର୍ଟି ସମେତ ମୋଟ୍ ୨୬୮ ଲିଟର ଚୋରା ମଦ ଜବତ କରାଯାଇଥିଲା। ଏହି ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସୋମବାର କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ଧୂଳିଗଡ଼ିଆ ଗାଁର ଉତମ ଜେନା ଏବଂ ଧାମନଗର ଥାନା ଅଧୀନ ମଞ୍ଜୁରୀଗଡ଼ିଆ ଅଞ୍ଚଳର ବଳରାମ ଜେନାଙ୍କୁ ଗିରଫ କରାଯାଇଥିଲା। ଧାମନଗର ଥାନାରେ ଏକ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏଏସ୍ଆଇ ନରେନ୍ଦ୍ର ରାଉତଙ୍କୁ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି ବୋଲି ଥାନା ଅଧିକାରୀ ଶ୍ରୀ ଦାଶ ସୂଚନା ଦେଇଛନ୍ତି। ତେବେ ଅବକାରୀ ବିଭାଗ ଚୁପ୍ ବସିଥିବାବେଳେ ଧାମନଗର ପୁଲିସର ଅଞ୍ଚଳରେ ବଢୁଥିବା ଚୋରା ମଦ କାରବାର ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନକୁ ସାଧାରଣ ଲୋକେ ସ୍ୱାଗତ କରିବା ସହ ଆଗାମୀ ଦିନରେ ଏଭଳି ଚଢ଼ଉ ଜାରି ରଖିବାକୁ ଦାବି କରାଯାଇଛି।

## ପ୍ରଧାନଶିକ୍ଷକଙ୍କ ନାମରେ ଏକାଧିକ ମାମଲା; କାର୍ଯ୍ୟାନୁଷ୍ଠାନ ଦାବି

ଧାମନଗର,୨।୬(ସମିସ): ଧାମନଗର ଏନ୍ଏସି ଅନ୍ତର୍ଗତ ୮ ନମ୍ବର ୱାର୍ଡ ଅଧୀନ ସରକାରୀ ପ୍ରାଥମିକ ବିଦ୍ୟାଳୟ ଜଗତି ଶାମପୁରର ପ୍ରଧାନଶିକ୍ଷକ ସେକ୍ ସାମସୁଦ୍ଦିନଙ୍କ ନାମରେ କିଛି ମାସ ପୂର୍ବରୁ ୨ଟି ମାମଲା ବିଚାରାଧୀନ ଥିବା ସତ୍ତ୍ୱେ ପୁଣି ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଧାମନଗର ବଜାରସାହିର ସିକନ୍ଦର ଖାଁଙ୍କ ପୁଅ ମୁନତାଜ ଖାଁ ଅଭିଯୋଗ ଅନୁସାରେ, ପ୍ରଧାନଶିକ୍ଷକ ସେକ୍ ସାମ୍ସୁଦ୍ଦିନ ଏବଂ ତାଙ୍କ ୫ଜଣ ସହଯୋଗୀ ସଂଘବଦ୍ଧ ଭାବେ ମୋତେ ରାସ୍ତାରୁ ଟାଣିନେଇ ବେକକୁ ଚାପି ବିଧା ଗୋଇଠା ମାରିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଥାନାରେ ଅଭିଯୋଗ କରିଛନ୍ତି। ଏହି ଲିଖିତ ଅଭିଯୋଗ କ୍ରମେ ଥାନା କେସ୍ ନଂ ୨୩୯/୩୧.୫.୨୦୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଅଧିକାରୀ ଭାବେ ସୁଜିତ୍ ରାଉତଙ୍କୁ ଦାୟିତ୍ୱ ଦିଆଯାଇଛି। ପୁଲିସ ପକ୍ଷରୁ ଜିଲ୍ଲା ଏବଂ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି କରାଯିବ ବୋଲି ଆଇଆଇସି ସୁଭ୍ରଜିତ ଦାଶଙ୍କଠାରୁ ସୂଚନା ମିଳିଛି। ପ୍ରକାଶ ଥାଉକି, ଉକ୍ତ ଶିକ୍ଷକ କିଛି ଦିନ ପୂର୍ବେ ଜଣେ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ ଘଟଣାରେ ଥାନା କେସ୍ ନଂ ୧୭୪/୨୬ରେ ମାମଲା ରୁଜୁ ହୋଇ କୋର୍ଟରେ ବିଚାରାଧୀନ ରହିଥିବାବେଳେ ତଦନ୍ତ ଜାରି ରହିଛି। ସାଧାରଣରେ ପ୍ରଶ୍ନ ଯେ, ଜଣେ ସରକାରୀ ଶିକ୍ଷକ ବାରମ୍ବାର ଗଣ୍ଡଗୋଳ କରିବା ସହ ଗୁଣ୍ଡା ଲଗାଇ ଏବଂ ନିଜେ ମାର୍ପିଟ୍ କରି କେସ୍ ଉପରେ କେସ୍ ଖାଉଛନ୍ତି ଯାହାକୁ ନେଇ ଶିକ୍ଷକ ମହଲ ଓ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ଦିଗରେ ଜିଲ୍ଲା ଓ ବ୍ଲକ୍ ଶିକ୍ଷା ବିଭାଗ ନିରପେକ୍ଷ ତଦନ୍ତ ସହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

**ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିକ୍ରମା ମାର୍ଗ ପାଇଁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ**

# ଥଇଥାନ ପାଇଁ ଜାଗା ମିଳି ନ ଥିବାରୁ ତୀବ୍ର ବିରୋଧ

ଭଦ୍ରକ/ଆରଡ଼ି,୨।୬(ସମିସ)

ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିକ୍ରମା ମାର୍ଗ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟ ଆସନ୍ତା ରବିବାର ଯାଏଁ ଜାରି ରହିବ ବୋଲି ମନ୍ଦିର ଟ୍ରଷ୍ଟି ତଥା ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ କହିଛନ୍ତି। ଉଚ୍ଛେଦ ପ୍ରାରମ୍ଭରୁ ବିସ୍ଥାପିତମାନେ ଥଇଥାନ ପାଇଁ

**ଘଟଣାସ୍ଥଳରେ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ବ୍ୟାପକ ପୁଲିସ ମୁତୟନ**

ଜମି ବଦଳରେ ଜମି ଦେବା ପାଇଁ ଦାବି କରିବା ସହ ଉଚ୍ଛେଦ ପ୍ରକ୍ରିୟା ପାଇଁ ସମୟ ଦେବାକୁ ଦାବି କରିଥିଲେ। ଏପରିକି କିଛି ସମୟ ପାଇଁ ଉଚ୍ଛେଦ କାର୍ଯ୍ୟରେ ବିଳମ୍ବ ଦେଖାଦେଇଥିଲା।

ବିଗତ ୩ ବର୍ଷ ତଳେ ପୂର୍ବ ସରକାରଙ୍କ ପକ୍ଷରୁ ବାବା ଆଖଣ୍ଡଳମଣିଙ୍କ ପୀଠର ଉନ୍ନତୀକରଣ କାର୍ଯ୍ୟ ସହ ପୀଠର



ପରିକ୍ରମା ମାର୍ଗ ନିମନ୍ତେ ୪୨ କୋଟି ଟଙ୍କା ଯୋଗାଇ ଦିଆଯାଇଥିଲା। ଉକ୍ତ ଟଙ୍କାରୁ ୧୪ କୋଟି ଟଙ୍କାରେ ସୁଉଚ୍ଚ ୪୨ ଫୁଟ୍‌ର ଶିବ ମୂର୍ତ୍ତି ସହ ଗାଡ଼ି ପାର୍କିଂ, ଶିବଗଙ୍ଗା ପୁଷ୍କରିଣୀର ଉନ୍ନତୀକରଣ କରାଯାଇଥିବା ବେଳେ ପରିକ୍ରମା ମାର୍ଗ ପାଇଁ ମନ୍ଦିର ଚତୁଃପାର୍ଶ୍ୱ ଓ ଶିବଗଙ୍ଗା ପୁଷ୍କରିଣୀ ଚତୁଃପାର୍ଶ୍ୱରୁ ୯୮ ପରିବାରଙ୍କୁ ବିସ୍ଥାପିତ ପାଇଁ ୨୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ହେଲେ ୨୦୨୪ରେ ସରକାର ବଦଳିବା ପରେ ପରିକ୍ରମା ମାର୍ଗ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ସ୍ଥାନୀୟ ଲୋକ ଓ ସେବାୟତଙ୍କ ଦାବି ପରେ ଏବେ ପରିକ୍ରମା ମାର୍ଗ ନିମନ୍ତେ ବିସ୍ଥାପିତ ପରିବାରଙ୍କ ଘର ଉଚ୍ଛେଦ ପ୍ରକ୍ରିୟା କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସହ ଆସନ୍ତା ୫ ଦିନ ମଧ୍ୟରେ ସାରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ବିସ୍ଥାପିତଙ୍କୁ ସରକାରୀ ଆଇନ ଅନୁଯାୟୀ ସମସ୍ତ ପ୍ରକାର ବ୍ୟବସ୍ଥା ସହ ଥଇଥାନ ପାଇଁ ଜମି ଓ ସମୟ ଦିଆଯାଇ ନ ଥିବାରୁ ଉଚ୍ଛେଦ ଆରମ୍ଭରୁ ବିସ୍ଥାପିତଙ୍କ ବିରୋଧ ଦେଖାଦେବା ସହ ଆଉ କିଛିଦିନ ସମୟ ଦେବା ପାଇଁ ଦାବି କରିଥିଲେ ବିସ୍ଥାପିତ। ମଙ୍ଗଳବାର ଉଚ୍ଛେଦ ସମୟରେ ଜିଲ୍ଲା ପ୍ରଶାସନିକ ଅଧିକାରୀ ଉପଜିଲ୍ଲାପାଳ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଚାନ୍ଦବାଲି ତହସିଲ୍‌ଦାର ଭବତୋଷ ମଲ୍ଲିକ, ଧାମନଗର ଏସ୍‌ଡିପିଓ ଅନିରୁଦ୍ଧଙ୍କ ସହ ବ୍ୟାପକ ପୁଲିସ ମୁତୟନ ରହିଥିଲେ।

## କଟ୍‌ନୀ ଛଟ୍‌ନୀକୁ ବିରୋଧ କରି ସୋସାଇଟି ଆଗରେ ଚାଷୀଙ୍କ ବିକ୍ଷୋଭ



ବାସୁଦେବପୁର,୨।୬(ସମିସ): ଅଭାବୀ ଧାନ ବିକ୍ରି ବିବାଦ ସମାଧାନର ନାଁ ଧରୁନି। ଖରିଫ୍ ପରେ ଏବେ ରବି ଚାଷରେ କଟ୍‌ନୀ ଛଟ୍‌ନୀକୁ ବିରୋଧ କରୁଛନ୍ତି ଚାଷୀ। ମିଳିତ ଭାବେ ସୋସାଇଟି ଆଗରେ ବିକ୍ଷୋଭ କରିଛନ୍ତି। ବାସୁଦେବପୁର ବ୍ଲକ୍ ବରଣ୍ଡୁଆ ସୋସାଇଟିରେ ୪ଟି ପଞ୍ଚାୟତ ଓ ପୌରପାଳିକାର ୬ ୱାର୍ଡର ଧାନ କ୍ରୟ କରିବାକୁ ମଣ୍ଡି ଖୋଲାଯାଇଛି। ୨୯୯ ଜଣଙ୍କର ପଞ୍ଜୀକରଣ ହୋଇଥିବାବେଳେ ୨୬୭ ଜଣଙ୍କର ଯାଞ୍ଚ ହୋଇଛି। ମଣ୍ଡିରେ ଧାନ ରଖିବାକୁ ପର୍ଯ୍ୟାପ୍ତ ଗୋଦାମ ଘରର ସୁବିଧା ନ ଥିବାରୁ ଧାନ ମଣ୍ଡି ପଠାଇ ଦେଉଛନ୍ତି। ମିଲର୍ସଙ୍କ ମନମାନୀ ଯୋଗୁଁ ଇଚ୍ଛା ଅନୁସାରେ କଟ୍‌ନୀ ଛଟ୍‌ନୀ କରୁଛନ୍ତି। ଖରଫ୍ ଚାଷରେ ୧୩ ପ୍ରତିଶତ କଟ୍‌ନୀ ଛଟ୍‌ନୀ ପରେ ଏବେ ରବି ଋତୁର ୨୩ ପ୍ରତିଶତ କଟ୍‌ନୀ ଛଟ୍‌ନୀ କରୁଛନ୍ତି। ଯାହାକୁ ଚାଷୀମାନେ ତୀବ୍ର ବିରୋଧ କରୁଛନ୍ତି। ମଙ୍ଗଳବାର ବରଣ୍ଡୁଆ ସୋସାଇଟି ଆଗରେ ଚାଷୀ ବିକ୍ଷୋଭ କରିଥିଲେ। ସରକାର ମିଲର୍ସଙ୍କ ପ୍ରତି କୋହଳ ମନୋଭାବ ଓ ଉଦାସିନତା ଯୋଗୁଁ ମିଲର୍ସଙ୍କ ମନମାନୀ ଚାଲିଛି। କଟ୍‌ନୀ ଛଟ୍‌ନୀରେ ତଳୁ ଉପର ପର୍ଯ୍ୟନ୍ତ ଭାଗ ବଣ୍ଟା ଯୋଗୁଁ ଏଫ୍ଏକ୍ୟୁ ମାନ ଆଳରେ କଟ୍‌ନୀ ଛଟ୍‌ନୀ ଚାଲିଛି। ଦିନକୁ ଦିନ କଟ୍‌ନୀ ଛଟ୍‌ନୀ ଚାଷୀଙ୍କୁ ଅତିଷ୍ଠ କଲାଣି। ଚାଷୀ ଧାନ ଚାଷ କରିବାକୁ ମୁହଁ ଫେରାଇଲେଣି। ଆମକୁ ଆଉ ସବ୍‌ସିଡ୍ ଦରକାର ନାହିଁ। ପୁରୁଣା ମୂଲ୍ୟରେ ଧାନ କିଣି କଟ୍‌ନୀ ଛଟ୍‌ନୀ ବନ୍ଦ କର ବୋଲି କହିଥିଲେ। ପ୍ରଶାସନ ହସ୍ତକ୍ଷେପ ନ କଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବରଣ୍ଡୁଆ ସୋସାଇଟିର ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ କହିଛନ୍ତି ଚାଷୀ ଓ କମିଟି ମିଲର୍ସଙ୍କ ଉପସ୍ଥିତିରେ ଏଫ୍ଏକ୍ୟୁର ମାନ ଚୂଡ଼ାନ୍ତ ହୋଇ ଧାନ କ୍ରୟ କରାଯାଉଛି। ମିଲର୍ କ'ଣ କରୁଛନ୍ତି ମୁଁ ଜାଣିନାହିଁ। ମୋ ପାଖକୁ ଅଭିଯୋଗ ଆସିବା ପରେ ଏଆର୍‌ସିଏସ୍‌ଙ୍କୁ ଅବଗତ କରାଇଛି।

## ୧୨ ଶିକ୍ଷକଶିକ୍ଷୟିତ୍ରୀଙ୍କ ଅବସର ଗ୍ରହଣ



ଦୋଳସାହି,୨।୬(ସମିସ): ତିହିଡ଼ି ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରୁ ୧୨ ଜଣ ଶିକ୍ଷକଶିକ୍ଷୟିତ୍ରୀ ଅବସର ଗ୍ରହଣ କରିଛନ୍ତି। ସୂଚନାନୁଯାୟୀ, ତିହିଡ଼ି ପ୍ରାଥମିକ ଶିକ୍ଷକ ସଂଗଠନ ସଭାପତି ମାୟାଧର ସାହୁ ବାମନବିନ୍ଧା ଉଚ୍ଚ ପ୍ରାଥମିକ ସ୍କୁଲରୁ, ଆଦର୍ଶ ଶିକ୍ଷକ ତଥା ସାହିତ୍ୟିକ ଦୀନରଞ୍ଜନ ପାଢ଼ୀ ବିରଞ୍ଚି ନାରାୟଣ ମଧ୍ୟ ଇଂରାଜୀ ସ୍କୁଲରୁ, ଉର୍ମିଳା ମହାନ୍ତି ଆରସା ନୋଡାଲ ହାଇସ୍କୁଲରୁ, ସବିତା ବେହୁରିଆ ବାଞ୍ଛାନିଧି ନୋଡାଲ ହାଇସ୍କୁଲ ଜୟପୁରରୁ, ରତ୍ନାକର ମଲ୍ଲିକ ଜେଡି ନୋଡାଲ ଉପରଦୁଭୁକା ସ୍କୁଲରୁ, ରାଜକିଶୋର ପଣ୍ଡା ଖରଦା ପାଟଣା ପ୍ରାଥମିକ ସ୍କୁଲରୁ, କରୁଣାକର ମଲ୍ଲିକ ଶତପଥୀସାହି ପ୍ରାଥମିକ ସ୍କୁଲରୁ, ସବିତା ପାଣି ନାୟକସାହି ପ୍ରାଥମିକ ସ୍କୁଲରୁ, ବୈଦ୍ୟନାଥ ରାଉତ ଉତରବାହା ଉଚ୍ଚ ପ୍ରାଥମିକ ସ୍କୁଲରୁ, କନକଲତା ପାଢ଼ୀ କୁମାରପୁର ପ୍ରାଥମିକ ସ୍କୁଲରୁ, ଚମ୍ପାବତି ଭୋଇ ଦୋଳସାହି ହରିଜନ ପ୍ରାଥମିକ ସ୍କୁଲରୁ ଅବସର ଗ୍ରହଣ କରିଥିବା ଜଣାଯାଇଛି। ତେବେ ଗ୍ରୀଷ୍ମ ଅବକାଶ ପରେ ଶିକ୍ଷକଶିକ୍ଷୟିତ୍ରୀ ଅଭାବ ପୂରଣ ହୋଇପାରିଲେ ଶିକ୍ଷାଦାନ କ୍ଷେତ୍ରରେ ନିଶ୍ଚିତ ସମସ୍ୟା ଦେଖାଯିବ ବୋଲି ଶିକ୍ଷାବିତ୍ ମହଲରେ ମତପ୍ରକାଶ ପାଇଛି।

## ଗଛରେ ପିଟି ହୋଇ ବାଇକ୍ ଚାଳକ ମୃତ

ଧାମନଗର,୨।୬(ସମିସ): ଧାମନଗର ଥାନା ଅଧୀନ ଦଇପୁର କେନାଲ ନିକଟରେ ସୋମବାର ଅପରାହ୍ଣରେ ଜଣେ ବାଇକ୍ ଚାଳକ ଗଛରେ ପିଟି ହୋଇ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଧାମନଗର ଏନ୍ଏସି ଅଧୀନ ଶାମପୁର ଗାଁର ସେକ୍ ମଞ୍ଜୁଙ୍କ ବଡ଼ ପୁଅ ସେକ୍ କାଲା(୪୫)। ସେ ହବିବ୍‌ନଗର ଗ୍ରାମରେ ରହୁଥିଲେ। ସେକ୍ କାଲା ଭଦ୍ରକରୁ ସାତଭଉଣୀ-ଚୁଡ଼ାକୁଟି ରାସ୍ତା ଦେଇ ବାଇକ୍‌ରେ ଧାମନଗର ଫେରୁଥିବାବେଳେ ଦଇପୁର କେନାଲ ନିକଟ ରାସ୍ତାକଡ଼ରେ ଥିବା ଏକ ଅର୍ଜୁନ ଗଛକୁ ଧକ୍କା ଦେଇଥିଲେ। ଫଳରେ ସେ ବାଇକ୍‌ରୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପରିବାର ଲୋକଙ୍କ ସହ ସମ୍ପର୍କୀୟମାନେ ଭଦ୍ରକ ମେଡିକାଲରେ ପହଞ୍ଚିଥିଲେ। ଧାମନଗର ପୁଲିସ ଘଟଣାର ତଦନ୍ତ କରୁଛି। ମଙ୍ଗଳବାର ଗ୍ରାମରେ ଏକ କବରସ୍ଥାନ ପରିସରରେ କବର ଦିଆଯାଇଛି। ସୋମବାର ସନ୍ଧ୍ୟାରେ ପୀରବାବାଙ୍କ ସାନ ନାତି ସୟଦ ଗୋଲାମ ଅହେମ୍ମଦ ହବିବି (ମସ୍ତାନ-ଏ ମଲ୍ଲତ) ସେକ୍ କାଲାଙ୍କ ଦୁର୍ଘଟଣା ଖବର ପାଇ ସଦଳବଳେ ତାଙ୍କ ବାସଭବନରେ ପହଞ୍ଚି ଗଭୀର ଦୁଃଖ ପ୍ରକାଶ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଓସିଏସ୍‌ରେ କୃତୀ ଅନୀତାଙ୍କୁ ସମ୍ବର୍ଦ୍ଧନା

ବାରିକପୁର,୨।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତ ନାରାୟଣପୁର ଗାଁର କୀର୍ତ୍ତନ ଜେନାଙ୍କ ଝିଅ ଅନୀତା ଚଳିତ ବର୍ଷ ଓସିଏସ୍ ପରୀକ୍ଷାରେ ସଫଳ ହୋଇଛନ୍ତି। ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସେ କୃତକାର୍ଯ୍ୟ ହୋଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବ୍ଲକ୍‌ର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ସମାଜସେବୀ ବଦ୍ରିନାରାୟଣ ଧଳ ଅନୀତାଙ୍କ ବାସଭବନରେ ପହଞ୍ଚି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହାଛଡ଼ା ତାଙ୍କର ପ୍ରଶାସନିକ ସେବାରେ ଉଜ୍ଜ୍ୱଳମୟ ଭବିଷ୍ୟତ ମଧ୍ୟ କାମନା କରିଛନ୍ତି।



ଶ୍ରୀ ଧଳଙ୍କ ସହିତ ରାମଚନ୍ଦ୍ର ସାହୁ, ପ୍ରଦ୍ୟୁମ୍ନ ସେନାପତି, ଶିବଶଙ୍କର ମହାପାତ୍ର, ପଦ୍ମନାଭ ସାହୁ ମଧ୍ୟ ଅନୀତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## ୧୧୭ ମୋବାଇଲ୍ ଫେରସ୍ତ କଲା ପୁଲିସ

ଭଦ୍ରକ,୨।୬(ସମିସ): ଲୋକଙ୍କୁ ଡାକି ସେମାନଙ୍କଠାରୁ ଛିନ୍‌ତାଇ ଓ ହଜି ଯାଇଥିବା ମୋବାଇଲ୍ ଫେରାଇଲା ଭଦ୍ରକ ପୁଲିସ। ସୂଚନାଯୋଗ୍ୟ, ଭଦ୍ରକ ପୁଲିସ ପକ୍ଷରୁ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ହୋଇଯାଇଛି ମୋବାଇଲ୍ ଫେରସ୍ତ ମେଳା। ଏଥିରେ ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରାଙ୍କ ସହ ପୁଲିସ୍ ପଦାଧିକାରୀମାନେ ଉପସ୍ଥିତ ରହି ଲୋକଙ୍କୁ ସେମାନଙ୍କ ଚୋରି ଓ ହଜିଯାଇଥିବା ମୋବାଇଲ୍‌କୁ ଫେରସ୍ତ କରିଛନ୍ତି। ଲୋକଙ୍କ ଅଭିଯୋଗ ଆଧାରରେ ସାଇବର ଥାନା ପୁଲିସ ଜିଲ୍ଲା ତଥା ଜିଲ୍ଲା ବାହାରେ ଚଢ଼ଉ କରି ପ୍ରାୟ ୧୧୭ଟି ମୋବାଇଲ୍ ଜବତ କରିଥିବା ଏସ୍‌ପି ଶ୍ରୀ ରାଉତ ସୂଚନା ଦେଇଛନ୍ତି। ସେହିସବୁ ମୋବାଇଲ୍‌କୁ ମଙ୍ଗଳବାର ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଫେରସ୍ତ କରାଯାଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ଛିନ୍‌ତାଇ ଓ ହଜି ଯାଇଥିବା ମୋବାଇଲ୍ ଫେରିପାଇବା ପରେ ଶୁଭସ୍ମିତା ଧଳ ଓ ଭଗବାନ ବେହେରା ପ୍ରମୁଖ ଭଦ୍ରକ ପୁଲିସକୁ ଧନ୍ୟବାଦ ଜଣାଇବା ସହିତ ଖୁସି ଜାହିର୍ କରିଛନ୍ତି। ଆଗକୁ ଏହି ଅଭିଯାନ ଭଦ୍ରକ ପୁଲିସ ଜାରି ରଖିବ ବୋଲି ଭଦ୍ରକ ଏସ୍‌ପି ଶ୍ରୀ ରାଉତ ସୂଚନା ଦେଇଛନ୍ତି।

**ଆଜି ବିଶ୍ୱ ସାଇକଲ ଦିବସ**

# ହଜିବାକୁ ବସିଥିବା ଶୂନଗାଡ଼ିର ଏବେ ଲୋଡ଼ା ପଡୁଛି

ବନ୍ତ/ଆଗରପଡ଼ା,୨।୬(ସମିସ)

ଆଧୁନିକ ଯୁଗରେ ଅନେକ ଯାନବାହନ ସୃଷ୍ଟି ହେଲାଣି ଓ ଲୋକଙ୍କ ରୁଚିରେ ମଧ୍ୟ ପରିବର୍ତ୍ତନ ଆସିଲାଣି। ସେହିସବୁ ଭିତରେ ହଜିବାକୁ ବସିଥିଲା ବିନା ପେଟ୍ରୋଲରେ ଦିଲ୍ଲୀଠାରୁ ପଲ୍ଲୀ ଯାଏଁ ବୁଲି ଆସୁଥିବା ଏକମାତ୍ର ଯାନ ସାଇକଲ। ଯାହାକୁ ଓଡ଼ିଆରେ ଶୂନ ଗାଡ଼ି ବୋଲି କୁହାଯାଇଥାଏ। ବର୍ତ୍ତମାନ ବିଶ୍ୱର ପରିସ୍ଥିତି ଓ ପରିବେଶ ସୁରକ୍ଷା ଦୃଷ୍ଟିରୁ ହଜିବାକୁ ବସିଥିବା ସାଇକଲର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। ସାଇକଲ ଚଲାଇବା ଦ୍ୱାରା ଗାଡ଼ିମୋଟରରୁ ନିର୍ଗତ ହେଉଥିବା ବିଷାକ୍ତ ଧୂଆଁ କମିଥାଏ, ଯାହା ବାୟୁ ପ୍ରଦୂଷଣ ରୋକିବାରେ ସାହାଯ୍ୟ କରିଥାଏ। ପ୍ରତିଦିନ ସାଇକଲ ଚଲାଇବା ଦ୍ୱାରା ଓଜନ ନିୟନ୍ତ୍ରଣରେ ରହେ, ହୃଦ୍‌ଘାତ ଓ ମଧୁମେହ ଭଳି ରୋଗର ଆଶଙ୍କା କମିଥାଏ। ତତ୍‌ସହିତ ସାଇକଲ ଏକ ଶସ୍ତା ଓ ସହଜ ପରିବହନର ମାଧ୍ୟମ ହୋଇଥିବାରୁ ଏହା ପେଟ୍ରୋଲ ଓ ଡିଜେଲ ଖର୍ଚ୍ଚ ବଞ୍ଚାଇଥାଏ। ଏହି ସବୁକୁ ଆଖି ଆଗରେ ରଖି ଏହି ଶୂନ ଗାଡ଼ି ବାବଦରେ ସଚେତନତା ସୃଷ୍ଟି କରିବା ଓ ସାଇକଲ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ପରିବେଶର ସୁରକ୍ଷା ନିମନ୍ତେ ୨୦୧୮ରେ ମିଳିତ ଜାତିସଂଘ ଦ୍ୱାରା ଏହି ଦିବସର ଆରମ୍ଭ ହୋଇଥିଲା ଓ ପ୍ରତିବର୍ଷ ଜୁନ୍ ୩ ତାରିଖକୁ ବିଶ୍ୱ ସାଇକଲ ଦିବସ ଭାବରେ ପାଳନ କରାଯାଉଛି।

■ ଚଳିତ ବର୍ଷର ପ୍ରସଙ୍ଗ: ସବୁଜ ଭବିଷ୍ୟତ ପାଇଁ ସାଇକଲ ଚାଳନା
■ ଆଉ କାଗଜ କଲମରେ ସୀମିତ ରହିବନି ବିଶ୍ୱ ସାଇକଲ ଦିବସ



ଚଳିତ ବିଶ୍ୱ ସାଇକର ଦିବସର ପ୍ରସଙ୍ଗ ହେଉଛି 'ସବୁଜ ଭବିଷ୍ୟତ ପାଇଁ ସାଇକେଲ ଚାଳନା'। ପୂର୍ବରୁ ପ୍ରତ୍ୟେକ ଘରେ ଯାତାୟାତ ପାଇଁ ଲୋକମାନେ ସାଇକଲ ଉପରେ ନିର୍ଭରଶୀଳ ଥିଲେ। କିନ୍ତୁ ସମୟ ଅନୁସାରେ ଲୋକମାନେ ଯାତାୟାତ କରିବା ପାଇଁ ସାଇକଲ ଉପରେ ଆଉ ନିର୍ଭର କରୁନାହାନ୍ତି। କେଉଁଠି କାଁ ଭାଁ ଲୋକେ ସାଇକଲ ନେଇ ବଜାରକୁ ଆସୁଥିବା ଦେଖାଯାଉଛି। ଅଧ୍ୟୟନ ପାଇଁ ସ୍କୁଲ ଓ କଲେଜକୁ ଯିବା ପାଇଁ ଏହା ପିଲାଙ୍କ ମୁଖ୍ୟ ଅଙ୍ଗ ସାଜୁଥିବାବେଳେ ବର୍ତ୍ତମାନ ସେମାନଙ୍କ ରୁଚିରେ ପରିବର୍ତ୍ତନ ଆସିଛି। ଯଦ୍ୱାରା ଏହା ପିଲାଙ୍କ ପାଇଁ ଅଲୋଡ଼ା ହୋଇପଡ଼ିଛି। ଆମ ଜେଜେବାପା ଅମଳରେ ବାହାଘର ବେଳେ ପୁଅମାନଙ୍କୁ ଯୌତୁକରେ ସାଇକଇ ଦିଆଯାଉଥିଲା। କିନ୍ତୁ ସେ ସମୟ ଚାଲିଯାଇଥିଲା ଓ ଅଲୋଡ଼ା ହୋଇପଡ଼ିଥିଲା ସାଇକଲ। ଆଧୁନିକତ୍ୱର ପରିଭାଷା ମଧ୍ୟରେ ହଜିବାକୁ ବସିଥିଲା ଏହି ସାଇକଲ। ସମୟଚକ୍ରରେ ସାଇକଲର ବ୍ୟବହାର ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଥିଲା। କିନ୍ତୁ ବର୍ତ୍ତମାନ ବିଶ୍ୱରେ ଯେଉଁ ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି ଓ ତୈଳର ଯେଉଁ ଅଭାବ ଦେଖାଦେଇଛି ସେଥିରୁ ବର୍ତ୍ତିବାର ଏକ ମାତ୍ର ଉପାୟ ବର୍ତ୍ତମାନ ପାଲଟିଛି ସାଇକଲରେ ଯାତାୟାତ କରିବା। ସେହିପରି ବିଶ୍ୱର ୫ଟି ମୁଖ୍ୟ ବ୍ୟାୟାମ ମଧ୍ୟରୁ ସାଇକଲ ଚାଳନା ଅନ୍ୟତମ ହୋଇଥିବାରୁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିଜ ଶରୀରକୁ ସୁସ୍ଥ ରଖିବା ପାଇଁ କିଛି ଲୋକ ସାଇକଲ ଚଲାଇଥିବା ଜଣାପଡ଼ିଛି। ସାମ୍ବାଦିକ ବିନୋଦ ଧଳସାମନ୍ତଙ୍କ କହିବା ଅନୁଯାୟୀ, ତାଙ୍କ ପାଖରେ କାର୍, ବାଇକ୍ ଆଦି ଥିବା ସତ୍ତ୍ୱେ ତାଙ୍କ ବାପା ବିଜୟ ଧଳସାମନ୍ତ ୭୫ ବର୍ଷ ବୟସରେ ମଧ୍ୟ ସାଇକଲଙ୍କୁ ତାଙ୍କ ଗମନାଗମନର ମୁଖ୍ୟ ଅଙ୍ଗ ରୂପେ ବିବେଚନା କରିଥା'ନ୍ତି।

ପ୍ରତିଦିନ ପାଖାପାଖି ୧୦ କିଲୋମିଟର ସାଇକଲ ଚଲାଇଥା'ନ୍ତି ଏବଂ ଏହି ବୟସରେ ମଧ୍ୟ ସେ ନିଜକୁ ସୁସ୍ଥ କରି ଗଢ଼ି ତୋଳିଛନ୍ତି। ତେଣୁ ଏକ ସବୁଜ ଏବଂ ସୁନ୍ଦର ଭବିଷ୍ୟତ ପାଇଁ ସମସ୍ତେ ସାଇକଲକୁ ପୁଣି ବହୁଳ ଭାବରେ ବ୍ୟବହାର କରିବାକୁ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସାଇକେଲିଂ ଆସୋସିଏସନ ପକ୍ଷରୁ ଜୁନ୍ ୩ରୁ ୧୩ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ୧୨ଟି ସହରରେ ବିଶାଳ ସାଇକେଲିଂ ପ୍ରତିଯୋଗିତା ଆୟୋଜିତ ହେଉଥିବାବେଳେ ଆସନ୍ତା ୭ ତାରିଖ ଦିନ 'ସଣ୍ଡେଜ୍ ଅନ୍ ସାଇକଲ' କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ସାଧାରଣ ଲୋକଙ୍କୁ ନେଇ ସାଇକଲ ରାଇଡିଂ କାରଯିବାର ଯୋଜନା ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି।

## ସଇଜାଫର-ପାଟୁଳି ରାସ୍ତାର କଲ୍‌ଭର୍ଟ କାମ ନିମ୍ନମାନର



କୋଠାର,୨।୬(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ସଇଜାଫର୍‌ଠାରୁ ପାଟୁଳି ପର୍ଯ୍ୟନ୍ତ ଚାଲିଥିବା ରାସ୍ତାରେ କଲ୍‌ଭର୍ଟ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କଲ୍‌ଭର୍ଟ ନିର୍ମାଣରେ ନିର୍ଦ୍ଧାରିତ ମାନକ ଅନୁସରଣ କରାଯାଉ ନ ଥିବା ସହ ନିମ୍ନମାନର ବାଲି ଓ ଚିପ୍ସ ବ୍ୟବହାର ହେଉଥିବା ଅଭିଯୋଗ ଉଠିଛି। ହେଉଥିବା କଲ୍‌ଭର୍ଟ ତଳେ ୨ ଫୁଟ୍‌ର ପାଣି ଜମି ରହିଛି। ପାଣିକୁ ନିଷ୍କାସନ ନ କରି ସେହି ପାଣିରେ ଢଳେଇ କାମ ଚାଲୁଥିବା ଦେଖିବାକୁ ମିଳିଛି। ଆହୁରି ମଧ୍ୟ ସେହି ରାସ୍ତାରେ ଯିବାଆସିବା କରିବା ପାଇଁ ଏକ ବାଇପାସ୍ ରାସ୍ତା ବନାଯାଇଛି। ସେଥିରେ ଡଷ୍ଟ କି ନାଲିଗୋଡ଼ି ପଡ଼ି ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଲୋକମାନେ ଯିବାଆସିବା କରିବା ମୁସ୍କିଲ ହୋଇପଡୁଛି ବୋଲି ସେଠାକାର ବାସିନ୍ଦା ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ପୋଲ କାମ ଆରମ୍ଭ ହେଉ ହେଉ ହିଁ କେତେକ ସ୍ଥାନରେ ପଥର ଉଖୁଡ଼ି ପଡୁଥିବା ଏବଂ ପୋଲର ଗୁଣବତ୍ତା ନେଇ ପ୍ରଶ୍ନ ଉଠୁଛି। ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଉଚ୍ଚମାନର କାମ ସୁନିଶ୍ଚିତ କରିବାକୁ ସେମାନେ ଦାବି କରିଛନ୍ତି। ଏନେଇ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ନ ଥିବାବେଳେ, ଅଭିଯୋଗର ସତ୍ୟତା ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି।

# କଟକ ସିଟି



## ବାରଙ୍ଗ ଥାନା ଥାର୍ଡ ଡିଗ୍ରୀ ଘଟଣାରେ ବିଚାର ବିଭାଗୀୟ ତଦନ୍ତ ଦାବି

**କଟକ, ୨।୬(ସମିସ):** ବାରଙ୍ଗ ବ୍ଲକର ଚଣ୍ଡୀ ପ୍ରସାଦ ଗ୍ରାମର ଜଣେ ଦଳିତ ଯୁବକଙ୍କ ବେଆଇନ ଗିରଫଦାରୀ, ମିଛ ସ୍ୱୀକରୋକ୍ତି ଆଦାୟ ପାଇଁ ତାଙ୍କ ଉପରେ ହାଜତରେ ନିର୍ମମ ଶାରୀରିକ ଅତ୍ୟାଚାର ଘଟଣାରେ ସିପିଡିଆରଏସ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ କରାଯାଇଛି। ସଂଗଠନ ପକ୍ଷରୁ ଆଜି ସ୍ଥାନୀୟ ଗାନ୍ଧୀ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ହାଜତରେ ଥାର୍ଡ ଡିଗ୍ରୀ ଅତ୍ୟାଚାର କରି ସଙ୍କଟାପନ୍ନ ଅବସ୍ଥାରେ ପରିବାର ଲୋକଙ୍କୁ ଅନ୍ଧାରରେ ରଖି ତାଙ୍କୁ ପ୍ରଥମେ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ପରବର୍ତ୍ତୀ ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକୃତ ଘଟଣା ଲୁଚାଇବା ପାଇଁ ଏହା ଦୁର୍ଘଟଣା ଜନିତ ବୋଲି ପୁଲିସ ନୂଆ ନୂଆ ଗପ ପ୍ରଚାର କରୁଛି। ଏହି ପରିସ୍ଥିତିରେ ଘଟଣାର ବିଚାର ବିଭାଗୀୟ ତଦନ୍ତ କରି ଅଭିଯୁକ୍ତ ପୁଲିସ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ପୀଡ଼ିତଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ସିପିଡିଆରଏସ ପକ୍ଷରୁ ଗୋଟିଏ ତଥ୍ୟ ଅନୁସନ୍ଧାନକାରୀ ଦଳ ପୀଡ଼ିତଙ୍କ ଗ୍ରାମକୁ ଯାଇ ତାଙ୍କ ସାନଭାଇ, ଭଉଣୀ ଓ ସ୍ତ୍ରୀଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଚିତ୍ତରଞ୍ଜନ ମହାନ୍ତି, କ୍ଷୀରୋଦ ମହାପାତ୍ର, ଆଇନଜୀବୀ ସୁକାନ୍ତ ନାୟକ, କ୍ଷୀରୋଦ ରାଉତ, ପ୍ରତାପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଦର ବୃଦ୍ଧି ଓ ସରକାରୀ କଟକଣା ମାଡ଼

## ମାନ୍ଦାବସ୍ଥାରେ କଟକର ବିଶ୍ୱପ୍ରସିଦ୍ଧ ରୁପା ତାରକସି ଶିଳ୍ପ

କଟକ, ୨।୬(ସମିସ)

ସୁନା ଓ ରୁପାର ଅହେତୁକ ମୂଲ୍ୟ ବୃଦ୍ଧି ସାଙ୍ଗକୁ କେନ୍ଦ୍ର ସରକାରଙ୍କ ଆମଦାନୀ ନୀତି ଯୋଗୁଁ କଟକର ଶତାବ୍ଦୀ ପ୍ରସିଦ୍ଧ ତାରକସି (ସିଲଭର ଫିଲିଗ୍ରୀ) କାରିଗରୀ ଏବେ ଗୁରୁତର ମାନ୍ଦାବସ୍ଥା ଦେଇ ଗତି କରୁଛି। ନିକଟରେ ସୁନା ଓ ରୁପା ଆମଦାନୀ ଉପରେ କେନ୍ଦ୍ର ସରକାର ସୀମା ଶୁଳ୍କ ବା କଷ୍ଟମ୍ସ ଡ୍ୟୁଟିକୁ ୬ ପ୍ରତିଶତରୁ ବୃଦ୍ଧି କରି ସାଙ୍ଘାତିକ ଭାବେ ୧୫ ପ୍ରତିଶତ କରିଦେଇଛନ୍ତି। ଏହା ସହିତ ଘରୋଇ ବ୍ୟବହାର ପାଇଁ ରୁପା ଆମଦାନୀକୁ 'ନିୟନ୍ତ୍ରିତ ବର୍ଗ'ରେ ରଖାଯାଇ ପୂର୍ବ ସରକାରୀ ଅନୁମତିକୁ ବାଧ୍ୟତାମୂଳକ କରାଯାଇଛି। ସରକାରଙ୍କ ଏହି କଟକଣା ଯୋଗୁଁ ଖୋଲା ବଜାରରେ ରୁପା ଦର ଆକାଶଛୁଆଁ ହୋଇଛି। ଗତ ବର୍ଷ ଯେଉଁ ରୁପା କିଲୋ ପ୍ରତି ୧ ଲକ୍ଷ ଟଙ୍କା ଥିଲା, ତାହା ବର୍ତ୍ତମାନ ପ୍ରାୟ ତିନିଗୁଣ ବୃଦ୍ଧି ପାଇ ୨ ଲକ୍ଷ ୮୦ ଲକ୍ଷ ଟଙ୍କାରେ ପହଞ୍ଚିଛି। ରୁପାର ଏଭଳି ଅପ୍ରତ୍ୟାଶିତ ମୂଲ୍ୟ ବୃଦ୍ଧି ଯୋଗୁଁ ସହରର ସୁନା-ରୁପା ଅଳଙ୍କାର ବ୍ୟବସାୟ ସମ୍ପୂର୍ଣ୍ଣ ମାନ୍ଦା ପଡ଼ିଥିବା ବେଳେ ବହୁ ପୁରାତନ ତାରକସି ଶିଳ୍ପ ଓ ଏହା ଉପରେ ନିର୍ଭର କରୁଥିବା ଶତାଧିକ କାରିଗର ପରିବାର ଏବେ ହାତ ବାନ୍ଧି ବସିବାକୁ ବାଧ୍ୟ ହୋଇଛନ୍ତି।



**ଜୀବିକା ହରାଇ ହାତ ବାନ୍ଧି ବସିଛନ୍ତି ଶହ ଶହ କାରିଗର**

ସୂଚନା ଅନୁଯାୟୀ, କଟକ ସହରର ଶେଖବଜାର, ମାନସିଂହପାଟଣା, ମେରିଆବଜାର, କେଶରପୁର ଆଦି ଅଞ୍ଚଳରେ ପ୍ରାୟ ୫୦୦ରୁ ଅଧିକ ପାରମ୍ପରିକ ତାରକସି କାରିଗର ରହିଛନ୍ତି। ସାଧାରଣତଃ ପ୍ରତିବର୍ଷ ସେପ୍ଟେମ୍ବର ମାସରୁ ରାଜ୍ୟରେ ପାର୍ବଣ ଋତୁ ଆରମ୍ଭ ହେଉଥିବାରୁ ଏହାର ୩-୪ ମାସ ପୂର୍ବରୁ ବିଭିନ୍ନ ପୂଜା କମିଟି ପକ୍ଷରୁ ଦେବାଦେବୀଙ୍କ ପ୍ରସିଦ୍ଧ 'ଚାନ୍ଦି ମେଢ଼', ମୁକୁଟ ଓ ସୂକ୍ଷ୍ମ ଅଳଙ୍କାର ନିର୍ମାଣ ପାଇଁ କାରିଗରମାନଙ୍କୁ ବହୁ ପରିମାଣର ଅଗ୍ରୀମ ଅର୍ଡର ମିଳିଥାଏ। ପୂର୍ବରୁ ଏହି ପାରମ୍ପରିକ କଳା ମାଧ୍ୟମରେ କୋଣାର୍କ ଚକ, ନୃତ୍ୟରତ ମୟୂର, ସୂକ୍ଷ୍ମ ହାର, କାନଫୁଲ ଓ ଚୁଡ଼ି ଆଦି ପ୍ରସ୍ତୁତ କରି ପ୍ରତି କାରିଗର ପରିବାର ମାସକୁ ସହଜରେ ୩୦ ରୁ ୪୦ ହଜାର ଟଙ୍କା ରୋଜଗାର କରୁଥିଲେ। ମାତ୍ର ବର୍ତ୍ତମାନ ଚାହିଦା ସମ୍ପୂର୍ଣ୍ଣ କମିଯାଇଥିବାରୁ ମାସକୁ ମାତ୍ର ୨ କିଲୋ ରୁପାର କାର୍ଯ୍ୟ ମିଳିବା ମଧ୍ୟ ମୁସ୍କିଲ ହୋଇପଡ଼ିଛି। ନୂତନ ଅର୍ଡର ମିଳିବା ତ ଦୂରର କଥା, ଯେଉଁ ଗ୍ରାହକ ବା ପୂଜା କମିଟି ପୂର୍ବରୁ ବରାଦ ଦେଇଥିଲେ, ସେମାନେ ମଧ୍ୟ ବର୍ଦ୍ଧିତ ମୂଲ୍ୟ ଯୋଗୁଁ କାମ ଆଗକୁ ନ ବଢ଼ାଇବାକୁ କାରିଗରମାନଙ୍କୁ ଅନୁରୋଧ କରୁଛନ୍ତି। ଦ୍ୱାଦଶ ଶତାବ୍ଦୀରୁ ଚାଲିଆସୁଥିବା ଏବଂ ଗତ ୨୦୨୪ ମସିହାରେ ସମ୍ମାନଜନକ ଭୌଗୋଳିକ ସୂଚକ ବା 'ଜିଆଇ ଟ୍ୟାଗ୍' ମାନ୍ୟତା ପାଇଥିବା ଏହି ଗୌରବମୟ କଳା ଆଜି ସରକାରୀ ପ୍ରୋତ୍ସାହନର ଅଭାବ ଓ ବଜାର ନୀତି ଯୋଗୁଁ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। କଟକ ଦଶହରାର ମୁଖ୍ୟ ଆକର୍ଷଣ କୁହାଯାଉଥିବା ଭବ୍ୟ 'ଚାନ୍ଦି ମେଢ଼' ନିର୍ମାଣ କାର୍ଯ୍ୟ ମଧ୍ୟ ଏହି ଆକାଶଛୁଆଁ ଦର ବୃଦ୍ଧି ଯୋଗୁଁ ଚଳିତ ବର୍ଷ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି, ଫଳରେ କାରିଗରମାନଙ୍କୁ କୌଣସି ବଡ଼ କାମ ମିଳିପାରି ନାହିଁ। ସାମ୍ପ୍ରତିକ ସ୍ଥିତିରେ ସରକାର ଯଦି ତାରକସି ଶିଳ୍ପ ପାଇଁ ରୁପା ଯୋଗାଣ ଉପରୁ ଆମଦାନୀ ଶୁଳ୍କ କୋହଳ ନ କରନ୍ତି କିମ୍ବା କାରିଗରମାନଙ୍କୁ କୌଣସି ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ପ୍ରଦାନ ନ କରନ୍ତି, ତେବେ ଓଡ଼ିଶାର ଏହି ଅନନ୍ୟ ଐତିହ୍ୟ ସବୁଦିନ ପାଇଁ ଲୋପ ପାଇଯିବ ବୋଲି ଶିଳ୍ପୀ ମହଲରେ ଗଭୀର ଚିନ୍ତା ପ୍ରକାଶ ପାଇଛି।

## ଜୟ ଜଗନ୍ନାଥ କ୍ଲବ୍‌ର ଦ୍ୱିତୀୟ ବାର୍ଷିକ ଉତ୍ସବ



**କଟକ, ୨।୬(ସମିସ):** କଟକ ଜୟ ଜଗନ୍ନାଥ କଲୋନୀ (ଖପୁରିଆ)ର ସାମାଜିକ ଅନୁଷ୍ଠାନ 'ଜୟ ଜଗନ୍ନାଥ କ୍ଲବ୍'ର ଦ୍ୱିତୀୟ ବାର୍ଷିକ ଉତ୍ସବ ଖପୁରିଆ ଶିଳ୍ପାଞ୍ଚଳସ୍ଥ ଓସ୍‌ମେ ସମ୍ମିଳନୀ କକ୍ଷରେ ରବିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ୫୦ ନମ୍ବର ୱାର୍ଡର କର୍ପୋରେଟର ସନ୍ତୋଷ କୁମାର ଭୋଳ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ସମିତିର ସାଧାରଣ ସମ୍ପାଦକ ଆଦିକନ୍ଦ ରାଉତ, ଯୁବ ସମାଜସେବୀ ଶରତ ମହାଲିକ, ଉତ୍କଳ ରଜକ କଲ୍ୟାଣ ସମାଜର ସଭାପତି ବାପି ସେଠୀ ଏବଂ ସାହି ମୁରବୀ ହରପ୍ରିୟା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବର ସଭାପତି ପ୍ରଶାନ୍ତ ମଲ୍ଲିକ୍, ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ଲେଙ୍କା ଓ କୋଷାଧ୍ୟକ୍ଷ ମୋହନ ସେଠୀ ମଧ୍ୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିମୁତ କୁମାର ସାହୁଙ୍କୁ 'ସମାଜସେବା ସମ୍ମାନ' ଏବଂ ପ୍ରତାପ କୁମାର ସେନାପତିଙ୍କୁ 'ସାମ୍ବାଦିକ ସମ୍ମାନ' ପ୍ରଦାନ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ଡାକ୍ତରୀ ଛାତ୍ରୀ ପ୍ରଲିପ୍ତା ପରିଡ଼ା, ପ୍ରତୀକ ପ୍ରସନ୍ନ ମିଶ୍ର, ଆକାଶ ସାହୁ ଓ ସାୟନ୍ତିକା ସିଂଙ୍କୁ ଏବଂ ଚିତ୍ରାଙ୍କନ ପାଇଁ ପୂଜାରାଣୀ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ନୃତ୍ୟ କ୍ଷେତ୍ରରେ ବିଜୟଲକ୍ଷ୍ମୀ ସେଠୀ, ଶ୍ରଦ୍ଧାଞ୍ଜଳି ମହାରଣା, ପ୍ରିୟାଂଶୀ ମଲ୍ଲିକ୍, ତନବୀ ତନିଷା ପଣ୍ଡା ଓ ଭାଗ୍ୟଲକ୍ଷ୍ମୀ ଲେଙ୍କାଙ୍କୁ ପୁରସ୍କୃତ କରାଯାଇଥିଲା। କଲ୍ୟାଣୀ ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ କ୍ଲବର ଉପଦେଷ୍ଟା ବାଦଲ ସାହୁ, ଉପସଭାପତି ସୁବାସଚନ୍ଦ୍ର ମହାରଣା, ସଙ୍ଗଠନ ସମ୍ପାଦକ ଲକ୍ଷ୍ମଣ ପଣ୍ଡା, ଯୁଗ୍ମ ସମ୍ପାଦକ କେଶବଚନ୍ଦ୍ର ବେହେରା, ସହସମ୍ପାଦକ ସନ୍ତୋଷ ନନ୍ଦ ଏବଂ ସଭ୍ୟ ପ୍ରଦୀପ ପରିଡ଼ା, ସନ୍ତୋଷ ବେହେରା, ଚନ୍ଦନ ସ୍ୱାଇଁ ଓ ବର୍ଷା ସାହୁ ପରିଚାଳନା କରିଥିଲେ।

## ପଙ୍କ ଉଦ୍ଧାର କାର୍ଯ୍ୟର ସମୀକ୍ଷା କଲେ ମେୟର



**କଟକ, ୨।୬(ସମିସ):** ଆସନ୍ତା ମୌସୁମୀ ଋତୁକୁ ଦୃଷ୍ଟିରେ ରଖି କଟକ ସହରରେ ଚାଲୁଥିବା ପଙ୍କ ଉଦ୍ଧାର ଓ ଡ୍ରେନ ସଫେଇ କାର୍ଯ୍ୟର ଅଗ୍ରଗତି ନେଇ ଆଜି ସମୀକ୍ଷା କରାଯାଇଥିଲା। ମେୟର ସୁବାସ ସିଂହ ଓ କମିସନର ସୁଶ୍ରୀ କିରଣଦୀପ କୌର ସହୋତା ୱାର୍ଡ ନମ୍ବର ୧୩ ଅନ୍ତର୍ଗତ କାଜି ବଜାରର ପରିଦର୍ଶନ କରି ସମୀକ୍ଷା କରିଥିଲେ। ୱାର୍ଡରେ ଥିବା ମୁଖ୍ୟ ଓ ଉପ-ଡ୍ରେନଗୁଡ଼ିକରେ ଚାଲୁଥିବା ପଙ୍କ ଉଦ୍ଧାର କାର୍ଯ୍ୟକୁ ସେ ଅନୁଧ୍ୟାନ କରିବା ସହିତ କାର୍ଯ୍ୟର ଗୁଣାତ୍ମକ ମାନ ଏବଂ ଗତି ସମ୍ପର୍କରେ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଯଦି କୌଣସି ସ୍ଥାନରେ ଜଳ ଜମା ହୁଏ, ତେବେ ତାହା ଯଥାଶୀଘ୍ର ନିଷ୍କାସିତ ହୋଇପାରିବ ସେଥିପାଇଁ ପୂର୍ବରୁ ସମସ୍ତ ପ୍ରସ୍ତୁତି ସମ୍ପନ୍ନ କରିବାକୁ ସେ କହିଥିଲେ। ସହରବାସୀଙ୍କୁ ବର୍ଷାଜନିତ ସମସ୍ୟାରୁ ମୁକ୍ତ ରଖିବା ଏବଂ ଏକ ସ୍ୱଚ୍ଛ, ସୁନ୍ଦର ଓ ଜଳବନ୍ଦୀମୁକ୍ତ କଟକ ଗଠନ କରିବା ପାଇଁ ମହାନଗର ନିଗମ ପ୍ରତିବଦ୍ଧ ବୋଲି ସେ ପ୍ରକାଶ କରିଥିଲେ। ଏହି ସମୀକ୍ଷା ଗସ୍ତ ସମୟରେ ସ୍ଥାନୀୟ କର୍ପୋରେଟରଙ୍କ ସହିତ ସାନିଟେସନ୍ ବିଭାଗର ଡେପୁଟି କମିଶନର ଜୁବୁଲି ଚରଣ ବେହେରାଙ୍କ, ସାନିଟେସନ୍ ଏସ.ଆଇଙ୍କ ସହ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ, ସୌମ୍ୟ ଦର୍ଶନ ବେହେରା, ସୟିଦ ଶେଖାୱତ୍ ଅଲି, ବିକାଶ ବେହେରା ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ହାଇକୋର୍ଟଙ୍କ ରାୟ ସୁପ୍ରିମକୋର୍ଟରେ କାଏମ୍

**କଟକ, ୨।୬(ସମିସ):** ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଅଧୀନରେ ୩୦ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଥିବା ଦୁଇ ଆକାଉଣ୍ଟାଣ୍ଟଙ୍କ ଚାକିରି ଶେଷରେ ନିୟମିତ କରାଯିବ। ହାଇକୋର୍ଟଙ୍କ ରାୟ ବିରୋଧରେ କ୍ରୀଡ଼ା ପ୍ରାଧିକରଣ ଓ କେନ୍ଦ୍ର ସରକାର ଦାୟର କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ଫଳରେ ଦୁଇ କର୍ମଚାରୀଙ୍କ ସପକ୍ଷରେ ହାଇକୋର୍ଟ ଗତ ୨୦୨୬, ଜାନୁଆରୀ ୧୯ରେ ପ୍ରଦାନ କରିଥିବା ରାୟ କାଏମ ରଖିଛନ୍ତି ସୁପ୍ରିମକୋର୍ଟ। ମାମଲାରୁ ପ୍ରକାଶ ଯେ ସାଇର ମଞ୍ଜୁରୀପ୍ରାପ୍ତ ପଦରେ ପ୍ରଶାନ୍ତ କୁମାର ଦାସ ଓ ଏସ.କେ. ନାୟକ କନିଷ୍ଠ ଆକାଉଣ୍ଟାଣ୍ଟ ଭାବେ ୧୯୯୩ରେ ନିଯୁକ୍ତି ପାଇ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ଚାକିରି ନିୟମିତ କରିବା ପାଇଁ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଉଭୟ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (କ୍ୟାଟ୍)ରେ ଚାକିରି ନିୟମିତ ପ୍ରସଙ୍ଗ ନେଇ ଦାୟର କରିଥିବା ଆବେଦନ ୨୦୨୪, ଜୁଲାଇ ୨୫ରେ ଖାରଜ ହୋଇଥିଲା।

**୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସାଇରେ କାର୍ଯ୍ୟରତ ଆକାଉଣ୍ଟାଣ୍ଟଙ୍କ ଚାକିରି ନିୟମିତ ହେବ**

କ୍ୟାଟ୍‌ଙ୍କ ଆଦେଶକୁ ଚାଲେଞ୍ଜ କରି ଦୁଇ କର୍ମଚାରୀ ହାଇକୋର୍ଟରେ ମାମଲା ଦାୟର କରିଥିଲେ। ୨୦୨୪, ଜୁଲାଇ ୨୫ରେ କ୍ୟାଟ ପ୍ରଦାନ କରିଥିବା ଆଦେଶକୁ ଖାରଜ କରି ତିନି ମାସ ଭିତରେ ଉଭୟଙ୍କ ଚାକିରି ନିୟମିତ ପାଇଁ ପଦକ୍ଷେପ ନେବାକୁ କେନ୍ଦ୍ର ସରକାର ଓ ସାଇ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ। ଏହା ବିରୋଧରେ କେନ୍ଦ୍ର ସରକାର ଓ ସାଇ କର୍ତ୍ତୃପକ୍ଷ ସୁପ୍ରିମକୋର୍ଟରେ ଏସଏଲପି ଦାୟର କରିଥିଲେ। ସାଇର ଦୁଇ କର୍ମଚାରୀଙ୍କ ତରଫରୁ ଆଇନଜୀବୀ ଡକ୍ଟର ଜିତେନ୍ଦ୍ର କୁମାର ଲେଙ୍କା ମାମଲା ପରିଚାଳନା କରୁଥିଲେ।

## ବିଧାୟିକା ସୋଫିଆଙ୍କ ଜନସମ୍ପର୍କ ପଦଯାତ୍ରା



**କଟକ, ୨।୬(ସମିସ):** କଟକ ବାରବାଟୀ ବିଧାୟିକା ସୋଫିଆ ଫିରଦୋସ କଟକ ମହାନଗର ନିଗମ ଅନ୍ତର୍ଗତ ୧୨ ନମ୍ବର ୱାର୍ଡର ବିଭିନ୍ନ ଅଞ୍ଚଳରେ ଏକ ଜନସମ୍ପର୍କ ପଦଯାତ୍ରା କରିଛନ୍ତି। ଏହି ପଦଯାତ୍ରା ସମୟରେ ବିଭିନ୍ନ ସ୍ଥାନୀୟ ପୂଜା କମିଟି ପକ୍ଷରୁ ବିଧାୟିକାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସ୍ଥାନୀୟ ଲୋକେ ନିୟମିତ ଡ୍ରେନ୍ ସଫା ନ ହେବା, ବାର୍ଦ୍ଧକ୍ୟ ଭତ୍ତା ସମସ୍ୟା, ଆବାସ ଯୋଜନାରେ ବିଳମ୍ବ, ପାନୀୟ ଜଳର ଅଭାବ ଏବଂ ବାରମ୍ବାର ବିଦ୍ୟୁତ୍ କାଟ ସମ୍ପର୍କରେ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜନସାଧାରଣଙ୍କ ସମସ୍ୟା ଶୁଣିବା ପରେ ଏହାର ତୁରନ୍ତ ସମାଧାନ ପାଇଁ ଉଚିତ ପଦକ୍ଷେପ ନିଆଯିବ ବୋଲି ବିଧାୟିକା ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପଦଯାତ୍ରାରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ସାମିଲ ହୋଇ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ପଦଯାତ୍ରା କମିଟିର ଅଧ୍ୟକ୍ଷ ବିରେନ୍ଦ୍ର ଦାସ, ବରିଷ୍ଠ ନେତ୍ରୀ ଚାରୁଲତା ସାହୁ, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ଚନ୍ଦନ ଦାସ, ମୀର ମୁଜାଫର ଅଲ୍ଲୀ, ସୁରଜିତ ଦାସ, ସନ୍ତୋଷ ପାତ୍ର, ସେକ ଆବିଦ, ସେକ ଇମତିୟାଜ, ଶୋନୁ ସ୍ୱାଇଁ ଏବଂ ବିଶ୍ୱ ରଞ୍ଜନ ସହଯୋଗ କରିଥିଲେ।

### କଟକରୁ ଉଠିବନି ଏସ୍‌ଟିଏ କାର୍ଯ୍ୟାଳୟ!

## ପରିବହନ କମିସନରଙ୍କ ସହ ବିଧାୟିକାଙ୍କ ଆଲୋଚନା

**କଟକ, ୨।୬(ସମିସ):** ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଆଜି ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ) କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ପରିବହନ କମିସନର ଅମିତାଭ ଠାକୁରଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। କଟକ ସହରରୁ ଏହି ପ୍ରତିଷ୍ଠିତ କାର୍ଯ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର ହେବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇ ବିଧାୟିକା ଆଜି କମିସନରଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା କାଳରେ ପରିବହନ କମିସନର ଶ୍ରୀ ଠାକୁର ସ୍ପଷ୍ଟ କରିଛନ୍ତି ଯେ କୌଣସି ପରିସ୍ଥିତିରେ ବି କଟକ ସହରରୁ ଏହି କାର୍ଯ୍ୟାଳୟ ଉଠିବ ନାହିଁ। ରାଜ୍ୟର ବିଭିନ୍ନ ଆରଟିଓ କାର୍ଯ୍ୟାଳୟଗୁଡ଼ିକରେ ବୃଦ୍ଧି ପାଉଥିବା ଦୁର୍ନୀତି, ଅନିୟମିତତା ଏବଂ ଦଲାଲମାନଙ୍କ ଦୌରାତ୍ମ୍ୟ ସମ୍ପର୍କରେ ବିଧାୟିକା କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାଧାରଣ ଲୋକେ ଯେପରି କୌଣସି ହଇରାଣ ହରକତ ନ ହୁଅନ୍ତି, ସେଥିପାଇଁ ଏହି ଦଲାଲରାଜ ଓ ଦୁର୍ନୀତି ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ପୂର୍ବତନ କର୍ପୋରେଟର ଅଜିତ କୁମାର ବେହେରା, ସୁରଜିତ ସାହୁ, ଜିତେନ୍ଦ୍ର ନାୟକ, ହରେକୃଷ୍ଣ ବେହେରା, ଅନିତା ବେହେରା, ରାଜଶ୍ରୀ ରାୟ, ସନ୍ତୋଷ ପାତ୍ର, ସେକ ସମିମ, ଜାଫର ବକ୍ସ, ସଞ୍ଜୟ ସେଠିଆ, ବିଶ୍ୱରଞ୍ଜନ, ସତ୍ୟଶ୍ରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ଧ୍ରୁବତାରା ପକ୍ଷରୁ ଜୟନ୍ତୀ ମଞ୍ଜରୀ ରଥଙ୍କ ସ୍ମୃତି ସଭା



**କଟକ, ୨।୬(ସମିସ):** ଭ୍ରାମ୍ୟମାଣ ଶିଶୁ ସାହିତ୍ୟ ଅନୁଷ୍ଠାନ 'ଧ୍ରୁବତାରା' ପକ୍ଷରୁ ଦୂରଦର୍ଶନର ପ୍ରାକ୍ତନ ଉପମହାନିର୍ଦ୍ଦେଶିକା ତଥା ଅନୁଷ୍ଠାନର ପୂର୍ବତନ ସଭାପତି ଜୟନ୍ତୀ ମଞ୍ଜରୀ ରଥଙ୍କ ପରଲୋକରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶୋକସଭାରେ ସ୍ୱର୍ଗତ ରଥ ଜଣେ କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତୀ, ମଧୁରଭାଷିଣୀ ଏବଂ ସର୍ବୋପରି ଜଣେ ଅମାୟିକ ଉଚ୍ଚକୋଟୀର ମଣିଷ ଥିଲେ ବୋଲି ଉପସ୍ଥିତ ବ୍ୟକ୍ତିମାନେ ମତ ପ୍ରକାଶ କରିଥିଲେ। ଏହି ସ୍ମୃତି ସଭାରେ ସାହିତ୍ୟିକ ଡକ୍ଟର ସୁନାମଣି ରାଉତ, ପତିତପାବନ ମହାପାତ୍ର, ସାମ୍ବାଦିକ ଭକ୍ତିଭୂଷଣ ମହାନ୍ତି, ବୀରେନ୍ଦ୍ର କୁମାର ସିଂହସାମନ୍ତ, ବ୍ରହ୍ମାନନ୍ଦ ବେହେରା, ଲକ୍ଷ୍ମୀ ମିଶ୍ର, ଲିଲା ମହାନ୍ତି, ଶୁଭସୁଧା ପ୍ରିୟଦର୍ଶିନୀ ଓ କବିତା ସ୍ୱାଇଁ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦିକା ବିଭାସିନୀ ମହାନ୍ତି ପରିଚାଳନା କରିଥିଲେ।

## ଯୁବତୀଙ୍କୁ ପ୍ରତାରଣା; ଯୁବକ ଗିରଫ

**କଟକ, ୨।୬(ସମିସ):** ବିଡ଼ାନାସୀ ଥାନା ଅନ୍ତର୍ଗତ ଏକ ପାର୍ଲର ଚଳାଉଥିବା ଯୁବତୀଙ୍କୁ ବିବାହର ଲୋଭ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ମହିଳା ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ସୌମ୍ୟରଞ୍ଜନ ସେନାପତି(୨୭)। ସେ ଚହଟାରେ ରହୁଥିବା ତା' ଘର ଜଗତସିଂହପୁରରେ ବୋଲି ଜଣାପଡ଼ିଛି। ସୌମ୍ୟରଞ୍ଜନ ଭୁବନେଶ୍ୱରରେ ଏକ ଗାଡ଼ି ସୋରୁମରେ କାମ କରୁଥିଲେ। ସେ ଅନ୍ୟ ଜଣେ ସାଙ୍ଗ ମାଧ୍ୟମରେ ପାର୍ଲର ଯୁବତୀଙ୍କ ସହିତ ପରିଚୟହୋଇଥିଲା। ଗତ ଏକ ବର୍ଷ ହେବ ସେମାନଙ୍କ ସମ୍ପର୍କ ଥିଲା। ଭୁବନେଶ୍ୱର ଓ ପୁରୀରେ ବିଭିନ୍ନ ହୋଟେଲରେ ଏହି ଯୁବତୀଙ୍କୁ ସୌମ୍ୟରଞ୍ଜନ ରଖି ଶାରୀରିକ ସମ୍ପର୍କ ରଖିଥିଲା। ପରେ ବିବାହ କରିବାକୁ ମନା କରିଦେଇଥିଲା। ଏନେଇ ପୀଡ଼ିତା ମହିଳା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ପରେ ଅଭିଯୁକ୍ତ ସୌମ୍ୟରଞ୍ଜନଙ୍କୁ ଗିରଫ କରିଥିବା ମହିଳା ଥାନା ପୁଲିସ ପକ୍ଷରୁ ସୂଚନା ମିଳିଛି।

## କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଭାବେ ଆଶୁତୋଷ ପାଇକରାୟଙ୍କ ଦାୟିତ୍ୱ ଗ୍ରହଣ



**କଟକ, ୨।୬(ସମିସ):** ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ (କେନ୍ଦ୍ରାଞ୍ଚଳ) ଭାବେ ଆଶୁତୋଷ ପାଇକରାୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହ ଶ୍ରୀ ପାଇକରାୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ। ୧୯୯୭ ବ୍ୟାଚର ଓଡ଼ିଶା ସୂଚନା ସେବା ଅଧିକାରୀ ଭାବରେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଦକ୍ଷତାର ସହ ଦାୟିତ୍ୱ ତୁଲାଇଛନ୍ତି। ଦୀର୍ଘଦିନର ପ୍ରଶାସନିକ ଅଭିଜ୍ଞତା, ସରକାରୀ ସୂଚନା ପ୍ରସାରଣରେ ଦକ୍ଷତା ଓ ଲୋକସମ୍ପର୍କ କ୍ଷେତ୍ରରେ ବ୍ୟାପକ ଅନୁଭବକୁ ଆଧାର କରି ସେ କେନ୍ଦ୍ରାଞ୍ଚଳ ଅଧୀନସ୍ଥ ୧୦ଟି ଜିଲ୍ଲାରେ ସୂଚନା ଓ ଲୋକସମ୍ପର୍କ ବ୍ୟବସ୍ଥାକୁ ସଶକ୍ତ କରିବା ସହ ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ସୂଚନା ପ୍ରଦାନକୁ ଅଧିକ ସୁଦୃଢ଼ କରିବାକୁ ପ୍ରାଥମିକତା ଦେବେ ବୋଲି ମତବ୍ୟକ୍ତ କରିଛନ୍ତି। ବିଶେଷକରି ଡିଜିଟାଲ ମିଡିଆର ବ୍ୟବହାର ମାଧ୍ୟମରେ ସରକାରୀ ସୂଚନାର ବ୍ୟାପକ ପ୍ରସାର ଉପରେ ସେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

## ସୀମାନ୍ତ ଓ ପ୍ରବାସୀ କ୍ଷେତ୍ରରେ ଓଡ଼ିଆ ଭାଷାର ସୁରକ୍ଷା ସବୁଠୁ ବଡ଼ ଆହ୍ୱାନ

କଟକ, ୨।୬(ସମିସ)

ସୀମାନ୍ତ ଓ ବିଚ୍ଛିନ୍ନାଞ୍ଚଳର ଓଡିଆ ଭାଷାଭାଷୀ କ୍ଷେତ୍ରରେ ଓଡିଆ ଭାଷା ପାଇଁ ଅନେକ ସମସ୍ୟା ସୃଷ୍ଟି ହୋଇଛି। ସେଠାରେ ଓଡିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଯୋଜନା ପ୍ରସ୍ତୁତ କରି ଏହା କାର୍ଯ୍ୟକାରୀ କରିବା ପାଇଁ ଉତ୍କଳ ସାହିତ୍ୟ ସମାଜ ଓ ଓଡିଆ ଜନଗଣନା ଜାଗରଣ ସମିତି ମିଳିତ ଆନୁକୂଲ୍ୟରେ 'ଜନଗଣନା ଓ ଓଡିଆ ଭାଷା' ଶୀର୍ଷକ ଆଲୋଚନାଚକ୍ର ଓ ପ୍ରସ୍ତାବ ଗ୍ରହଣ ପାଇଁ ଆୟୋଜିତ ବିଶେଷ ଅଧିବେଶନରେ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ରବିବାର ପୂର୍ବାହ୍ଣରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ବିମଳ ପ୍ରସାଦ ଦାସ ଯୋଗଦେଇ ପ୍ରବାସୀ ଓ ସୀମାନ୍ତ କ୍ଷେତ୍ର କେବଳ ନୁହେଁ ଓଡ଼ିଶାରେ ମଧ୍ୟ ଓଡିଆ ଭାଷା ପ୍ରତି ଅନେକ ଆହ୍ୱାନ ସୃଷ୍ଟି ହୋଇଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଝାଡଖଣ୍ଡର ପୂର୍ବତନ ମନ୍ତ୍ରୀ ତଥା ଓଡିଆ ଜନଗଣନା ଜାଗରଣ ସମିତିର ମୁଖ୍ୟ ଡାକ୍ତର ଦିନେଶ କୁମାର ଷଡଙ୍ଗୀ ବିଭିନ୍ନ କ୍ଷେତ୍ରରେ ଓଡିଆ ଭାଷା ପାଇଁ କେଉଁ କେଉଁ ସ୍ତରରେ ବିପଦ ସୃଷ୍ଟି ହୋଇଛି, ତାହାର ସବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରଫେସର ଓଁକାର ନାଥ ମହାନ୍ତି, ଡାକ୍ତର ନିରଞ୍ଜନ ତ୍ରିପାଠୀ, ଭୃଗୁ ବକ୍ସିପାତ୍ର, ଚିତ୍ତରଞ୍ଜନ ମହାନ୍ତି, ବିଜୟ କୁମାର ପଡ଼ିହାରୀ, ପ୍ରଫେସର ଅଦ୍ୱୈତ ଚରଣ ପାତ୍ର, ପ୍ରାଧ୍ୟାପକ ଉମାଶଙ୍କର ମିଶ୍ର, ବିଷ୍ଣୁ ମୋହନ ଦାସ ସାମନ୍ତ ପ୍ରମୁଖ ଏହି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଉତ୍ସବରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ସାଧାରଣ ସମ୍ପାଦକ ରାଜୀବ କୁମାର ଷଡଙ୍ଗୀ। ଜଷ୍ଟିସ ପ୍ରଦୀପ ମହାନ୍ତି, ଡାକ୍ତର ବିନି ଷଡଙ୍ଗୀ, ଗୁରୁକଲ୍ୟାଣ ମହାପାତ୍ର, ରବୀନ୍ଦ୍ର ନାଥ ମହାନ୍ତି, ସଜ୍ଜନ ଶର୍ମା, ବଂଶୀଧର ରାଉତ, ଗଜେନ୍ଦ୍ର ପାଣି, ଡ. ସତ୍ୟ ରାୟ, ଡ. ପ୍ରମୋଦ ମହାପାତ୍ର, କାହ୍ନୁ ଚରଣ ପାଣିଗ୍ରାହୀ, ଅରବିନ୍ଦ ରାଉତରାୟ, ଡ. ଛତିଶଚନ୍ଦ୍ର ଧଳ, ଅର୍ଜୁନ ମଲ୍ଲିକ୍, ରବୀନ୍ଦ୍ର ବିହାରୀ, ଅମର କବି ଶତପଥୀ, ଡ. ବୈଜୟନ୍ତୀ ମିଶ୍ର, ଅକ୍ଷୟ ଭଦ୍ର, ଧନଞ୍ଜୟ ସ୍ୱାଇଁ, ପ୍ରସନ୍ନ ସ୍ୱାଇଁ, ମନୋରଞ୍ଜନ ବେହୁରା, ରାଧାଶ୍ୟାମ ରାଉଳ, ଚିତ୍ତରଞ୍ଜନ ପାତ୍ର, ପ୍ରଶାନ୍ତ ନାୟକ, ଲକ୍ଷ୍ମୀ ପ୍ରସାଦ ଆଚାର୍ଯ୍ୟ, ପ୍ରେମଚାନ୍ଦ ମହାନ୍ତି, ଶମ୍ଭୁନାଥ ଦାସ, ଯଜ୍ଞପ୍ରସାଦ ମହାପାତ୍ରଙ୍କ ସମେତ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଡ. ରମାକାନ୍ତ ସିଂହ, ସଂଗଠନ ସମ୍ପାଦକ ଶଶିକାନ୍ତ ରାଉତ, ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ, କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ବୈଜୟନ୍ତୀମାଳା ଶତପଥୀ, ରଘୁନାଥ ସାହୁ, ମୀରା ବେଉରା, ଗୀତାଞ୍ଜଳି ପୃଷ୍ଟି, ଆଦିତ୍ୟ ପ୍ରତାପ ବାଘସିଂହ, ଡ. ଧରଣୀଧର ନାଥ ଯୋଗଦେଇଥିଲେ। କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଶିବାଶିଷ କର ଧନ୍ୟବାଦ ଦେଇଥିଲେ।




**ଭାଷା ସୁରକ୍ଷା ପାଇଁ ମତ ରଖିଲେ ବୁଦ୍ଧିଜୀବୀ**

## ଭଡ୍ଡା ପାଣ୍ଠିରୁ ୧୨.୩୦ ଲକ୍ଷ ହେରଫେର୍; ପିଇଓ ଗିରଫ



ବ୍ରହ୍ମପୁର,୨।୬(ସମିସ): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକରେ ସରକାରୀ ଉନ୍ନୟନ ଅର୍ଥ ଓ ଭଡ୍ଡା ଟଙ୍କା ହଡ଼ପ ଭଳି ଅଭିଯୋଗ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଦାରୁଭଦ୍ରା ପଞ୍ଚାୟତରେ ଭଡ୍ଡା ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସିଥିବା ପାଣ୍ଠିରୁ ପ୍ରାୟ ୧୨ ଲକ୍ଷ ୩୦ ହଜାର ଟଙ୍କା ହେରଫେର ଅଭିଯୋଗରେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ତ୍ରିଲୋଚନ ନାୟକଙ୍କୁ ପୁଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ପିଇଓଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି।

## ଆକ୍ରମଣ ମାମଲାରେ ୪ ଗିରଫ



ବ୍ରହ୍ମପୁର,୨।୬(ସମିସ): ଜଣେ ଯୁବକଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ ପରେ ଆକ୍ରମଣ କରିବା ଏବଂ ତାଙ୍କ ପତ୍ନୀଙ୍କୁ ଅସଦାଚରଣ ଉଦ୍ୟମ ମାମଲାରେ ନିମଖଣ୍ଡି ଥାନା ପୁଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭାବିନିପୁର ଦାନୁଆ ସାହିର ମୋଚିରାମ ସାହୁ (୫୫), ଅଶ୍ୱିନୀ ସାହୁ(୨୯), ସିତୁ ସାହୁ(୨୫) ଏବଂ କାଳିଆ ବେହେରା(୨୦)। ଗତ ଫେବୃଆରୀ ୨୩ରେ ଭାବିନିପୁର ଗ୍ରାମର ଶଙ୍କର ବେହେରାଙ୍କ ବାଇକ୍‌କୁ କେହି ପୋଡ଼ି ଦେଇଥିଲେ। ଏହି ଘଟଣାରେ ଶଙ୍କର ଗ୍ରାମର କାଳିଆ ବେହେରାଙ୍କୁ ସନ୍ଦେହ କରୁଥିବାରୁ ଉଭୟଙ୍କ ମଧ୍ୟରେ ଶତ୍ରୁତା ଓ ତିକ୍ତତା ଲାଗି ରହିଥିଲା। ଏପ୍ରିଲ ୧୫ ଅପରାହ୍ନରେ ଶଙ୍କର ବେହେରା ଓ ତାଙ୍କ ପରିବାର ତାରାତାରିଣୀ ମନ୍ଦିରରୁ ଦର୍ଶନ ସାରି ଘରକୁ ଫେରୁଥିବା ବେଳେ ଗାଁ ମୁଣ୍ଡରେ ଅଭିଯୁକ୍ତ କାଳିଆ ବେହେରା ଓ ଅଶ୍ୱିନୀ ସାହୁ ଏକ ବାଇକ୍‌ରେ ଆସି ଅଟକାଇଥିଲେ। ସେମାନେ ଶଙ୍କରଙ୍କୁ ଜାତିଆଣ ଆକ୍ଷେପ ସହ ଗାଳିଗୁଲଜ କରିଥିବାବେଳେ ତାଙ୍କ ପତ୍ନୀଙ୍କୁ ଅସଦାଚରଣ ଉଦ୍ୟମ କରିଥିଲେ। କିଛି ସମୟ ଭିତରେ ଅନ୍ୟ ଦୁଇ ଅଭିଯୁକ୍ତ ମୋଚିରାମ ସାହୁ ଓ ସିତୁ ସାହୁ ସେଠାରେ ପହଞ୍ଚିଥିଲେ। ଚାରିଜଣ ଯାକ ମିଶି ଶଙ୍କରଙ୍କୁ ଆକ୍ରମଣ କରିବା ସହ ତାଙ୍କ ତଣ୍ଟି ଚିପି ଦେଇଥିଲେ। ଭୟଭୀତ ହୋଇ ଶଙ୍କର ଓ ତାଙ୍କ ପରିବାର ଘରକୁ ପଳାଇ ଆସିଥିଲେ ମଧ୍ୟ ଅଭିଯୁକ୍ତ ଗୋଡ଼ାଇ ଆସି ତାଙ୍କ ଘର ଗେଟ୍ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଘଟଣାକୁ ନେଇ ଶଙ୍କର ନିମଖଣ୍ଡି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୯୭/୨୬) ରୁଜୁ କରି ତଦନ୍ତ ଚଳାଇଥିଲା। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଆଜି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ କୃଷ୍ଣ ଶାହା ସୂଚନା ଦେଇଛନ୍ତି।

## ବିଇଏମ୍‌ସି ପକ୍ଷରୁ ସହରାଞ୍ଚଳ ପରିମଳ ଓ ପ୍ଲାଷ୍ଟିକ ମୁକ୍ତ ଅଭିଯାନ



ବ୍ରହ୍ମପୁର,୨।୬ (ସମିସ): ବ୍ରହ୍ମପୁରକୁ ଏକ ସ୍ୱଚ୍ଛ, ସବୁଜ ଓ ପ୍ଲାଷ୍ଟିକ ମୁକ୍ତ ସହର ଭାବେ ଗଢି ତୋଳିବା ସଂକଳ୍ପ ନେଇ ସ୍ଥାନୀୟ ଖୋଡାସିଙ୍ଗି ରେଡିକା ପୋଖରୀ ଅଞ୍ଚଳରେ ବିଇଏମସି ପକ୍ଷରୁ ଏକ ମେଗା ସଫେଇ ଓ ଜନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ବିଶେଷ ଅଭିଯାନରେ ପୋଖରୀ ସଫେଇ ସହିତ ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁ ପୃଥକୀକରଣ, ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ହ୍ରାସ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ପରିବେଶକୁ ସଫା ସୁତୁରା ରଖିବା ପାଇଁ ବିଭିନ୍ନ ସ୍ଥାନରେ ଡଷ୍ଟବିନ ସ୍ଥାପନ କରାଯାଇଛି। ସବୁଠାରୁ ବଡ ପଦକ୍ଷେପ ଭାବେ ସହରର ସୌନ୍ଦର୍ଯ୍ୟ ହ୍ରାସ କରୁଥିବା ତଥା ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରାଚୀରୀରେ ଲାଗିଥିବା ବେନିୟମ ପୋଷ୍ଟର ଓ ଫ୍ଲେକ୍ସ ଗୁଡିକୁ ସଫା କରାଯାଇଥିଲା। ବିଇଏମସି ପକ୍ଷରୁ ଆୟୋଜିତ ଏହି ଗଣ ଅଭିଯାନରେ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କମିସନର ସୁଶ୍ରୀ ଏ. ସସ୍ୟା ରେଡ୍ଡୀ, ବିଜେପି ନେତା ବନମାଳୀ ସେଠୀଙ୍କ ସମେତ ବିଇଏମସିର ବହୁ ଅଧିକାରୀ ଓ ସ୍ଥାନୀୟ ଜନସାଧାରଣ ସକ୍ରିୟ ସାମିଲ ହୋଇଥିଲେ।

### ଗଞ୍ଜାମ ଜିଲ୍ଲା ନାଟକ ମହୋତ୍ସବ ଉଦ୍‌ଘାଟିତ

# ମନ ମୋହିଲା ହାସ୍ୟ ନାଟକ 'ସୋମରସ'






ବ୍ରହ୍ମପୁର,୨।୬(ସମିସ)

ଦିନକୁ ଦିନ ମଣିଷ ଯେତେ ଉନ୍ନତି ଆଡ଼କୁ ଗତିକରୁଛି ବୋଲି ଆମେ ଭାବୁଛେ, ତା'ର ସେତେ ଅବନତି ହୋଇ ଯାଉଛି। କିଛି ମଦ ଆଉ ନିଶାଦ୍ରବ୍ୟ ପାଇଁ ଆଜି ସେ ନିଜର ନିଜତ୍ୱ ହରାଇବସିଛି। ଏମିତି ଯେ ମସାଣିଭୂମିରେ ମଧ୍ୟ ନିଜ ସମ୍ପର୍କୀୟ ଶବ ଅପେକ୍ଷା ମଦକୁ ଗୁରୁତ୍ୱ ଦେଇଛି। ବିଚରା ପୁଅଟି ଅସହାୟ ହୋଇ ରାତି ଅଧରେ ମା' ର ଶବ ପୋତିବା ପାଇଁ ମଦ ସଂଗ୍ରହରେ ଲାଗିପଡେ। ଏମିତି କିଛି ଘଟଣା ବସ୍ତୁକୁ ନେଇ ବିଶିଷ୍ଟ ହାସ୍ୟ ଅଭିନେତା ପ୍ରଜ୍ଞ୍ୟା ରଞ୍ଜନ ଖଟୁଆଙ୍କ ରଚିତ ଏବଂ ମଧୁ-ପ୍ରୀତି ଯୋଡିଙ୍କ ନିର୍ଦ୍ଦେଶିତ ହାସ୍ୟ ଏବଂ ବ୍ୟଙ୍ଗ ନାଟକ ସୋମରସ। ଗଞ୍ଜାମ ଜିଲ୍ଲା କଳାକାର ସଂଘ ଦ୍ୱାରା ଆୟୋଜିତ ପ୍ରଥମ ଗଞ୍ଜାମ ଜିଲ୍ଲାସ୍ତରୀୟ ନାଟକ ମହୋତ୍ସବର ଉଦଘାଟନୀ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ଏହି ହାସ୍ୟରସ ଭରା ବ୍ୟଙ୍ଗ ନାଟକ। ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିବା ବେଳେ କର୍ପୋରେଟର ପ୍ରଦୀପ କୁମାର ଶତପଥୀ, ସାହିତ୍ୟିକ ଚିନ୍ମୟ ରଞ୍ଜନ ମିଶ୍ର, ବ୍ରହ୍ମପୁର ପ୍ରେସ୍ କ୍ଲବର କୋଷାଧ୍ୟକ୍ଷ ଶିବ ନାରାୟଣ ପଣ୍ଡା ଏବଂ ଉଦ୍ୟୋଗପତି ସମୀର ମିଶ୍ର, ସ୍ୱର୍ଣ୍ଣପ୍ରଭା ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ଡ. ମିହିର କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଶଙ୍କର୍ଷଣ ସାବତ ମଞ୍ଚାସୀନ ଥିବାବେଳେ ସଭାରେ ଅଧ୍ୟକ୍ଷତା କରିଥିଲେ ସଂଘର ଉପଦେଷ୍ଟା ନାଟ୍ୟକାର ତ୍ରିପତି ନାୟକ। ଉପ ସଭାପତି କୈଳାସ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ତାପସ ପାଣିଗ୍ରାହୀ ଏବଂ ସୁନନ୍ଦା ରାଣୀ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସାଂସ୍କୃତିକ ସମ୍ପାଦକ କୃଷ୍ଣ ଚନ୍ଦ୍ର ପଣ୍ଡା, ନାଟ୍ୟ ପ୍ରଦୀପ ମଦନ ମିଶ୍ର, ମନୋଜ ଦଣ୍ଡପାଟ, ରବୀନ୍ଦ୍ର କୁମାର ନାୟକ, ସରୋଜ କୁମାର ପଣ୍ଡା, ଗିରିଜା ଦାଶ, ସରୋଜ ବାରିକ ଓ ଆଇନ ପରାମର୍ଶଦାତା ବିଘ୍ନେଶ୍ୱର ନାୟକ ସହଯୋଗ କରିଥିଲେ।

## ଟିମ୍ କ୍ଲିନ୍ ସିଟିର 'ପୋଷ୍ଟର ଚିରା' ଅଭିଯାନ; ସାମିଲ ହେଲା ବିଇଏମ୍‌ସି




ବ୍ରହ୍ମପୁର,୨।୬(ସମିସ): ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ଲକ୍ଷ୍ୟରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ 'ଟିମ କ୍ଲିନ ସିଟି' ପକ୍ଷରୁ ବ୍ରହ୍ମପୁରରେ ନିଆରା ଅଭିଯାନ ଆରମ୍ଭ କରାଯାଇଥିଲା। ଯାହା ଦିର୍ଘ ୬ବର୍ଷ ପରେ ମଧ୍ୟ ନିୟମିତ ଜାରି ରହିଛି। କେବଳ ସହର ନୁହେଁ ଦକ୍ଷିଣଓଡିଶାର ବିଭିନ୍ନ ଜିଲ୍ଲାକୁ ଯାଇ ମଧ୍ୟ ଟିମର ସଦସ୍ୟମାନେ ସଚେତନତା ସୃଷ୍ଟି କରିବା ସହିତ ସ୍ୱଚ୍ଛତା ଅଭିଯାନ କରିଛନ୍ତି। ଟିମ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ପ୍ରାଚୀରରୁ ପୋଷ୍ଟର ଓ ଫ୍ଲେକ୍ସକୁ ବାହାର କରିବାକୁ ନିଷ୍ପତ୍ତି ନେଇଥିଲେ। ପୂର୍ବରୁ ମଧ୍ୟ ବ୍ରହ୍ମପୁର ମହାନଗର ନିଗମ ଟିମର ଏହି ପ୍ରାୟାସକୁ ସ୍ୱାଗତ କରିବା ସହ ସହଯୋଗ କରିଆସିଛି। କେବଳ ସ୍ୱାଗତ କରିନି ବରଂ ଖିଲାପିଙ୍କ ବିରୁଦ୍ଧରେ ଜରିମାନା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସହଯୋଗର ହାତ ବଢାଇଛି। ତେବେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ସ୍ୱଚ୍ଛତା ଅଭିଯାନ ଓ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣ ଅଭିଯାନ ପରିପ୍ରେକ୍ଷୀରେ ବିଇଏମସିର ପୂର୍ଣ୍ଣାଙ୍ଗ ଟିମ ଟିମ କ୍ଲିନ ସିଟିର 'ପୋଷ୍ଟର ଚିରା' ଏହି ଅଭିଯାନରେ ସକ୍ରିୟ ସାମିଲ ହୋଇଛି। ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କମିସନର ସୁଶ୍ରୀ ଏ. ସସ୍ୟା ରେଡ୍ଡୀଙ୍କ ସମେତ ବିଜେପି ପ୍ରଭାରୀ ବନମାଳୀ ସେଠୀ, ବିଇଏମସିର ସମସ୍ତ ଅଧିକାରୀ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇ ରାସ୍ତାକଡରେ ବେନିୟମ ତଥା ବିନା ଅନୁମତିରେ ଲାଗିଥିବା ପୋଷ୍ଟର ଓ ଫ୍ଲେକ୍ସ ଗୁଡିକୁ ବାହାର କରିଥିଲେ। ସେପଟେ ବିଇଏମସିର ଏହି ପଦକ୍ଷେପକୁ ସ୍ୱାଗତ କରିଛି ଟିମ କ୍ଲିନ ସିଟିର ସମସ୍ତ ସଦସ୍ୟ।

## ବିଶ୍ୱନାଥଙ୍କ ଜୀବନୀ ସମାଜ ପାଇଁ ପ୍ରେରଣାପୂର୍ଣ୍ଣ



ବ୍ରହ୍ମପୁର,୨।୬(ସମିସ): ସ୍ଥାନୀୟ ମ୍ୟୁନିସିପାଲଟି ଗେଷ୍ଟ ହାଉସ ପ୍ରାଙ୍ଗଣରେ ପୂର୍ବତନ ମୁଖ୍ୟମନ୍ତ୍ରୀ, ଉତ୍ତର ପ୍ରଦେଶର ପୂର୍ବତନ ରାଜ୍ୟପାଳ ବିଶ୍ୱନାଥ ଦାସଙ୍କ ୪୩ତମ ପୁଣ୍ୟ ତିଥି ପାଳନ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ଏବଂ ସ୍ମୃତି ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ବିଶ୍ୱନାଥ ଦାସ ସ୍ମୃତି ସଂସଦ ସଧାରଣ ସମ୍ପାଦକ ଡା. ସାଗର ରଞ୍ଜନ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତିଚାରଣ ପର୍ବରେ ବିଶ୍ୱନାଥ ଦାସ ସ୍ମୃତି ସଂସଦର ସଭାପତି ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ଯୋଗ ଦେଇ ବିଶ୍ୱନାଥ ଦାସଙ୍କ ଜୀବନୀ ସମାଜ ପାଇଁ ପ୍ରେରଣା ପୂର୍ଣ୍ଣ ଓ ଶିକ୍ଷଣୀୟ ବୋଲି କହିଥିଲେ। ସ୍ମୃତି ସନ୍ଧ୍ୟା କାର୍ଯ୍ୟକ୍ରମରେ ସଂସଦର ଆବାହକ ରମେଶ ଚରଣ ତ୍ରିପାଠୀ, ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ, ଡ.ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଡ.ଲକ୍ଷ୍ମୀ ନାରାୟଣ ପଣ୍ଡା, କବି ହୃଷୀକେଶ ଦାସ, ହରେକୃଷ୍ଣ ପଣ୍ଡା, ବିରୁପାକ୍ଷ ଦାସ, ଡ.ଗୋବିନ୍ଦ ବେହେରା, ଡ.ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ଓ ବାବୁଲା ପାତ୍ରଙ୍କ ସମେତ ବହୁ ଯୋଗ ଦେଇଥିଲେ। ସଂଗଠନ ସଂପାଦକ ଶ୍ରୀକାନ୍ତ କୁମାର ଦାସ ଧନ୍ୟବାଦ ଏବଂ ରମା ରମଣ ପ୍ରହରାଜ ସହଯୋଗ କରିଥିଲେ।

### ଏନ୍‌କାଉଣ୍ଟରକୁ ବେଖାତିର

## ଏବେ ଏନ୍‌ଏସ୍‌ଏ ଭୟ




ବ୍ରହ୍ମପୁର,୨।୬(ସମିସ): ଦିନକୁ ଦିନ ବିଗୁଡୁଥିବା ଆଇନଶୃଙ୍ଖଳା ପରିସ୍ଥିତିରେ ରୋକ ଲଗାଇବାକୁ ଯାଇ ଉଭୟ ପୁଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ନେଇ ଆଲୋଚନା ହେଉଛି। ଯାହାର ଫଳସ୍ୱରୁପ ଦୀର୍ଘଦିନ ବ୍ୟବଧାନରେ ଜଣେ ପେଷାଦାର ଅପରାଧୀକୁ ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ) ବଳରେ ଗିରଫ କରାଯାଇଛି। ଅପରାଧ ନିୟନ୍ତ୍ରଣ ସହିତ ଅପରାଧୀଙ୍କୁ ସାବାଡ଼ କରିବାକୁ ଯାଇ ପୁଲିସ ପକ୍ଷରୁ ଏନକାଉଣ୍ଟର ଭଳି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରେ ବି ଅପରାଧୀଙ୍କ ମନରେ ଭୟ ନାହିଁ କି କାର୍ଯ୍ୟାନୁଷ୍ଠାନକୁ ଖାତିର ନାହିଁ।

ଯାହାର ଫଳ ସ୍ୱରୁପ ଜାତୀୟ ନିରାପତ୍ତା ଆଇନ ବା ଏନଏସଏ ବଳରେ କୁଖ୍ୟାତ ଅପରାଧୀ ସାଗର ବେହେରାକୁ ଗିରଫ କରାଯାଇଛି। ବ୍ରହ୍ମପୁର ପୁଲିସର ସୁପାରିସ କ୍ରମେ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ୍ ଜାତୀୟ ନିରାପତ୍ତା ଆଇନ କ୍ଷମତା ବଳରେ ଦୁର୍ଦ୍ଦାନ୍ତ ତଥା ପେଷାଦାର ଅପରାଧୀ ସାଗର ବେହେରାକୁ ଗିରଫ କରାଯାଇଛି। ଅଭିଯୁକ୍ତ ସାଗରଙ୍କ ଘର ଜରଡ଼ା ଥାନା ଅନ୍ତର୍ଗତ ନନ୍ଦିଗାଁରେ। ସାଗରଙ୍କୁ ଗିରଫ ପରେ ବ୍ରହ୍ମପୁର ମଣ୍ଡଳକାରାଗାରକୁ ପଠାଯାଇଛି। ୨୦୧୧ରୁ ୨୦୨୬ ମସିହା ମଧ୍ୟରେ ଜରଡ଼ା ଏବଂ କେ.ନୂଆଗାଁ ଥାନାରେ ସାଗର ନାମରେ ଦଙ୍ଗା, ମାରପିଟ, ଧମକ, ଦାଦାବଟି ଆଦାୟ, ଆକ୍ରମଣ, ମାରଣାସ୍ତ୍ର ପ୍ରଦର୍ଶନ, ଓଡ଼ିଶା ଜୁଆ ନିବାରଣ ଆଇନ ଏବଂ ଗୌଣ ଖଣିଜ ନିୟମ ଉଲ୍ଲଂଘନ ଭଳି ୧୧ଟି ସଙ୍ଗୀନ ଅପରାଧରେ ସାମିଲ ଥିବା ଜଣାପଡିଛି। ଜରଡ଼ା ପୁଲିସ ଦ୍ୱାରା ଏହି ଆଦେଶକୁ କାର୍ଯ୍ୟକାରୀ କରାଯାଇଛି। ପୁଲିସ ରିପୋର୍ଟ, ପୁରୁଣା ଅପରାଧିକ ତଥ୍ୟ, ଗୁଇନ୍ଦା ସୂଚନା ଏବଂ ଅନ୍ୟାନ୍ୟ ନଥିପତ୍ରକୁ ଅନୁଧ୍ୟାନ କରିବା ପରେ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ସମସ୍ତ ତଥ୍ୟରୁ ସାଗର ବେହେରା ନିରନ୍ତର ଭାବେ ସର୍ବସାଧାରଣଙ୍କ ଶାନ୍ତି ବ୍ୟାଘାତ କରିବା ଭଳି କାର୍ଯ୍ୟରେ ଲିପ୍ତ ରହିଆସିଥିବା ସ୍ପଷ୍ଟ ହୋଇଛି। ସାଗରଙ୍କ ସହଯୋଗୀଙ୍କୁ ମଧ୍ୟ ଖୁବଶୀଘ୍ର ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି।

## ଛୁରାମାଡ଼ରେ ଯୁବକ ଗୁରୁତର

ବ୍ରହ୍ମପୁର,୨।୬(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି କୁମ୍ଭାରପଲ୍ଲୀ ଅଞ୍ଚଳରେ ଜଣେ ଯୁବକଙ୍କୁ ଛୁରା ମାଡ଼ ହୋଇଛି। ଆହତ ଯୁବକ ହେଲେ ମିଟୁ ବେହେରା। ତାଙ୍କୁ ଗୁରୁତର ଅବସ୍ଥାରେ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ଜଣାପଡ଼ିଛି। ସୋମବାର ସନ୍ଧ୍ୟାରେ ଏକାଧିକ ଯୁବକ ମିଟୁଙ୍କ ଉପରକୁ ଲଙ୍କାଗୁଣ୍ଡ ଫିଙ୍ଗିବା ପରେ ଛୁରୀରେ ଆକ୍ରମଣ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ୧୪ବର୍ଷରୁ କମ୍ ଆନ୍ତଃଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ବାଳିକା ବିଭାଗରେ ରାୟଗଡ଼ା, ଗଜପତି ବିଜୟୀ



ବ୍ରହ୍ମପୁର,୨।୬(ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୧୪ବର୍ଷରୁ କମ୍ ଦ୍ୱିତୀୟ ଆନ୍ତଃଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଉଭୟ ବାଳକ ଓ ବାଳିକା ବିଭାଗର ଆଜି ଦ୍ୱିତୀୟ ଦିନରେ ଉଭୟ ବର୍ଗରେ ୪ଟି ମ୍ୟାଚ ଖେଳାଯାଇଛି। ପୂର୍ବାହ୍ନରେ ବାଳିକା ବିଭାଗର ଅନୁଷ୍ଠିତ ଦୁଇଟି ମ୍ୟାଚରେ ଯଥାକ୍ରମେ ରାୟଗଡାକୁ (୧-୦) ଗୋଲରେ କଳାହାଣ୍ଡି ପରାସ୍ତ କରିଥିଲା। ଖେଳର ୪୫ ମିନିଟରେ ବିଜୟୀ କଳାହାଣ୍ଡି ଦଳ ପକ୍ଷରୁ ହର୍ଷିତା ଦାସ ଏକମାତ୍ର ଗୋଲ ସ୍କୋର କରିଥିଲେ। ଖେଳର ଦ୍ୱିତୀୟାର୍ଦ୍ଧରେ କଳାହାଣ୍ଡି ଦଳ ପକ୍ଷରୁ ହର୍ଷିତା ଦାସ ଏକମାତ୍ର ଗୋଲ କରି ଦଳକୁ ବିଜୟୀ କରିଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚ କନ୍ଧମାଳ ଓ ଗଜପତି ମଧ୍ୟରେ ଖେଳାଯାଇଥିବା ବେଳେ ଗଜପତି ଦଳ ପ୍ରତିପକ୍ଷ କନ୍ଧମାଳକୁ ୨ଟି ଗୋଲ ବ୍ୟବଧାନରେ ପରାସ୍ତ କରିଥିଲା। ଖେଳର ପ୍ରଥମାର୍ଦ୍ଧରେ ୧୬ମିନିଟରେ ଗଜପତି ଦଳର ଜାନି ରସ୍ମିତା ଶବର ଏବଂ ୨୧ମିନିଟରେ ଲିଖିତା ଶବର ଦ୍ୱିତୀୟ ଗୋଲ ଦେଇଥିଲେ। ପୂର୍ବାହ୍ନରେ ଅନୁଷ୍ଠିତ ବାଳିକା ବିଭାଗର ଉଭୟ ମ୍ୟାଚକୁ ଯଥାକ୍ରମେ ବନିତା ହେମ୍ବ୍ରିକା, ରାହାନ୍ତି ସାରକା, ରେବତୀ ପିଡିସିକା ଓ ରୋହିଲା ଭତ୍ରା ପରିଚାଳନା କରିଥିଲେ। ଏବଂ

- ବାଳକ ବିଭାଗରେ ଜିତିଲା ନବରଙ୍ଗପୁର ଓ ମାଲକାନଗିରି
- ୩ୟ ଦିନରେ କୋରାପୁଟ-ଗଞ୍ଜାମ, ମାଲକାନଗିରି-ନବରଙ୍ଗପୁର ମ୍ୟାଚ

ସୁଜିତ କୁମାର ପାତ୍ର ଓ ମନୋଜ କୁମାର ନାୟକ ମ୍ୟାଚ କମିସନର ଦାୟିତ୍ୱ ତୁଲାଇଥିଲେ। ପୂର୍ବାହ୍ନରେ ଅନୁଷ୍ଠିତ ବାଳିକା ବିଭାଗର ମ୍ୟାଚରେ ଫୁଲବାଣୀର ପୂର୍ବତନ ବିଧାୟକ ତଥା ଫୁଟବଲ ଖେଳାଳି ଦେବେନ୍ଦ୍ର କହଁର ଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର କର୍ମକର୍ତ୍ତା ସୀତାରାମ ବେବର୍ତ୍ତା ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେହିଭଳି ବାଳକ ବର୍ଗରେ ଆଜି ପ୍ରଥମ ମ୍ୟାଚ କଳାହାଣ୍ଡି ଓ ରାୟଗଡା ମଧ୍ୟରେ ଖେଳାଯାଇଥିଲା। ଏଥିରେ ରାୟଗଡ଼ାକୁ କଳାହାଣ୍ଡି ଗୋଟିଏ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ବିଜୟୀ କଳାହାଣ୍ଡି ଦଳ ପକ୍ଷରୁ କ୍ରୀଷ୍ଣା ନାୟକ ଦଳ ପକ୍ଷରୁ ଏକମାତ୍ର ତଥା ବିଜୟ ସୂଚକ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ମ୍ୟାଚ କନ୍ଧମାଳ ଓ ଗଜପତି ମଧ୍ୟରେ ହୋଇଥିବା ବେଳେ ସେଥିରେ କନ୍ଧମାଳ ଦଳ ଗଜପତିକୁ (୬-୨)ଗୋଲରେ ପରାସ୍ତ କରିଥିଲା। ଆଜିର ମ୍ୟାଚରେ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ଉପ ସଭାପତି କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ବିଜୟ କୁମାର ପଟ୍ଟନାୟକ, ରାଜ ନାରାୟଣ ପାତ୍ର, ଡି.ଡି. ଗନ୍ତାୟତ, ପ୍ରମୋଦ ମହାରଣା, ଡି. ଆପ୍ପା ରାଓ, ସୀତାରାମ ବେବର୍ତ୍ତା, ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ, ଡି. ବାବୁ ରାଓ ଓ ଜି.ଏମ. ବାବୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ଆସନ୍ତାକାଲି ଉଭୟ ବାଳକ ଓ ବାଳିକା ବର୍ଗରେ ଯଥାକ୍ରମେ କୋରାପୁଟ ଏବଂ ଗଞ୍ଜାମ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲା ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ରେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ବ୍ରହ୍ମପୁର ଜୋନରେ ଆୟୋଜିତ ହେଉଥିବା ଏହି ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ପ୍ରତିଯୋଗିତାରେ ଆୟୋଜକ ଗଞ୍ଜାମ ସହ କଳାହାଣ୍ଡି, ମାଲକାନଗିରି, ରାୟଗଡା, କୋରାପୁଟ, କନ୍ଧମାଳ, ନବରଙ୍ଗପୁର ଓ ଗଜପତି ଆଦି ୮ଟି ଦଳ ସାମିଲ ହୋଇଛନ୍ତି।

## ରାଜ୍ୟସ୍ତରୀୟ ପୁଲିସ ବ୍ୟାଡ଼ମିଣ୍ଟନ ଚାମ୍ପିଅନ୍‌ସିପ ଆରମ୍ଭ



ବ୍ରହ୍ମପୁର,୨।୬(ସମିସ): ସ୍ଥାନୀୟ ଆମ୍ବପୁଆ ସ୍ଥିତ ପୁଲିସ ରିଜର୍ଭ ପଡ଼ିଆରେ ୫ମ ରାଜ୍ୟସ୍ତରୀୟ ପୁଲିସ ବ୍ୟାଡ଼ମିଣ୍ଟନ ଚାମ୍ପିଅନ୍‌ସିପ- ୨୦୨୬-୨୭ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଦକ୍ଷିଣାଞ୍ଚଳ ପୁଲିସ ଆଇଜି ନିତି ଶେଖର ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏଥିରେ ରାଜ୍ୟର ୧୬ଟି ପୁଲିସ ଜିଲ୍ଲାର ୧୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ବିଭିନ୍ନ ବର୍ଗର ପୁଲିସ ଅଧିକାରୀମାନେ ଏଥିରେ ଭାଗ ନେଇଛନ୍ତି। ରିଜର୍ଭ ପଡ଼ିଆରେ ପ୍ରତ୍ୟେକ ଟିମର ସମ୍ମିଳିତ ପରେଡରେ ଆଇଜି ଅଭିବାଦନ ଗ୍ରହଣ କରିଛନ୍ତି। ପ୍ରତିଯୋଗିତା ଆସନ୍ତା ୫ରେ ଉଦ୍‌ଯାପିତ ହେବ। ପୁଲିସ କର୍ମଚାରୀଙ୍କ ମନୋବଳ ବୃଦ୍ଧି ଓ ଚାପମୁକ୍ତ ପାଇଁ ଏଭଳି ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଖେଳାଳିମାନେ ଶାରୀରିକ ସୁସ୍ଥ ରହିବା ସହ ମାନସିକସ୍ତରରେ ମଧ୍ୟ ଭଲ ରହିବା ଜରୁରୀ ବୋଲି ଆଇଜି ନିତି ଶେଖର ମତ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ଖେଳାଳି ଉନ୍ନତ ମାନର ଖେଳ ପ୍ରଦର୍ଶନ କରି ରାଜ୍ୟ ତଥା ଦେଶର ସୁନାମ ବଜାୟ ରଖିବେ ବୋଲି ସେ ଆଶା ରଖିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଏସପି ଡ଼ା.ସର୍ବଣା ବିବେକ ଏମ ଯୋଗଦେଇ ଖେଳାଳିମାନଙ୍କୁ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିଲେ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ଆଲୋକ ଜେନା, ରାଜ୍ୟ ପୁଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ ମଧ୍ୟ ଉପସ୍ଥିତ ଥିଲେ। ବ୍ରହ୍ମପୁର ରିଜର୍ଭ ଅଫିସର ଏମ. ଲକ୍ଷ୍ମୀ ରଞ୍ଜନ ଉଦଘାଟନୀ ଦିବସର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ପୁଲିସ ଜିଲ୍ଲାର ସମସ୍ତ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ରହି ଖେଳାଳିମାନଙ୍କ ମନୋବଳ ବଢ଼ାଇଥିଲେ।



# କାର୍ ସହ ୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ

## ● ଅନ୍ତଃରାଜ୍ୟ ମାଫିଆ, ପୂର୍ବତନ ସମିତିସଭ୍ୟଙ୍କ ସହ ୩ ଗିରଫ



ମୋହନା,୨।୬(ସମିସ): ଅଡ଼ବା ଥାନା ରାଇପଙ୍କା ନିକଟରେ ଚଢ଼ଉ କରି ଏକ କାର୍ ସହ ୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି ପୁଲିସ। ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫଙ୍କ ମଧ୍ୟରେ ଜଣେ ଆନ୍ତଃରାଜ୍ୟ ମାଫିଆ ଓ ଜଣେ ପୂର୍ବତନ ସମିତିସଭ୍ୟ ଅଛନ୍ତି। ସେମାନେ ହେଲେ ରାଇପଙ୍କା ଅଞ୍ଚଳର ଅନ୍ତଃରାଜ୍ୟ ମାଫିଆ ପ୍ରସନ୍ନ ତାଣ୍ଡି(୩୨), ମାଣ୍ଡିମେରା ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ଶ୍ରୀକାନ୍ତ ମଲ୍ଲିକ(୩୪) ଓ ଗେରେଙ୍ଗା ଗାଁର ମିଳନ ମାଝୀ(୩୩)। ଗିରଫ ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ମଙ୍ଗଳବାର ଅଡବା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ରା. ଉଦୟଗିରି ଏସଡ଼ିପିଓ ରାକେଶ ସାହୁ।

ସୂଚନା ପ୍ରକାରେ ସୋମବାର ଅପରାହ୍ନରେ ଅଡବା ପୁଲିସ ରାଇପଙ୍କାରେ ପାଟ୍ରୋଲିଂ କରୁଥିବାବେଳେ ଏକ ଧଳା ରଙ୍ଗର କାର ନମ୍ବର (ଓଡି ୦୨ ସିଜେ ୫୫୯୯) କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ପରେ ଏଥିରେ ୨ କ୍ୱିଣ୍ଟାଲ ଗଞ୍ଜେଇ ମାଣ୍ଡିମେରା ଅଞ୍ଚଳରୁ ଉତ୍ତରପ୍ରଦେଶ ଚାଲାଣ ହେଉଥିବା ଜଣାପଡିଥିଲା। ଏହି ଗଞ୍ଜେଇ ସହ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ପ୍ରସନ୍ନ ତାଣ୍ଡି ଜଣେ ଅନ୍ତଃରାଜ୍ୟ ମାଫିଆ ବୋଲି ପୁଲିସ ସୂଚନା ଦେଇଛି। ତାଙ୍କ ନାମରେ ପୂର୍ବରୁ ଅଡବା, ରାୟଗଡା ଜିଲ୍ଲା ଗୁଣୁପୁର ଥାନା ଓ କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ୩ ମାମଲା ରହିଛି। ସେହିପରି ଗିରଫ ଶ୍ରୀକାନ୍ତ ମଲ୍ଲିକ ମାଣ୍ଡିମେରା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଥିବାବେଳେ ତାଙ୍କ ପତ୍ନୀ ବର୍ତ୍ତମାନ ସମିତିସଭ୍ୟା ଅଛନ୍ତି। ୩ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୨୦ ଲକ୍ଷ ଟଙ୍କା ଥିବାବେଳେ ଅଡବା ଥାନାରେ ଲକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚାଲିଥିବା ରା.ଉଦୟଗିରି ଏସଡିପିଓ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅଡବା ଥାନା ଅଧିକାରୀ ସନ୍ତୋଷ ବିଷୋୟୀ ଉପସ୍ଥିତ ଥିଲେ।

# ନାଳ ନିର୍ମାଣରେ ଅନିୟମିତତା ପ୍ରତିବାଦରେ ଧାରଣା



ପାରଳାଖେମୁଣ୍ଡି,୨।୬(ସମିସ)

ପାରଳାଖେମୁଣ୍ଡି ପୌରପରିଷଦ ଅନ୍ତର୍ଗତ ରାମନଗର ଛକ ପାଖ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ପୂର୍ତ୍ତ ବିଭାଗ ପକ୍ଷରୁ ନାଳ ନିର୍ମାଣ କରାଯାଉଛି। ନିର୍ମାଣ କାର୍ଯ୍ୟରେ ଗୁରୁତର ଅନିୟମିତତା ଓ ନିୟମ ଉଲ୍ଲଙ୍ଘନ ହୋଇଥିବା ଅଭିଯୋଗ କରି ଧାରଣା ଦିଆଯାଇଛି। ଧାରଣାରେ ବସିଥିବା ପି.ମୁରଲୀ କ୍ରିଷ୍ଣା କହିଛନ୍ତି ଯେ, ନାଳ କାମ ଆରମ୍ଭ ପୂର୍ବରୁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ଉକ୍ତ ପେଟ୍ରୋଲ ପମ୍ପର ପାଚେରି ଉପରେ ମାପ ଚିହ୍ନଟ କରାଯାଇ ନାଲି ଗାର ଟଣାଯାଇଥିଲା। କିନ୍ତୁ ପରେ ଉକ୍ତ ସ୍ଥାନରେ କାମ ନକରି ମୁଖ୍ୟ ରାସ୍ତା ପଟକୁ ପ୍ରାୟ ୨୦ ଫୁଟ ଆଗକୁ ନାଳ ନିର୍ମାଣ କରାଯାଉଛି। ଏହା ନିୟମ ବିରୋଧୀ ଏବଂ ସାଧାରଣ ଲୋକଙ୍କ ଯାତାୟାତ ଓ ସୁରକ୍ଷା ପାଇଁ ବିପଦଜନକ ହେବାକୁ ଥିବାବେଳେ ରାସ୍ତାର ପ୍ରଶସ୍ତିକରଣରେ ବାଧକ ସାଜିବ। ଏହି ଅନିୟମିତତା ସମ୍ପର୍କରେ ଗଜପତି ଜିଲ୍ଲାପାଳ, ପାରଳାଖେମୁଣ୍ଡି ତହସିଲଦାର, ପୌରପରିଷଦ ନିର୍ବାହୀ ଅଧିକାରୀ, ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଭାବରେ ଅଭିଯୋଗ କରାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାର ପ୍ରତିବାଦରେ ସେ ଆଜି ଧାରଣା ଦେଇଥିବା କହିଛନ୍ତି। ଧାରଣା ଦେବା ସମୟରେ ସହରର ବୁଦ୍ଧିଜୀବୀ, ଜନସାଧାରଣ, ବିଭିନ୍ନ ରାଜନୈତିକ ଦଳର ନେତା, କର୍ମୀ ସମର୍ଥନ ଜଣାଇଥିଲେ।

ବିଜେପି ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ କେ.ନାରାୟଣ ରାଓ ଏବଂ ତାଙ୍କ ଟିମ୍ ମଧ୍ୟ ମୂରଲୀ କ୍ରିଷ୍ଣାଙ୍କ ଧାରଣାକୁ ସମର୍ଥନ କରି ଧାରଣାସ୍ଥଳରେ କିଛି ସମୟ ଅତିବାହିତ କରିବା ସହ ବିବାଦୀୟ ନାଳ ସ୍ଥଳ ଦେଖିଥିଲେ। ଆଗାମୀ ଦିନରେ ଯଦି ଏହି ସମସ୍ୟାର ସମାଧାନ ନହୁଏ ତେବେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ପି. ମୂରଲୀ କ୍ରିଷ୍ଣା କହିଛନ୍ତି। ଅନ୍ୟପକ୍ଷରେ ଏହି ବିବାଦୀୟ ନାଳ ହେବା ଦ୍ୱାରା ରାସ୍ତାର ପ୍ରଶସ୍ତୀକରଣ ହେବ ନାହିଁ। ଗତ ବର୍ଷ ସହରର ରାସ୍ତା ୫୪ ଫୁଟ ଓସାର କରିବାକୁ ପୂର୍ତ୍ତବିଭାଗ ସ୍ଥିର କରି କାମ ଆରମ୍ଭ କରିଥିଲା। ଏପରିକି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ମଧ୍ୟ ସରିଥିଲା। ହେଲେ ସହରବାସୀ ଓ ବିଜେପି ନେତୃମଣ୍ଡଳୀ ଏହାକୁ ବିରୋଧ କରି ୬୬ ଫୁଟ ରାସ୍ତା କରିବା ପାଇଁ ଦାବି କରିଥିଲେ। ଲୋକେ ବର୍ତ୍ତମାନ ଯେଉଁ ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେହିପରି ଆଗାମୀ ଭବିଷ୍ୟତରେ ମଧ୍ୟ ସମ୍ମୁଖୀନ ହେବେ। ୬୬ ଫୁଟ ରାସ୍ତା ଓସାର ହେଲେ ସହରର ଟ୍ରାଫିକ୍ ସମସ୍ୟା ସମାଧାନ ହେବା ସହ ଯାତାୟତରେ ସୁବିଧା ହେବ। କିନ୍ତୁ ବର୍ତ୍ତମାନ ଏହି ନାଳ ନିର୍ମାଣ କରାଗଲେ ରାସ୍ତାର ଓସାର କମିଯିବ ବୋଲି କୁହାଯାଉଛି। ଦୂରଦୃଷ୍ଟି ରଖି ନାଳ ନିର୍ମାଣ କରିବା ପାଇଁ ମଧ୍ୟ ଦାବି ହୋଇଛି। ଆଜି ଧାରଣାରତଙ୍କୁ ଭେଟି ଆଲୋଚନା କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ କି ଜିଲ୍ଲା ପ୍ରଶାସନର କୌଣସି ଅଧିକାରୀ ଆସି ନଥିବା ଜଣାପଡିଛି।





# ମହେନ୍ଦ୍ର ମେଳା ଓ ସାହିସ୍ନାନ ଆରମ୍ଭ

## ● ଶୁଭାରମ୍ଭ ହେଲା ବିଶ୍ୱଶାନ୍ତି ନବକୁଣ୍ଡୀୟ ମହାଯଜ୍ଞ
## ● ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭବ୍ୟ ସ୍ୱାଗତ

ରାୟଗଡ,୨।୬(ସମିସ): ମହେନ୍ଦ୍ରଗିରି ଶିଖରରେ ଦିବ୍ୟ ମହୋତ୍ସବ ଆରମ୍ଭ ହୋଇଯାଇଛି। ପୁରୁଷୋତ୍ତମ ମାସର ପବିତ୍ର ଅବସରରେ ପାରମ୍ପରିକ ମହେନ୍ଦ୍ର ମେଳା, ମହାନ ସାହୀ ସ୍ନାନ (ପବିତ୍ର ବୁଡ଼) ଏବଂ ବିଶ୍ୱଶାନ୍ତି ନବକୁଣ୍ଡୀୟ ହରିହରାତ୍ମକ ମହାଯଜ୍ଞ ମହାସମାରୋହରେ ଶୁଭାରମ୍ଭ ହୋଇଛି। ଏହି ଅଲୌକିକ ଆଧ୍ୟାତ୍ମିକ ମହାସମାରୋହରେ କାଶୀ ସୁମେରୁ ପୀଠାଧୀଶ୍ୱର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଅନନ୍ତ ଶ୍ରୀ ବିଭୂଷିତ ସ୍ୱାମୀ ନରେନ୍ଦ୍ରାନନ୍ଦ ସରସ୍ୱତୀ ଜୀ ମହାରାଜ ମୁଖ୍ୟଅତିଥି ଭାବେ ଯୋଗ ଦେଇଛନ୍ତି। ମହେନ୍ଦ୍ର ଶିଖରରେ ପହଞ୍ଚିବା ପରେ ଜଗଦ୍‌ଗୁରୁଙ୍କୁ ଆୟୋଜକ କମିଟି, ସ୍ଥାନୀୟ ପ୍ରଶାସନ ଓ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ମହାନ ଯଜ୍ଞ ଅବସରରେ ପୂଜ୍ୟ ସ୍ୱାମୀ ଭାସ୍କର ତୀର୍ଥ ସରସ୍ୱତୀ, ଶ୍ରୀ ହରିହର ମହାରାଜଙ୍କ ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବହୁ ସାଧୁସନ୍ତ, ମହନ୍ତ ଓ ବେଦପଣ୍ଡିତମାନେ ଉପସ୍ଥିତ ଅଛନ୍ତି। ବିଶ୍ୱଶାନ୍ତି, ମାନବ ସମାଜର ମଙ୍ଗଳ ଏବଂ ଆଧ୍ୟାତ୍ମିକ ଚେତନାର ଜାଗରଣ ପାଇଁ ଏହି ନବକୁଣ୍ଡୀୟ ହରିହରାତ୍ମକ ମହାଯଜ୍ଞର ଆୟୋଜନ କରାଯାଇଛି। ଯଜ୍ଞର ପବିତ୍ର ବାର୍ତ୍ତା ସମଗ୍ର ବିଶ୍ୱରେ ସତ୍‌ଚେତନାର ପ୍ରସାର କରିବ ବୋଲି ବେଦପଣ୍ଡିତ ମତପ୍ରକାଶ କରିଛନ୍ତି। ମହେନ୍ଦ୍ରଗିରିର ଶୀତଳ ପରିବେଶ ଆଜି ବେଦମନ୍ତ୍ର ଧ୍ୱନି, ହରିବୋଲ ଏବଂ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଉଠିଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଇଂ. ରୂପେଶ ପାଣିଗ୍ରାହୀ ଓ ବିଧାୟକ ଦାଶରଥୀ ଗମାଙ୍ଗଙ୍କ ସମେତ ପ୍ରତିଷ୍ଠିତ ବ୍ୟକ୍ତିବର୍ଗ ସାମିଲ ହୋଇ ଜଗଦ୍‌ଗୁରୁଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ମହେନ୍ଦ୍ରଙ୍କ ଅସୀମ କୃପାରୁ ଆୟୋଜିତ ଏହି ମେଳା ସମସ୍ତଙ୍କ ଜୀବନରେ ସୁଖ, ସମୃଦ୍ଧି ଓ କଲ୍ୟାଣ ଆଣିଦେବ ବୋଲି ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରକାଶ କରିଛନ୍ତି। ମେଳା ଓ ପବିତ୍ର ସାହୀ ସ୍ନାନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ତଥା ସୁରକ୍ଷିତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ କାମଦେବ ବଡ଼ନାୟକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଗଞ୍ଜାମ ସହ ବିଭାଗ କାର୍ଯ୍ୟବାହ ଜୁରିଆ ଜାନି, ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗ, ସିଦ୍ଧେଶ୍ୱର ମିଶ୍ର, ଲୋକନାଥ ମିଶ୍ରଙ୍କ ସମେତ ବହୁ ଭକ୍ତ ଯୋଗ ଦେଇ ପରିଚାଳନାରେ ସହୋଯାଗ କରିଛନ୍ତି।



# ପ୍ରଭାବିତଙ୍କୁ ଭେଟିଲେ ଜିଲ୍ଲା ପରିଷଦ ସଭ୍ୟ ଓ ବ୍ଲକ ଅଧ୍ୟକ୍ଷା



**ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ ପ୍ରତିଶ୍ରୁତି**

ତୁମୁଡିବନ୍ଧ,୨।୬(ସମିସ): ତୁମୁଡିବନ୍ଧ ବ୍ଲକ ମାଲିପଡ଼ା, ଭାଲିଆପାଣି, ଲାଇନପଡା, ଲୋହରାସାହି ଗ୍ରାମର କାଳବୈଶାଖୀ ପ୍ରଭାବିତଙ୍କୁ ଜିଲ୍ଲା ପରିଷଦ ସଭ୍ୟ ନବୀନ ପାତ୍ର ଓ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝୀ ଭେଟି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଶନିବାର କାଳବୈଶାଖୀରେ ବ୍ଲକର ଅନେକ ପଞ୍ଚାୟତରେ ଘର ଭାଙ୍ଗି ବ୍ୟାପକ କ୍ଷୟକ୍ଷତି ହେଇଥିବା ବେଳେ ତୁମୁଡିବନ୍ଧ ପଞ୍ଚାୟତର ମାଲିପଡ଼ା, ଲାଇନପଡା ଗ୍ରାମରେ ଅତ୍ୟଧିକ କ୍ଷତି ଘଟିଛି। ମାଲିପଡ଼ା ଗ୍ରାମରେ ୩୦ ଘରର ଛାତ ସମ୍ପୂର୍ଣ୍ଣ ଉଡ଼ିଯାଇଥିବା ବେଳେ ୫୦ ଘର ସାମାନ୍ୟ କ୍ଷତି ହୋଇଛି। ପ୍ରଭାବିତ ଲୋକେ ପଡୋଶୀଙ୍କ ପିଣ୍ଡାରେ ଆଶ୍ରୟ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ତୁମୁଡିବନ୍ଧ ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ଜିଲ୍ଲା ପରିଷଦ ସଭ୍ୟ ସେମାନଙ୍କ ନିକଟରେ ପହଞ୍ଚି ପଚାରି ବୁଝିଛନ୍ତି। ସେମାନଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତ। ସେନେଇ ଆବଶ୍ୟକ ଦସ୍ତାବିଜ ବ୍ଲକ କାର୍ଯ୍ୟାଳୟରେ ପୈଠ କରିବାକୁ ବ୍ଲକ ଅଧ୍ୟକ୍ଷା ପ୍ରଭାବିତଙ୍କୁ ପରାମର୍ଶ ଦେଇଛନ୍ତି। ଯେଉଁ ପ୍ରଭାବିତ ବର୍ତ୍ତମାନ ପର୍ଯ୍ୟନ୍ତ ପଲିଥିନ ପାଇନାହାନ୍ତି ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କ ସହିତ ଯୋଗାଯୋଗ କରିବାକୁ କହିଛନ୍ତି।

# ମହେନ୍ଦ୍ର ମେଳାରେ ବିଧାୟକ

ପାରଳାଖେମୁଣ୍ଡି,୨।୬(ସମିସ): ମହେନ୍ଦ୍ରଗିରିରେ ଆରମ୍ଭ ହୋଇଛି ମହେନ୍ଦ୍ର ମେଳା। ଆଜି ଦ୍ୱିତୀୟ ଦିବସରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ବେଦମନ୍ତ୍ରୋଚ୍ଚାରଣ, ଶଙ୍ଖଧ୍ୱନି ଓ ହରିନାମ ସଂକୀର୍ତ୍ତନରେ ମହେନ୍ଦ୍ରଗିରିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଛି। ଆଜି ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଶଙ୍କରାର୍ଚ୍ଚର୍ଯ୍ୟ, ବହୁ ସାଧୁସନ୍ଥ ଉପସ୍ଥିତ ଥିଲେ। ପ୍ରଥମ ଥର ପାଇଁ ମହେନ୍ଦ୍ର ଶିଖରରେ ଏପରି ବ୍ୟାପକ ଓ ଭବ୍ୟ ଆୟୋଜନ ହୋଇଛି। ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ସୁବିଧା, ସୁରକ୍ଷା, ପାନୀୟଜଳ, ସ୍ୱାସ୍ଥ୍ୟସେବା ଓ ଯାତାୟାତ ପରିଚାଳନା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଆଜି ଠାରୁ ମହାଯଜ୍ଞ ଆରମ୍ଭ ହୋଇଛି। ଏଥି ସକାଶେ ଦେଶର ବିଭିନ୍ନ ପ୍ରାନ୍ତରୁ ଶଙ୍କରାଚାର୍ଯ୍ୟଙ୍କ ସମେତ ଶତାଧିକ ସାଧୁସନ୍ଥ, ଧର୍ମଗୁରୁ ଓ ବେଦପଣ୍ଡିତ ମହେନ୍ଦ୍ରଗିରିରେ ପହଞ୍ଚିଛନ୍ତି।



# କାଳବୈଶାଖୀ କ୍ଷତିଗ୍ରସ୍ତଙ୍କୁ ମିଳୁନି ପଲିଥିନ

## ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି କ୍ଷତିଗ୍ରସ୍ତ ନିରାଶ



ତୁମୁଡିବନ୍ଧ,୨।୬(ସମିସ): ତୁମୁଡିବନ୍ଧ ଅଞ୍ଚଳରେ ଗତ କିଛି ଦିନ ହେବ କ୍ରମାଗତ ଭାବେ ଲାଗି ରହିଛି କାଳବୈଶାଖୀ। ଦିନ ତମାମ ମୁଣ୍ଡ ଫଟା ଖରାକୁ ଅସହ୍ୟ ତାତି ପରେ ସନ୍ଧ୍ୟାରେ ହାଲୁକା ବର୍ଷା ସହିତ ପ୍ରବଳ ପବନ ହେବା ଯୋଗୁଁ ଅଞ୍ଚଳରେ ଶହ ଶହ ଗଛ ଧରାଶାୟୀ ହେବା ସହିତ ଅନେକଙ୍କ ଛପର ଉଡ଼ିଯାଇଛି। ଗତ ଶନିବାର କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଥିଲା। ୨ ଘଣ୍ଟା ଧରି ପବନ ଯୋଗୁ ଅନେକ ଲୋକ ବାସହରା ହେଇଛନ୍ତି। ଛପର ଉଡିବା ଓ କାନ୍ଥ ଭାଙ୍ଗିବା ଯୋଗୁ ଅଞ୍ଚଳବାସୀ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ଛାତ ଉଡ଼ିଯାଇଥିବା ଲୋକଙ୍କୁ ତହସିଲ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଉଛି। ପ୍ରଭାବିତ ଆଧାର କାର୍ଡ ନେଇ ରାଜସ୍ୱ ନିରୀକ୍ଷକଙ୍କୁ ଯୋଗାଯୋଗ କରି ପଲିଥିନ ନେଉଛନ୍ତି। ତହସିଲଦାରଙ୍କ ରିପୋର୍ଟ ଅନୁଯାଇ ୨୧୦ ଘର କାଳବୈଶାଖୀରେ ପ୍ରଭାବିତ ହୋଇଛନ୍ତି। ସେଥିମଧ୍ୟରୁ ୧୩୫ ଘର ଅଳ୍ପ ମାତ୍ରାରେ ଭାଙ୍ଗିଥିବାବେଳେ ୭୫ ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି। ଯେଉଁମାନଙ୍କ ଘର ନଷ୍ଟ ହୋଇଛି ସେମାନଙ୍କୁ ପଲିଥିନ ଯୋଗାଇଦେବାରେ ତହସିଲ ବିଫଳ ହୋଇଥିବା ଅଭିଯୋଗ ହେଉଛି। ୨୧୦ ପ୍ରଭାବିତଙ୍କ ମଧ୍ୟରୁ ମାତ୍ର କିଛି ପ୍ରଭାବିତ ପଲିଥିନ ପାଇଥିବାବେଳେ ଅନେକଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିନାହିଁ। ପ୍ରଭାବିତଙ୍କ କହିବା ଅନୁଯାଇ ପଲିଥିନ ନେବାପାଇଁ ତହସିଲ କାର୍ଯ୍ୟାଳୟକୁ ଗଲେ ଉପଲବ୍ଧ ନଥିବା କହି ଅଧିକାରୀ ଫେରାଇ ଦେଉଛନ୍ତି। ଏନେଇ ପ୍ରଭାବିତ କ୍ଷୋଭ ପ୍ରକାଶ କରିଛନ୍ତି। ବେଲଘର, ବିଲାମାଲ, ଲଙ୍କାଗଡ଼, ଝିରିପାଣି, ଭଣ୍ଡାରଙ୍ଗୀ ପରି ଅପହଞ୍ଚ ଓ ଘାଟି ଅଞ୍ଚଳରୁ ଖଣ୍ଡିଏ ପଲିଥିନ ପାଇଁ ଶତାଧିକ ପ୍ରଭାବିତ ତୁମୁଡିବନ୍ଧ ତହସିଲ କାର୍ଯ୍ୟାଳୟକୁ ଆସି ନପାଇ ନିରାଶ ହେଇ ଫେରୁଛନ୍ତି। ଏନେଇ ଅଧିକାରୀଙ୍କୁ ପଚାରିବାରୁ ଜିଲ୍ଲା ପ୍ରଶାସନକୁ ଚିଠି କରାଯାଇଛି। ଆଉ ୨୦୦ ପଲିଥିନ ତୁମୁଡିବନ୍ଧ ବ୍ଲକ ପାଇଁ ଅନୁମୋଦନ କରିବାକୁ କୁହାଯାଇଛି। ପଲିଥିନ ଆସିବା ପରେ ଯେମିତି ବଣ୍ଟନ ଚାଲିଥିଲା ସେମିତି ବଣ୍ଟନ କରାଯିବ। କାଳବୈଶାଖୀ ପରେ ସାମାନ୍ୟ ଘର ଭାଙ୍ଗିଥିବା ଲୋକେ ତହସିଲ କାର୍ଯ୍ୟାଳୟକୁ ଯାଇ ପଲିଥିନ ନେଇଯାଇଛନ୍ତି। ଏଥିଯୋଗୁଁ ପ୍ରକୃତ ପ୍ରଭାବିତଙ୍କୁ ପଲିଥିନ ମିଳୁନାହିଁ। ବହୁ ପ୍ରଭାବିତ ଗାଈ ଗୁହାଳ, ଛେଳି ଗୁହାଳ ଭାଙ୍ଗିଥିବା ଆବେଦନ କରି ପଲିଥିନ ନେଇଥିବା ମଧ୍ୟ କୁହାଯାଉଛି। ତହସିଲଦାରଙ୍କ ରିପୋର୍ଟ ଅନୁଯାଇ ୨୧୦ ଘର ଭାଙ୍ଗିଥିବା ରିପୋର୍ଟ ଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ୫୦୦ରୁ ଊର୍ଦ୍ଧ୍ୱ ପଲିଥିନ ତୁମୁଡିବନ୍ଧ ଅଞ୍ଚଳରେ ବଣ୍ଟନ କରାଯାଇଛି। କିନ୍ତୁ ଯେଉଁମାନଙ୍କ ଘର ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଯାଇଛି ସେମାନେ ପଲିଥିନ ପାଇନାହାନ୍ତି। ପ୍ରକୃତ ପ୍ରଭାବିତଙ୍କୁ ପଞ୍ଜୀକରଣ କରି ସେମାନଙ୍କୁ ପଲିଥିନ ଯୋଗାଇଦେବାକୁ ଅଞ୍ଚଳ ବାସି ଦାବି କରିଛନ୍ତି।

# ପତିତ ଓ ଶ୍ମଶାନ ଜମି ହଡ଼ପ; ରାଜସ୍ୱ ଗ୍ରାମରେ ଶ୍ମଶାନ ଘାଟ ନାହିଁ







ପାରଳାଖେମୁଣ୍ଡି,୨।୬(ସମିସ)

ଗୋଷାଣି ବ୍ଲକରେ ଜମି ହଡପ କିମ୍ବା ଚଞ୍ଚକତା କିମ୍ବା ଶତାଧିକ ବର୍ଷ ପରେ ଜମି ଦାବିଦାରଙ୍କ ଆଗମନ ନୂଆ କଥା ନୁହେଁ। ଏହି ବ୍ଲକରେ ଦିନକୁ ଦିନ ଏପରି ମାମଲା ମାଳମାଳ ହୋଇ ଉଭା ହେଉଛି। ତେବେ ପତିତ କିମ୍ବା ଶ୍ମଶାନ ଜମି ହଡପ କରି କ୍ରୟ ବିକ୍ରୟ ହୋଇଥିବା ପରି ନୂଆ ଘଟଣା ମଧ୍ୟ ସାମନାକୁ ଆସିଛି। ବ୍ଲକର ସବରା ପଞ୍ଚାୟତ ହାତୀବାଡି ଗ୍ରାମରେ ଏପରି ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ କହିବା ମୁତାବକ ବହୁ ବର୍ଷରୁ ୧୬୯ ଖତିୟାନ ପତିତ ଏବଂ ଏହାର କିଛି ଅଂଶରେ ମଶାଣି ବିଲ ରହିଥିଲା। ଯାହାକି ତତ୍କାଳୀନ ଗଞ୍ଜାମ ଜିଲ୍ଲାରେ ଥିବା ସେଟେଲମେଣ୍ଟ ଅଧିକାରୀଙ୍କ ଦ୍ୱାରା ୧୯୭୪ ନଭେମ୍ବର ୨୭ ତାରିଖରେ ପ୍ରକାଶିତ ହୋଇଛି। ଏହାର ନକଲ ବା କପି ପାରଳାଖେମୁଣ୍ଡି ତହସିଲ ଅଫିସରେ ୨୦୨୪ ଏପ୍ରିଲ ୨୩ ତାରିଖରେ ପ୍ରଦାନ କରାଯାଇଛି। ଯେଉଁଥିରେ ଉଲ୍ଲିଖିତ ଖତିଆନରେ ଉଭୟ ପତିତ ଓ ମଶାଣି ବିଲର ସୂଚିତ ଚିହ୍ନ ରହିଛି। ତେବେ ପୂର୍ବରୁ ଖାତା ନମ୍ବର-୨୭ର ୧୧୬ ପ୍ଲଟ ନମ୍ବରରେ ମଶାଣି ରହିଛି। ତାହା ଅନ୍ୟନାମରେ କିପରି ପରିବର୍ତ୍ତନ ହେଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପିରି ୨୦୧୭ ମସିହାରେ ୨୭ ଖାତା ନମ୍ବରରୁ ୨୮/୧୦୮ ଏମସି ୨୪୪୩/୧୭ ମ୍ୟୁଟେସନ୍ ଆବେଦନ କରାଯାଇ ଜମିପଟ୍ଟା ଆବଣ୍ଟନ ହୋଇଥିବା ଜଣାପଡିଛି। ସେଟେଲମେଣ୍ଟ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ମ୍ୟାପ୍‌ରେ ସ୍ୱଷ୍ଟ ସୂଚୀତ ରହିଛି ଯେ ୧୬୯ ଖତିଆନରେ ଉଭୟ ପତିତ ଓ ମଶାଣି ବିଲ ସମ୍ପର୍କିତ ସୂଚନା ଚିହ୍ନ ରହିଛି। ରାଜସ୍ୱ ବିଭାଗ ନିୟମ ପ୍ରକାରେ ଏପରି ଜମି କେବେ ବି ହସ୍ତାନ୍ତର କିମ୍ବା କ୍ରୟବିକ୍ରୟ ହୋଇପାରିବନି ବୋଲି ସ୍ୱଷ୍ଟ ଉଲ୍ଲେଖ ଥିଲେ ମଧ୍ୟ ଏଠାରେ ଏହି ଜମିର କ୍ରୟବିକ୍ରୟ ଚାଲିଛି। ଆଉ ପର୍ଯ୍ୟାୟ କ୍ରମେ ପ୍ଲଟ ଓ ଖତିଆନ ନମ୍ବର ଗୁଡିକ ମଧ୍ୟ ବଦଳାଯାଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ବର୍ତ୍ତମାନ ଏହି ଜମି ବା ଖତିୟାନ ନମ୍ବର ପ୍ରକାରେ ଗାରାବନ୍ଧ ଗ୍ରାମର ଏକ ସିନ୍ଧିରି ପରିବାର ମଧ୍ୟରେ ହସ୍ତାନ୍ତର ବା କ୍ରୟବିକ୍ରୟ ହେଉଛି। ଏହି ପତିତ ତଥା ମଶାଣି ବିଲ ବର୍ତ୍ତମାନ ଚାଷ ଜମିରେ ପରିଣତ ହୋଇଥିବା ଦେଖିବାକୁ ମିଳୁଛି। ଆଉ ଏହି ଜମିକୁ ଜଳ ସେଚନ ପାଇଁ କ୍ଷୁଦ୍ର ଜଳସେଚନ ବିଭାଗର ଏକ କେନାଲକୁ ବାଟହୁଡି ବା ମାଟି ପକାଇ ଅବରୋଧ କରାଇ ପାଣି କଢ଼ାଇ ନିଆଯାଉଛି। ଗ୍ରାମବାସୀଙ୍କ କହିବା ପ୍ରକାରେ ଏନେଇ ବାରମ୍ବାର ବିଭିନ୍ନ ସ୍ତରରେ ଅଭିଯୋଗ କରାଯାଇଥିଲେ ମଧ୍ୟ କେହି ସମାଧାନ କରୁନାହାନ୍ତି। ଏପରି ସ୍ଥଳେ ହାତୀବାଡି ପରି ରାଜସ୍ୱ ଗ୍ରାମରେ ଶ୍ମଶାନ ନଥିବା ବେଳେ ଅନ୍ତ୍ୟୋଷ୍ଟିକ୍ରିୟା କେଉଁ ବଣବୁଦା ବା ଜଙ୍ଗଲ ନାଳ ନିକଟରେ କରାଯାଉଛି। ଶ୍ମଶ୍ମାନଘାଟ ନଥିବାରୁ ଏପରିକି ରିତିନୀତି ଅନୁସାରେ ଦିବଂଗତମାନଙ୍କ ତିଳତର୍ପଣ ମଧ୍ୟ କରିପାରୁ ନାହାନ୍ତି ବୋଲି ଦୁଃଖର ସହ ପ୍ରକାଶ କରିଛନ୍ତି ଗ୍ରାମବାସୀ। ପୂର୍ବେ ଯେଉଁ ଠାରେ ଶ୍ମଶାନ ରହିଥିଲା ସେଠାରେ ଏକ ନାଳ ମଧ୍ୟ ଥିଲା। ସେଠାରେ ଅନ୍ତେଷ୍ଟିକ୍ରିୟା ହେଉଥିଲା। ହେଲେ ଏହି ଜମିକୁ ଚଞ୍ଚକତା କରି କ୍ରୟବିକ୍ରୟ କରାଯାଉଥିବାରୁ ଏବଂ ଏହା ପଟ୍ଟାଦାରଙ୍କ କବଜାରେ ରହିଥିବାରୁ ଶ୍ମଶାନଘାଟ ଚାଷ ଜମିରେ ବିଲୟ ହୋଇଯାଇଛି ବୋଲି ରାଧାକୃଷ୍ଣ ରାଉତ, ଭାସ୍କର ଶଙ୍କର, ଅର୍ଜୁନ ବାସୁପତି ଓ କୃଷ୍ଣଚନ୍ଦ୍ର ରାଉତ ଗ୍ରାମବାସୀ କହିଛନ୍ତି। ତୁରନ୍ତ ଏପରି ସମସ୍ୟାର ସମାଧାନ କରିବାକୁ ଦାବି କରିଥିବା ବେଳେ ଜମି ଜମା ଚଞ୍ଚକତା ବା ହଡପ କରିଥିବା ବ୍ୟକ୍ତିବିଶେଷ ଓ ସେମାନଙ୍କୁ ସହାୟତା କରିଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରିଛନ୍ତି। ଏନେଇ ସବରା ରାଜସ୍ୱ ନିରୀକ୍ଷକଙ୍କୁ ପଚରାଯିବାରେ ତତ୍କାଳୀନ ସମୟରେ ଯାହା ହୋଇଛି ସେ ଜାଣିନାହାନ୍ତି। ତେବେ ଅନୁସନ୍ଧାନ କରାଯିବ ବୋଲି କହିଛନ୍ତି।

**ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି**

### ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ଦରଦାମ ବୃଦ୍ଧି ପ୍ରସଙ୍ଗ

# ୫ରେ ବିଶାଳ ପ୍ରତିବାଦ ସଭା କରିବ ବିଜେଡି





ଖୋର୍ଦ୍ଧା,୨।୬(ସମିସ): ଅହେତୁକ ଦରଦାମ୍ ବୃଦ୍ଧି ସହ ଅରାଜକତା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଏବଂ ଅନେକ ସ୍ଥାନୀୟ ସମସ୍ୟାର ପ୍ରତିବାଦରେ ଆସନ୍ତା ୫ ତାରିଖରେ ରାଜରାସ୍ତାକୁ ଓହ୍ଲାଇବ ଜିଲ୍ଲା ବିଜେଡି । ଆଜି ସ୍ଥାନୀୟ ଇଗଲକ୍ଲବଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ରାଜେନ୍ଦ୍ର କୁମାର୍ ସାହୁ ସୂଚନା ଦେଇଛନ୍ତି । ଶ୍ରୀ ସାହୁ କହିଛନ୍ତି ଯେ, ରାଜ୍ୟ ରେ ଦିନକୁ ଦିନ ବୃଦ୍ଧି ପାଉଛି ହିଂସା । ମହିଳା ଏବଂ ନାରୀ ମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ପେଟ୍ରୋଲ ଏବଂ ଡିଜେଲ ଅଭାବ ଦର୍ଶାଇ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ବସ୍ ଭଡ଼ା ବୃଦ୍ଧି ହୋଇଛି । ଏହାବ୍ୟତୀତ ରାଜ୍ୟରେ ଦୁଇ ବର୍ଷ କରି ଗଢା ଯାଇଥିବା ବିଜେପି ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି । ବିଜେଡି ରାଜ୍ୟ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ବିଭିନ୍ନ ନିର୍ବାଚନ ମଣ୍ଡଳୀ ରେ ପ୍ରତିବାଦ ସଭା ଅନୁଷ୍ଠିତ ହେଉଛି । ଏହି ପରିପେକ୍ଷୀରେ ରେ ଖୋର୍ଦ୍ଧା ଜିଲ୍ଲା ବିଜେଡି ପକ୍ଷରୁ ଏକ ପ୍ରତିବାଦ ସଭା ଏବଂ ଶୋଭାଯାତ୍ରା ଆସନ୍ତା ୫ତାରିଖ ରେ ଆୟୋଜିତ ହେବ ବୋଲି କହିଥିଲେ ।

ଏହି କାର୍ଯ୍ୟକ୍ରମରେ ରାଜ୍ୟ ବରିଷ୍ଠ ଉପ ସଭାପତି ଦେବୀ ରଞ୍ଜନ ମିଶ୍ର, ପ୍ରତାପ କୁମାର ଜେନା, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ମନ୍ମଥ କୁମାର ରାଉତରାୟ, ଛାତ୍ର ସଭାପତି ଇପ୍ସିତା ସାହୁ, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଉପ-ସଭାପତି ଅବ୍ୟକ୍ତ ହରିହର ଖାଡଙ୍ଗା, ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ଶୁଭକାନ୍ତ ମହାପାତ୍ର, ଯୁବନେତା ଅମିୟ କୁମାର ମହାନ୍ତିଙ୍କ ସମେତ ଅନ୍ୟ ବିଜେଡି ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ଉକ୍ତଦିନ ସକାଳ ୮ଟାରେ ସ୍ଥାନୀୟ ଗୀତା ଭବନଠାରୁ ବାହାରି ସହରର ମୁଖ୍ୟ ରାସ୍ତା ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶୋଭାଯାତ୍ରା ପହଁଚିବ । ସେଠାରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାରେ ଖୋର୍ଦ୍ଧା ବ୍ୟତୀତ, ବେଗୁନିଆ ବୋଲଗଡ, ଜଟଣୀ, ଚିଲିକା, ଜୟଦେବ ନିର୍ବାଚନ ମଣ୍ଡଳୀ ର ବିଜେଡି ନେତୃବୃନ୍ଦ ସହ କର୍ମୀ ଯୋଗଦେବେ ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

ଶ୍ରୀ ସାହୁ ଆହୁରୀ ମଧ କହିଥିଲେ ଯେ, ବିଜେପି ସରକାର ଅମଳରେ ରାଜ୍ୟ ରେ ଦରଦାମ୍ ବୃଦ୍ଧି ସହ ଅରାଜକତା, ହିଂସା ବୃଦ୍ଧି ପାଇଛି । ସବୁ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ରେ ଗତ ଦୁଇ ବର୍ଷ ମଧ ରେ କୌଣସି ପ୍ରକାର ବିକାଶ ମୁଳକ କାର୍ଯ୍ୟ କରାଯାଇ ନାହିଁ । ପୂର୍ବ ବିଜେଡି ସରକାର ସମୟରେ ମଞ୍ଜୁର ହୋଇଥିବା ବେଳେ ବିଭିନ୍ନ ପ୍ରକଳ୍ପ ଚାଲିଥିବା କାର୍ଯ୍ୟ ରେ ବିଲ୍ ପାସ୍ ବେଳେ ପିସି କାରବାର ଚାଲୁଛି । ଖୋର୍ଦ୍ଧା ପୌର କାର୍ଯ୍ୟାଳୟରେ ବେଆଇନ କାର୍ଯ୍ୟ ଚାଲୁଛି । ତେବେ ଖୋର୍ଦ୍ଧା ଅଂଚଳରେ ଜୀବନ ଜୀବିକା ନିର୍ବାହ ପାଇଁ ମୁଖ୍ୟ ଭାବେ ପାହାଡ ଏବଂ କ୍ରଶର ଦିର୍ଘ ଦିନ ହେଲା ବନ୍ଦ ହୋଇ ପଡ଼ିଛି । ସହର କୁ ସରସ ସୁନ୍ଦର୍ କରିବା ପାଇଁ କ୍ୟାବିନ ଉଚ୍ଛେଦ କରାଯାଇଛି । ଖୋର୍ଦ୍ଧାର ବିଭିନ୍ନ ଚିକିତ୍ସାଳୟ କର ଆୟୁଷ୍ମାନ କାର୍ଡ ଠିକ୍ ଭାବେ କାର୍ଯ୍ୟକାରୀ ନ ହେବାରୁ ଅନେକ ଗରିବ ରୋଗୀ ଚିକିତ୍ସା ସୁବିଧା ପାଇ ପାରୁ ନାହାନ୍ତି । ଏହିଭଳି ଅନେକ ସମସ୍ୟାକୁ ନେଇ ଏକ ପ୍ରତିବାଦ ଶୋଭାଯାତ୍ରା କରାଯିବ ବୋଲି ଶ୍ରୀ ସାହୁ କହିଥିଲେ ।

### ● ଜଟଣୀ ପୁଲିସର ବେଆଇନ ଖଣି ଉପରେ ଚଢ଼ଉ

## ୩ଟି ହାଇୱା ସହିତ ଜେସିବି ଜବତ

ଜଟଣୀ, ୨।୬ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଟଣୀ ଆଖ ପାଖରେ ବେଆଇନ ଖଣି ଖନନ ବର୍ଷ ବର୍ଷ ଧରି ଚାଲି ଆସୁଛି । ଲାଭବାନ ହେଉଛନ୍ତି ଖଣି ମାଫିଆ କିନ୍ତୁ ରାଜସ୍ୱ ହରାଉଛନ୍ତି ରାଜ୍ୟ ସରକାର ଏବଂ ସମସ୍ୟା ଭୋଗୁଛନ୍ତି ସ୍ଥାନୀୟ ଲୋକ ତଥାପି କୋମାରେ ଜିଲ୍ଲା ଖଣି ବିଭାଗ ।ବିଭିନ୍ନ ସମୟରେ ବେଆଇନ ଖଣିକୁ ସ୍ଥାନୀୟ ଲୋକ ବିରୋଧ କରୁଥିଲେ ସୁଦ୍ଧା ଖଣି ମାଫିଆ ବେଧଡକ ଲୁଟୁଛନ୍ତି ମୋରମ ଏବଂ ମାଙ୍କଡା ପଥର । ଗତକାଲି ମଧ୍ୟ ରାତ୍ରିରେ ଜଟଣୀ ପୁଲିସ ଏବଂ ଖଣି ବିଭାଗ ଜଟଣୀର କୁଦିଆରୀ ଓ ଷଣ୍ଢପୁର ଖଣିରେ ଚଢ଼ାଉ କରି ୩ ଟି ହାଇୱା ଏବଂ ଗୋଟିଏ ଜେସିବି ଜବତ କରିଛନ୍ତି । ଏପରି ଚଢ଼ାଉ ଆଗକୁ ବିଭିନ୍ନ ସମୟରେ ଜାରି ରହିବ ବୋଲି କୁହାଯାଇଛି । ଅନ୍ୟ ପକ୍ଷରେ ଜଟଣୀ ଅଞ୍ଚଳରେ ଦିନରାତି ଖଣି ଖନନ ଚାଲୁ ରହିଥିବା ବେଳେ ଜଟଣୀ ଥାନା ସମୁଖରେ ରାତ୍ର ସମୟରେ ବେଧଡକ ଭାବେ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି ।

## ଆଲୋକୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଜଟଣୀ, ୨।୬ (ସମିସ): ଜଟଣୀ ସହରାଞ୍ଚଳରେ ଆଜି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଅନୁଦାନ ଦ୍ୱାରା ଦୁଇଗୋଟି ରାସ୍ତାର ଆଲୋକୀକରଣ ଭିତ୍ତିପ୍ରସ୍ଥର ସ୍ଥାପନ କରାଯାଇଛି । ଜଟଣୀ ଗେଟଠାରୁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ୩ କିଲୋମିଟର ରାସ୍ତା ଏବଂ କୁଦିଆରୀ ଫ୍ଲାଏ ଓଭର ବ୍ରିଜଠାରୁ କୁଦିଆରୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ୧.୨ କିଲୋମିଟର ରାସ୍ତାର ଆଲୋକୀକରଣ କରାଯିବ । ଏ ନେଇ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ୧କୋଟି ୩୧ଲକ୍ଷ ଟଙ୍କା ବ୍ୟୟବରାଦ ଅଟକଳ କରାଯାଇଛି । ଭୁବନେଶ୍ୱର ଉନ୍ନୟନ କତୃପକ୍ଷ ବିଭାଗର ଅଥରିଟି ବୈଠକ ରେ ଏହି ପ୍ରସ୍ତାବ ଆଗତ କରାଯାଇଥିଲା । ଯଥା ଶୀଘ୍ର କାର୍ଯ୍ୟରମ୍ଭ ହେବ ବୋଲି ଆଜି ଭିତ୍ତିପ୍ରସ୍ଥର ସ୍ଥାପନ କାର୍ଯ୍ୟକ୍ରମ ରେ ଯୋଗଦେଇଥିବା ଅତିଥିମାନେ କହିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ, ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ, ଜଟଣୀ ନଗରପାଳ ଅନନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ ।

# ମେଡିକାଲରେ ଗୃହରକ୍ଷୀଙ୍କୁ ମାଡ଼, ଦୁଇ ଗିରଫ

### ସୋସିଆଲ ମିଡିଆରେ ଭିଡିଓ ଭାଇରାଲ





ଖୋର୍ଦ୍ଧା,୨।୬(ସମିସ): ରାଜ୍ୟରେ ଆଇନ ଶୃଙ୍ଖଳା ଦିନ କୁ ଦିନ ବିଗିଡ଼ିବାରେ ଲାଗିଛି । ପୁଲିସ ଆକ୍ରମଣରେ ବିଭିନ୍ନ ସ୍ଥାନରେ ମୃତ୍ୟୁ, ଆହତ ଘଟଣା ଖବରର ଶିରୋନାମା ପାଲଟି ଥିବାବେଳେ ଖୋର୍ଦ୍ଧାରେ ଯୁବକଙ୍କ ଆକ୍ରମଣରେ ଜଣେ ଗୃହରକ୍ଷୀ ଗୁରୁତର ଘଟଣା ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ଏନେଇ ଗୃହରକ୍ଷୀ ଥାନାରେ ଅଭିଯୋଗ କରିବାରେ ଆଦର୍ଶ ଥାନା ପୁଲିସ ବିଏନ୍ଏସ୍ ୧୨୬, ୧୧୫, ୧୦୯, ୧୩୨, ୨୨୧, ୨୯୬, ୩୫୧ଧାରା ଦଫା ଅନୁଯାୟୀ ୩୩୧/୨୬ରେ ଏକ ମାମଲା ରୁଜୁ କରି ଯୁବକ ଦ୍ୱୟଙ୍କୁ ଗିରଫ କରିଛି । ଗିରଫ ଦ୍ୱୟ ହେଲେ ପୁରୀ ଜିଲ୍ଲା ବଳଙ୍ଗା ଥାନା ଜୋପନା ଅଞ୍ଚଳର ସମ୍ୟକ କୁମାର ତ୍ରିପାଠୀ (୨୯) ଏବଂ ଚନ୍ଦନପୁର ଥାନା ନୂଆବଳିଆର ଦୁର୍ଗା ପ୍ରସାଦ ସ୍ୱାଇଁ (୨୪) ।

ପ୍ରକାଶ ଥାଉକି, ଗତକାଲି ସମ୍ୟକ ଓ ଦୁର୍ଗାପ୍ରସାଦ ଦୁଇ ଜଣ ବାଘମାରି ଥାନା ଅନ୍ତର୍ଗତ ସାରୁଅ ବଜାରରେ ଗଣ୍ଡଗୋଳ କରି କିଛି ଲୋକଙ୍କ ଆକ୍ରମଣର ଶିକାର ହୋଇଥିଲେ । ବାଘମାରି ପୁଲିସ ଖବର ପାଇ ଯୁବକ ଦୁଇ ଜଣଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲା । ସେଠାରେ ସମ୍ୟକ ଓ ଦୁର୍ଗାପ୍ରସାଦ ଡାକ୍ତରଖାନା କର୍ମଚାରୀଙ୍କ ସହ ଦୁର୍ବ୍ୟବହାର କରିବା ସହ କର୍ତ୍ତବ୍ୟରତ ଗୃହରକ୍ଷୀ ସ୍ମୃତିରଞ୍ଜନ ଦାଶଙ୍କୁ ଆକ୍ରମଣ କରିଥିଲେ । ଏପରିକି ସମ୍ୟକ ବାରମ୍ବାର ସ୍ମୃତିରଞ୍ଜନ ଉପରକୁ ଆକ୍ରମଣ କରି ଲହୁ ଲୁହାଣ କରିଥିଲେ । ମେଡିକାଲ ସୁରକ୍ଷାକର୍ମୀ, ଷ୍ଟାଫ, ଜନ ସାଧାରଣ ଥିଲେ ମଧ ପୁଲିସ ଗୃହରକ୍ଷୀକୁ କେହି ରକ୍ଷା କରି ପାରି ନ ଥିଲେ । ଖବର ପାଇ ଆଦର୍ଶ ଥାନା ପୁଲିସ ଟିମ୍ ସେଠାରେ ପହଁଚି ଦୁଇଜଣଙ୍କୁ କାବୁ କରିବା ସହ ଥାନାକୁ ନେଇଥିଲା । ଗୃହରକ୍ଷୀ ସ୍ମୃତିରଞ୍ଜନଙ୍କ ହାତ ରେ ଗୁରୁତର ଆଘାତ ଲାଗିବା ସହ ତାଙ୍କ ପୋଷାକ ମଧ ଚିରି ଯାଇଛି । ତାଙ୍କ ଅଭିଯୋଗ କ୍ରମେ ଆଦର୍ଶ ଥାନା ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟ ପରିସର ରେ ପୁଲିସ କୁ ସର୍ବ ସାଧାରଣ ସମ୍ମୁଖରେ ଏଭଳି ଆକ୍ରମଣ ଘଟଣା ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଜନସାଧାରଣଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି ।

# ରେଳ ଅର୍ବାନ ବ୍ୟାଙ୍କ ଅଂଶୀଦାରମାନଙ୍କୁ ସାମୂହିକ ବିଦାୟକାଳୀନ ସମ୍ବର୍ଦ୍ଧନା



ଜଟଣୀ, ୨।୬ (ସମିସ): ଖୋର୍ଦ୍ଧାରୋଡ ରେଳମଣ୍ଡଳ ଠାରେ ଅବସ୍ଥିତ ରେଳ ଅର୍ବାନ କୋପାରେଟିଭ ବ୍ୟାଙ୍କ ରେ ଆଜି ରିଟାୟାର୍ଡ ଅଂଶୀଦାର ମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବ୍ୟାଙ୍କ ମ୍ୟାନେଜର ପି ଚକ୍ରବର୍ତ୍ତୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା । ଅର୍ବାନ ବ୍ୟାଙ୍କ ନିର୍ଦ୍ଦେଶକ ଜଗମୋହନ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସର ନେଇଥିବା ୫୮ ଜଣ ଅଂଶୀଦାର ମାନଙ୍କୁ ଉତ୍ତରୀୟ, ପୁଷ୍ପତାରା ଓ ଉପହାର ଦେଇଥିଲେ । ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ମଣ୍ଡଳ ସହ ସଂଯୋଜକ ତଥା ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର , ଶାଖା ସମ୍ପାଦକ ତଥା ଅର୍ବାନବ୍ୟାଙ୍କ ଡେଲିଗେଟ ଏଲ ଡ଼ି ମହାନ୍ତି, ସୁନୀଲ ପରିଡା , ସୂର୍ଯ୍ୟନାରାୟଣ ଶତପଥୀ ଅନ୍ୟାନ୍ୟ ଅତିଥିଭାବେ ଯୋଗଦେଇଥିଲେ । ଅନ୍ୟପକ୍ଷରେ ଗତ ୨୦୨୪ ଶ୍ରମିକ କଂଗ୍ରେସ ଓ ଗଠବନ୍ଧନ ପରିବର୍ତ୍ତନ ପ୍ୟାନେଲ ଶହେ ବର୍ଷର ଲାଲପାର୍ଟି କୁ ଗାଦିଚ୍ୟୁତ କରି କ୍ଷମତାକୁ ଆସିବା ପରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି । ଲୋନ ଉପରେ ଏକ ଶତକଡା ସୁଧ ହ୍ରାସ, ଫିକ୍ସ ଡିପୋଜିଟ ଉପରେ ୬ ଶତକଡା ସୁଧରୁ ୮.୫ ଶତକଡା ବୃଦ୍ଧି , ଜମା ଉପରେ ଥିବା ୫ ଶତକଡା ସୁଧରୁ ୭.୫ ଶତକଡା କୁ ବୃଦ୍ଧି , ହଲିଡେ ହୋମ ସଂଖ୍ୟାରେ ବୃଦ୍ଧି ସହିତ ସ୍ୱଳ୍ପ ମୂଲ୍ୟରେ ଆରାମଦାୟକ ରହଣି ବ୍ୟବସ୍ଥା, ଅଯୋଧ୍ୟା ରେ ନୂତନ କରି ତୀର୍ଥଯାତ୍ରୀଙ୍କ ପାଇଁ ହଲିଡେ ହୋମ ସହିତ ଯଶୋଦା ହାଇଦ୍ରାବାଦ ଓ ଟାଟା ମେମୋରିଆଲ ବମ୍ବେ ରେ ରୋଗୀ ମାନଙ୍କ ସହିତ ଯାଉଥିବା ସହାୟକ ମାନଙ୍କୁ ଦୈନିକ ଶହେ ଟଙ୍କା ଦେଇ ରହିବା ବ୍ୟବସ୍ଥା, ପୂର୍ବ ଲାଲପାର୍ଟି ପରିଷଦର ଡାଇରେକ୍ଟର ମାନେ ବେଆଇନ ଭାବେ ସତରଜଣଙ୍କୁ ଦେଇଥିବା ନିଯୁକ୍ତିକୁ ରଦ୍ଦ କରାଯାଇଛି । ବ୍ୟାଙ୍କରେ ଖାଲିଥିବା ସମୁଦାୟ ଚାଳିଶଟି ପଦବୀ ନିମନ୍ତେ କେବଳ ସେୟାରହୋଲଡରମାନଙ୍କ ପିଲାଙ୍କୁ ଯୋଗ୍ୟତା ଭିତିରେ ସ୍ୱଚ୍ଛତା ସହିତ ନିଯୁକ୍ତି ଦେବାପାଇଁ ଗୋଟିଏ ଦିନରେ କମ୍ପୁଟର ମାଧ୍ୟମରେ ପରୀକ୍ଷା, ସଙ୍ଗେ ସଙ୍ଗେ ଫଳାଫଳ ଓ ନିଯୁକ୍ତି ପତ୍ର ସମସ୍ତଙ୍କ ସମ୍ମୁଖରେ ବଣ୍ଟନ କରାଯିବା ବୋଲି ନିର୍ଦ୍ଦେଶକ ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି ବ୍ୟାଙ୍କ ଅଂଶୀଦାରମାନଙ୍କର ସେମାନେ ଏହାର ମାଲିକ, ତେଣୁ ବ୍ୟାଙ୍କର ପ୍ରତ୍ୟେକ କର୍ମଚାରୀ ଏହାକୁ ହୃଦୟଙ୍ଗମ କରିବା ଉଚିତ । ଆଗାମୀ ଦିନରେ ଲୋନ ସୀମା ବୃଦ୍ଧି , ଋଣ ଉପରେ ସୁଧ ହ୍ରାସ, ଗୃହ ଋଣ , ଶିକ୍ଷା ଋଣ ବ୍ୟବସ୍ଥା ଦ୍ୱାରା ଆମ ଅଂଶୀଦାର ଆଉ ବାହାର ବ୍ୟାଙ୍କକୁ ଯିବାକୁ ପଡ଼ିବନି ବୋଲି ମୁଖ୍ୟଅତିଥି ନିର୍ଦ୍ଦେଶକ ଶ୍ରୀ ଖୁଣ୍ଟିଆ କହିଥିଲେ । ଅବସର ନେଇଥିବା ଅଂଶୀଦାର ମାନଙ୍କପାଇଁ ଫିକ୍ସ ଡିପୋଜିଟ ଓ ହଲିଡେ ହୋମରେ ରହଣି ବ୍ୟବସ୍ଥା କରିବାକୁ ଶାଖା ସମ୍ପାଦକ ଶ୍ରୀ ମହାନ୍ତି ଦାବି ରଖିଥିଲେ ଯାହାକୁ ଆଗାମୀ ନିର୍ଦ୍ଦେଶକ ମିଟିଂରେ ଆଲୋଚନା କରାଯାଇ ଗୃହୀତ କରାଯିବ ବୋଲି ଉଭୟ ନିର୍ଦ୍ଦେଶକ ପ୍ରତିଶୃତି ଦେଇଥିଲେ । ଅବସର ନେଇଥିବା ସେୟାରହୋଲଡରଙ୍କ ମଧ୍ୟରୁ ଶ୍ରମିକ ୟୁନିଅନ ର ପୂର୍ବତନ ମଣ୍ଡଳ ସଂଯୋଜକ ରଞ୍ଜିତ ଦାସ ପରିବର୍ତ୍ତନ ପ୍ୟାନେଲ ର ପ୍ରତ୍ୟେକଟି ପଦକ୍ଷେପ ଯୁଗାନ୍ତକାରୀ ଓ ଦୁରଦୃଷ୍ଟି ସମ୍ପର୍ଣ୍ଣ , ନିଷ୍ପାପର ଉଦ୍ୟମ ପାଇଁ ବୋର୍ଡ ଅଫ ଡାଇରେକ୍ଟର ମାନଙ୍କୁ ସାଧୁବାଦ ଜଣାଇଥିଲେ । ଏହି ସଭାକୁ ବ୍ୟାଙ୍କ କଲ୍ୟାଣ ଅଧିକାରୀ ଜିତେନ୍ଦ୍ର ପାଣ୍ଡେ ପରିଚାଳନା କରିଥିବା ବେଳେ ଆକାଉଣ୍ଟ ମ୍ୟାନେଜର ସନ୍ତୋଷ କୁମାର ଓ ବ୍ୟାଙ୍କ କର୍ମଚାରୀ ମାନେ ଆୟୋଜନ କରିଥିଲେ ।

## ପତନିବରରେ ମୁକ୍ତମଞ୍ଚ ନାଟକ

ବେଗୁନିଆ,୨।୬ (ସମିସ): ବେଗୁନିଆ ବ୍ଲକ ସାରୁଅ ପଞ୍ଚାୟତ ଅନ୍ତର୍ଗତ ପତନିବର ଗ୍ରାମର ମା' ବାଉତୀ ଯୁବ ନାଟ୍ୟ ସଂସଦ ପକ୍ଷରୁ ମୁକ୍ତମଞ୍ଚ ନାଟକ ପରିବେଷଣ ହୋଇଛି । ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ସରପଞ୍ଚ ରଞ୍ଜିତା ମହାଭୋଇ ଓ ସମାଜସେବୀ ଦିଲ୍ଲୀପ ମହାଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନାଟକ ମନୋରଞ୍ଜନର ଖୋରାକ ଯୋଗାଇବା ସହ ଶୃଙ୍ଖଳିତ ଜୀବନ ଯାପନ କରିବା ପାଇଁ ଶିକ୍ଷା ଦେଇଥାଏ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ । ପରେ ଅତିଥି କଳାକାର ଓ ଗ୍ରାମ୍ୟ କଳାକାର ମାନେ "ତୁ ବୋଧେ ଭାଗ୍ୟରେ ମୋ ନାହୁଁ" ନାଟକ ପରିବେଷଣ କରିଥିଲେ ।

### ● ବାଲିପାଟପୁର ପଞ୍ଚାୟତ

## ସ୍ୱଚ୍ଛ ଭାରତ ଅଭିଯାନକୁ ଉପେକ୍ଷାର ନଗ୍ନଚିତ୍ର

ଟାଙ୍ଗୀ,୨।୬(ସମିସ): ସ୍ୱଚ୍ଛ ଭାରତ ଅଭିଯାନ ସେ କେନ୍ଦ୍ର ହେଉ ଅବା ରାଜ୍ୟ ସରକାର ସଫଳ କରିବାକୁ ଅଗ୍ରାଧିକାର ଭିତିରେ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ରହିଛି । ହେଲେ ଏହାର ଘୋର ବ୍ୟତିକ୍ରମ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅଧିନସ୍ଥ ବାଲିପାଟପୁର ପଞ୍ଚାୟତ ରେ ଦେଖିବାକୁ ମିଳିଛି । ଏହି ପଞ୍ଚାୟତ ର ନିର୍ବାଚିତ ଲୋକ ପ୍ରତିନିଧି ଜନସାଧାରଣଙ୍କୁ ସ୍ୱଚ୍ଛ ଭାରତ ଅଭିଯାନ ସଂପର୍କରେ ସଚେତନ କରିବା ଦୂରେ ଥାଉ ବାଲିପାଟପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଓ ଏହାର ବାମ ପାଶ୍ୱରେ ଗଦା ଗଦା ଅଳିଆ ଆବର୍ଜନା ବର୍ଷ ବର୍ଷ ଧରି ଜମା ହୋଇ ରହିଥିବାରୁ ଦୂର୍ଗନ୍ଧ ରେ ସେ ଅଞ୍ଚଳ ଫାଟିପଡୁଛି । ବାଲିପାଟପୁର ଜେଟି ର କଂକ୍ରିଟ ରାସ୍ତା ବର୍ଷ ବର୍ଷ ଧରି ସ୍ଥାନୀୟ ଜନସାଧାରଣ ପାଇଖାନା ରୂପେ ବ୍ୟବହାର କରୁଥିବା ଘଟଣା କେହି କେବେ ସ୍ୱପ୍ନରେ ବି ଚିନ୍ତା କରିନଥିବେ । ବାଲିପାଟପୁର ଚିଲିକା କୂଳ ଠାରୁ ବାଲିପାଟପୁର ଜେଟି ପର୍ଯ୍ୟନ୍ତ ପ୍ରାୟ ୩ ଶହ ମିଟର କଂକ୍ରିଟ ରାସ୍ତା କୁ ଏ ଅଞ୍ଚଳର ଜନସାଧାରଣ ପାଇଖାନା ଭାବେ ବ୍ୟବହାର କରନ୍ତି । ଫଳରେ ଏହି ରାସ୍ତା ଦେଇ ଯାତାୟତ ଯମ ଯନ୍ତ୍ରଣା ଠାରୁ କୌଣସି ଗୁଣରେ କମ ନୁହେଁ । ଏମିତିକି ବିନା ରୁମାଲ ରେ ଏ ରାସ୍ତାରେ ଯିବା ଅସମ୍ଭବ । ସେହିପରି ଅପରିଷ୍କାର ପୋଖରୀ ପାଣି ବ୍ୟବହାର କରିବା ଗାଧେଇବା, ପୋଷାକ ପତ୍ର ଧୋଇବା ଏହି ପଞ୍ଚାୟତ ଅଧିନସ୍ଥ ବିଭିନ୍ନ ୱାର୍ଡ ଜନସାଧାରଣଙ୍କ ନିତିଦିନିଆ ଘଟଣା । ଏହି ପଞ୍ଚାୟତ ର ବିଭିନ୍ନ ଗଳିକନ୍ଦି, ରାସ୍ତାଘାଟରେ ଅଳିଆ ଆବର୍ଜନା କଥା ନକହିବା ଭଲ । ଖୋର୍ଦ୍ଧା ଜିଲ୍ଲାପାଳ ଯଦି ଥରେ ଏହି ପଞ୍ଚାୟତ ର ପରିବେଶ ସଂପର୍କରେ ଅବଗତ ହେବା ନିମନ୍ତେ ପରିଭ୍ରମଣ ଆସିପାରନ୍ତେ ତେବେ ନିଶ୍ଚିତ ଏହି ପଞ୍ଚାୟତ ରେ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ କିପରି ଚାଲିଛି ଅନୁଭବ କରି ପାରନ୍ତେ ବୋଲି ବୁଦ୍ଧିଜିବୀ ମତବ୍ୟକ୍ତ କରନ୍ତି । ସ୍ୱଚ୍ଛ ଭାରତ ଅଭିଯାନ ସଂପର୍କରେ କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି ପଞ୍ଚାୟତ ରେ କାର୍ଯ୍ୟକାରୀ ହେଉନଥିବା ଦୂର୍ଭାଗ୍ୟଜନକ । ସ୍ୱଚ୍ଛ ଭାରତ ଅଭିଯାନ ସଂପର୍କରେ ସଚେତନତା କଡାକଡି ନହେଲେ ଦିନ ଆସିବ ଅଜଣା ବ୍ୟାଧି ଏ ଅଞ୍ଚଳ ମହାମାରି ର ରୂପ ଯେ ନହେବ ତାହା ସମୟ କହିବ ।



# ସ୍ଥାୟୀ ଟ୍ରଷ୍ଟବୋର୍ଡ ଅପେକ୍ଷାରେ ଶ୍ରୀରାମେଶ୍ୱର ଦେବଙ୍କ ପୀଠ

### କେବେ ପ୍ରଶମିତ ହେବ ବହୁବିଧ ସମସ୍ୟା ?



ବାଲୁଗାଁ,୨।୬(ସମିସ): ଠାକୁରଙ୍କ ସଂପତି ଆତ୍ମସାତ କରିବାକୁ ଆଜିକା ସମାଜରେ ମନୁଷ୍ୟ ପଛ ଘୁଂଚା ଦେଉ ନାହାଁନ୍ତି । ଠାକୁରଙ୍କ ସ୍ଥାବର ଓ ଅସ୍ଥାବର ସଂପତି ତୋଷାରପାତ କରିବା ସହିତ ବିଭିନ୍ନ କ୍ଷେତ୍ରରୁ ମିଳୁଥିବା ଠାକୁରଙ୍କ ଆୟକୁ ମଧ ହଡ଼ପ କରିବାକୁ ପଛାଉ ନାହାନ୍ତି ନ୍ୟସ୍ତସ୍ୱାର୍ଥ ଲୋକେ । କ୍ଷମତା ଲୋଭରେ ଅନ୍ଧ ହୋଇ ମନ୍ଦିରରେ ରାଜନୀତି ପୂରାଇ କିଛି ବର୍ଷ ହେବ ଅରାଜକତା ସୃଷ୍ଟି କରି ଚାଲିଛନ୍ତି । ଏପରିକି ମନ୍ଦିର ଟ୍ରଷ୍ଟି ପଦ ଦଖଲ ପାଇଁ ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ମଧ ମାମଲା ଦାୟର ହୋଇଛି ବାଲୁଗାଁ ଥାନା ଅଧିନ ଗବପଦର ବିଜେ ଶ୍ରୀ ରାମେଶ୍ୱେର ଦେବ, ଇଂଜନପୁର ପୀଠରେ । ବାଲୁଗାଁ ଥାନା ଅଧୀନ ଚାରି ଗୋଟି ମନ୍ଦିର ତଥା ସମଗ୍ର ବାଲୁଗାଁ ଅଞ୍ଚଳର ପ୍ରତିଷ୍ଠିତ ଶୈବପୀଠ ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠ, ଗବପଦର ବିଜେ ଶ୍ରୀ ରାମେଶ୍ୱେର ଦେବ ଇଂଜନପୁର, କୋତରୀ ବିଜେ ଶ୍ରୀ ଧବଳେଶ୍ୱର ଦେବ, ଧୂଆଁଳ ଓ ବାଣପୁର ଥାନା ଅଧିନ ଶ୍ରୀ ଗୁପେତେଶ୍ୱର ଦେବ ବିଜେ, ଗାଲୁଆ ମନ୍ଦିର ପ୍ରମୁଖ ତିନି ଶୈବପୀଠରେ ବର୍ଷ ବର୍ଷ ଧରି ଟ୍ରଷ୍ଟିକୁ ନେଇ ଗ୍ରାମ ବିବାଦ ସହ ସଂଘର୍ଷ ଲାଗି ଅଶାନ୍ତର ବାତାବରଣ ଦେଖାଦେଇ ବିବାଦ ଲାଗି ରହିଛି । ହେଲେ ସରକାର କିମ୍ବା ପ୍ରଶାସନ ଏହାର ସମାଧାନ ପ୍ରତି କୌଣସି ଆନ୍ତରିକତା ଦେଖାଉ ନଥିବା ଜଣାଯାଇଛି । ବର୍ତ୍ତମାନ ଚିଲିକା ବିଧାୟକ ଖୋଦ ରାଜ୍ୟର ଆଇନ ମନ୍ତ୍ରୀ ଥିବା ବେଳେ ତାଙ୍କ ନିର୍ବାଚନ ମଣ୍ଡଳିର ପ୍ରମୁଖ ଶୈବ ପୀଠ ମାନଙ୍କରେ ଏଯାବତ ଟ୍ରଷ୍ଟ ଗଠନ ହୋଇ ପାରିଲା ନାହିଁ । ଫଳରେ ମନ୍ଦିର ଗୁଡିକରେ ବହୁବିଧ ସମସ୍ୟା ଲାଗି ରହିଛି ।

କାନ୍ଥମାହାଲ ୩୬ ମୌଜା ତଥା ବଡକୂଳ ଓ ନିମେକ୍ଷେତା ପଂଚାୟତର ଆରାଧ୍ୟ ଠାକୁର ଓ ଅଞ୍ଚଳର ସର୍ବ ପୂରାତନ ଶୈବ ପୀଠ ଶ୍ରୀ ଶ୍ରୀ ରାମେଶ୍ୱେର ଦେବ ବିଜେ ଗବପଦରଙ୍କ ମନ୍ଦିରରେ ବିଗତ ବର୍ଷରେ ଦୀର୍ଘ ୫୦ ବର୍ଷ ଧରି ପାରିବାରିକ ଟ୍ରଷ୍ଟି ରହିଆସି ମନ୍ଦିର ଦାୟିତ୍ୱରେ ଥିବା ସ୍ଥଳେ ମନ୍ଦିରର କୌଣସି ଉନ୍ନତି ନହେବାରେ ଟ୍ରଷ୍ଟି ପରିବର୍ତ୍ତନ ଲାଗି ସଂପୃକ୍ତ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ ପରେ ଠାକୁର ଭୋଗ ଖିଆକୁ କେନ୍ଦ୍ର କରି ସଂଘର୍ଷ ହେବାରେ ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶକ୍ରମେ ଏଣ୍ଡାମେଣ୍ଟ ଅଧିକାରୀ ବାଣପୁର ୨୦୧୮ ମସିହାରେ ଟ୍ରଷ୍ଟି ପରିବର୍ତ୍ତନ କରିଥିଲେ । ସେବେଠାରୁ ଟ୍ରଷ୍ଟି ଭାବେ ଭ୍ରମରବର ପାଇକରାୟଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିବା ବେଳେ ସେ ଦାୟିତ୍ୱ ଭାର ତୁଲାଇ ଆସୁଥିଲେ । ହେଲେ ସେହି ସମୟରେ ପୁରୁଣା ଟ୍ରଷ୍ଟି ଦାୟିତ୍ୱ ନେବା ନିମନ୍ତେ ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶକୁ ଚାଲେଞ୍ଜ କରି ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ମାମଲା ଦାୟର କରିଥିବା ବେଳେ ଉକ୍ତ ପୀଠରେ ବିବାଦ ଯୋଗୁଁ ବିଶୃଙ୍ଖଳା ଲାଗି ରହିଛି । ଫଳରେ ମନ୍ଦିରର ଉନ୍ନତି କରଣ ସମ୍ପୂର୍ଣ୍ଣ ଠପ ହୋଇ ଯାଇଥିବା ବେଳେ ମନ୍ଦିରରେ ଠାକୁରଙ୍କ ରିତିନୀତି, ଜାନିଯାତ୍ରା ଆଦିରେ ସମସ୍ୟା ଦେଖାଦେବା ସହ ଅଶାନ୍ତି ସୃଷ୍ଟି ହେଉଛି । ଏପରିସ୍ଥଳେ ମନ୍ଦିର ଟ୍ରଷ୍ଟିକୁ ନେଇ ଉଚ୍ଚ ନ୍ୟାୟାଳୟରେ ମାମଲା ଚାଲିଥିବା ବେଳେ ପୀଠରେ ବାରମ୍ବାର ଅଶାନ୍ତିର ବାତାବରଣ ଦେଖାଦେବାରେ ୨୦୨୪ ମସିହାରେ ଦେବୋତ୍ତର କମିସନ ମନ୍ଦିରର ଟ୍ରଷ୍ଟ ଦାୟୀତ୍ୱ ପରିବର୍ତ୍ତନ କରି ପ୍ରଶାସନ ହାତକୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଉକ୍ତ ଦିନ ଠାରୁ ଏବେ ଦୁଇ ବର୍ଷ ହେବ ଚିଲିକା ତହସିଲଦାରଙ୍କୁ ମନ୍ଦିର ଟ୍ରଷ୍ଟ ଦାୟିତ୍ୱ ଦିଆଯାଇଥିବା ବେଳେ ପ୍ରାୟ ତିନି ମାସ ହେବ ଚିଲିକା ଅତିରିକ୍ତ ତହସିଲଦାରଙ୍କୁ ମନ୍ଦିର ଟ୍ରଷ୍ଟ ଦାୟିତ୍ୱ ଦିଆଯାଇଛି । ତେବେ ବର୍ତ୍ତମାନ ଜେନତେନ ପ୍ରକାରେ ମନ୍ଦିର କାର୍ଯ୍ୟ ଚାଲିଥିବା ସ୍ଥଳେ ମନ୍ଦିରରେ ବିଭିନ୍ନ ସମସ୍ୟା ଲାଗି ରହିଛି । ହେଲେ ଦେବୋତ୍ତର ବିଭାଗ ଓ ପ୍ରଶାସନର ଅବହେଳା ଯୋଗୁଁ ଏଯାବତ ଶ୍ରୀ ରାମେଶ୍ୱର ଦେଙ୍କ ପୀଠରେ ସ୍ଥାୟୀ ଟ୍ରଷ୍ଟି ଗଠନ କରାଯାଇ ପାରି ନାହିଁ । ରାଜନୈତିକ ଚାପରେ ଦେବୋତ୍ତର କମିଶନର ଟ୍ରଷ୍ଟି ପରେ ଟ୍ରଷ୍ଟି ପରିବର୍ତ୍ତନ କରି ଚାଲିଛନ୍ତି । ଫଳରେ ଚିଲିକା ନିର୍ବାଚନ ମଣ୍ଡଳୀର ପ୍ରମୁଖ ଚାରି ଗୋଟି ଶୈବପୀଠରେ ଏଯାବତ ସ୍ଥାୟୀ ଟ୍ରଷ୍ଟି ଗଠନ କରାଯାଇ ପାରି ନାହିଁ । ମନ୍ଦିର ପରିଚାଳନା ନିମନ୍ତେ ଜ୍ଞାନ ନଥିବା ବ୍ୟକ୍ତି ବିଶେଷଙ୍କୁ ମନ୍ଦିର ପରିଚାଳନା ଦାୟୀତ୍ୱ ଦିଆଯାଉଥିବା ସହ ରାଜନୈତିକ ବ୍ୟକ୍ତିମାନେ ମନ ମୁତାବକ ଟ୍ରଷ୍ଟ ବୋର୍ଡ ଗଠନ କରାଇ ମନ୍ଦିର ଭଳି ଧାର୍ମିକ ଅନୁଷ୍ଠାନରେ ଅରାଜକତା ସୃଷ୍ଟି କରିଚାଲିଛନ୍ତି । ଫଳ ସ୍ୱରୂପ ଉକ୍ତ ମନ୍ଦିର ଗୁଡିକର ଉନ୍ନତି କରଣ ହୋଇପାରୁ ନଥିବା ବେଳେ ଠାକୁରଙ୍କ ରୀତିନୀତି, ଜାନିଯାତ୍ରାରେ ସମସ୍ୟା ଲାଗି ରହି ଅଶାନ୍ତ ସୃଷ୍ଟି ହେଉଛି । ଏସବୁ ଦେବୋତ୍ତର ବିଭାଗ ଜାଣି ଅଜଣା ଭଳି ନୀରବ ରହୁଛି । ଦେବୋତ୍ତର ବିଭାଗ ଓ ପ୍ରଶାସନର ଅବହେଳା ଯୋଗୁଁ ଏହି ମନ୍ଦିର ମାନଙ୍କରେ ସମାସ୍ୟା ମାନ ଲାଗି ରହିଛି । ଡବଲ ଇଂଜିନ ବିଜେପି ସରକାର କ୍ଷମତାକୁ ଆସିବାର ଦୁଇ ବର୍ଷ ବିତିଲା, ଚିଲିକାରେ ବିଜେପି ଦଳର ବିଧାୟକ ପୃଥ୍ୱିରାଜ ହରିଚନ୍ଦନ ନିର୍ବାଚିତ ହୋଇ ଆଇନ ମନ୍ତ୍ରୀ ଅଛନ୍ତି । ହେଲେ ଉକ୍ତ ମନ୍ଦିର ମାନଙ୍କରେ ସ୍ଥାୟୀ ଟ୍ରଷ୍ଟ ବୋର୍ଡ ଗଠନ ନକରି ମନ୍ଦିର ପରିଚାଳନା ଓ ଜାନିଯାତ୍ରା ସଂପର୍କରେ ଜ୍ଞାନ ନଥିବା ଦଳୀୟ କର୍ମୀ ମାନଙ୍କୁ ଦାୟିତ୍ୱ ଦେବାରେ ଅରାଜକତା ଦେଖା ଦେଇ ମନ୍ତ୍ରୀ ସମାଲୋଚିତ ହେଉଥିବା ସ୍ଥଳେ ଏଯାବତ ଉକ୍ତ ମନ୍ଦିର ଗୁଡିକର ସମସ୍ୟାର କୌଣସି ସମାଧାନ ହୋଇ ପାରିଲା ନାହିଁ । ଫଳରେ ଜନସାଧାରଣରେ ଅଶାନ୍ତି ବୃଦ୍ଧି ପାଉଛି । ଏହି ସଂପର୍କରେ ଅତିରିକ୍ତ ତହସିଲଦାର ବିଷ୍ଣୁପ୍ରିୟା ବେହେରାଙ୍କୁ ପଚାରିବାରେ ଆସ୍ତେ ଆସ୍ତେ କିଛି ମାତ୍ରାରେ ବିଭିନ୍ନ ସମସ୍ୟାର ସମାଧାନ କରାଯାଇଛି । ଆଗକୁ ଅଞ୍ଚଳର ବୁଦ୍ଧିଜୀବୀମାନଙ୍କୁ ଡ଼ାକି ବୈଠକ କରି ଟ୍ରଷ୍ଟବୋର୍ଡ ଗଠନ କରାଯାଇ ସମସ୍ତ ସମସ୍ୟା ଦୂରିଭୁତ କରାଯିବ ବୋଲି କହିଥିଲେ । ହେଲେ କେବେ ଏହାର ସମାଧାନ ହେଉଛି ତାହା ଦେଖିବାକୁ ବାକି ରହିଲା । ଏହାକୁ ଗୁରୁତ୍ୱର ସହ ନେଇ ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ଦେବୋତ୍ତର କମିଶନର ଦୃଷ୍ଟି ଦେଇ ହସ୍ତକ୍ଷେପ କରି ସମସ୍ତ ବହୁବିଧ ସମସ୍ୟାର ସମାଧାନ ଲାଗି ଯଥାଶୀଘ୍ର ମନ୍ଦିରର ସବୁ କିଛି ଜାଣିଥିବା ଅଞ୍ଚଳର ଉପଯୁକ୍ତ ବ୍ୟକ୍ତିଙ୍କୁ ଟ୍ରଷ୍ଟି ଦାୟିତ୍ୱ ଦେବା ସହ ସଠିକ ପରିଚାଳନା କମିଟି ଗଠନ କରି ଦାୟୀତ୍ୱ ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୃଢ ଦାବି ହେଉଛି ।

୨/୬/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୯୮,୯୧୦/- ସୁନା:୦୫.୪୦୦ ଗ୍ରାମ୍ ରୁପା: ୪୫.୫୦୦ ଗ୍ରାମ୍



### ଆଜି ବିଶ୍ୱ ସାଇକଲ ଦିବସ

# ପେଡାଲ୍ ମାରିଲେ ବଦଳିବ ଜୀବନ

ପୁରୀ,୨।୬(ସମିସ)

ବୁଧବାର ବିଶ୍ୱ ସାଇକଲ ଦିବସ। ଆଧୁନିକ ଜୀବନ ଶୈଳୀରେ ଗାଡ଼ି ମୋଟର ଭିତରେ ହଜିଯାଉଥିବା ସାଇକଲ ଆଜି ବି ସ୍ୱାସ୍ଥ୍ୟ, ପରିବେଶ ଓ ପର୍ଯ୍ୟଟନର ସବୁଠୁ ବଡ଼ ବନ୍ଧୁ। ଏମିତି ଅନେକ ଲୋକ ଅଛନ୍ତି ସକାଳ ହେଲେ ସାଇକଲରେ ଘେରାଏ ବୁଲି ନ ଆସିଲେ ତାଙ୍କୁ ଭଲ ଲାଗେନି। ଆଧୁନିକ ଜୀବନ ଶୈଳୀ ଭିତରେ ବି ଅନେକ ଜାଗାରେ ଗଢ଼ିଉଠିଛି ସାଇକଲ କ୍ଲବ୍। ଏଥିମଧ୍ୟରୁ ପୁରୀ ସାଇକଲ କ୍ଲବ୍ ଅନ୍ୟତମ। ୨୦୧୫ରେ ଗଠିତ ଏହି କ୍ଲବ୍ ଆଜି ୧୫ରୁ ୨୦ ଜଣ ସଦସ୍ୟଙ୍କୁ ନେଇ ପୁରୀକୁ ସାଇକଲ ସହର କରିବାର ସ୍ୱପ୍ନ ଦେଖୁଛି। ବରିଷ୍ଠ ପୁଲିସ ଅଧିକାରୀ ଆଶିଷ ସିଂ ଏହାର ଚେୟାରମ୍ୟାନ୍, ସମାଜସେବୀ ଯୁଗବ୍ରତ କର ସଭାପତି ଓ ପୁଲିସ ଅଧିକାରୀ ପ୍ରଭାତ ରାଉତରାୟ ସାଧାରଣ ସମ୍ପାଦକ ଭାବେ ଏହି ଅଭିଯାନକୁ ଆଗେଇ ନେଉଛନ୍ତି। ପ୍ରତିଦିନ ନ ହେଲେ ବି ସପ୍ତାହକୁ ଦୁଇଦିନ ଏମାନେ ଦଳ ବାନ୍ଧି ବାହାରନ୍ତି ଚାରୋଟି ରୁଟ୍‌ରେ ଯଥା- ବାଲୁଖଣ୍ଡ ଜଙ୍ଗଲ ରୁଟ୍, ଚନ୍ଦନପୁର-ରଘୁରାଜପୁର ଭିଲେଜ୍ ରୁଟ୍, ସହରର ଐତିହ୍ୟକୁ ଛୁଇଁଯାଉଥିବା ହେରିଟେଜ୍ ଟ୍ରେଲ୍ ଏବଂ ଷ୍ଟର୍ଲିଂ-ପେଣ୍ଠକଟା-ତୋଷାଲୀ ଦେଇ ଯାଉଥିବା ବିଚ୍ ଟ୍ରେଲ୍।

ସାଇକଲ ପରିବେଶ ଅନୁକୂଳ। ନିୟମିତ ସାଇକଲ ଚଲାଇଲେ ହୃଦୟ ମଜଭୁତ ହୁଏ, ରକ୍ତଚାପ ନିୟନ୍ତ୍ରଣରେ



ରହେ। ଦିନକୁ ମାତ୍ର ୩୦ ମିନିଟ୍ ସାଇକେଲିଂ ମଧୁମେହ, ମୋଟାପଣ ଓ କୋଲେଷ୍ଟ୍ରଲ ଭଳି ରୋଗକୁ ଦୂରେଇ ରଖେ। ମାଂସପେଶୀ ଓ ହାଡ଼ ମଜଭୁତ ହେବା ସହ ଶରୀରର ସନ୍ତୁଳନ କ୍ଷମତା ବଢ଼େ। ସକାଳର ଥଣ୍ଡା ପବନରେ ସାଇକଲ ଚଲାଇଲେ ମସ୍ତିଷ୍କରୁ ଏଣ୍ଡୋରଫିନ୍ ହରମୋନ କ୍ଷରଣ ହୁଏ, ଯାହା ଚାପ ଓ ଉଦ୍‌ବେଗ କମାଏ। ବାଲୁଖଣ୍ଡ ଜଙ୍ଗଲର ସବୁଜିମା କିମ୍ବା ସମୁଦ୍ର କୂଳର ଲହରୀ ଦେଖି ସାଇକଲ ଚଲାଇଲେ ମନ ପ୍ରଫୁଲ୍ଲିତ ହୁଏ। ସାଇକଲ ହେଉଛି ଜିରୋ ଏମିସନ ଯାନ। ଗୋଟିଏ କାର୍ ବଦଳରେ ଯଦି ୧୦ ଜଣ ସାଇକଲ ବ୍ୟବହାର କରନ୍ତି, ବର୍ଷକୁ ପ୍ରାୟ ୫ ଟନ୍ କାର୍ବନ ଡାଇଅକ୍ସାଇଡ୍ କମ୍ ନିର୍ଗତ ହେବ। ପୁରୀ ଭଳି ତୀର୍ଥ ଓ ପର୍ଯ୍ୟଟନ ସହର ପାଇଁ ଏହା ବରଦାନ। ଟ୍ରାଫିକ୍ ଜାମ୍ ଓ ଶବ୍ଦ ପ୍ରଦୂଷଣରୁ ମଧ ମୁକ୍ତି ମିଳିବ। ସାଇକଲରେ ନା ପେଟ୍ରୋଲ ଖର୍ଚ୍ଚ, ନା ବଡ଼ ମେଣ୍ଟେନାନ୍ସ। ମାସକୁ ହଜାର ହଜାର ଟଙ୍କା ସଞ୍ଚୟ। ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ପାଇଁ ଏହା ସବୁଠୁ ଶସ୍ତା ଓ ସୁବିଧା ଯାତାୟାତ ମାଧ୍ୟମ।

ପୁରୀ କ୍ଲବ୍‌ର ସଭାପତି ଯୁଗବ୍ରତ କର କହନ୍ତି, ପୁରୀରେ ସାଇକଲ ଟୁରିଜିମ୍‌ର ପ୍ରଚୁର ସମ୍ଭାବନା ଅଛି। ଦେଶ-ବିଦେଶର ପର୍ଯ୍ୟଟକ ସାଇକଲରେ ବୁଲି ଶ୍ରୀମନ୍ଦିର ସମେତ ବହୁ ପ୍ରାଚୀନ ମଠ, ମନ୍ଦିର, ତୀର୍ଥ ପୁଷ୍କରିଣୀର ନିଆରା ଅନୁଭୂତି ନେଇପାରିବେ। ସାହିଗଳି ରାସ୍ତା ସଂକୀର୍ଣ୍ଣ ଥିବାରୁ ସାଇକଲ ହିଁ ଶ୍ରେଷ୍ଠ ବିକଳ୍ପ। ପୁରୀର ସଂସ୍କୃତି, ପରମ୍ପରା ଓ ଖାଦ୍ୟର ମଜା ପାଖରୁ ନେଇହେବ। ପୁରୀ ସହର ସାଇକଲ ପାଇଁ ବେଶ୍ ଉପଯୋଗୀ- ସମତଳ ରାସ୍ତା, କମ୍ ଟ୍ରାଫିକ୍। କ୍ଲବ୍‌ର ଉଦ୍ଦେଶ୍ୟ ହେଲା ଯୁବପିଢ଼ିଙ୍କୁ ସାଇକଲ ପ୍ରତି ଆକୃଷ୍ଟ କରିବା। ହାଇଦରାବାଦ୍, ବେଙ୍ଗାଲୁରୁ ଭଳି ସହରରେ ଡେଡିକେଟେଡ୍ ସାଇକଲ ଟ୍ରେଲ୍ ଅଛି। ପୁରୀ ବିଚ୍ କଡ଼ରେ ଓ ସହର ଭିତରେ ଯଦି ସାଇକଲ ଟ୍ରେଲ୍ ତିଆରି ହୁଏ, ତେବେ ଯୁବପିଢ଼ି ଅଧିକ ଆଗ୍ରହ ଦେଖାଇବେ ବୋଲି ଶ୍ରୀ କର ମତ ଦେଇଛନ୍ତି। ସାଇକଲ ଟୁରିଜିମ୍‌କୁ ପ୍ରୋତ୍ସାହନ ଦେବାକୁ ହେଲେ ସରକାର ଓ ପ୍ରଶାସନକୁ ଆଗେଇ ଆସିବାକୁ ପଡ଼ିବ। ପର୍ଯ୍ୟଟକଙ୍କ ପାଇଁ ସହଜରେ ଭଡ଼ା ସାଇକଲ ଉପଲବ୍ଧ କରାଇବା, ସାଇକଲ ଷ୍ଟାଣ୍ଡ, ମ୍ୟାପ୍ ସହ ମାର୍କ ହୋଇଥିବା ଟ୍ରେଲ୍ ଓ ସୁରକ୍ଷା ବ୍ୟବସ୍ଥା ଜରୁରୀ। ବିଶ୍ୱ ସାଇକଲ ଦିବସରେ ଆସନ୍ତୁ ଶପଥ ନେବା, ସପ୍ତାହକୁ ଅତିକମ୍‌ରେ ଦୁଇଦିନ ସାଇକଲ ଚଲାଇବା। ନିଜେ ସୁସ୍ଥ ରହିବା, ସହରକୁ ସବୁଜ ରଖିବା।

ରଥଖଳାରୁ...



## ଅଖ ଉପରକୁ ଉଠିଲା ଦଣ୍ଡା ଫ୍ରେମ୍

ପୁରୀ,୨।୬(ସମିସ): ରଥଯାତ୍ରା ପାଇଁ ରଥଖଳାରେ ତିଆରି ଚାଲିଛି ତିନିରଥ। ପୂର୍ବରୁ ଚକ, ଅଖ ଡେରା ସରିଥିବା ବେଳେ ମଙ୍ଗଳବାର ଅଖ ଉପରକୁ ଉଠିଛି ଦଣ୍ଡା ଫ୍ରେମ୍। ପୂର୍ବାହ୍ଣରେ ମୁଖ୍ୟ ମହାରଣାମାନଙ୍କ ଦ୍ୱାରା ତିନିରଥର ଦଣ୍ଡାରେ ନଡ଼ିଆ ବାଡ଼େଇ ଅନୁକୂଳ ପୂଜା ପରେ ତିନିରଥ ଅଖ ଉପରକୁ ଦଣ୍ଡା ଫ୍ରେମ୍ ଉଠିଛି। ଏଥିସହ ଶେଷ ହୋଇଛି ତିନିରଥର ଦଣ୍ଡା ଗୋଲେଇ କାର୍ଯ୍ୟ (ଦଣ୍ଡାଗୁଡ଼ିକରେ ଅର୍ଦ୍ଧ ଚନ୍ଦ୍ରାକାର ଖୋଦେଇ ବା କାପ କାର୍ଯ୍ୟ)। ରଥ ଅଖ ଉପରକୁ ଦଣ୍ଡା ଉଠିବା ପରେ ମୁଖ୍ୟ ମହାରଣାମାନଙ୍କ ମାର୍ଗଦର୍ଶନରେ ସହଯୋଗୀ ମହାରଣାମାନେ ତିନିରଥର ଦଣ୍ଡାଗୁଡ଼ିକରେ ଦଣ୍ଡା ଗୋଲେଇ ମାପ ଚିହ୍ନ ଦେବା ସହ ଖୋଦେଇ ଶେଷ କରିଥିଲେ। ଏହାପରେ ତିନିରଥ ଦଣ୍ଡାକୁ ଅଖ ସହ ସେଟିଂ କରାଯାଇ ପାଞ୍ଚ ଦଣ୍ଡା ଆଗ ପଛ ମୁହାଁଟ ସଂଯୋଗ ହୋଇଥିଲା। ଆଗ ମୁହାଁଟରେ ସାଲ ଗୁଜ ଏବଂ ପଛ ମୁହାଁଟରେ ଜଳଯନ୍ତ୍ର ଏବଂ ଦୁଇଟି ସାଲଗୁଜ ଉଠିଥିଲା। ଗୁଜ ଉପରେ ନିରାଡ଼ି ପଡ଼ି କୁଡୁକା ସଂଯୋଗ ହୋଇ ଦଣ୍ଡାରେ କଣ୍ଟା ବାଡ଼ିଆ କାର୍ଯ୍ୟ ପାଇଁ କତା ଦଉଡ଼ିରେ ଟାଣ ଦେଇ ବାନ୍ଧେଣୀ ଶେଷ ହୋଇଛି। ବୁଧବାର କମାର ସେବକ ତିନିରଥ ଦଣ୍ଡାରେ କଣ୍ଟା ପଡ଼ିବା କାର୍ଯ୍ୟ ସମ୍ପନ୍ନ କରିବେ। ଏଥିସହ ତିନିରଥର ସମସ୍ତ ଗୟଳର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକମାନେ ବେଦୀ ସିଂହାସନ ମୁହାଁଟରେ ଚିତ୍ର ଖୋଦେଇ ସହ ନାଟ ଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀଠାରେ ପାହି ମହାରଣାମାନେ ଅଣସର ଏବଂ ରଥଯାତ୍ରାରେ ସେବା ପୂଜା ନୀତି ପାଇଁ କାଠ ସରଞ୍ଜାମ ତିଆରି କରୁଛନ୍ତି। କମାରଶାଳରେ କମାର ସେବକମାନେ ପୋଟଳ କଣ୍ଟା ନିର୍ମାଣ ସହ ତିନିରଥର ଦଣ୍ଡାରେ କଣ୍ଟା ପଡ଼ିବା ପାଇଁ ସମସ୍ତ ଦଣ୍ଡା କଣ୍ଟା ସାଇତା କାର୍ଯ୍ୟ ସାରିଛନ୍ତି।

■ ସିଡିଏମ୍‌ଓଙ୍କୁ ଆପ୍‌ର ଦାବିପତ୍ର

## ରେଫର୍ ବନ୍ଦ ହେଉ; ପୁରୀରେ ସମ୍ପୂର୍ଣ୍ଣ ଚିକିତ୍ସା ଦିଅ

ପୁରୀ,୨।୬(ସମିସ)

ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ବିପର୍ଯ୍ୟସ୍ତ ଅବସ୍ଥାକୁ ନେଇ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନୂତନ ମେଡିକାଲ କୋଠା ନିର୍ମାଣରେ ବିଳମ୍ବ ଏବଂ ନିର୍ମାଣ ସରିଥିବା ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇ ନ ପାରିବାରୁ ଜିଲ୍ଲାବାସୀ ଉତ୍ତମ ଚିକିତ୍ସା ସୁବିଧାରୁ ବଞ୍ଚିତ ହେଉଛନ୍ତି ବୋଲି ପାର୍ଟି ଅଭିଯୋଗ କରିଛି। ଦାବିପତ୍ରରେ ଉଲ୍ଲେଖ ଅଛି ଯେ, ଆବଶ୍ୟକ ଚିକିତ୍ସା ସୁବିଧା ନ ପାଇ ଅନେକ ରୋଗୀ ଭୁବନେଶ୍ୱର-କଟକ ରେଫର ହେଉଛନ୍ତି ଏବଂ କେତେକ କ୍ଷେତ୍ରରେ ରାସ୍ତାରେ ହିଁ ପ୍ରାଣ ହରାଉଛନ୍ତି। ଏଭଳି ରେଫର୍ ରାଜନୀତି ବନ୍ଦ କରି ପୁରୀରେ ସମ୍ପୂର୍ଣ୍ଣ ଏବଂ ଉତ୍ତମ ଚିକିତ୍ସା ଦେବା ସହ ଆପ୍ ପକ୍ଷରୁ ସିଡିଏମ୍‌ଓଙ୍କୁ ୧୨ ଦଫା ଦାବିପତ୍ର ଦିଆଯାଇଛି। ଏହି ଦାବିଗୁଡ଼ିକ ମଧ୍ୟରେ ହସ୍ପିଟାଲର ନିରାମୟ, ୬ ତାଲା, କ୍ୟାମ୍ପସ୍, କାଜୁଆଲିଟି ଓ ଅନ୍ୟାନ୍ୟ ବିଭାଗରେ ୧୫୦ଟି ନୂତନ ଫ୍ୟାନ୍ ସ୍ଥାପନ, କାଜୁଆଲିଟି, ହିଟ୍ ଷ୍ଟ୍ରୋକ୍, ଅର୍ଥୋପେଡିକ୍, ଚକ୍ଷୁରୋଗ ବିଭାଗ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ୱାର୍ଡରେ ୧୦ଟି ଏସି ସ୍ଥାପନ, ହସ୍ପିଟାଲ କ୍ୟାମ୍ପସ୍ ଓ ୱାର୍ଡରେ ୭ଟି ୱାଟର ପ୍ୟୁରିଫାୟର ସହ ବେସିନ୍



ବ୍ୟବସ୍ଥା, ୬ ତାଲାରେ ଉନ୍ନତମାନର ଏଲ୍‌ଇଡି ଲାଇଟ୍ ସ୍ଥାପନ, କାଜୁଆଲିଟିରୁ ୱାର୍ଡକୁ ଯିବା ରାସ୍ତାରେ ଚାଲିଥିବା ସିଲିଂ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ, ୬ ତାଲାରେ ଦୁର୍ବଳ ପରିଚାଳନା ବ୍ୟବସ୍ଥାର ତଦନ୍ତ ଓ ଦାୟୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ମହିଳା ୱାର୍ଡରେ ସ୍ୱଚ୍ଛତା, ସୁରକ୍ଷା ଓ ମୌଳିକ ସୁବିଧାର ଉନ୍ନତି, ରୋଗୀଙ୍କ ପରିଜନଙ୍କ ହଇରାଣ ଦୂର ପାଇଁ ଉଚିତ୍ ବ୍ୟବସ୍ଥା, ସର୍ଜରୀ ୱାର୍ଡ ପଛପଟେ ଜମିଥିବା ଡ୍ରେନ୍ ପାଣି ଓ ଆବର୍ଜନାର ତୁରନ୍ତ ସଫେଇ, ୧୦ ବର୍ଷରୁ ଅଧିକ ସମୟ ଧରି ପୁରୀରେ କାର୍ଯ୍ୟରତ ଡାକ୍ତରମାନଙ୍କ ବଦଳି କରି ଅଭିଜ୍ଞ ଓ ଦକ୍ଷ ଡାକ୍ତରଙ୍କ ନିଯୁକ୍ତି (କାରଣ ଦୀର୍ଘଦିନ ଧରି ରହିବା ଯୋଗୁଁ ସରକାରୀ ଚିକିତ୍ସାରେ ଅବହେଳା ଓ ଘରୋଇ ଚିକିତ୍ସାଳୟକୁ ଯିବାକୁ ପରୋକ୍ଷ ପ୍ରୋତ୍ସାହନ ଅଭିଯୋଗ ହେଉଛି), ହୃଦ୍‌ରୋଗ ଓ ସ୍ନାୟୁରୋଗ ବିଭାଗରେ ସ୍ଥାୟୀ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଡ୍ୟୁଟି ସମୟରେ ଡାକ୍ତରଙ୍କ ଉପସ୍ଥିତି ସୁନିଶ୍ଚିତ କରିବା (ଅନେକ ସମୟରେ ଜରୁରୀକାଳୀନ ବିଭାଗରେ ବି ଡାକ୍ତର ନ ଥିବା ଅଭିଯୋଗ ହେଉଛି)। ଆପ୍ ଜିଲ୍ଲା ସମ୍ପାଦକ ସତ୍ୟଜିତ୍ ମହାନ୍ତି ଚେତାବନୀ ଦେଇ କହିଛନ୍ତି, ଏହି ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ନ ହେଲେ ରୋଗୀ ଓ ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପଡ଼ିବ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ଜନସ୍ୱାର୍ଥରେ ଆପ୍ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ବାଧ୍ୟ ହେବ। ଏହି ଦାବିପତ୍ର ପ୍ରଦାନରେ ପୁରୀ ନଗର ସଭାପତି ରମାକାନ୍ତ ସ୍ୱାଇଁ, ଯୁବ ସଂଗଠକ ଜନ୍ମେଜୟ ଜେନା ଏବଂ ଅମନ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ ସାହୁ ବାଲୁକା ଆନିମେସନ ମାଧ୍ୟମରେ ବ୍ରିକ୍ସ ପ୍ରତିନିଧିମାନଙ୍କୁ ଅନନ୍ୟ ଢଙ୍ଗରେ ସ୍ୱାଗତ କରିଛନ୍ତି।

ଆସୁଛି ରଥଯାତ୍ରା

## ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସମୀକ୍ଷା କଲେ ଡିଜି

ପୁରୀ,୨।୬(ସମିସ)



ଆଗାମୀ ରଥଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରିବା ଲକ୍ଷ୍ୟରେ ମଙ୍ଗଳବାର ସର୍କିଟ୍ ହାଉସ୍‌ରେ ଅଗ୍ନିଶମ ବିଭାଗର ଡିଜି ସୁଧାଂଶୁ ଷଡ଼ଙ୍ଗୀ ଫାୟାର ପ୍ରୋଟେକ୍ସନ ଓ ରେସ୍‌କ୍ୟୁ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏଥିରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉପସ୍ଥିତ ଥିଲେ। ରଥଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତ ଆସିବେ। ଏହାକୁ ଦୃଷ୍ଟିରେ ରଖି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏଥିରେ ମ୍ୟୁନିସିପାଲିଟି କମିସନର, ମେଡିକାଲ ଟିମ୍, ପୁଲିସ ଓ ଫାୟାର ରେସ୍‌କ୍ୟୁ ଟିମ୍ ରହିଛନ୍ତି। କର୍ଡନ ଭିତରେ ଓ ବାହାରେ ସାଧାରଣ ଲୋକ ପ୍ରବେଶ କରିପାରିବେ ନାହିଁ। କେବଳ ନିୟୋଜିତ ଟିମ୍ କର୍ଡନ ଭିତରେ ରହିବେ। କୌଣସି ଛୋଟପିଲା ବା ବୃଦ୍ଧ ବ୍ୟକ୍ତି ଅସୁସ୍ଥ ହୋଇ ପଡ଼ିଲେ ଫାୟାର ବ୍ରିଗେଡ୍‌ମାନେ ଷ୍ଟ୍ରେଚରରେ ତାଙ୍କୁ ନେଇ ଅକ୍ସିଜେନ ଦେଇ ଡାକ୍ତରଖାନା ପହଞ୍ଚାଇବେ। କର୍ଡନ ଭିତର ଓ ବାହାର ପାର୍ଶ୍ୱରେ ସମସ୍ତେ ପ୍ରୋଟେକ୍ସନ ପାଇଁ ଆଲର୍ଟ ରହିବେ। ପ୍ରାଇଭେଟ୍ ଏନ୍‌ଜିଓ ବା ଇଣ୍ଡଷ୍ଟ୍ରିମାନଙ୍କୁ ରଥରେ ଖାଦ୍ୟ ଓ ପାନୀୟ ଯୋଗାଇବାକୁ ବାରଣ କରାଯାଇଛି। କେବଳ ସରକାରୀ ଭାବରେ ଅନୁମୋଦିତ ଏନ୍‌ଜିଓ ବା ଖାଦ୍ୟ ପାନୀୟ ଯୋଗାଣ ସଂସ୍ଥା ହିଁ ବଣ୍ଟନ କରିପାରିବେ। ପ୍ରତ୍ୟେକ ଛକ ଓ ଭିଡ଼ ସ୍ଥାନରେ ରେସ୍‌କ୍ୟୁ ଟିମ୍ ମୁତୟନ ରହିବେ।

ପୁରୀରେ ପ୍ରାୟ ୧୮୦୦ ଲଜ୍ ଓ ହୋଟେଲ ଥିବାବେଳେ ମାତ୍ର ୩୦ରୁ ୪୦ଟି ଫାୟାର ସେଫ୍‌ଟି ଲାଇସେନ୍ସ କରିଛନ୍ତି। ଅନ୍ୟମାନେ ଲାଇସେନ୍ସ ନ କରିବାରୁ ଅଗ୍ନିକାଣ୍ଡ ଘଟିଲେ ଜୀବନ ଓ ଧନହାନୀର ଆଶଙ୍କା ରହିଛି। ଏଣୁ ଡିଜି ଶ୍ରୀ ଷଡ଼ଙ୍ଗୀ ଏସ୍‌ପିଙ୍କୁ ତୁରନ୍ତ ହୋଟେଲ ଓ ଲଜ୍‌ରେ ରେଡ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଆଗୁଆ ନୋଟିସ୍ ଜାରି କରିବାକୁ କୁହାଯାଇଛି। ଡିଜି କହିଛନ୍ତି ଯେ, ରଥଯାତ୍ରା ଯେପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ଏବଂ କୌଣସି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ଅଗ୍ନିଶମ ଅଧିକାରୀ ପ୍ରସ୍ତୁତ ରହିବେ। ବୈଠକରେ ମ୍ୟୁନିସିପାଲିଟି କମିସନର ଅରୁଗୁଳା ସ୍ନେହା, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତଚନ୍ଦ୍ର ମହାପାତ୍ର, ସିଡିଏମ୍‌ଓ ଅକ୍ଷୟ କୁମାର ଶତପଥୀ, ମୁଖ୍ୟ ଅଗ୍ନିଶମ ଅଧିକାରୀ ଦେବେନ୍ଦ୍ର କୁମାର ସ୍ୱାଇଁ, ଚିଫ୍ ଫାୟାର ଅଫିସର ରମେଶ ଚନ୍ଦ୍ର ମାଝୀ, ଫାୟାର ଅଫିସର ସେଣ୍ଟ୍ରାଲ ରେଞ୍ଜ ତିଲୋକ କୁମାର ବାବୁ, ଡେପୁଟି ଫାୟାର ଅଫିସର ସନ୍ତୋଷ ପାଣିଗ୍ରାହୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

## ଲଟେରୀରେ ଖୋଲିଲା ମଦ ଦୋକାନୀଙ୍କ ଭାଗ୍ୟ

ପୁରୀ,୨।୬(ସମିସ): ଲଟେରୀରେ ଖୋଲି ପୁରୀ ଜିଲ୍ଲାର ମଦ ଦୋକାନୀଙ୍କ ଭାଗ୍ୟ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମଙ୍ଗଳବାର ଜିଲ୍ଲାର ୫୪ଟି ମଦ ଦୋକାନ ପାଇଁ ନିଲାମ ପ୍ରକ୍ରିୟା ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଉପସ୍ଥିତ ରହି ନିଲାମ ପ୍ରକ୍ରିୟାକୁ ଅନୁଧ୍ୟାନ



କରିଥିଲେ। ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ମୋଟ୍ ୫୪ଟି ମଦ ଦୋକାନ ପାଇଁ ୧,୭୯୧ ଜଣ ଆବେଦନ କରିଥିଲେ। ଏଥିରେ ୩୬ଟି ବିଦେଶୀ ମଦ ଦୋକାନ ପାଇଁ ୧,୨୫୮ ଆବେଦନ ମିଳିଥିବାବେଳେ ଓ ୧୮ଟି ଦେଶୀ ମଦ ଦୋକାନ ପାଇଁ ୫୩୩ ଜଣ ଆବେଦନ କରିଥିଲେ। ଏହାକୁ ଲଟେରୀ ମାଧ୍ୟମରେ ଚୟନ କରାଯାଇଥିଲା। ଆବେଦନକାରୀଙ୍କ ଉପସ୍ଥିତିରେ ଟୋକନଗୁଡ଼ିକୁ ଏକ ଡବାରେ ପକାଯାଇ ଘଣ୍ଟାଘଣ୍ଟି କରାଯାଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ଆଖିରେ କଳା ପଟି ବାନ୍ଧି ଏହି ଡବାରୁ ଗୋଟିଏ ଗୋଟିଏ ଟୋକନ ଉଠାଇ ଲଟେରୀ ବିଜେତାଙ୍କ କ୍ରମିକ ସଂଖ୍ୟା ଘୋଷଣା କରିଥିଲେ। ପରେ ସେହି କ୍ରମିକ ସଂଖ୍ୟାର ନାମଧାରୀଙ୍କୁ ସମ୍ପୃକ୍ତ ମଦ ଦୋକାନର ବିଜେତା ବୋଲି ଘୋଷଣା କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ପୁରୀ ମହାନଗର ନିଗମର ଯୁଗ୍ମ କମିସନର ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ବିଶ୍ୱନାଥ ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ସୂଚନା ବିଜ୍ଞାନ ଅଧିକାରୀ ଦୁର୍ଗା ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଅବକାରୀ ଅଧୀକ୍ଷକ ଜଗଦୀଶ ସାମଲ ଓ ଅବକାରୀ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ୩୦୦ ବୋତଲ ନିଶା ଔଷଧ ଜବତ

ପୁରୀ,୨।୬(ସମିସ): କୁମ୍ଭାରପଡ଼ା ଥାନା ପୁଲିସ ବସ୍‌ଷ୍ଟାଣ୍ଡ ପରିସରରେ ଚଢ଼ଉ କରି ଏକ ଅଟୋ ସହ ବିପୁଳ ପରିମାଣର ନିଶା ଔଷଧ ଏସ୍‌କଫ୍ ସିରପ ଜବତ କରିବା ସହ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଅନ୍ତର୍ଗତ ପଞ୍ଚୁକୁଲାର ସୁଦାମ ମହାରଣା। ସେ ବର୍ତ୍ତମାନ ପୁରୀ ବଳିଆପଣ୍ଡା ଦାମୋଦର ରୋଡ୍ ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ରହୁଥିଲେ। ପୁଲିସ ତାଙ୍କ ନିକଟରୁ ଏକ ଅଟୋ ସହ ୩୦୦ ବୋତଲ ଏସ୍‌କଫ ସିରପ ଜବତ କରିଛି। ବସ୍‌ଷ୍ଟାଣ୍ଡ ପରିସରରେ ଉକ୍ତ ଅଟୋରେ ବେଆଇନ ଭାବେ ଏସ୍‌କଫ ସିରପ ବୋତଲ ଚାଲାଣ ହେଉଥିବା ନେଇ ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା।

## ମହିଳାଙ୍କୁ ମନ୍ଦିର ପ୍ରବେଶ ବାରଣ: ଥାନାରେ ଅଭିଯୋଗ

ପୁରୀ,୨।୬(ସମିସ)

ଚନ୍ଦନପୁର ଥାନା ଅନ୍ତର୍ଗତ ଶିରୁଲୀ ମହାବୀର ମନ୍ଦିର ଦର୍ଶନ କରିବାକୁ ଯାଇଥିବା ଜଣେ ମହିଳାଙ୍କ ଜାତିକୁ ନେଇ ମନ୍ଦିର ପ୍ରବେଶ ବାରଣ କରାଯାଇଥିବା ଅଭିଯୋଗ ହେଉଛି। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଥିବାବେଳେ ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମହିଳା ଜଣକ କହିଛନ୍ତି କି, ତାଙ୍କର ମାନସିକ ଥିବା ହେତୁ ସେ ଦର୍ଶନ ପାଇଁ ଶିରୁଲୀ ମହାବୀର ମନ୍ଦିର ଯାଇଥିଲେ। ସେ ଲାଇନ୍‌ରେ ଯିବା ସମୟରେ ତାଙ୍କୁ ସେଠାରେ ଜଣେ ବ୍ୟକ୍ତି ନାମ ଓ ଜାତି ପଚାରିଥିଲେ। ତେବେ ସେ ତାଙ୍କର ନାମ ଓ ଜାତି କହିବା ପରେ ତାଙ୍କୁ ମନ୍ଦିରକୁ ଯିବା ବାରଣ ବୋଲି କହିବା ସହ ସେଠାରୁ ଚାଲିଯିବାକୁ କହିଥିଲେ। ପରେ ଆଉ କିଛି ବ୍ୟକ୍ତି ଆସି ତାଙ୍କୁ ପ୍ରବେଶ କରିବାକୁ ବାରଣ କରିବା ସହ ସେଠାରୁ ବାହାର କରିଦେଇଥିଲେ ବୋଲି ଅଭିଯୋଗ କରିଛନ୍ତି। ଏ ନେଇ ଚନ୍ଦନପୁର ଥାନାରେ ମହିଳା ଜଣକ ଅଭିଯୋଗ କରିଛନ୍ତି।

ଘଟଣା ସମ୍ପର୍କରେ ଥାନାଧିକାରୀଙ୍କୁ ପଚାରିବାରେ ଭୁଲ୍ ବୁଝାମଣା ଯୋଗୁଁ ଏଭଳି ଘଟଣା ଘଟିଥିଲା। ଅଭିଯୋଗକାରୀ ମନ୍ଦିରକୁ ଯାଇପାରିବେ, ଏଥିରେ କିଛି ଅସୁବିଧା ନାହିଁ ବୋଲି କହିଛନ୍ତି।

## ଲଜ୍‌ରେ ବିଷ ପିଇଲେ ପ୍ରେମୀଯୁଗଳ

ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

ପୁରୀ,୨।୬(ସମିସ): ପୁରୀ ଦୋଳମଣ୍ଡପ ସାହିରେ ଥିବା ଏକ ଲଜ୍‌ରେ ମଙ୍ଗଳବାର ସକାଳୁ ପ୍ରେମୀଯୁଗଳ ବିଷ ପିଇଥିବା ପୁଲିସ ପାଖରେ ଖବର ପହଞ୍ଚିଥିଲା। ତୁରନ୍ତ ପିସିଆର୍ ଭ୍ୟାନ୍ ଏବଂ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ଯୁବକ ଜଣକ ବାଲେଶ୍ୱର ମାର୍କଣାର ସପନ କୁମାର ସାହୁ ଓ ଯୁବତୀଙ୍କ ଘର ଭଦ୍ରକ ବାସୁଦେବପୁରରେ ବୋଲି ପୁଲିସ ସୂଚନା ଦେଇଛି। ତେବେ ଯୁବକ ଜଣକ ବିବାହିତ ବୋଲି ଜଣାପଡ଼ିଛି। ସେମାନେ ଲଜ୍‌ରେ ଦମ୍ପତି ବୋଲି ପରିଚୟ ଦେଇ ରହିଥିବା ପୁଲିସ କହିଛି।

## ପୁରଲିଆ ଛଉ ଓ ମଣିପୁରୀ ନୃତ୍ୟରେ ହସିଲା ମହୋଦଧି

ପୁରୀ,୨।୬(ସମିସ): ଆମ ଦେଶର ବିବିଧ ଲୋକକଳା, ଆଦିବାସୀ ପରମ୍ପରା ଏବଂ ଗ୍ରାମୀଣ ଭାରତର ସାଂସ୍କୃତିକ ଶକ୍ତିକୁ ସୁରକ୍ଷିତ ରଖିବା ନିମନ୍ତେ ଜାତୀୟ ଉତ୍ସବର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ଶ୍ରୀକ୍ଷେତ୍ର ସୂଚନା, ପୁରୀ ପକ୍ଷରୁ ଆୟୋଜିତ ମହାନ୍ତି ଅନୁଷ୍ଠାନର ଦୀର୍ଘଦିନର ସାଂସ୍କୃତିକ ଓ ସାମାଜିକ ଅବଦାନ ସମ୍ପର୍କରେ ମତ ରଖିଥିଲେ। ଆୟୋଜକ କମିଟିର ଅଧ୍ୟକ୍ଷ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓୟୁଏଟିର ଡିନ୍ ନିରଞ୍ଜନ ପଣ୍ଡା, ଇଂ. ସୌମ୍ୟରଞ୍ଜନ ଦ୍ୱିବେଦୀ ଓ ମଧୁସୂଦନ ସିଂହାରୀ ପ୍ରମୁଖ ଅତିଥିମାନେ ଲୋକମେଳା

### ଲୋକମେଳା ଓ କୃଷି ମେଳାର ଦ୍ୱିତୀୟ ସନ୍ଧ୍ୟା

୨୪ତମ ଜାତୀୟ ଲୋକମେଳା ଏବଂ ୧୭ତମ ଜାତୀୟ କୃଷିମେଳାର ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟା ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ବଳସାମନ୍ତ ଆୟୋଜକଙ୍କର ଏହି ପ୍ରୟାସ ଏକ ପ୍ରଶଂସନୀୟ ପଦକ୍ଷେପ ଯାହା ଆମ ଦେଶର ମହାନ ଲୋକ କଳା, ଲୋକ ସଂସ୍କୃତି ଓ କୃଷକମାନଙ୍କୁ ଅଧିକ କ୍ରିୟାଶୀଳ କରିବ ବୋଲି କହିଥିଲେ। ସଭା ପର୍ବରେ ଶ୍ରୀକ୍ଷେତ୍ର ସୂଚନାର ସାଧାରଣ ସମ୍ପାଦକ ରାଜେଶ କୁମାର ଓ କୃଷିମେଳାର ଜାତୀୟ ଗୁରୁତ୍ୱ, ଆଦିବାସୀ ସଂସ୍କୃତିର ସଂରକ୍ଷଣ ଏବଂ କୃଷି ଜ୍ଞାନର ପ୍ରସାର କ୍ଷେତ୍ରରେ ଏହାର ଭୂମିକା ଉପରେ ମତବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମରେ ପ୍ରଶାସନିକ କମିଟି ଅଧ୍ୟକ୍ଷ ଡ. ବଦ୍ରି ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାର ଦଳମାନଙ୍କୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପ୍ରାକ୍ତନ ପୌରପାଳ ଗୌରହରି ପ୍ରଧାନ, ସନ୍ତୋଷ ମହାନ୍ତି, ଶ୍ୟାମପ୍ରକାଶ ସେନାପତି, ନାରାୟଣ ପାତ୍ର ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗର ଛଉ ନୃତ୍ୟ, ଝାଡ଼ଖଣ୍ଡର ଝୁମୁର ଓ ସାନ୍ତାଳୀ ନୃତ୍ୟ, ଛତିଶଗଡ଼ର ଧୁମୁସା ନୃତ୍ୟ, ମଣିପୁରର ମଣିପୁରୀ ନୃତ୍ୟ, ଗୁଜରାଟର ଦାଣ୍ଡିଆ ଓ ଲୋକନୃତ୍ୟ, ଜମ୍ମୁ-କାଶ୍ମୀରର ଲୋକନୃତ୍ୟ, ହରିୟାଣାର ଲୋକନୃତ୍ୟ, ଆସାମର ଲୋକନୃତ୍ୟ, ରାଜସ୍ଥାନର କାଳବେଲିଆ ଓ ଘୁମର ନୃତ୍ୟ, ଗୋଆର ଫୁଗଡ଼ି ନୃତ୍ୟ, ପଞ୍ଜାବର ଭାଙ୍ଗଡ଼ା ଏବଂ ଓଡ଼ିଶାର ଓଡ଼ିଶୀ ଓ ଲୋକନୃତ୍ୟ ବିଶେଷ ଆକର୍ଷଣ ସାଜିଥିଲା। ବିଭିନ୍ନ ରାଜ୍ୟର ରଙ୍ଗବେରଙ୍ଗ ପୋଷାକ, ଲୋକବାଦ୍ୟ ଓ ପାରମ୍ପରିକ ନୃତ୍ୟଶୈଳୀ ଦର୍ଶକମାନଙ୍କୁ ଭାରତର ବିବିଧ ସାଂସ୍କୃତିକ ଐତିହ୍ୟର ପରିଚୟ ଦେଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବିଦ୍‌ରୋହ କୁମାର ସିଂହ, ଭବାନୀ ସାହୁ ଓ ରୀତେଶ ମହାନ୍ତି। ସ୍ୱତନ୍ତ୍ର ଶିଶୁ ସାଂସ୍କୃତିକ ପର୍ବରେ ଗଣେଶ ବନ୍ଦନା, ଶିଶୁ ନୃତ୍ୟ ଓ ସଙ୍ଗୀତ ପରିବେଷଣ ଉପସ୍ଥିତ ଦର୍ଶକଙ୍କ ମନ ଜିଣିଥିଲା।



## ଲଟେରି ମାଧ୍ୟମରେ ବିଦେଶୀ ମଦ ଦୋକାନ ଆବଣ୍ଟନ

# ୫୩ଟି ଦୋକାନ ପାଇଁ ୩୮୮ ଆବେଦନ



**ବାରିପଦା, ୨।୬(ସମିସ)**

ମୟୂରଭଞ୍ଜ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ୨୦୨୬-୨୭ ବର୍ଷ ପାଇଁ ୭୨ଟି ଠିପି ବନ୍ଦ ବିଦେଶୀ ମଦ ଦୋକାନ ପ୍ରଦାନ ନିମନ୍ତେ ଆଜି ଲଟେରୀ ଉଠାଣ ଶେଷ ହୋଇଛି। ୫୩ଟି ଦୋକାନ ପାଇଁ ଏକାଧିକ ଆବେଦନ ହୋଇଥିବାରୁ ସେଗୁଡିକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କଡ଼ା ସୁରକ୍ଷା ମଧ୍ୟରେ ଲଟେରୀ ସମ୍ପନ୍ନ ହୋଇଛି। ମଙ୍ଗଳବାର ସକାଳ ୯ଟାରୁ ନିୟମ ମୁତାବକ ଏହି ଆବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ୫୩ଟି ବିଦେଶୀ ମଦ ଦୋକାନ ପାଇଁ ଚଳିତ ବର୍ଷ ମୋଟ ୩୮୮ ଜଣ ଆବେଦନକାରୀ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିରପେକ୍ଷତା ସହିତ ଲଟେରୀ ମାଧ୍ୟମରେ ଭାଗ୍ୟଶାଳୀ ବିଜେତାଙ୍କୁ ଚୟନ କରାଯାଇଛି। ତନ୍ମଧ୍ୟରୁ ବୈଶିଙ୍ଗା ଦୋକାନ ପାଇଁ ୨୯ ଜଣ ଆବେଦନ କରିଥିବାବେଳେ ବେତନଟୀ ପାଇଁ ୨୮ ଜଣ ଆବେଦନ କରି ଚର୍ଚ୍ଚାରେ ରହିଥିଲେ। ତେବେ ୩୮୮ ଜଣ ଆବେଦନକାରୀଙ୍କ ଅଣଫେରସ୍ତ ଜମାରାଶି (୩ ଲକ୍ଷ ଟଙ୍କା ଲେଖାଏଁ) ମୋଟ ୧୧ କୋଟି ୬୪ ଲକ୍ଷ ଟଙ୍କା ରାଜସ୍ୱ ସରକାରୀ ତହବିଲକୁ ଆସିଛି। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ସମୟରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁର ଓ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୁଃଖବନ୍ଧୁ ନାୟକଙ୍କ ସମେତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି ଏହାର ପରିଚାଳନା କରିଛନ୍ତି।

ସୂଚନା ମୁତାବକ, ଆବେଦନ ବିଜ୍ଞପ୍ତି ପ୍ରକାଶ ପରେ ଆଗ୍ରହୀ ବ୍ୟକ୍ତି ୨୧ ତାରିଖ ଅପରାହ୍ନ ୫ଟା ମଧ୍ୟରେ ଅନଲାଇନ୍ ମାଧ୍ୟମରେ ଜାରି ନିୟମାବଳୀ ଅନୁସାରେ ଉଦ୍ଦିଷ୍ଟ ଫର୍ମ ଦ୍ୱାରା ଆବେଦନ କରିଥିଲେ। ପ୍ରତ୍ୟେକ ଦୋକାନ ପାଇଁ ଅଣଫେରସ୍ତ ଯୋଗ୍ୟ ଆବେଦନ ଫି ରୂପେ ୩ ଲକ୍ଷ ଟଙ୍କା ଅନଲାଇନ୍ ମାଧ୍ୟମରେ ଦେୟ କରିଥିଲେ। ମଦ ଦୋକାନ ସହର ଓ ଗ୍ରାମାଞ୍ଚଳରେ ପୂର୍ବରୁ ଉଭୟ ସ୍ଥାନ ରହିଛି। ପ୍ରତ୍ୟେକ ଦୋକାନ ପାଇଁ ମାସିକ ସର୍ବନିମ୍ନ ଅବକାରୀ ରାଜସ୍ୱ (ଏମଜିଇଆର) ମୂଲ୍ୟ ନିର୍ଦ୍ଧାରିତ ହୋଇଥିଲା। ଆବେଦନକାରୀଙ୍କ ବୟସ ୨୧ ବର୍ଷ ବା ତଦୁର୍ଦ୍ଧ ହୋଇଥିବା ସହିତ

▶▶ ବୈଶିଙ୍ଗା ଓ ବେତନଟୀ ପାଇଁ ସର୍ବାଧିକ ୨୯/୨୮ ଆବେଦନ

▶▶ ଅଣଫେରସ୍ତ ଜମାରାଶି ବାବଦରେ ୧୧.୬୪ କୋଟି ସଂଗ୍ରହ

କୌଣସି ଅଣଜାମିନଯୋଗ୍ୟ ଅପରାଧରେ ସେ ଦଣ୍ଡିତ ହୋଇନାହାନ୍ତି। ପ୍ରଥମେ ଯୋଗ୍ୟ ଆବେଦନକାରୀଙ୍କ ତାଲିକା ପ୍ରକାଶ ପାଇବା ପରେ ଲଟେରୀ ମାଧ୍ୟମରେ ପ୍ରାଥମିକ ବିଜୟୀଙ୍କ ଦସ୍ତାବିଜ ଯାଞ୍ଚ ହେବ ଓ ନିର୍ଦ୍ଧାରିତ ଅର୍ଥ ଜମା କରିବାକୁ ପଡ଼ିବ। ଲାଇସେନ୍ସ ୫ ବର୍ଷ ପାଇଁ ମିଳିବ।

## ବାରିପଦା ସହରରୁ ବେଆଇନ ଜବରଦଖଲ ଉଚ୍ଛେଦ

# ୬.୮୦ ଏକର ସରକାରୀ ଜମି ମୁକ୍ତ



**ବାରିପଦା, ୨।୬(ସମିସ):** ବାରିପଦା ସହରର କରଡବସା ମୁସଲିମ ବସ୍ତି ମଙ୍ଗଳବାର ମାଟିରେ ମିଶିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ବେଆଇନ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଦ୍ୱାରା ୫୪ ପରିବାର ବେଘର ହୋଇଛନ୍ତି। ଏଥିରେ ପ୍ରାୟ ୬.୮୦ ଏକର ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିଛି ପ୍ରଶାସନ। ଏହି ଜମି ମଧ୍ୟରେ କିଛି ଜଳାଶୟ କିସମର ଜମି ମଧ୍ୟ ରହିଥିଲା, ଯାହାକୁ କିଛି ଲୋକ ବେଆଇନ ଭାବେ ନିଜ ଅକ୍ତିଆରରେ ରଖିଥିଲେ। ଏହି ସରକାରୀ ଜମିକୁ ଖାଲି କରିବା ପାଇଁ ୫୪ ଜଣ ଘର ମାଲିକଙ୍କୁ ଗତ ନଭେମ୍ବର ଓ ଡିସେମ୍ବର ମାସରେ ନୋଟିସ କରାଯାଇଥିଲା। ଏହାପରେ ପୁନର୍ବାର ମେ ୧୫ ତାରିଖ ସୁଦ୍ଧା ଜମି ଖାଲି କରିବାକୁ ଶେଷ ସୁଯୋଗ ଦିଆଯାଇଥିଲା। ତଥାପି ଜମି ମୁକ୍ତ ନ ହେବାରୁ ନିର୍ଦ୍ଧାରିତ ସମୟ ସୀମା ପରେ ଆଜି ପ୍ରଶାସନିକ ଟିମ୍ ସେଠାରେ ପହଞ୍ଚି ଏହି ଉଚ୍ଛେଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଉଚ୍ଛେଦ କରାଯାଇଥିବା ଏହି ବିସ୍ତୀର୍ଣ୍ଣ ଜମିରେ ଆଗାମୀ ଦିନରେ ବାରିପଦା ପୌରପାଳିକା ଓ ସରକାରଙ୍କ ପକ୍ଷରୁ କନଭେନସନ ସେଣ୍ଟର

▶▶ ମାଟିରେ ମିଶିଲା ବସ୍ତିର ୫୪ ଘର

▶▶ ପ୍ରତିଷ୍ଠା ହେବ କନଭେନସନ ସେଣ୍ଟର ଓ ଅତିଥି ଗ୍ରାମ

ଓ ଅତିଥି ଗ୍ରାମ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ନିର୍ମାଣ କରାଯିବ। ଏହି ଉଚ୍ଛେଦ ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ହେଉଥିବା ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପୂର୍ବରୁ ଏକ ସର୍ଭେ କରାଯାଇଥିଲା। ପ୍ରାୟ ୧୫ ଜଣ ଯୋଗ୍ୟ ଭୂମିହୀନ ପରିବାର ଚିହ୍ନଟ କରାଯାଇଛି। ସେମାନଙ୍କୁ ବସନ୍ତପୁରଠାରେ ଜମି ପ୍ରଦାନ କରାଯାଇ ଥଇଥାନ କରାଯିବା ପାଇଁ ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ହୋଇସାରିଛି। ବାକି ସମସ୍ତ ଯୋଗ୍ୟ ପରିବାରଙ୍କୁ ସେଠାରେ ଉପଯୁକ୍ତ ଭାବେ ଥଇଥାନ କରାଯିବ ବୋଲି ତହସିଲଦାର ସପନ କୁମାର ସାହୁ ସୂଚନା ଦେଇଛନ୍ତି।

## ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ଚୋରି

**ରାଇରଙ୍ଗପୁର/କରଞ୍ଜିଆ, ୨।୬(ସମିସ):** କରଞ୍ଜିଆ ଥାନା ଅନ୍ତର୍ଗତ ଦରି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ଚୋରି ହୋଇଛି। ଏ ନେଇ ରାଜସ୍ୱ ନିରୀକ୍ଷକ ଦେବାଶିଷ ବେହେରା କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। କାର୍ଯ୍ୟାଳୟ ବନ୍ଦ ଥିବାବେଳେ ଦୁର୍ବୃତ୍ତ ତାଲା ଭାଙ୍ଗି ଚୋରି କରିଛନ୍ତି। କାର୍ଯ୍ୟାଳୟର ବିଭିନ୍ନ ସାମଗ୍ରୀ, ରାଜସ୍ୱ ଟଙ୍କା ଆଦି ଚୋରି କରିଛନ୍ତି। ପରଦିନ ସକାଳୁ କାର୍ଯ୍ୟାଳୟ ଖୋଲିବା ବେଳକୁ ଘଟଣା ବାବଦରେ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି।

## ତାଲା ବନ୍ଦ ଘରୁ ଚୋରି

**ରାଇରଙ୍ଗପୁର/ଯଶିପୁର, ୨।୬(ସମିସ):** ଯଶିପୁର ଥାନା ଅଞ୍ଚଳରେ ତାଲା ବନ୍ଦ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଛି। ମହାରଦା ପାଳସା ଗ୍ରାମର ବିଦ୍ୟାଧର ମହାନ୍ତ ଥାନାରେ ଅଭିଯୋଗ କରିଛନ୍ତି। ସେ ଘରେ ନ ଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ତାଙ୍କ ଘରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଠାକୁରମୁଣ୍ଡା, /ମହୁଲଡିହା, ୨।୬(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ତରାମରା ପଞ୍ଚାୟତ ଅନ୍ତର୍ଗତ ତରାମରା ବାଙ୍କ ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ କେନ୍ଦୁଜିଆଣି ପଞ୍ଚାୟତ ଛେରାଟାଙ୍ଗର ଗ୍ରାମର କଳା ତାମ୍ବୁରୁ ହୋଙ୍କ ବଡ଼ ପୁଅ ଜାର୍ଗି ହୋ। ଜାର୍ଗି ହୋ ମାମୁଁ ଘର ମହୁଲଡିହା ଥାନା ଅଞ୍ଚଳର ଚିଆଁବେଡା ଗ୍ରାମକୁ ଯାଇ ସେଠାରୁ ବାଇକ ଯୋଗେ ନିଜ ଘରକୁ ଫେରୁଥିବାବେଳେ ତରାମରା ବାଙ୍କ ନିକଟରେ ଭାରସାମ୍ୟ ହରାଇଥିଲେ। ଫଳରେ ବାଇକଟି ରାସ୍ତା କଡ଼ରେ ଥିବା ଏକ ପଥରରେ ଜୋରରେ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଜାର୍ଗି ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କରି ଅଟୋ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଠାକୁରମୁଣ୍ଡା ଥାନା ପୁଲିସ ପହଞ୍ଚି କରିଥିବାବେଳେ ବାଇକ୍‌କୁ ଜବତ କରିଥିଲା।

## ଶିକାରୀ ଘରୁ ଦେଶୀ ବନ୍ଧୁକ ଓ ଗୁଳି ଜବତ

**ରାଇରଙ୍ଗପୁର, ୨।୬(ସମିସ):** ରରୁଆଁ ଥାନା ପୁଲିସ ପକ୍ଷରୁ ବନ୍ୟଜନ୍ତୁ ଶିକାର ନିମନ୍ତେ ବ୍ୟବହୃତ ଦେଶୀ ବନ୍ଧୁକ ସହ ଗୁଳି ଜବତ କରାଯାଇଛି। ଏଥିସହିତ ଶିକାରୀ ଜଣକୁ ଗିରଫ କରାଯାଇଛି। ଶିକାରୀ ଜଣକ ହେଲେ ରରୁଆଁ ଥାନା ଅନ୍ତର୍ଗତ କିଟିସାହି ଗ୍ରାମର ଜୟସିଂ ବାଇପାଇ(୩୫)। ରରୁଆଁ ଥାନା ପୁଲିସ ପକ୍ଷରୁ ଦିବାକାଳୀନ ପାଟ୍ରୋଲିଂ ଜାରି ଥିଲା। ଏ ସମୟରେ ଜଣେ ଶିକାରୀ ଘରେ ଦେଶୀ ବନ୍ଧୁକ ଓ ଗୁଳି ଥିବା ନେଇ ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଯାହାକୁ ନେଇ ପୁଲିସ ଟିମ ଉକ୍ତ ସ୍ଥାନରେ ଅତର୍କିତ ଚଢ଼ଉ କରିଥିଲେ। ତାଙ୍କ ଘରକୁ ଦେଶୀ ବନ୍ଧୁକ ଓ ୬ଟି ଗୁଳି ଜବତ କରାଯାଇଛି। ସେ ବନ୍ୟଜନ୍ତୁ ଶିକାର ନିମନ୍ତେ ଏହାକୁ ବ୍ୟବହାର କରୁଥିବା ଜଣାପଡ଼ିଛି। ବନ୍ଧୁକ ନେଇ ସେ କୌଣସି କାଗଜପତ୍ର ପ୍ରଦାନ କରିପାରି ନ ଥିଲେ। ଶିକାରୀଙ୍କୁ ବନ୍ଧୁକ ଆତ୍ମସମର୍ପଣ କରିବା ପାଇଁ ବନ ବିଭାଗ ଓ ପୁଲିସ ପକ୍ଷରୁ ସମୟ ପ୍ରଦାନ କରାଯାଇଥିଲା। କିନ୍ତୁ ସେ ବନ୍ଧୁକ ପ୍ରଦାନ ନ କରି ଲୁଚାଇ ରଖିଥିଲେ। ଯାହାକୁ ନେଇ ପୁଲିସ ଶିକାରୀକୁ ଗିରଫ କରି ଆର୍ମ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବଜ୍ରପାତରେ ୩ ଗୋରୁ ମୃତ

**ବଡ଼ସାହି, ୨।୬(ସମିସ):** ବଡ଼ସାହି ବ୍ଲକ ଅଧୀନ ଦେଉଳିଆ ପଞ୍ଚାୟତର ଜଗନ୍ନାଥ ଜେନାଙ୍କ ୨ଟି ଗାଈ ଓ ଗୋଟିଏ ବାଛୁରୀ ମଙ୍ଗଳବାର ଅପରାହ୍ନ ୧ଟା ୩୦ ମିନିଟ୍ ସମୟରେ ବଜ୍ରପାତରେ ମୃତ୍ୟୁବରଣ କରିଛନ୍ତି।



ଗୋରୁଗୁଡ଼ିକ ଗାଁ ସନ୍ନିକଟ ଗଙ୍ଗାହାର ନଦୀ କୂଳରେ ଚରୁଥିବାବେଳେ ଏପରି ଘଟଣା ହୋଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରକାଶ। ଜଗନ୍ନାଥ ଏ ସଂକ୍ରାନ୍ତରେ ଦେଉଳିଆ ରାଜସ୍ୱ ନିରୀକ୍ଷକ ଓ ପଶୁ ଓ ପ୍ରାଣୀ ସମ୍ପଦ ବିଭାଗକୁ ଅବଗତ କରିଥିବା ଜଣାଯାଇଛି। ସରକାରଙ୍କ ପକ୍ଷରୁ ତାଙ୍କ ପରିବାରକୁ କ୍ଷତିପୂରଣ ଦାବି ହୋଇଛି।

## ରାଇରଙ୍ଗପୁର ପୁଲିସ ଜିଲ୍ଲାରେ ଏସ୍‌ପି ନିଯୁକ୍ତି ଦାବି

**ରାଇରଙ୍ଗପୁର, ୨।୬(ସମିସ):** ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ରାଇରଙ୍ଗପୁର ଗସ୍ତ ପୂର୍ବରୁ ରାଇରଙ୍ଗପୁର ପୁଲିସ ଜିଲ୍ଲାରେ ଏସପି ନିଯୁକ୍ତି ନେଇ ଦାବି ହୋଇଛି। ରାମଦୋଳି ୟୁଥ ପାୱାର ଆସୋସିଏସନ ପକ୍ଷରୁ ଦାବି କରାଯାଇଛି। ଜୁନ ୧୯ ଓ ୨୦ରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଭଳି ଭିଭିଆଇପିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା, ଆଇନଶୃଙ୍ଖଳା, ପ୍ରଶାସନିକ ସମନ୍ୱୟ ପାଇଁ ରାଇରଙ୍ଗପୁର ପୁଲିସ ଜିଲ୍ଲା ପ୍ରକ୍ରିୟା ସମ୍ପୂର୍ଣ୍ଣ କରି ନୂତନ ଏସପି ନିଯୁକ୍ତ କରିବା ଆବଶ୍ୟକତା ରହିଛି।

## ବାରିପଦା-ଉଦଳା ରାସ୍ତା ଅବରୋଧ
## ସଭାପତିଙ୍କ ସମେତ ୩ ଗିରଫ

**ବାରିପଦା, ୧।୬(ସମିସ):** ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ମଙ୍ଗଳବାର ବାରିପଦା-ଉଦଳା ୧୯ ନଂ ରାଜ୍ୟ ରାଜପଥରେ ହରତାଳ କରାଯାଇଛି। ଏହି ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଥିବାରୁ ତୁରନ୍ତ ମରାମତି ଦାବିରେ ମୟୂରଭଞ୍ଜ (ପୂର୍ବ) ଜିଲ୍ଲା କିଷାନ କଂଗ୍ରେସ ବାରମ୍ବାର ଦାବି ପରେ ପ୍ରଶାସନ କର୍ଣ୍ଣପାତ ନକରିବାରୁ ମଙ୍ଗଳବାର ବାରିପଦା- ଉଦଳା ରାସ୍ତାର ପୋଡା ଅସ୍ତିଆ, ସାନକେରକୋ, ବାଲିଯୋଡ଼ା, ଖୁଣ୍ଟା, ଡୁକୁରା ଓ ଉଦଳା ଆଦି ୬ଟି ସ୍ଥାନରେ ୨୪ ଘଣ୍ଟିଆ ହରତାଳ ଡାକରା ଦିଆଯାଇଥିଲା। ମୟୂରଭଞ୍ଜ (ପୂର୍ବ) ଜିଲ୍ଲା କିଷାନ କଂଗ୍ରେସ ସଭାପତି ଦୀପକ ଦାଶଙ୍କ ନେତୃତ୍ୱରେ କର୍ମୀ ସକାଳ ୬ରୁ ହରତାଳ ଆରମ୍ଭ କରିଥିଲେ। ସକାଳୁଆ ଅଫିସ ପାଇଁ ଶତାଧିକ ଯାନବାହନ ଅଟକିଥିଲେ। ଏହି ହରତାଳ ବେଳେ ଜରୁରୀ ସେବା ଯୋଗାଉଥିବା ଯାନ ବ୍ୟତୀତ ଅନ୍ୟ ସମସ୍ତ ଯାନ ଅଟକିଥିଲା। ତେବେ ତେବେ ସକାଳ ୮ଟା ୩୦ ବେଳକୁ ବଡ଼ସାହି ପୁଲିସ ସଭାପତି ଶ୍ରୀ ଦାସଙ୍କ ସମେତ ୩ ଜଣଙ୍କୁ ସାନକେରକୋ ନିକଟରୁ ଗିରଫ କରି ନେବାରୁ ହରତାଳ ବନ୍ଦ ହୋଇଯାଇଥିଲା। ଗିରଫ ତିନିଜଣଙ୍କୁ ସନ୍ଧ୍ୟାରେ ଛାଡି ଦିଆଯାଇଛି। ପୁଲିସ ଦୁର୍ବ୍ୟବହାର କରିଥିବା ନେଇ ଶ୍ରୀ ଦାଶ ଗମ୍ଭୀର ଅଭିଯୋଗ ଆଣିଛନ୍ତି।

## ବିଧାୟକଙ୍କୁ କିନ୍ନର ସଂଘର ଦାବିପତ୍ର

# କମ୍ୟୁନିଟି ହଲ୍ ଓ ବାସଗୃହ ପ୍ରଦାନ କରାଯିବା ଦାବି



**ବାରିପଦା, ୨।୬(ସମିସ):** ବାରିପଦା ସହର ଓ ଆଖପାଖ ଅଞ୍ଚଳରେ ରହୁଥିବା କିନ୍ନର ସମୁଦାୟର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ମୟୂରଭଞ୍ଜ ଟ୍ରାନ୍ସଜେଣ୍ଡର (କିନ୍ନର) ଆସୋସିଏସନ ପକ୍ଷରୁ ସ୍ଥାନୀୟ ବିଧାୟକ ପ୍ରକାଶ ସୋରେନଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମୁଦାୟର ସାମାଜିକ ସୁରକ୍ଷା, ସ୍ଥାୟୀ ବାସଗୃହ ଓ ଏକ ସ୍ୱତନ୍ତ୍ର କମ୍ୟୁନିଟି ହଲ୍ ନିର୍ମାଣ ପାଇଁ ଦାବି କରାଯାଇଛି। ରାଜ୍ୟ ଟ୍ରାନ୍ସଜେଣ୍ଡର ୱେଲଫେୟାର ବୋର୍ଡର ସଦସ୍ୟା ସୌମ୍ୟା ଦାସ ଓ ମୟୂରଭଞ୍ଜ ଟ୍ରାନ୍ସଜେଣ୍ଡର ଆସୋସିଏସନର ସଭାନେତ୍ରୀ ମନୀଷା ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାରିପଦା ବିଧାୟକଙ୍କୁ ସାକ୍ଷାତ କରିଥିଲେ। ସୌମ୍ୟଙ୍କ କହିବା ଅନୁଯାୟୀ ବୋର୍ଡର ସଦସ୍ୟା ହେବା ପରେ ମୟୂରଭଞ୍ଜ ଜିଲ୍ଲାକୁ ଏହା ତାଙ୍କର ପ୍ରଥମ ଗସ୍ତ। ବାରିପଦା ସହରରେ ରହୁଥିବା ଟ୍ରାନ୍ସଜେଣ୍ଡର ଆସୋସିଏସନର ସମସ୍ୟା ବାବଦରେ ବିସ୍ତୃତ ଆଲୋଚନା ହୋଇଛି। ସେମାନଙ୍କ ରହିବା ପାଇଁ ନିଜସ୍ୱ ଜାଗା କିମ୍ବା ଘର ନାହିଁ। ଏଥିସହିତ ସେମାନଙ୍କ ପାଇଁ ଏକ କମ୍ୟୁନିଟି ହଲ୍‌ର ଆବଶ୍ୟକତା ରହିଛି। ସେହିପରି ଜିଲ୍ଲା ସଂଘର ସଭାନେତ୍ରୀ ମନୀଷା ସାହୁ କହିଛନ୍ତି, ମୟୂରଭଞ୍ଜ ଜିଲ୍ଲାର ପ୍ରାୟ ୭ଟି ବ୍ଲକରୁ ଆଦିବାସୀ ସମ୍ପ୍ରଦାୟର ଟ୍ରାନ୍ସଜେଣ୍ଡର ପିଲାମାନେ ଏଠାରେ ରହୁଛନ୍ତି। ଦୀର୍ଘଦିନ ହେବ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇ ଭଡ଼ା ଘରେ ରହୁଛନ୍ତି। ସରକାରୀ ସ୍ତରରେ ମିଳୁଥିବା ମେଡିକାଲ ସୁବିଧା ଓ ବ୍ଲକ ମାଧ୍ୟମରେ ମିଳୁଥିବା ସୁବିଧା ସୁଯୋଗ ଯେପରି ସେମାନଙ୍କ ପାଖରେ ସଠିକ୍ ଭାବେ ପହଞ୍ଚିପାରିବ, ସେନେଇ ସେମାନେ ପ୍ରଶାସନ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଗାମୀ ଦିନରେ ଏହି ଦାବି ନେଇ ସେମାନେ ସ୍ଥାନୀୟ ବିଡିଓ ଓ ତହସିଲଦାରଙ୍କୁ ମଧ୍ୟ ଜଣାଇବେ। କିନ୍ନର ସମୁଦାୟର ସମସ୍ୟାକୁ ଗମ୍ଭୀରତାର ସହ ଶୁଣିବା ପରେ ବାରିପଦା ବିଧାୟକ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ଆଶ୍ୱାସନା ଦେଇଛନ୍ତି।

## ନଳକୂପରୁ ପାଣି ସଂଗ୍ରହବେଳେ ଆକ୍ରମଣ ▶ ଥାନାର ଦ୍ୱାରସ୍ଥ ହେଲେ ପରିବାର

**କପ୍ତିପଦା, ୨।୬(ସମିସ):** କପ୍ତିପଦା ବ୍ଲକ ଜଡ଼ିଦା ପଞ୍ଚାୟତ ନେଦାମ ଗ୍ରାମର ଗୋଟିଏ ପରିବାରକୁ ସାମାଜିକ ବାସନ୍ଦ କରିବା ସହ ସରକାରୀ ନଳକୂପରୁ ପାନୀୟ ଜଳ ଆଣିବାବେଳେ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ କରାଯାଇଛି। ନିମାଇ ମୁର୍ମୁଙ୍କ ପତ୍ନୀ ମୀନତି ମୁର୍ମୁ ତାଙ୍କ ପୁଅଝିଅଙ୍କ ସହିତ ଗ୍ରାମ ନଳକୂପରୁ ପାନୀୟ ଜଳ ଆଣିବାକୁ ଯାଇଥିଲେ। ଗ୍ରାମର କାହ୍ନୁ ମୁର୍ମୁ, କାର୍ମୀ ମୁର୍ମୁ, କାନ୍ଦିନୀ ମୁର୍ମୁ, ଅର୍ଜୁନ ମୁର୍ମୁ, ସାର ମୁର୍ମୁ, ସୋମବାରୀ ମୁର୍ମୁ, ଛିତା ମୁର୍ମୁ ମିଶି ସେମାନଙ୍କଠାରୁ ଗରା, ବାଲ୍‌ଟି, ମୋବାଇଲ, ସାଇକଲ ଛଡ଼ାଇନେବା ସହିତ ମାରପିଟ କରିଥିଲେ। ଏହି ଘଟଣାକୁ ନେଇ ଆଜି ନିମାଇଁ ନିଜ ପରିବାରର ସୁରକ୍ଷା ସହିତ ପାନୀୟ ଜଳ ପାଇଁ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉପଜିଲ୍ଲାପାଳ ସୁଶାନ୍ତ ବାରିକ ଏହି ଘଟଣାକୁ ଗୁରୁତର ସହ ନେଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କପ୍ତିପଦା ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ କପ୍ତିପଦା ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ମେ ୧୦ ତାରିଖରେ ଗ୍ରାମର ମାଝି ହାଲାମ ନେଦାମ ଗ୍ରାମର ନିମାଇଁ ମୁର୍ମୁଙ୍କ ପରିବାରକୁ ସରକାରୀ ନଳକୂପରୁ ପାଣି ନେବା ପାଇଁ ବାରଣ କରିଥିଲେ। ମାତ୍ର ନିମାଇଁ ଉକ୍ତ ନଳକୂପରୁ ପାନୀୟ ଜଳ ବ୍ୟବହାର କରିଆସୁଥିଲେ। ପୁନର୍ବାର ମେ ୨୦ ତାରିଖରେ ନଳକୂପରୁ ପାନୀୟ ଜଳ ଆଣିବାକୁ ବାରଣ କରିବାରୁ ମେ



୩୦ ତାରିଖରେ କପ୍ତିପଦା ଥାନାରେ ଅଭିଯୋଗ କରିବା ପରେ ଜୁନ୍ ୧ ତାରିଖରେ ଥାନା ପକ୍ଷରୁ ଉଭୟ ପକ୍ଷଙ୍କୁ ଡାକି ଆପୋସ ଆଲୋଚନା କରାଯାଇ ଘଟଣାର ସମାଧାନ କରାଯାଇଥିଲା। ଥାନାରୁ ଆଲୋଚନା କରି ଫେରିବା ପରେ ମଧ୍ୟ କିଛି ସୁଫଳ ମିଳି ନ ଥିଲା।

## ବିଦେଶକୁ ରପ୍ତାନୀ ହେଲା ଆମ୍ବ

# ଲଣ୍ଡନକୁ ଗଲା କରଞ୍ଜିଆ ଓ ଯଶିପୁର ପ୍ରିମିୟମ ଆମ୍ରପଲ୍ଲି

**ରାଇରଙ୍ଗପୁର/କରଞ୍ଜିଆ, ୨।୬(ସମିସ):** ସୁଦୂର ଲଣ୍ଡନରେ ବି ମୟୂରଭଞ୍ଜ ଜିଲ୍ଲା ଆମ୍ବର ଅନେକ ଚାହିଦା ରହିଛି। ଯାହାକୁ ନେଇ କରଞ୍ଜିଆ ଓ ଯଶିପୁର ଅଞ୍ଚଳରୁ ପ୍ରିମିୟମ ଆମ୍ରପଲ୍ଲି ଆମ୍ବ ବିଦେଶକୁ ରପ୍ତାନୀ ହୋଇଛି। ବିଦେଶରେ ଓଡ଼ିଶା ଆମ୍ବ ଲୋକପ୍ରିୟତା ଲାଭ କରିଥିବାବେଳେ ଲଣ୍ଡନରେ ଓଡ଼ିଆ ଆମ୍ରପଲ୍ଲୀ ଆମ୍ବ ପରଷିବା ପାଇଁ ସାଢ଼େ ୯ କ୍ୱିଣ୍ଟାଲ ଆମ୍ରପଲ୍ଲୀ ଆମ୍ବ ଫ୍ଲାଇଟରେ ପଠାଯାଇଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ଯୋଜନା ଆଜି ସଫଳ ରୂପାୟନ ହେବାରେ ଲାଗିଛି। ଉକ୍ତ ଯୋଜନା କୃଷି କାର୍ଯ୍ୟ ଆରମ୍ଭ କରି ଆଜି ମହିଳା ଚାଷୀ ଲାଭବାନ ହେଉଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ସ୍ୱୟଂସମ୍ପୂର୍ଣ୍ଣ ୱିମେନ୍ ଫାର୍ମସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ର ମିଳିତ ସହଭାଗିତାରେ ଚାଷ ଆମ୍ବ ବିଦେଶ ପଠାଯାଇଛି। ଯଶିପୁର ଓ କରଞ୍ଜିଆରେ ରହୁଥିବା ମହିଳା ଚାଷୀଙ୍କ ସହାୟତାରେ ଆମ୍ବ ସଂଗ୍ରହ କରାଯାଇଥିଲା। ମହିଳା ତଥା ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ସରକାରୀ ସ୍ତରରେ ଚାଷକୁ ପ୍ରାଧାନ୍ୟ ଦେଇ ୱିମେନ୍ ଫାର୍ମସ ପ୍ରଡ୍ୟୁସର କମ୍ପାନୀ ସହାୟତାରେ ବିଦେଶକୁ ଆମ୍ବ ରପ୍ତାନୀ କରାଯାଇଛି।



ଦେଶ ବିଦେଶରେ ଏହା ପୂର୍ବରୁ ଜିଲ୍ଲାରୁ ଆମ୍ବ ରପ୍ତାନି ହେଉଛି। ଏହା ଦ୍ୱାରା ଚାଷୀଙ୍କୁ ଉଚିତ୍ ଦାମ୍ ମଧ୍ୟ ମିଳିପାରୁଛି। ପ୍ରଥମ ବ୍ୟାଚ ଆମ୍ବ ଯାଇଥିବା ବେଳେ ଆଗକୁ ଆହୁରି ଆମ୍ବ ରପ୍ତାନୀ କରିବା ନେଇ ଯୋଜନା କରାଯାଇଥିବାର ସୂଚନା ମିଳିଛି।

## ପୁରୁଣାପାଣି ଗ୍ରାମରେ ଚୋରି

**ମୋରଡା, ୨।୬(ସମିସ):** ମୋରଡ଼ା ଥାନା ତଥା ଚିତ୍ରଡା ଫାଣ୍ଡି ଅଧୀନ ପୁରୁଣାପାଣି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର ପାନମଣି ମହାନ୍ତଙ୍କ ଲିଖିତ ଅଭିଯୋଗ ମୁତାବକ ସୋମବାର ରାତିରେ ସେ ଗରମ ପାଇଁ ବାହାରେ ଅଗଣାରେ ଶୋଇଥିବାବେଳେ ଘର ଭିତରେ ପୁଅର ପରିବାର ଶୋଇଥିଲେ। ଦୁଇଜଣ ଦୁର୍ବୃତ୍ତ ଘରେ ପଶି ଗଡ଼ରେଜ ଓ ବଡ଼ ବାକ୍ସ ଭାଙ୍ଗିବା ସମୟରେ ସେ ଶବ୍ଦ ଶୁଣି ଘର ଭିତରରେ ପ୍ରବେଶ କରିବା ବେଳକୁ ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଧକ୍କା ଦେଇ ତଳେ ପକାଇ ଜୀବନରୁ ମାରି ଦେବାକୁ ଉଦ୍ୟମ କରି ଲକ୍ଷାଧିକ ଟଙ୍କାର ସୁନା ରୁପା ଅଳଙ୍କାର ଚୋରି କରିନେଇଥିଲେ। ବାକ୍ସରେ ଥିବା ଦୁଇହଳ ସୁନା କାନଫୁଲ, ଦୁଇହଳ ରୁପା ପାଉଁଜି, ଦୁଇ ଯୋଡି ସୁନା ନାକଫୁଲ, ତିନୋଟି ନାକ ନାଥୁଣୀ ଓ ୧୨ହଜାର ଟଙ୍କା ଚୋରି କରିନେଇଥିଲେ। ସକାଳେ ସେ ଓ ତାଙ୍କ ସ୍ୱାମୀ ଚିତ୍ରଡା ଫାଣ୍ଡିକୁ ଅଭିଯୋଗ ଦେବାକୁ ଯାଇଥିବାବେଳେ ଫାଣ୍ଡି ଫାଟକ ବନ୍ଦ ଥିବାରୁ ସେ ଘରକୁ ଫେରିଥିଲେ। ପରେ ଫାଣ୍ଡିକୁ ଯାଇ ଅଭିଯୋଗ ପତ୍ର ଦେଇଥିବା ବଡ଼ପୁଅ ରାଜୀବ ପ୍ରକାଶ କରିଛନ୍ତି। ଅଭିଯୋଗ ପାଇ ଜଣେ କନେଷ୍ଟବଳ ଆସି ଛାନଭିନ କରିଥିବା ସେ କହିଛନ୍ତି। ଦୀର୍ଘ ଆଠ ଘଣ୍ଟା ବିତିଯାଇଥିଲେ ମଧ୍ୟ ତାଙ୍କୁ ଏଫଆଇଆର କପି କିମ୍ବା କୌଣସି ଡ଼ଗ ସ୍କ୍ୱାଡକୁ ଆଣି ପୁଲିସ ଛାନଭିନ କରିନଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଚିତ୍ରଡା ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକଙ୍କୁ ପଚାରିବାରୁ ମାମଲା ରୁଜୁ ହୋଇଛି। ସେ ଫୋନ ନମ୍ବର ଦେଇ ନ ଥିବାରୁ ଯୋଗାଯୋଗ ହୋଇପାରି ନ ଥିବା କହିଛନ୍ତି।

# ପିଆର୍‌ଏମ୍‌କୁ ସମ୍ପୂର୍ଣ୍ଣ ସ୍ଥାନାନ୍ତରଣ ପାଇଁ ୧୫ ଦିନର ମହଲତ ଦେଲେ ସାନନ୍ଦ

**ବାରିପଦା, ୨।୬(ସମିସ)**



ସ୍ଥାନୀୟ ପିଆରଏମ ମେଡିକାଲ କଲେଜ ଓ ନୂତନ ହସ୍ପିଟାଲକୁ ତୁରନ୍ତ ସ୍ଥାନାନ୍ତରିତ କରି କାର୍ଯ୍ୟକ୍ଷମ କରିବା ଦାବିରେ ବିଜୁ ଜନତା ଦଳ, ବାରିପଦା ନିର୍ବାଚନ ମଣ୍ଡଳୀ ପକ୍ଷରୁ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ସାନନ୍ଦ ମାରାଣ୍ଡି ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଏହି ପ୍ରସଙ୍ଗରେ ଦଳର ଦାବି ଓ ଜନସାଧାରଣଙ୍କ ଉଦ୍‌ବେଗ ସମ୍ପର୍କରେ ଅବଗତ କରାଇଥିଲେ। ସେ ୧୫ ଦିନ ମଧ୍ୟରେ ହସ୍ପିଟାଲକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନ କରାଗଲେ ଗଣଆନ୍ଦୋଳନ ଆରମ୍ଭ ହେବ ବୋଲି ଚେତାବନୀ ଦେଇଛନ୍ତି।

ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ଥିବା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱରେ ସ୍ଥାପନା କରାଯାଇଥିଲା।। ଏହି ପ୍ରକଳ୍ପ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୮୫ କୋଟି ଟଙ୍କା ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୪୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ୨୦୨୪ରେ ନୂତନ ହସ୍ପିଟାଲ ଭବନକୁ ଲୋକାର୍ପଣ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହା ସମ୍ପୂର୍ଣ୍ଣ ଭାବେ ଜନସାଧାରଣଙ୍କ ସେବାରେ ନିୟୋଜିତ ହୋଇପାରିନାହିଁ। ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ନିକଟରେ ନିଜର ମତ ରଖିବା ବେଳେ ଶ୍ରୀ ମାରାଣ୍ଡି କହିଥିଲେ ଯେ, ମେଡିକାଲ କଲେଜ ସଂଲଗ୍ନ ନୂତନ ହସ୍ପିଟାଲର ନିର୍ମାଣ କାର୍ଯ୍ୟ ଓ ଭିତ୍ତିଭୂମି ପ୍ରାୟ ସମ୍ପୂର୍ଣ୍ଣ ହୋଇସାରିଥିବା ସତ୍ତ୍ୱେ ଏହାକୁ କାର୍ଯ୍ୟକ୍ଷମ ନ କରାଯିବା ଜିଲ୍ଲାବାସୀଙ୍କ ସହ ଏକ ପ୍ରକାର ଅବହେଳା। ସେ ଆହୁରି କହିଥିଲେ, ହସ୍ପିଟାଲ କର୍ତ୍ତୃପକ୍ଷ ଗଣମାଧ୍ୟମରେ ରଙ୍ଗମରା କାମ ସରିଯାଇଛି, ମୁଖ୍ୟମନ୍ତ୍ରୀ ସମୟ ଦେଲେ ଉଦଘାଟନ ହୋଇ କାର୍ଯ୍ୟକ୍ଷମ ହେବ ବୋଲି ବୟାନ ଦେବା ଅତ୍ୟନ୍ତ ଦୁଃଖଦାୟକ। ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ କେବଳ ଉଦଘାଟନ ସମୟ ଅପେକ୍ଷାରେ ଅଟକାଇ ରଖିବା କୌଣସି ପ୍ରକାରେ ଗ୍ରହଣୀୟ ନୁହେଁ ବୋଲି ସେ ମତ ପ୍ରକାଶ କରିଥିଲେ। ଶ୍ରୀ ମାରାଣ୍ଡି କହିଛନ୍ତି, ମୟୂରଭଞ୍ଜ ଭଳି ଏକ ବୃହତ୍ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଉନ୍ନତ ଚିକିତ୍ସା ସୁବିଧାର ଆବଶ୍ୟକତା ଅତ୍ୟନ୍ତ ଜରୁରୀ। କିନ୍ତୁ ବିଭିନ୍ନ ସମୟରେ ରୋଗୀଙ୍କୁ କଟକ, ଭୁବନେଶ୍ୱର ଓ ଅନ୍ୟାନ୍ୟ ବଡ଼ ହସ୍ପିଟାଲକୁ ରେଫର କରାଯାଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଏହି ମେଡିକାଲ କଲେଜକୁ 'ରେଫର୍ ହସ୍ପିଟାଲ୍' ବୋଲି କହିବାର ପ୍ରବଣତା ବଢ଼ିଛି। ଏଭଳି ଟ୍ୟାଗଲାଇନ ଏକ ମେଡିକାଲ କଲେଜ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ବିଷୟ ବୋଲି ସେ କହିଛନ୍ତି। ଏ ଅବସରରେ ଶ୍ରୀ ମାରାଣ୍ଡି କ୍ଷୋଭ ପ୍ରକାଶ କରି କହିଥିଲେ, ମୟୂରଭଞ୍ଜବାସୀଙ୍କ ଧୈର୍ଯ୍ୟର ପରୀକ୍ଷା ବନ୍ଦ କରନ୍ତୁ। ନୂତନ ହସ୍ପିଟାଲକୁ ତୁରନ୍ତ ଖୋଲି ସାଧାରଣ ଲୋକଙ୍କ ସେବାରେ ନିୟୋଜିତ କରନ୍ତୁ, ନଚେତ୍ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ। ବିଜୁ ଜନତା ଦଳ ପକ୍ଷରୁ ଦାବି କରାଯାଇଛି ଯେ, ତୁରନ୍ତ ଆବଶ୍ୟକ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧା ଯୋଗାଇ ନୂତନ ହସ୍ପିଟାଲକୁ ସାଧାରଣ ଲୋକଙ୍କ ସେବା ପାଇଁ ଖୋଲାଯାଉ। ଅନ୍ୟଥା ଆଗାମୀ ୧୫ ଦିନ ମଧ୍ୟରେ ଦୃଶ୍ୟମାନ ପଦକ୍ଷେପ ଗ୍ରହଣ ନ କରାଗଲେ ବିଜେଡି ପକ୍ଷରୁ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟ ସମ୍ପାଦକ ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ବରିଷ୍ଠ ନେତା ପ୍ରଭାତ ନାୟକ, ଛାତ୍ର ସଭାପତି ସୁନୀଲ ନାୟକ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜୀବ ଜେନା, ପୂର୍ବତନ ଛାତ୍ର ସଭାପତି ଅଭୟ ସିଂ, ରାଜ୍ୟ ସାଧାରଣ ସମ୍ପାଦକ ଜିତ୍ ପଟ୍ଟନାୟକ, ବାରିପଦା ନିର୍ବାଚନମଣ୍ଡଳୀ ଛାତ୍ର ସଭାପତି ଆଭାସ ଦେ, ଯୁବ ନେତା ନନ୍ଦନ ଭଞ୍ଜ, ଛାତ୍ର ନେତା ବିଶ୍ୱଜିତ ପରିଚ୍ଛା, ଅମିତ ବୈଠା, ରାମଚନ୍ଦ୍ର ବିଶ୍ୱାଳ, ମନୀଷ ବେହେରା, ଶିବଶଙ୍କର ଦାସ, ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାଇବର ଠକେଇ

**ରାଇରଙ୍ଗପୁର, ୨।୬(ସମିସ):** ସାଇବର ଅପରାଧୀ ବ୍ୟାଙ୍କ ଆକାଉଣ୍ଟରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଛନ୍ତି। ଏ ନେଇ ଠକେଇର ଶିକାର ରରୁଆଁ ଥାନା ଅନ୍ତର୍ଗତ ଝୁମୁକାପାଳ ଅଞ୍ଚଳର ଖଗେଶ୍ୱର ବେହେରା ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଖିଚିଂ ଶାଖାରେ ଆକାଉଣ୍ଟ ରହିଛି। ଯାହାକୁ ନେଇ ଅନଲାଇନ ଟଙ୍କା ଲେଣଦେଣ ତାଙ୍କ ମୋବାଇଲରେ ୟୋନ ଆପ୍ଲିକେସନ ଲୋଡ଼ କରିଥିଲେ। ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ତାଙ୍କ ଅଜାଣତରେ ପର୍ଯ୍ୟାୟକ୍ରମେ ଟଙ୍କା ଉଠାଣ ହୋଇଥିଲା। ସେ ଯାଞ୍ଚ କରିବାରୁ ଆକାଉଣ୍ଟରୁ ଟଙ୍କା ଉଠାଣ ବାବଦରେ ଜାଣିବାକୁ ପାଇଥିଲେ। ଏହାପରେ ବ୍ୟାଙ୍କକୁ ଯାଇ ଆକାଉଣ୍ଟ ଫ୍ରିଜ କରିଥିଲେ। ସାଇବର ଅପରାଧି ପର୍ଯ୍ୟାୟକ୍ରମେ ମୋଟ ୧୦, ୬୫, ୦୩୫ ଟଙ୍କା ଠକି ନେଇ ଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ସାଇବର ସେଲରେ ଅଭିଯୋଗ କରିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ଆନନ୍ଦପୁର, ୨।୬ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ଟୋଲଙ୍କପଡ଼ା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ସ୍ୱାସ୍ଥ୍ୟକର୍ମୀ ଉମାମଣୀ ପାଢ଼ୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବେଲବାହାଳୀ ସେକ୍ଟରଠାରେ ଅନୁଷ୍ଠିତ ଉତ୍ସବରେ ତାଙ୍କ ୨୫ ବର୍ଷର ନିରନ୍ତର ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କର ସୁମଧୁର ବ୍ୟବହାର ସହ ଗତ ୨୦୨୦ରେ କୋଭିଡ ଏବଂ ବନ୍ୟା, ବାତ୍ୟା ସମୟରେ ନିଜକୁ ନିୟୋଜିତ କରିଥିବାରୁ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ। ୩-୪ଟି ପଞ୍ଚାୟତର ଲୋକମାନଙ୍କ ସହ ସୁପରିଚିତ ଥିବା ସହ ୮ ହଜାର ଲୋକ ସଂଖ୍ୟା ବିଶିଷ୍ଟ ୨ଟି ପଞ୍ଚାୟତରେ କାର୍ଯ୍ୟ କରି ଆସୁଥିଲେ। ତାଙ୍କର ବିଦାୟକାଳୀନ ସଭାରେ ଡ଼. ଅଭିମନ୍ୟୁ ବେହେରାଙ୍କ ସମେତ ଶାରଦା ପ୍ରସନ୍ନ ନାୟକ, ଆଶୁତୋଷ ସାହୁ, କ୍ଷୀରୋଦ କୁମାର ସାହୁ, ଭଗବତୀ ସାହୁ, ରାଧାକାନ୍ତ ସାହୁ, ବନମାଳି ବେହେରା, ସତ୍ୟଜିତ ସାହୁ, ଅଞ୍ଜନା ମିଶ୍ର, ସରସ୍ୱତୀ ସାହୁ, ମୋନାଲିସା ସାମଲ, ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ରଥଯାତ୍ରା ପାଇଁ ଉପଖଣ୍ଡସ୍ତରୀୟ ପ୍ରସ୍ତୁତି



ଚମ୍ପୁଆ,୨।୬(ସମିସ): ଜୁଲାଇ ୧୬ ତାରିଖରେ ଚମ୍ପୁଆସ୍ଥିତ ଦଧିବାମନଜୀଉଙ୍କ ପବିତ୍ର ରଥଯାତ୍ରା ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସଭାଗୃହରେ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏସଡିପିଓ ରଶ୍ମିରଂଜନ ସାହୁ, ଚମ୍ପୁଆ ଥାନାଧିକାରୀ ସ୍ୱରୁପ ରଂଜନ ନାୟକ, ଏନଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଏସଡିଏମଓ ପ୍ରମୁଖ ଯୋଗ ଦେଇଥିବା ବେଳେ ସହକାରୀ ଜିଲ୍ଲାପାଳ, ଅଗ୍ନିଶମ ବିଭାଗ, ଏନଏସି, ଆରଏମସି, ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ମନ୍ଦିର କମିଟି ଯୋଗ ଦେଇଥିଲେ। ଚଳିତ ବର୍ଷ ରଥର ନବୀକରଣ ବ୍ୟବସ୍ଥା, ମନ୍ଦିରର ପୁନରୁଦ୍ଧାର, ମନ୍ଦିର ପ୍ରାଙ୍ଗଣରେ ପେଭର ବ୍ଲକ ପକାଇବାର ବ୍ୟବସ୍ଥା, ମନ୍ଦିରର ଜବରଦଖଲ ହୋଇଥିବା ଜାଗାକୁ ମନ୍ଦିରକମିଟି ନିଜ ଅକ୍ତିଆରକୁ ଆଣି ନୂତନ ପାଚେରି ନିର୍ମାଣ କରିବା, ମନ୍ଦିର ପ୍ରାଙ୍ଗଣରେ ଚାନ୍ଦୁଆ ଓ ଆଲୋକ ସାଜସଜ୍ଜା, ଶାନ୍ତିଶୃଙ୍ଖଳା ବଜାୟ ରଖିବା, ପିଇବା ପାଣିର ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନ ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା, ଆର୍ଥିକ ଅନୁଦାନ, ରଥଯାତ୍ରା ଓ ବାହୁଡା ଯାତ୍ରା ଦିନ ଶ୍ରୀ ଶ୍ରୀ ଦଧିବାମନଜୀଉ ବିଜେ ଚମ୍ପୁଆଙ୍କର ମାମୁଘର ରୂପେ ଘୋଷିତ ହୋଇଥିବା ପଳଶା ଗ୍ରାମରୁ ଭାର ଆଣିବାର ବ୍ୟବସ୍ଥା, ପ୍ରତିଦିନ ଅନ୍ନ ଭୋଗର ବ୍ୟବସ୍ଥା, ରଥ ଟଣା, ସୁରକ୍ଷିତ ପ୍ରସାଦ ବ୍ୟବସ୍ଥା, ରଥ ଦଉଡି, କର୍ଡନ, ଟ୍ରାଫିକ ପରିଚାଳନା, ପୁଲିସ ସହାୟତା କେନ୍ଦ୍ର, ବୟସ୍କଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ଆଦି ଉପରେ ଆଲୋଚନା କରାଯାଇଥିଲା। ଶ୍ରୀ ପରିଡା ସମସ୍ତଙ୍କ ସହାୟତା କାମନା କରିଥିଲେ।

### ଜିଲ୍ଲା ଖଣିଜ ପାଣ୍ଠି ଓ ଜାତୀୟ କୃଷି ଉଦ୍ୟାନ ଯୋଜନାରେ ଲୁଟ୍

# ୫୯ ଏକର ଜାଗାରେ ୨୬ ଲକ୍ଷ ଟଙ୍କାର ଆମ୍ବ ବଗିଚା ଉଭାନ

ଯୋଡ଼ା, ୨।୬(ସମିସ)

ଜିଲ୍ଲା ଖଣିଜ ପାଣ୍ଠି ଏବଂ ଜାତୀୟ କୃଷି ଉଦ୍ୟାନ ଯୋଜନାରେ ଯୋଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ବ୍ୟୟରେ କରାଯାଇଥିବା ଆମ୍ବ ବଗିଚା ପ୍ରକଳ୍ପ ବର୍ତ୍ତମାନ ଉଭାନ ହୋଇଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଫଳରେ ସରକାରୀ ଅର୍ଥର ସଠିକ୍ ବିନିଯୋଗ ନେଇ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ଜିଲ୍ଲା ଖଣିଜ ପାଣ୍ଠି ସହାୟତାରେ ପ୍ରାୟ ୫୯ ଏକର ଜମିରେ ୨୬ ଲକ୍ଷ ଟଙ୍କା ବ୍ୟୟରେ ଯୋଡ଼ା ବ୍ଲକ ବିଭିନ୍ନ ପଞ୍ଚାୟତ ଯଥା ବେଲଦାଠାରେ ୧୮ ଏକର ଜାଗାରେ, ଦେଓଝରଠାରେ ୬ ଏକର ଜାଗାରେ, ପଳଶାଠାରେ ୮ ଏକର ଜାଗାରେ, ଗୁରୁବେଡାଠାରେ ୧୨ ଏକର ଜାଗାରେ, ମୁଟୁଡାଠାରେ ୧୫ ଏକର ଜାଗାରେ ୫୦ ଜଣ ହିତାଧିକାରୀଙ୍କ ନାଁରେ ଆମ୍ବ ବଗିଚା ସୃଷ୍ଟି କରିବା ପାଇଁ ମୂଲ୍ୟବାନ ଆମ୍ବ ଭାବେ ଆମ୍ରପାଲି, ମଲ୍ଲୀକା, ଦଶରୀ ପ୍ରଭୃତି ଲଗାଯାଇଥିଲା। ଏଥିରେ ୭୫ ପ୍ରତିଶତ ସରକାରୀ ସହାୟତା ଚାଷୀଙ୍କୁ ମିଳିଥିବା ବେଳେ ବାକି ୨୫ ପ୍ରତିଶତ ନିଜେ ଚାଷୀ ନିବେଶ କରିଥିଲେ। ଏଥିରେ ଜିଲ୍ଲା ଖଣିଜ ପାଣ୍ଠିରୁ ଅଧିକାଂଶ ଡ୍ରିପ ଇରିଗେସନ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ରାକ୍ଷଣବେକ୍ଷଣ ପାଇଁ ପାଣି, ସାର, ଔଷଧ ପ୍ରଭୃତିର ବ୍ୟବସ୍ଥା ଏହି ଯୋଜନା ମାଧ୍ୟମରେ ଦିଆଯାଇଥିଲା। ଚାରାଗୁଡିକୁ ସୁରକ୍ଷିତ ରଖିବା ନିମନ୍ତେ କଣ୍ଟାବାଡ ପାଇଁ ମଧ୍ୟ ସରକାର ତରଫରୁ ଯୋଗାଇ ଦିଆଯାଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷଠାରୁ ଉକ୍ତ ବଗିଚା ଗୁଡିକରୁ ଆମ୍ବ ଆମଦାନୀ କରିବା ପାଇଁ ଲକ୍ଷ ଥିବାବେଳେ ଅଧିକାଂଶ ସ୍ଥାନରେ କାଁ ଭାଁ ଗଛ ବଞ୍ଚିଥିବାର ଦେଖିବାକୁ ମିଳିଛି। ଗାଇ ଛେଳି ଗଛ ଚରିଯିବା ସହ ପାଣିର ଅଭାବ ଯୋଗୁଁ ଅଧା ମରି ଯାଇଥିବା ବେଳେ ବାକିରେ ଧୂଳି ଧୂଆଁ ବାଜି ବଉଳଗୁଡିକ ଝଡି ପଡିଥିଲା। ଏହି ଉଦ୍ୟାନଗୁଡିକରେ ଚାରା ରୋପଣ ଏକ ଏନଜିଓ ମାଧ୍ୟମରେ କରାଯାଇଥିବା ବେଳେ ଏହାର ରକ୍ଷଣାବେକ୍ଷଣ ଉକ୍ତ ଏନଜିଓକୁ ଦିଆଯାଇଥିଲା। ଏହିସବୁ ଗଛ ୨୦୨୦-୨୧ ଆର୍ଥିକ ବର୍ଷରେ ଜାତୀୟ କୃଷି ଉଦ୍ୟାନ ଯୋଜନା ଅଧୀନରେ ଯୋଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ଏକର ଏକର ଜମିରେ ଆମ୍ବ ଚାରା ରୋପଣ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା ପରିବେଶ ସୁରକ୍ଷା ସହ ସ୍ଥାନୀୟ ଲୋକଙ୍କ ଆୟ ବୃଦ୍ଧି କରିବା। ମାତ୍ର କିଛି ବର୍ଷ ମଧ୍ୟରେ ଅଧିକାଂଶ ବଗିଚାରେ ଲଗାଯାଇଥିବା ଆମ୍ବ ଗଛ ଶୁଖିଯାଇଥିବା ନଷ୍ଟ ହୋଇଯାଇଛି। ଅନେକ ସ୍ଥାନରେ ଗଛର ଚିହ୍ନବର୍ଣ୍ଣ ମଧ୍ୟ ନାହିଁ। ଗଛର ରକ୍ଷଣାବେକ୍ଷଣ, ଜଳସେଚନ ଓ ନିୟମିତ ତଦାରଖର ଅଭାବ ଯୋଗୁଁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

**ତଦନ୍ତ ଦାବି**

ସ୍ଥାନୀୟ ବୁଦ୍ଧିଜୀବୀମାନେ କହିଛନ୍ତି ଯେ ସରକାରୀ ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ ତାହାର ଫଳ ଜନସାଧାରଣ ପାଇପାରିଲେ ନାହିଁ। ପ୍ରକଳ୍ପର କାର୍ଯ୍ୟକାରିତା, ଚାରା ରୋପଣ ପରବର୍ତ୍ତୀ ରକ୍ଷଣାବେକ୍ଷଣ ଏବଂ ଖର୍ଚ୍ଚ ହୋଇଥିବା ଅର୍ଥର ସଠିକ୍ ଉପଯୋଗ ନେଇ ଏକ ସ୍ୱଚ୍ଛ ତଦନ୍ତ କରାଯିବାକୁ ଦାବି ଉଠିଛି।

ଏନେଇ ଉଦ୍ୟାନ ବିଭାଗ ଏବଂ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ପ୍ରକଳ୍ପଗୁଡ଼ିକର ବାସ୍ତବ ସ୍ଥିତି ଯାଞ୍ଚ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ଜୋର ଧରିବା ସହ ଏହାର ବିଧିବଦ୍ଧ ଭାବେ ଯାଞ୍ଚ କରିବାକୁ ଜିଲ୍ଲାସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କୁ ନିବେଦନ କରାଯାଇଛି।

## ସାଇଁକୁଳ ମେଡିକାଲ ରୋଗୀଶଯ୍ୟାରେ କୁକୁର





ଆନନ୍ଦପୁର,୨।୬ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀଶଯ୍ୟାରେ କୁକୁର ଶୋଇବା ଦୃଶ୍ୟ ସରକାରୀ ସ୍ୱାସ୍ଥ୍ୟସେବାର ପରିଚାଳନା ଉପରେ ସିଧାସଳଖ ପ୍ରଶ୍ନ ଉଠାଇଛି। ଯେଉଁ ହସ୍ପିଟାଲ ବେଡ୍‌ରେ ରୋଗୀମାନେ ଚିକିତ୍ସା ପାଇବା କଥା, ସେହି ବେଡ୍‌ରେ ଆରାମରେ ଶୋଇଛନ୍ତି ବୁଲା କୁକୁର। ଏହି ଦୃଶ୍ୟ ଦେଖି ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ୱାସ୍ଥ୍ୟାବସ୍ଥା କେତେ ଦୁର୍ବଳ ତାହା ସହଜରେ ଅନୁମାନ କରାଯାଇପାରେ। ଏହା କେବଳ ଏକ ଅବହେଳାର ଘଟଣା ନୁହେଁ, ବରଂ ରୋଗୀଙ୍କ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ପ୍ରତି ହେଉଥିବା ଗୁରୁତର ଅବମାନନା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ହସ୍ପିଟାଲ ଭିତରକୁ କୁକୁର ପ୍ରବେଶ କଲା କିପରି ? ସୁରକ୍ଷା କର୍ମୀ କ'ଣ କରୁଥିଲେ? ହସ୍ପିଟାଲରେ ନିୟୋଜିତ କର୍ମଚାରୀ ଏବଂ ସୁରକ୍ଷାକର୍ମୀମାନେ କେଉଁଠି ଥିଲେ? ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଏହା ପ୍ରଥମ ବିବାଦ ନୁହେଁ। ପୂର୍ବରୁ ମଧ୍ୟ ହସ୍ପିଟାଲରେ ବିଭିନ୍ନ ଅବ୍ୟବସ୍ଥା ଓ ଅନିୟମିତତାକୁ ନେଇ ଅଭିଯୋଗ ଉଠିଥିଲା। ଏପରିକି କିଛି ଦିନ ପୂର୍ବରୁ ଡାକ୍ତର ଏବଂ ଡ୍ରେସର ମଦ୍ୟପାନ କରି କାର୍ଯ୍ୟ କରୁଥିବା ନେଇ ମଧ୍ୟ ଅଭିଯୋଗ ଚର୍ଚ୍ଚାକୁ ଆସିଥିଲା। ପ୍ରଶ୍ନ ଉଠୁଛି, ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଅବ୍ୟବସ୍ଥା ପାଇଁ ଦାୟୀ କିଏ? ମେଡିକାଲ୍ ଅଫିସର ଏବଂ ଉଚ୍ଚ ଅଧିକାରୀମାନେ କାହିଁକି ଏହା ଉପରେ ଦୃଷ୍ଟି ଦେଉନାହାନ୍ତି? ଏହାକୁ ନେଇ ଏବେ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

**ସୁରକ୍ଷା କର୍ମୀଙ୍କ କାର୍ଯ୍ୟ ଉପରେ ପ୍ରଶ୍ନ**

## କାଶିରାରେ ଓଡ଼ିଶା ସ୍ୱଚ୍ଛତା ଅଭିଯାନ

ଯୋଡ଼ା, ୨।୬(ସମିସ): ଜେଏସଡବ୍ଲୁ ଷ୍ଟିଲ୍‌ର ଓଡ଼ିଶା ଖଣି ବିଭାଗ ଏହାର ସାମାଜିକ ଦାୟିତ୍ୱ ଏବଂ ସ୍ୱଚ୍ଛ ଭାରତ ମିଶନ ଅଧୀନରେ କାଶିରା ଗ୍ରାମରେ ଏକ ବଡ଼ ସଫେଇ ଅଭିଯାନ କରିଥିଲା। ନାରାୟଣପୋଷି ଲୁହା ଏବଂ ମାଙ୍ଗାନିଜ୍ ଖଣିର ୧୦୦ ଜଣ କର୍ମଚାରୀଙ୍କ ଏକ ଉତ୍ସର୍ଗୀକୃତ ଦଳ କାଶିରା ଗ୍ରାମର ପରିଚ୍ଛନ୍ନତା ପୁନଃସ୍ଥାପନ ଏବଂ ପାରିପାର୍ଶ୍ୱିକ ଉନ୍ନତି ପାଇଁ ପ୍ରୟାସ କରିଥିଲା। ଜେଏସଡବ୍ଲୁ ଷ୍ଟିଲ୍‌ର ସଫେଇ ଦଳ କାଶିରା ଗ୍ରାମରେ ୧ କିଲୋମିଟର ରାସ୍ତା ସଫା କରିଥିଲା, ଯାହା ଯାତ୍ରୀ ଏବଂ ସ୍କୁଲ ପିଲାମାନଙ୍କ ଦ୍ୱାରା ପ୍ରତିଦିନ ବ୍ୟବହୃତ ହେଉଥିଲା। ସ୍ଥାନୀୟ ଗ୍ରାମର ନେତାମାନେ ଜେଏସଡବ୍ଲୁ ଷ୍ଟିଲ୍ ଦଳକୁ ଧନ୍ୟବାଦ ଜଣାଇ କହିଛନ୍ତି ଯେ ଉନ୍ନତ ରାସ୍ତା ନାଗରିକ ଗର୍ବ ବୃଦ୍ଧି କରିଛି ଏବଂ ବାସିନ୍ଦାଙ୍କ ମଧ୍ୟରେ ସ୍ୱଚ୍ଛତା ସଚେତନତା ବୃଦ୍ଧି କରିଛି। ସ୍ୱେଚ୍ଛାସେବକ ଏବଂ ଗ୍ରାମବାସୀଙ୍କ ଦ୍ୱାରା ରାସ୍ତାକୁ ସଫା ରଖିବା ପାଇଁ ଏକ ମିଳିତ ପ୍ରତିଶ୍ରୁତି ସହିତ ଅଭିଯାନ ଶେଷ ହୋଇଥିଲା। ଜେଏସଡବ୍ଲୁ ଷ୍ଟିଲ୍ ସମାନ ପ୍ରଭାବଶାଳୀ ସାମାଜିକ-କଲ୍ୟାଣ ପଦକ୍ଷେପ ମାଧ୍ୟମରେ କାଶିରା ଏବଂ ଅନ୍ୟାନ୍ୟ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକ ପାଇଁ ନିରନ୍ତର ସମର୍ଥନ ପାଇଁ ସମ୍ପ୍ରଦାୟକୁ ଆଶ୍ୱାସନା ଦେଇଥିଲା। ଜେଏସଡବ୍ଲୁ ଷ୍ଟିଲ୍ ଜୋର ଦେଇ କହିଛି ଯେ ଏହା ଗୋଟିଏ ଦିନର ସଫା ପ୍ରୟାସ ନୁହେଁ କିନ୍ତୁ ଏହା ଏହାର ଆଖପାଖ ସମ୍ପ୍ରଦାୟର ସାମଗ୍ରିକ ବିକାଶ ପାଇଁ କମ୍ପାନୀର ସ୍ଥାୟୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।



## ପୂର୍ବତନ ସାଂସଦ ସାଲଖାନ ମୁର୍ମୁଙ୍କ ଜନ୍ମଉତ୍ସବ

ଆନନ୍ଦପୁର, ୨।୬(ସମିସ): ଘସିପୁରା ବ୍ଲକ ଆଦିବାସୀ ସେଙ୍ଗେଲ ଅଭିଯାନର ସଂଯୋଜକ ବଳରାମ ଟୁଡୁଙ୍କ ନେତୃତ୍ୱରେ ଗୋହିରା ଗ୍ରାମପଞ୍ଚାୟତ ଯୁଗଳକେଶରପୁର ଗ୍ରାମରେ ଆଦିବାସୀ ସେଙ୍ଗେଲ ଅଭିଯାନର କାର୍ଯ୍ୟକର୍ତ୍ତାମାନେ ସେଙ୍ଗେଲର ରାଷ୍ଟ୍ରୀୟ ସଭାପତି ତଥା ପୂର୍ବତନ ସାଂସଦ ସାଲଖାନ ମୁର୍ମୁଙ୍କ ଜୟନ୍ତୀ ପାଳନ କରିଛନ୍ତି। ଆଦିବାସୀ ସମାଜରେ ସାଲଖାନ ମୁର୍ମୁ ଏକ ମହାନ ସାହସୀ ଉଚ୍ଚଶିକ୍ଷିତ ମହାପୁରୁଷ ଏବଂ ସମ୍ବିଧାନର ଜ୍ଞାତା ଅଟନ୍ତି। ସେ ଆଦିବାସୀଙ୍କର ଉନ୍ନତି ଏବଂ ବିକାଶ ପାଇଁ ସାରା ଜୀବନ ସଂଘର୍ଷ, ସଂଗ୍ରାମ କରୁଛନ୍ତି ଏବଂ ଆଦିବାସୀ ସମାଜ ପାଇଁ ଏବେବି ସମର୍ପିତ ଅଛନ୍ତି। ୧୯୮୦ରୁ ଆଦିବାସୀମାନଙ୍କର ହାସା (ଜଳ, ଜଙ୍ଗଲ, ଜମିନ), ଭାଷା (ସାନ୍ତାଳୀ, ହୋ, ମୁଣ୍ଡାରୀ, କୁଡୁଖ, ଖଡ଼ିଆ), ଜାତି, ଧର୍ମ, ମାନ ସମ୍ମାନ, ଇଜ୍ଜତ, ଆବାଦୀ ରୋଜଗାର, ଚାଷବାସ ଆଦିକୁ ବଞ୍ଚାଇବା ସହିତ ସମୃଦ୍ଧ କରିବା ପାଇଁ କାର୍ଯ୍ୟକରୁଛନ୍ତି। ହାଣ୍ଡିଆ ଭଳି ନିଶାଦ୍ରବ୍ୟକୁ ହଟାଇବା, ଡାହାଣୀ ନାମରେ ହତ୍ୟା, ଅନ୍ଧବିଶ୍ୱାସ, କୁପ୍ରଥା, ମନଇଚ୍ଛା ଜରିମାନା, ସାମାଜିକ ବହିଷ୍କାର, ଈର୍ଷା-ଦ୍ୱେଷ, ମାଝୀ ପାର୍ଗାନା ବ୍ୟବସ୍ଥାରେ ଜନତାନ୍ତ୍ରିକ ସୁଧାର ଆଦି କାର୍ଯ୍ୟ କରୁଛନ୍ତି। ସେଙ୍ଗେଲର ସମସ୍ତ କାର୍ଯ୍ୟକର୍ତ୍ତା ସାର୍ନା ଧର୍ମ କୋଡ, ସାନ୍ତାଳୀ ରାଜଭାଷା, ମାରାଂବୁରୁ, ଜାହେରଆୟ, ମଲେକ ତୁରୁୟକ ଆଦି ଦେବଦେବୀଙ୍କର ସୁରକ୍ଷା ଏବଂ ସ୍ଥାପିତ କରିବା ପାଇଁ ଲଢେଇ କରିବେ ବୋଲି ଶପଥ ଗ୍ରହଣ କରିଛନ୍ତି। ବ୍ଲକ ମାଝୀ ପାର୍ଗାନା ମାଡ଼ଆ ସଭାପତି ଦାସମାତ ଟୁଡୁ, ଦାସରଥ ସୋରେନ, ରବିନ୍ଦ୍ର ସୋରେନ, ଅର୍ଜୁନ ଟୁଡୁ, ଗୋପୀ ମୁର୍ମୁ, ମଙ୍ଗଲ ଟୁଡୁ, ବାସନ୍ତୀ ଟୁଡୁ, ଶ୍ୟାମସୁନ୍ଦର ମୁର୍ମୁ, ବାସନ୍ତୀ ଟୁଡୁ, ସାରତୀ ଟୁଡୁ, ମଙ୍ଗଲ ମୁର୍ମୁ, ସୁଗି ମୁର୍ମୁ, ଧର୍ମା ଟୁଡୁ ଏବଂ ଅନେକ ସେଙ୍ଗେଲ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



## ଓରାଳି-ଆପଣ୍ଡା ସୀମା ବିବାଦ ତୁଟିଲା

### ▶▶ ଛକକୁ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ନାମିତ କରାଯିବାକୁ ସହମତି

ହାଟଡ଼ିହୀ,୨।୬(ସମିସ): ଭଦ୍ରକ-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥର କେନ୍ଦୁଝର ଜିଲ୍ଲା ଓରାଳି ପଞ୍ଚାୟତର ଓରାଳି ଛକ ଓ ଭଦ୍ରକ ଜିଲ୍ଲା ବସନ୍ତିଆ ପଞ୍ଚାୟତର ଆପଣ୍ଡା ଛକକୁ ନେଇ ଦୁଇ ଜିଲ୍ଲାର ଗ୍ରାମବାସୀ ମଧ୍ୟରେ ସୀମା ବିବାଦ ଲାଗି ରହିଥିଲା। ତେବେ ଦୁଇ ଜିଲାର ପ୍ରଶାସନିକ ଅଧିକାରୀଙ୍କ ଉଦ୍ୟମ ଯୋଗୁଁ ଏହି ବିବାଦ ତୁଟିଛି। ଏ ସଂକ୍ରାନ୍ତ ଅନୁଷ୍ଠିତ ବୈଠରେ ଛକଟିକୁ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ନାମିତ କରାଯିବାକୁ ସହମତି ହୋଇଛି। ସୂଚନାଥାଉ କି, ପୂର୍ବରୁ ସେହି ଛକକୁ ଓରାଳି ଛକ ନାମରେ ନାମିତ କରାଯାଇ ଓରାଳି ପଞ୍ଚାୟତ ପକ୍ଷରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯାଇଛି। ଏହି ବୈଠକରେ ଜିଲ୍ଲାପାଳଙ୍କ ପ୍ରତିନିଧି ଭାବେ ହାଟଡ଼ିହୀ ବିଡ଼ିଓ ରଞ୍ଜନ କୁମାର ପରିଡ଼ା ଭଦ୍ରକ ଜିଲ୍ଲାପାଳଙ୍କ ବୈଠକରେ ଯୋଗ ଦେଇଥିଲେ। ଏଥିରେ ଆପଣ୍ଡା-ଓରାଳି ପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟ ଯୋଗଦେବା ସହିତ ଭଦ୍ରକ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ବନ୍ତ ବ୍ଲକ ଚେୟାରମ୍ୟାନ ମନୋରଞ୍ଜନ ଘଡ଼େଇ, ବନ୍ତ ବିଡିଓ ସୀତାକାନ୍ତ ରାଉତ, ବସନ୍ତିଆ ପଞ୍ଚାୟତର ସରପଞ୍ଚ ଅଶୋକ ସାହୁ, ଓରାଳି ସରପଞ୍ଚ ହରିଶ୍ଚନ୍ଦ୍ର ଜେନାଙ୍କ ସମେତ ଅନେକ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଏହି ବସଷ୍ଟାଣ୍ଡକୁ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ନାମିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ତେବେ ଏହାକୁ ନେଇ କେନ୍ଦୁଝର ଜିଲ୍ଲାପାଳଙ୍କ ପ୍ରତିନିଧି ଭାବେ ଯାଇଥିବା ହାଟଡିହୀ ବିଡ଼ିଓ ଶ୍ରୀ ପରିଡ଼ାଙ୍କୁ ପଚାରିବାରୁ, ସେଠାରେ ଭଦ୍ରକ ଜିଲ୍ଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀ, ନିର୍ବାଚିତ ପ୍ରତିନିଧି, ବନ୍ତ ବ୍ଲକ ବିଡିଓ ଯୋଗ ଦେଇଥିବା ବେଳେ ଓରାଳି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଦୁଇ ଗ୍ରାମର ଗ୍ରାମବାସୀ ଯୋଗ ଦେଇଥିଲେ। ଦୁଇ ପକ୍ଷ ଓ ଦୁଇ ଜିଲ୍ଲାର ପ୍ରଶାସନଙ୍କ ଆଲୋଚନା ପରେ ବିବାଦ ତୁଟିଥିଲା। ଏହି ଛକକୁ ସ୍ୱାଧୀନତା ସଂଗ୍ରାମୀ ଛକ କରାଯିବାକୁ ଦୁଇ ପକ୍ଷଙ୍କ ମଧ୍ୟରେ ସହମତି ହୋଇଛି। ଖୁବ ଶୀଘ୍ର ଭଦ୍ରକ ଜିଲ୍ଲପାଳ ଓ କେନ୍ଦୁଝର ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସ୍ୱାଧୀନତା ସଂଗ୍ରାମୀ ଛକ ଘୋଷଣା କରାଯିବା ସହିତ ବନ୍ଦଥିବା ବିଶ୍ରାମାଗାରକୁ ଖୋଲାଯିବ ବୋଲି କୁହାଯାଇଛି।

## ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷାଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



କେନ୍ଦୁଝର,୨।୬(ସମିସ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ କଣ୍ଟାକୋଳି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୁଧିଷ୍ଠିର ସେଠୀ ଓ ବ୍ଲକ ସହକାରୀ ଶିକ୍ଷାଧିକାରୀ ନିରଞ୍ଜନ ନାୟକଙ୍କୁ ରୁଗୁଡି କ୍ଲଷ୍ଟର ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉଭୟ କର୍ମଚାରୀଙ୍କ ଦୀର୍ଘ ବର୍ଷର ନିଷ୍ଠା, ସମର୍ପଣ ଓ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇବା ସହ ଆଗାମୀ କର୍ମମୟ ଜୀବନ ଭଲରେ କଟିବା ପାଇଁ ସମସ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଉମାକାନ୍ତ ନାୟକ, ରୁଗୁଡି ଆଞ୍ଚଳିକ ସାଧାନ କେନ୍ଦ୍ରର ସଂଯୋଜକ ଭର୍ତ୍ତୃହରି ଦେହୁରୀ, କୁଣ୍ଡେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଇଲକ୍ୟନାଥ ରାଉତରାୟ ସମେତ ସମସ୍ତ ସହକାରୀ ଓ ପ୍ରଧାନ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ବଜ୍ରପାତରେ ବଳଦ ମୃତ

ଆନନ୍ଦପୁର, ୨।୬ (ସମିସ): ମଧ୍ୟାହ୍ନରେ ବଜ୍ରପାତ ହୋଇ ଗୋଟିଏ ବଳଦର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଏକ ବଳଦ ଗୁରୁତର ଆହତ ହୋଇଛି। ଆନନ୍ଦପୁର ଉପଖଣ୍ଡ ଘଷିପୁରା ଥାନା ମାର୍ଶାପାଳ ଗାଁର ନାରାୟଣ ଟୁଡୁଙ୍କ ଦୁଇଟି ବଳଦ ଏକାଠି ପଡିଆରେ ଚରୁଥିବା ସମୟରେ ହଠାତ୍ ବଜ୍ରାପାତ ହେବାରୁ ଗୋଟିଏ ବଳଦର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। କାଳବୈଶାଖୀ ପ୍ରଭାବରେ ଆଜି ମଧ୍ୟାହ୍ନରେ ସମଗ୍ର ଆନନ୍ଦପୁର ଉପଖଣ୍ଡରେ ଅନେକ ସମୟ ଧରି ବିଭିନ୍ନ ସ୍ଥାନରେ ବଜ୍ରପାତ ହୋଇଥିଲା।

# ଚିନ୍ଦରା ପୋଖରୀରୁ ବେଆଇନ୍ ମାଟି ଚାଲାଣ ଅଭିଯୋଗ





ହାଟଡ଼ିହୀ,୨।୬(ସମିସ)

କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ବଞ୍ଚୋ ମୌଜା ଅନ୍ତର୍ଗତ ଚିନ୍ଦରା ପୋଖରୀରୁ ଜେସିବି ଓ ଟ୍ରାକ୍ଟର ଯୋଗେ ଶତାଧିକ ଟ୍ରିପ୍ ମାଟି ଚୋରା ଚାଲାଣ ହୋଇଥିବା ଅଭିଯୋଗକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏହି ଘଟଣା ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚଙ୍କ ସଫେଇ ଏବେ ନୂଆ ବିବାଦ ସୃଷ୍ଟି କରିଥିବା କୁହାଯାଉଛି। ସରପଞ୍ଚଙ୍କ ଦାବି ଅନୁସାରେ, ପୋଖରୀଟି ପଦ୍ମନାଡ଼ ସଫା ପାଇଁ ନିଲାମ ଦିଆଯାଇଥିଲା। ନିଲାମଧାରୀ ମାଛ ଚାଷ କରିପାରୁ ନଥିବାରୁ ଲିଖିତ ଭାବେ ଜଣାଇବା ପରେ ନିଜସ୍ୱ ଅର୍ଥରେ ପଙ୍କ ଉଦ୍ଧାର କାର୍ଯ୍ୟ କରାଯାଉଥିବା ସେ କହିଛନ୍ତି। କିନ୍ତୁ ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପୋଖରୀରେ ପାଣି କିମ୍ବା ପଦ୍ମନାଡ଼ ଥିବାର କୌଣସି ଚିହ୍ନ ନଥିବାବେଳେ ପଦ୍ମନାଡ଼ ସଫା ନାଁରେ ମେସିନ୍ ଲଗାଇ ମାଟି ଖୋଳି ବିକ୍ରି କରାଯାଇଛି। ଅଭିଯୋଗ ଅନୁଯାୟୀ, ଦିନ ଦ୍ୱିପ୍ରହରେ ଜେସିବି ସହାୟତାରେ ପୋଖରୀରୁ ମାଟି ଉଠାଇ ଟ୍ରାକ୍ଟର ଯୋଗେ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଇଛି। ଏହାକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଛି। ପୋଖରୀର ନିଲାମ କେତେ ଟଙ୍କାରେ ହୋଇଥିଲା, ତାହାର ରସିଦ ନମ୍ବର କଣ ଏବଂ ସେହି ଟଙ୍କା ପଞ୍ଚାୟତର ରାଜସ୍ୱ ଖାତାରେ ଦର୍ଶାଯାଇଛି କି ନାହିଁ, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଉଛି।

ସେହିପରି, ପୋଖରୀରୁ ମାଟି ଉଠାଇବା ପାଇଁ ତହସିଲ କାର୍ଯ୍ୟାଳୟ କିମ୍ବା ସମ୍ପୃକ୍ତ ବିଭାଗର ଅନୁମତି ନିଆଯାଇଥିଲା କି ନାହିଁ, ସେନେଇ ମଧ୍ୟ ପ୍ରଶ୍ନ ଉଠିଛି। ପଦ୍ମନାଡ଼ ସଫା ପାଇଁ ଜେସିବି ଓ ଟ୍ରାକ୍ଟରର ଆବଶ୍ୟକତା କାହିଁକି ପଡ଼ିଲା, ଖୋଳାଯାଇଥିବା ମାଟି କେଉଁଠି ଗଲା ଏବଂ ପୋଖରୀ ଖନନ ପାଇଁ କେଉଁ କର୍ତ୍ତୃପକ୍ଷଙ୍କ ଅନୁମତି ନିଆଯାଇଥିଲା, ତାହାର ଉତ୍ତର ଦାବି କରିଛନ୍ତି ଅଞ୍ଚଳବାସୀ। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ ଖଣି ଓ ରାଜସ୍ୱ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ପ୍ରଶାସନର ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି।

**ପୋଖରୀ ସଫା ନାଁରେ ମାଟି ବିକ୍ରି !**

## ଏନ୍‌ସିସି ତାଲିମ୍ ଶିବିର ଆରମ୍ଭ



କେନ୍ଦୁଝର, ୨।୬(ସମିସ): ଏନ୍‌ସିସି କ୍ୟାମ୍ପ-୨ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଯାଇଛି। ଶିବିରର ଦ୍ୱିତୀୟ ଦିନରେ ୧୪ ଓଡ଼ିଶା ବାଟାଲିୟନ ଏନ୍‌ସିସି କେନ୍ଦୁଝର କମାଣ୍ଡିଙ୍ଗ ଅଫିସର କର୍ଣ୍ଣଲ ଜୟନ୍ତ ମୋହନ ଯୋଶୀ ଉଦଘାଟନୀ ସମାରୋହରେ କ୍ୟାଡେଟ୍‌ଙ୍କୁ ଶୃଙ୍ଖଳା, କଠିନ ପରିଶ୍ରମ ଏବଂ ସମର୍ପଣ ସହିତ ମାତୃଭୂମିର ସେବା ପାଇଁ ପ୍ରୟାସ କରିବାକୁ ଉପଦେଶ ଦେଇଥିଲେ। ପ୍ରଶାସନିକ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣଲ ମୟୂର ଘାଡଗେ ଏବଂ ସୁବେଦାର ମେଜର ମହମ୍ମଦ ଶାହିଦ ଭଲ ଚରିତ୍ରବାନ ମଣିଷ ହେବା ପାଇଁ ମତବ୍ୟକ୍ତ କରିଥିଲେ। ଏହି ଶିବିରରେ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟରୁ ପ୍ରାୟ ୬୦୦ ଜଣ କ୍ୟାଡେଟ୍ ପ୍ରଶିକ୍ଷଣ ନେଉଛନ୍ତି। କ୍ୟାମ୍ପର ପ୍ରଧାନ ଉଦ୍ଦେଶ୍ୟ ହେଉଛି ଆର୍‌ଡିସି, ଆଇଡିଏସ୍‌ଏସ୍‌ସି, ଟିଏସ୍‌ସି ୨୦୨୬-୨୭ ପାଇଁ ସକ୍ଷମ କ୍ୟାଡେଟ ଚୟନ କରିବା। ଏହାସହ ଡ୍ରିଲ୍, ଅସ୍ତ୍ର ପ୍ରଶିକ୍ଷଣ, ମାନଚିତ୍ର ପଢ଼ା, ସ୍ୱାସ୍ଥ୍ୟ ଓ ପରିଷ୍କାର, ଡ୍ରୋନ୍ ପ୍ରଶିକ୍ଷଣ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ପ୍ରାଥମିକ ଚିକିତ୍ସା, ଜାତୀୟ ସଂହତି ଉପରେ କ୍ୟାଡେଟମାନଙ୍କ ପାଇଁ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ରହିଛି। ଫୁଟବଲ୍, ଭଲିବଲ୍ ଭଳି କ୍ରୀଡା ପ୍ରତିଯୋଗିତା ସହ ଏକକ ସଙ୍ଗୀତ ଓ ଏକକ ନୃତ୍ୟ, ଦଳଗତ ନୃତ୍ୟ ଭଳି ସାଂସ୍କୃତିକ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେବ। ଲେଫ୍ଟନାଣ୍ଟ ଦୀପକ କୁମାର ଗିରି, ଉମାକାନ୍ତ ବେହେରା, ଦିଗାମ୍ବର ରାଉତ, ନିହାର ରଞ୍ଜନ ମହାନ୍ତ, ଅରୁଣ କୁମାର ଜେନା, ଚିଫ ଅଫିସର୍ ମାନସ ରଞ୍ଜନ ପ୍ରଧାନ, ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାତ୍ର, ସେକେଣ୍ଡ ଅଫିସର୍ ବିଜୟ କୁମାର ବେହେରା ଏବଂ ୧୮ ଜଣ ପିଆଇ ଷ୍ଟାଫ୍‌ଙ୍କ ଦ୍ୱାରା କ୍ୟାମ୍ପ ପରିଚାଳିତ ହେଉଛି।